

‘ବର୍ଡର ୨’ରେ ଦେଖାଯିବେ ଏହି ଚାରି ନାୟିକା

▶ପୃଷ୍ଠା ୧୧ ଦେଖନ୍ତୁ...


# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-177 ♦TUESDAY ♦23 DECEMBER 2025 ♦PAGE-12 ♦₹ 6.00 | PANIKOILI | ♦ବର୍ଷ-୪୩ ♦ସଂଖ୍ୟା-୧୭୭ ♦ମଙ୍ଗଳବାର ♦୨୩ ଡିସେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦


## ହକିରେ ଓଡ଼ିଶାର ବିରଳ ରେକର୍ଡ

# ତ୍ରିପୁରାକୁ ୫୦ ଗୋଲ୍

■ ଭୁବନେଶ୍ୱର, ୨୨।୧୨ (ସମିସ): ଗୌହାଟୀରେ ଚାଲିଥିବା ପୂର୍ବାଞ୍ଚଳ ସବ୍‌ଜୁନିଅର ବାଳିକା ଅସ୍ମିତା ହକି ଚାମ୍ପିଅନସିପ୍‌ରେ ଓଡ଼ିଶା ବିରାଟ ବିଜୟରୁ ଅଭିଯାନ ଆରମ୍ଭ କରିଛି। ଓଡ଼ିଶା ଦଳ ପ୍ରଥମ ମ୍ୟାଚରେ ୫୦-୦

### ପୂର୍ବାଞ୍ଚଳ ସବ୍‌ଜୁନିଅର ବାଳିକା ଅସ୍ମିତା ହକି

ଗୋଲ୍‌ରେ ଏକପାଖିଆ ଭାବେ ତ୍ରିପୁରାକୁ ହରାଇ ଚହଳ ସୃଷ୍ଟି କରିଛି। ହକି ଇଣ୍ଡିଆ ପକ୍ଷରୁ ଆୟୋଜିତ ଯେକୌଣସି ବୟସବର୍ଗର ଟୁର୍ଣ୍ଣାମେଣ୍ଟରେ ଏକ ମ୍ୟାଚରେ ଗୋଟିଏ ଦଳ ୫୦ଟି ଗୋଲ୍ ଦେବାରେ ଏହା ବିରଳ ଘଟଣା ବୋଲି କୁହାଯାଉଛି।

ଏହି ମ୍ୟାଚର ପ୍ରଥମ ମିନିଟ୍‌ରୁ ଗୋଲ୍ ଖାତା



ଖୋଲିଥିବା ଓଡ଼ିଶା ୬୦ତମ ମିନିଟ୍‌ରେ ଅନ୍ତିମ ତଥା ୫୦ତମ ଗୋଲ୍‌ଟି ଦେଇଥିଲା। ଫଳରେ ମ୍ୟାଚର ପ୍ରତି ୫ ମିନିଟ୍‌ରେ ଓଡ଼ିଶା ହାରାହାରି ୪ଟି ଲେଖାଏ ଗୋଲ୍ ସ୍କୋର କରିଥିଲା। ଓଡ଼ିଶା ମ୍ୟାଚର ୪ଟି ଯାକ କ୍ୱାର୍ଟରରେ ଯଥାକ୍ରମେ ୧୦ଟି, ୮ଟି, ୧୭ଟି ଓ ୧୫ଟି ଗୋଲ୍ ଦେଇଥିଲା। ଫଳରେ ପ୍ରଥମାର୍ଦ୍ଧରେ ୧୮ଟି ଓ ଦ୍ୱିତୀୟାର୍ଦ୍ଧରେ ୩୨ଟି ଗୋଲ୍ ହୋଇଥିଲା। ଓଡ଼ିଶା ଏହାର ପରବର୍ତ୍ତୀ ମ୍ୟାଚରେ ଆସାମକୁ ଭେଟିବ।

ପ୍ରକାଶଯୋଗ୍ୟ, ଅନ୍ତର୍ଜାତୀୟ ହକିରେ ଭାରତୀୟ ସିନିଅର ପୁରୁଷ ଦଳ ୨୦୧୮ ଏସୀୟ କ୍ରୀଡ଼ାରେ ୨୬-୦ ଗୋଲ୍‌ରେ ହଂକଂକୁ ପରାସ୍ତ କରିଥିଲା। ଯାହାକି ଭାରତୀୟ ଦଳର ସବୁଠୁ ବଡ଼ ବିଜୟ ଭାବେ ରେକର୍ଡ ହୋଇରହିଛି।

ଏସିଆ ମହାଦେଶରେ ଅନୁଷ୍ଠିତ ୧୮ ବର୍ଷରୁ କମ୍ ଏସିଆ-ଓସେନିଆ ବାଳିକା ହକିରେ ଦକ୍ଷିଣ

### ପ୍ରତି ୫ ମିନିଟ୍‌ରେ ହାରାହାରି ୪ଟି ଗୋଲ୍

କୋରିଆ ୯୨-୦ରେ ଥାଇଲାଣ୍ଡକୁ ଓ ୱିଣ୍ଟର ଅଲିମ୍ପିକ୍ସ ଲାଗି ୟୁରୋପୀୟ କ୍ୱାଲିଫିକେସନ ମହିଳା ହକିରେ ସ୍ଲୋଭାକିଆ ୮୨-୦ରେ ବୁଲଗାରିଆକୁ ହରାଇବାର ରେକର୍ଡ ରହିଛି। ୧୯୮୭ ୱାର୍ଲ୍ଡ ଚାମ୍ପିଅନସିପ୍ ଗ୍ରୁପ୍ ଡି’ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ସିନିଅର ଟିମ୍ ୫୮-୦ ଗୋଲରେ ନ୍ୟୁଜିଲାଣ୍ଡକୁ ହରାଇଥିଲା।

# ନିଲାମ ହେବ ରାଜ୍ୟର ୪୯ ଖଣି

## ନିଲାମ ସୂଚୀରେ କେନ୍ଦୁଝରର ୧୬, ସୁନ୍ଦରଗଡ଼ର ୧୨ ଓ ମୟୂରଭଞ୍ଜର ୨ ଖଣି

■ ଭୁବନେଶ୍ୱର,୨୨।୧୨(ସମିସ): ଆଗାମୀ ଦିନରେ ରାଜ୍ୟର ୪୯ଟି ଖଣି ନିଲାମ ହେବ। ଏଥିପାଇଁ ରାଜ୍ୟ ସରକାରଙ୍କ ଖଣି ବିଭାଗସ୍ତରରେ ପ୍ରକ୍ରିୟା ଆରମ୍ଭ ହୋଇଛି। ଖଣି ଓ ଭୂତତ୍ତ୍ୱ ନିର୍ଦ୍ଦେଶାଳୟ ପକ୍ଷରୁ ଏନେଇ ୪୯ଟି ଖଣିକୁ ଚିହ୍ନିତ କରାଯାଇଥିବା ବେଳେ ଆସନ୍ତା ୩ ତାରିଖରେ ବିଭାଗୀୟ ଅତିରିକ୍ତ ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବ। ଏଥିରେ ବାର୍ଷିକ ନିଲାମ କ୍ୟାଲେଣ୍ଡର ପ୍ରସ୍ତୁତି ପାଇଁ ପ୍ରସ୍ତାବିତ ଖଣିଗୁଡ଼ିକ ବିଷୟରେ ଆଲୋଚନା ହୋଇ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ।



ସୂଚନା ଅନୁସାରେ କେନ୍ଦ୍ର ଖଣି ମନ୍ତ୍ରଣାଳୟ ଖଣି ଗୁଡ଼ିକର ବାର୍ଷିକ ନିଲାମ କ୍ୟାଲେଣ୍ଡରର ପ୍ରସ୍ତୁତି ତଥା ପ୍ରକାଶନ ଉପରେ ଗୁରୁତ୍ୱାରୋପ କରିଛନ୍ତି। ନିଲାମ ପ୍ରକ୍ରିୟାରେ ସ୍ୱଚ୍ଛତା ପାଇଁ କେନ୍ଦ୍ର ସରକାର ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ନିଜ ନିଜର କ୍ୟାଲେଣ୍ଡର ପ୍ରସ୍ତୁତ ସହ ଏହାକୁ ଦାଖଲ ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି। ଏହିକ୍ରମରେ ରାଜ୍ୟ ଖଣି ଓ ଭୂତତ୍ତ୍ୱ ନିର୍ଦ୍ଦେଶାଳୟ ରାଜ୍ୟର ପ୍ରମୁଖ ଖଣିଜ ବ୍ଲକ୍ ଏବଂ ଗୁରୁତ୍ୱପୂର୍ଣ୍ଣ ଖଣିଜ ବ୍ଲକର ଏକ ତାଲିକା ପ୍ରସ୍ତାବ ଦେଇଛନ୍ତି। ଏଥିରେ ୪୯ଟି ଖଣିର ତାଲିକା ଥିବାବେଳେ ଏହାକୁ ମିଳିତ ଭାବେ ଖଣି ଓ ଭୂତତ୍ତ୍ୱ ନିର୍ଦ୍ଦେଶାଳୟ, ଓଏମସି,

### ଜାନୁଆରୀ ୩ ତାରିଖରେ ନିଆଯିବ ଚୂଡ଼ାନ୍ତ ନିଷ୍ପତ୍ତି

ଜିଏସଆଇ ଓ ଏମଇସିଏଲ ଅନ୍ୱେଷଣ ସହ ପ୍ରସ୍ତୁତ କରିଛନ୍ତି।

ପ୍ରସ୍ତାବିତ ନିଲାମ ସୂଚୀରେ କେନ୍ଦୁଝରର ୧୬ଟି ଖଣି ଥିବାବେଳେ ସୁନ୍ଦରଗଡର ୧୨ଟି, ରାୟଗଡାର ୩ଟି, ମୟୂରଭଞ୍ଜର ୨ଟି ତଥା ସମ୍ବଲପୁର, କଳାହାଣ୍ଡି ଓ ବରଗଡ଼ର ୧ଟି ଲେଖାଏଁ ବ୍ଲକ ରହିଛି। ଏହି ୩୫ଟି ଖଣି ▶ପୃଷ୍ଠା-୭

# ପ୍ରଦୂଷଣ ପ୍ରମାଣପତ୍ର ପାଇଁ ୧୫ ଦିନ ମହଲତ

■ ଭୁବନେଶ୍ୱର, ୨୨।୧୨ (ସମିସ): ବୈଧ ପ୍ରଦୂଷଣ ପ୍ରମାଣ ନ ଥିଲେ ପେଟ୍ରୋଲ୍ ପମ୍ପରେ ପେଟ୍ରୋଲ ଡିଜେଲ ନ ଦେବାକୁ ରାଜ୍ୟ ପରିବହନ ବିଭାଗ ଜାରି କରିଥିବା ମାର୍ଗଦର୍ଶିକାକୁ ନେଇ ସାରା ରାଜ୍ୟରେ ହଟଚମଟ ସୃଷ୍ଟି ହୋଇଛି। ଗ୍ରାହକ ଓ ପେଟ୍ରୋଲ ପମ୍ପ ସଂସ୍ଥାଗୁଡ଼ିକ ପାଇଁ ଏହି ନିୟମ ପାଳନକୁ ନେଇ ଛକାପଞ୍ଝା ଲାଗି ରହିଥିବା ବେଳେ ସୋମବାର ରାଜ୍ୟ ପରିବହନ ବିଭାଗ, ତୈଳ

### ନିୟମ ନ ମାନିଲେ ୧୦ ହଜାର ଜରିମାନା

### ତୈଳ କମ୍ପାନୀ, ଡିଲର ଆସୋସିଏସନ ସହ ବୈଠକ

କମ୍ପାନୀ ଓ ଡିଲର ଆସୋସିଏସନ୍ ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ପରିବହନ ଆୟୁକ୍ତ ଅମିତାଭ ଠାକୁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପରିବେଶ ସୁରକ୍ଷା ଦିଗରେ ଜନସାଧାରଣଙ୍କ ସହଯୋଗ କାମନା କରାଯାଇଛି। ଏହାସହିତ ଆଗାମୀ ୧୫ ଦିନ ପର୍ଯ୍ୟନ୍ତ ଏହି କ୍ଷେତ୍ରରେ ଗ୍ରାହକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ନିଷ୍ପତ୍ତି ହୋଇଛି। ଯଦି ଏହା ପରେ ମଧ୍ୟ ଗ୍ରାହକମାନେ ନିୟମର ଅନୁପାଳନ ନ କରନ୍ତି ତେବେ ସେମାନଙ୍କଠାରୁ ଆଇନ ଅନୁଯାୟୀ ୧୦ ହଜାର ▶ପୃଷ୍ଠା-୭

## ଦେଶର ସବୁଠୁ ବଡ଼ ତଥ୍ୟ ପ୍ରଘଟ

# ୬୮ କୋଟି ୟୁଜରଙ୍କ ଡାଟା ଚୋରି

■ ନୂଆଦିଲ୍ଲୀ,୨୨।୧୨ (ଏଜେନ୍ସି): ଦେଶରେ ଏକ ବଡ଼ ଧରଣର ଡାଟା ଲିକ୍ ହୋଇଛି। ଏଥିରେ ୬୮ କୋଟିରୁ ଅଧିକ ବ୍ୟବହାରକାରୀଙ୍କ ଇ-ମେଲ୍ ଆଇଡି ଏବଂ ପାସୱାର୍ଡ ପ୍ରଘଟ ହୋଇଛି। ଏହାଫଳରେ ସାଇବର ଅପରାଧୀମାନଙ୍କ ହାତରେ ଏହି ୬୮୦ ନିୟୁତ ଇଣ୍ଟରନେଟ୍ ବ୍ୟବହାରକାରୀଙ୍କ ଇ-ମେଲ୍ ଆଇଡି ଏବଂ ପାସୱାର୍ଡ ପଡିଯାଇଛି। ଘଟଣା ଜଣାପଡ଼ିବା ପରେ ମଧ୍ୟପ୍ରଦେଶ ସାଇବର ସେଲ୍ ଏହାକୁ ନେଇ ସତର୍କ କରାଇଛି। ଇ-ମେଲ୍ ବ୍ୟବହାରକାରୀ ସେମାନଙ୍କର ପାସ୍‌ୱାର୍ଡ ପୁନଃସେଟ୍ କରିବାକୁ ସାଇବର ସେଲ୍ ନିର୍ଦ୍ଦେଶାବଳୀ ଜାରି କରିଛି।




ସାଇବର ଅପରାଧୀଙ୍କ ହାତରେ ଇ-ମେଲ୍ ଆଇଡି ଓ ପାସ୍‌ୱାର୍ଡ

ସାଇବର ସେଲ୍ ପକ୍ଷରୁ ଜାରି ପରାମର୍ଶପତ୍ରରେ କୁହାଯାଇଛି ଯେ, ସାଇବର ଠକମାନେ ଏକ ଇ-ମେଲ୍ ଆକାଉଣ୍ଟ ହ୍ୟାକ୍ କରି ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗ, ଡିଜିଟାଲ୍ ୱାଲେଟ୍ ଏବଂ ଅନ୍ୟାନ୍ୟ ଆପ୍ ଓ ସୋସିଆଲ ମିଡିଆ ଆକାଉଣ୍ଟକୁ ମଧ୍ୟ ପ୍ରବେଶ କରିପାରିବେ। ଏହାକୁ ରୋକିବା ପାଇଁ ବାରମ୍ବାର ପାସୱାର୍ଡ ପରିବର୍ତ୍ତନ କରିବା ବ୍ୟତୀତ ବିଭିନ୍ନ ସେବା ପାଇଁ ପୃଥକ ପାସୱାର୍ଡ ବଜାୟ ରଖିବା ହେଉଛି ସବୁଠାରୁ ପ୍ରଭାବଶାଳୀ ପ୍ରତିରକ୍ଷା ପଦକ୍ଷେପ। ସନ୍ଦେହଜନକ ଇ-ମେଲ୍, ଏସ୍‌ଏମ୍‌ଏସ୍ କିମ୍ବା ଲିଙ୍କ୍ ଉପରେ କ୍ଲିକ୍ କରିବାକୁ ଏଡ଼ାଇବା ଲାଗି ଏଥିରେ କୁହାଯାଇଛି।

ବର୍ତ୍ତମାନ ସାଇବର ଅପରାଧୀମାନେ ଠକେଇ କରିବା ପାଇଁ ନୂତନ କୌଶଳ ଅବଲମ୍ବନ କରୁଛନ୍ତି। ଡିଜିଟାଲ୍ ଆରେଷ୍ଟ, ଋଣ ଆପ୍ ଠକେଇ ଏବଂ ଆର୍ଥିକ ଠକେଇ ଘଟଣା ବୃଦ୍ଧି ପାଉଛି। ବୟସ୍କ ଲୋକମାନେ ସାଇବର ଅପରାଧୀଙ୍କ ଦ୍ୱାରା ସର୍ବାଧିକ ଟାର୍ଗେଟ୍ ହେଉଛନ୍ତି। ଠକମାନେ ଡକ୍ୟୁମେଣ୍ଟ ଅପଡେଟ୍ କରିବା, ଉପହାର ପଠାଇବା ଏବଂ ଲିଙ୍କ୍ ପଠାଇବା ଭଳି ଅନେକ ପ୍ରସ୍ତାବ ମାଧ୍ୟମରେ ଡାଟା ଚୋରି କରୁଛନ୍ତି ଏବଂ ଆକାଉଣ୍ଟ ଖାଲି କରୁଛନ୍ତି।

ଏହି ଠକେଇ ପ୍ରସ୍ତାବରେ ଷ୍ଟକ୍ ବଜାରରେ ଲାଭର ପ୍ରଲୋଭନ, ଅନଲାଇନ୍ ବାଣିଜ୍ୟ, ଘରେ ଚାକିରି, ଅନଲାଇନ୍ ପାର୍ସଲ୍ ଅଫର୍ ଏବଂ ମୋବାଇଲ୍ ହ୍ୟାକିଂ ଅନ୍ତର୍ଭୁକ୍ତ। ଏପରି ଘଟଣା ମଧ୍ୟ ଘଟିଛି, ଯେଉଁଠାରେ ଓଟିପି ନ ମାଗି ଆକାଉଣ୍ଟରୁ ଟଙ୍କା ଉଠାଯାଇଛି।



### ୧୦% କମିଶନ ସାଧାରଣ କଥା

# ଦଳୀୟ ନେତାଙ୍କୁ କେନ୍ଦ୍ରମନ୍ତ୍ରୀଙ୍କ ପରାମର୍ଶ: ୫% କମିଶନ ନିଅ

■ ପାଟନା, ୨୨।୧୨ (ଏଜେନ୍ସି): ହିନ୍ଦୁସ୍ତାନୀ ଆୱାମ ମୋର୍ଚ୍ଚା ମୁଖ୍ୟ ତଥା କେନ୍ଦ୍ର ଏମଏସଏମଇ ମନ୍ତ୍ରୀ ଜିତନ ରାମ ମାନ୍‌ଝୀ ନିଜ ଦଳର ବିଧାୟକ ଏବଂ ସାଂସଦଙ୍କୁ କମିଶନ ନେବାକୁ ପରାମର୍ଶ ଦେଇଛନ୍ତି। ସେ ୧୦ ନ ମିଳିଲେ ୫ ପ୍ରତିଶତ କମିଶନରେ ଚଳାଇବାକୁ ନେତାଙ୍କୁ କହିଛନ୍ତି। ତାଙ୍କର ଏହି ମନ୍ତବ୍ୟ କ୍ଷମତାସୀନ ଏନ୍‌ଡିଏ ପାଇଁ ଅଡୁଆ ସ୍ଥିତି ସୃଷ୍ଟି କରିଛି। ଏହାକୁ ନେଇ ବିରୋଧୀ ଦଳ ଗୁଡ଼ିକ ସରକାରଙ୍କୁ ସମାଲୋଚନା କରିଛନ୍ତି। ଦିଲ୍ଲୀରୁ ପାଟନା ପର୍ଯ୍ୟନ୍ତ ଦୁର୍ନୀତି ଏବଂ କମିଶନର କଳାକାରନାମା ଚାଲିଛି ବୋଲି ▶ପୃଷ୍ଠା-୭

# ବଡ଼ଦିନରୁ ବଢ଼ିବ ଶୀତ


■ ଭୁବନେଶ୍ୱର,୨୨।୧୨(ସମିସ): ବଡ଼ଦିନରୁ ରାଜ୍ୟରେ ଆହୁରି ବଢ଼ିବ ଶୀତ। ଡିସେମ୍ବର ୨୫ରୁ ରାଜ୍ୟରେ ଶୀତ ବଢ଼ିବା ନେଇ ପୂର୍ବାନୁମାନ କରାଯାଇଛି। ପଶ୍ଚିମାଝଡ଼ର ପ୍ରଭାବ କମିବା ସହ ରାଜ୍ୟକୁ ପୁଣି ଥରେ ଶୁଷ୍କ ଓ ଥଣ୍ଡା ବାୟୁ ପ୍ରବାହ ବଢ଼ିବ। ଫଳରେ ଶୀତର ପ୍ରଭାବ ପୁଣି ବଢ଼ିବାର ସମ୍ଭାବନା ରହିଛି। ବର୍ତ୍ତମାନ ରାଜ୍ୟରେ ପୂର୍ବାପେକ୍ଷା ଶୀତରେ ସାମାନ୍ୟ ପ୍ରଭାବ କମିଛି। ଶୀତ କମିବା ସହ ରାଜ୍ୟକୁ ବଙ୍ଗୋପସାଗରୀୟ ଜଳୀୟବାଷ୍ପପୂର୍ଣ୍ଣ ବାୟୁର ପ୍ରବାହ ହେତୁ କୁହୁଡ଼ି ମଧ୍ୟ ବୃଦ୍ଧି ପାଇଛି। କୋରାପୁଟ ୫.୫, ଜି ଉଦୟଗିରି ୬.୮, ଦାରିଙ୍ଗବାଡ଼ି ୭, ସେମିଳିଗୁଡ଼ା ୮, ଫୁଲବାଣୀ ୮, ନବରଙ୍ଗପୁର ୮.୮ ଓ ରାଉରକେଲାରେ ତାପମାତ୍ରା ୯.୯ ଡିଗ୍ରୀ ରେକର୍ଡ ହୋଇଛି। ଅନ୍ୟପଟେ ରାଜ୍ୟରେ ବର୍ତ୍ତମାନ ଜାରି ରହିଥିବା କୁହୁଡ଼ି ସ୍ଥିତି ଆଗାମୀ ୪ ଦିନ ପର୍ଯ୍ୟନ୍ତ ବଳବତ୍ତର ରହିବ ▶ପୃଷ୍ଠା-୭

### ଉପକୂଳ ଓଡ଼ିଶା ବ୍ୟତୀତ ଅନ୍ୟ ଅଞ୍ଚଳକୁ ଘନ କୁହୁଡ଼ି ସତର୍କତା

# ୨୪ ନୂଆ ଏନ୍‌ଏସି ପାଇଁ ଚୂଡ଼ାନ୍ତ ସୂଚୀ ପ୍ରକାଶ

## ୫ ମ୍ୟୁନିସିପାଲିଟି ପାଇଁ ମଧ୍ୟ ତାଲିକା ଜାରି

■ ଭୁବନେଶ୍ୱର,୨୨।୧୨(ସମିସ): ରାଜ୍ୟରେ ଆଉ ୨୪ ନୂଆ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍‌ଏସି) ଓ ୫ ଟି ମ୍ୟୁନିସିପାଲିଟି ପାଇଁ ଚୂଡ଼ାନ୍ତ ବିଜ୍ଞପ୍ତି ତାଲିକା ପ୍ରକାଶ ପାଇଛି। ଏହି ନୂତନ ଏନ୍‌ଏସି ଓ ମ୍ୟୁନିସିପାଲିଟି ପାଇଁ କିଛି ମାସ ପୂର୍ବେ ଚିଠା ବିଜ୍ଞପ୍ତି ତାଲିକା ପ୍ରକାଶ ପାଇଥିଲା। ଏହାପରେ ସରକାର ଆପତ୍ତି ଅଭିଯୋଗ ଗ୍ରହଣ କରିବା ସହ ବିଭିନ୍ନ ଦିଗକୁ ଅନୁଧ୍ୟାନ କରି ସୋମବାର ଚୂଡ଼ାନ୍ତ ବିଜ୍ଞପ୍ତି ତାଲିକା ପ୍ରକାଶ କରିଛନ୍ତି। ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ପ୍ରକାଶିତ ଏହି ତାଲିକାରେ ମୋଟ୍ ୧୪ ଟି ଜିଲ୍ଲାରେ ୨୪ ଟି ନୂତନ ଏନ୍‌ଏସି ଗଠନ ସ୍ପଷ୍ଟ ହୋଇଛି। ଏହାସହିତ ୩ ଟି ଜିଲ୍ଲାରେ ୫ ଟି ମ୍ୟୁନିସିପାଲିଟିଗଠନ ନେଇ ମଧ୍ୟ ନିଷ୍ପତ୍ତି ହୋଇଛି। ଜାରି ଏନ୍‌ଏସି ତାଲିକା ଅନୁଯାୟୀ ଅନୁଗୁଳ ଜିଲ୍ଲାର ପାଲଲହଡ଼ା, ବାଲେଶ୍ୱର ଜିଲ୍ଲାର ସିମୁଳିଆ, ବରଗଡ଼ର ସୋହେଲା, ଭଦ୍ରକ ଜିଲ୍ଲାର ତିହିଡ଼ି ଓ ଧୁସୁରୀ, କଟକ ଜିଲ୍ଲାର ସାଲେପୁର, ବଡ଼ମ୍ବା, ନରସିଂହପୁର, ଢେଙ୍କାନାଳ ଜିଲ୍ଲାର ଗୋନ୍ଦିଆ, ଗଞ୍ଜାମ ଜିଲ୍ଲାର ଜଗନ୍ନାଥ ପ୍ରସାଦ, ପାତ୍ରପୁର, କଳାହାଣ୍ଡି ଜିଲ୍ଲାର ନର୍ଲା, ଜୟପାଟଣା, ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ, କୋରାପୁଟର ବୋରିଗୁମା, ମୟୂରଭଞ୍ଜର ବେତନଟୀ, ବାଙ୍ଗିରିପୋଷି, ଚିତ୍ରଡ଼ା, କପ୍ତିପଦା, ରାସଗୋବିନ୍ଦପୁର ଆଦି ରହିଛି। ସେହିପରି ରାୟଗଡ଼ା ଜିଲ୍ଲାର ବିଷମକଟକ, ସମ୍ବଲପୁର ଜିଲ୍ଲାର ବାମରା, ରେଙ୍ଗାଲି ଓ ସୁବର୍ଣ୍ଣପୁର ▶ପୃଷ୍ଠା-୭



## ନିଯୁକ୍ତି ବୟସ ସୀମା ବୃଦ୍ଧି ଭେଳିକି

# ସରକାର ଓ ସରକାରୀ ଉଦ୍ୟୋଗ ମଧ୍ୟରେ ତାଳମେଳ ନାହିଁ

■ ଭୁବନେଶ୍ୱର,୨୨।୧୨(ସମିସ): ନିଯୁକ୍ତି ପାଇଁ ଆବେଦନ ବୟସ ସୀମାକୁ ବଢ଼ାଇ ୪୨ କରିଛନ୍ତି ସରକାର। ମାତ୍ର ଏହାକୁ ମାନୁ ନାହାନ୍ତି ସରକାରୀ ଉଦ୍ୟୋଗ ବା ପିଏସ୍‌ୟୁ। ନୂତନ ଆଇନ୍‌କୁ ପୁନଃ ସଂଶୋଧନ କରା ନ ଗଲେ ପିଏସ୍‌ୟୁମାନେ ସରକାରଙ୍କ ଏହି ନିୟମକୁ ପାଳନ କରିବେ ନାହିଁ ବୋଲି ମଧ୍ୟ ରୋକଠୋକ୍ ଶୁଣାଉଛନ୍ତି। ଏପରିକି ନିକଟରେ ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ (ଓଏଚ୍‌ପିସି) ପକ୍ଷରୁ ପ୍ରକାଶ ପାଇଥିବା ନିଯୁକ୍ତି ବିଜ୍ଞପ୍ତିରେ ବୟସ ସୀମା ୩୨ ବର୍ଷ ରଖାଯାଇଥିବାରୁ

### ୪୨ ବର୍ଷ କରିବାକୁ ନାରାଜ ସରକାରୀ ପିଏସ୍‌ୟୁ

### ଆଇନ ସଂଶୋଧନରେ ତ୍ରୁଟି ଦର୍ଶାଇଲା ଓଏଚ୍‌ପିସି



ବହୁ ଆଶାୟୀ ଆବେଦନ କରିବାରୁ ବଞ୍ଚିତ ହୋଇଛନ୍ତି। ବୟସ ବୃଦ୍ଧିକୁ ନେଇ ସରକାର ଓ ସରକାରୀ ଉଦ୍ୟୋଗ ମଧ୍ୟରେ ତାଳମେଳ ରହୁନାହିଁ। ଖୋଦ୍ ମୁଖ୍ୟମନ୍ତ୍ରୀ ସାଧାରଣ ସଭାରେ ସମସ୍ତ ପ୍ରକାର ନିଯୁକ୍ତି ପାଇଁ ବୟସ ୪୨ ବର୍ଷକୁ ବୃଦ୍ଧି କରାଯାଇଥିବା କହୁଛନ୍ତି। ଏହାକୁ ଏକ ଐତିହାସିକ ନିଷ୍ପତ୍ତି ବୋଲି ମଧ୍ୟ ସରକାର କହୁଛନ୍ତି। ଅପରପକ୍ଷରେ ଓଏଚ୍‌ପିସି ପକ୍ଷରୁ ଗତ ନଭେମ୍ବର ୭ ତାରିଖରେ ମୋଟ୍ ୨୭ଟି ପଦରେ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିବାବେଳେ ସର୍ବୋଚ୍ଚ ବୟସ ସୀମା ୩୨ ବର୍ଷ ରଖାଯାଇଛି। ଏ ସମ୍ପର୍କରେ ଓଏଚ୍‌ପିସିର ବରିଷ୍ଠ ଅଧିକାରୀଙ୍କ କହିବା କଥା, ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ନିଯୁକ୍ତି ସକ୍ରାନ୍ତୀୟ ଆଇନ୍‌କୁ କରାଯାଇଥିବା ସଂଶୋଧନରେ ତ୍ରୁଟି ରହିଛି। ସଂଶୋଧିତ ନିୟମରେ ଅନ୍ୟ ସମସ୍ତ ନିଯୁକ୍ତି ▶ପୃଷ୍ଠା-୭






## ପୂର୍ବତନ ଆଇଜିଙ୍କ ଆତ୍ମହତ୍ୟା ଉଦ୍ୟମ

ପଟିଆଲା, ୨୨।୧୨(ଏଜେନ୍ସି): ପଞ୍ଜାବର ପଟିଆଲାରେ ପୂର୍ବତନ ଇନିସପେକ୍ଟର ଜେନେରାଲ ଅଫ୍ ପୁଲିସ (ଆଇଜି) ଅମର ସିଂହ ଚହଲ ନିଜକୁ ଗୁଳି କରି ଆତ୍ମହତ୍ୟା ପ୍ରୟାସ କରିଛନ୍ତି। ସେ ସୁରକ୍ଷାକର୍ମୀଙ୍କ ରିଭଲଭରରୁ ନିଜ ପେଟକୁ ଗୁଳି କରିଥିଲେ। ଏବେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ଘଟଣାସ୍ଥଳରୁ ୧୨ ପୃଷ୍ଠାର ସୁଇସାଇଡ୍ ନୋଟ୍ ମିଳିଛି। ଏଥିରେ ସେ ଅନ୍‌ଲାଇନ ଠକେଇରେ ୮.୧୦ କୋଟି ଟଙ୍କା ହରାଇଥିବା ଉଲ୍ଲେଖ କରିଛନ୍ତି। ସେ ସମ୍ପର୍କୀୟଙ୍କଠାରୁ ୭.୫ କୋଟି ଟଙ୍କାର ଋଣ ମଧ୍ୟ ନେଇଥିଲେ। ସୁଇସାଇଡ ନୋଟରେ ସେ ପଞ୍ଜାବ ଡିଜିପି ଗୌରବ ଯାଦବଙ୍କ ନାମ ଲେଖିଛନ୍ତି। ଆଇଜି ପଦରୁ ଅବସର ନେବା ପରେ ସେ ପଟିଆଲାରେ ରହୁଥିଲେ। ୨୦୧୫ରେ ଫରିଦକୋଟରେ ବହବଲ କଲାଁ ଓ କୋଟୋକପୁରା ଗୁଳିକାଣ୍ଡ ମାମଲାରେ ସେ ଅଭିଯୁକ୍ତ ଥିଲେ। ଏହି ଗୁଳିକାଣ୍ଡରେ ୨ ଜଣ ଲୋକ ମୃତ୍ୟୁବରଣ କରିଥିଲେ। ଋଣ ପରିଶୋଧ ଏବଂ ଏହାକୁ ନେଇ ସେ ଚିନ୍ତାରେ ଥିଲେ।

## ଦଳ ଗଠନ କଲେ ହୁମାୟୁନ କବୀର

ମୁର୍ସିଦାବାଦ୍, ୨୨।୧୨(ଏଜେନ୍ସି): ପଶ୍ଚିମବଙ୍ଗରେ ବାବ୍ରୀ ମସ୍‌ଜିଦର ନିଅଁ ରଖି ଟିଏମ୍‌ସିରୁ ବହିଷ୍କୃତ ଭରତପୁର ବିଧାୟକ ହୁମାୟୁନ କବୀର ନୂଆ ଦଳ ଗଠନ କରି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଖୋଲା ଚ୍ୟାଲେଞ୍ଜ ଦେଇଛନ୍ତି। ମମତାଙ୍କୁ ମୁର୍ଶିଦାବାଦ୍‌ରେ ଗୋଟିଏ ହେଲେ ବି ଆସନ ଜିତିବାକୁ ଦେବିନି ବୋଲି ସେ କହିଛନ୍ତି। କବୀର ନିଜ ଦଳର ନାମ 'ଜନତା ଉନ୍ନୟନ ପାର୍ଟି' ରଖିଛନ୍ତି। ବେଲଡାଙ୍ଗାରେ ଆୟୋଜିତ ରାଲିରେ ସେ ରାଜ୍ୟର ସବୁ ୨୯୪ଟି ଆସନରେ ପ୍ରାର୍ଥୀ ଦେବେ ବୋଲି କହିଛନ୍ତି। କିନ୍ତୁ ମୁସଲିମ ବହୁଳ ଆସନ ତାଙ୍କ ନଜରରେ ରହିବ। ସେ ନିଜେ ବେଲଡାଙ୍ଗା ଓ ରେଜି ନଗର ଆସନରେ ଲଢିବେ। ସେ ଅନ୍ୟ ପ୍ରାର୍ଥୀଙ୍କ ନାମ ମଧ୍ୟ ଘୋଷଣା କରିଛନ୍ତି।

## ମୁନୀରଙ୍କୁ ସମ୍ମାନିତ କଲା ସାଉଦି ଆରବ

ରିୟାଦ, ୨୨।୧୨(ଏଜେନ୍ସି): ପାକିସ୍ତାନର ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ ତଥା ଫିଲ୍ଡ ମାର୍ଶାଲ ଅସିମ ମୁନୀରଙ୍କୁ ସାଉଦି ଆରବ ସମ୍ମାନିତ କରିଛି। ସାଉଦି ଆରବ ଗସ୍ତରେ ଯାଇଥିବା ମୁନୀରଙ୍କୁ ଦେଶର ସର୍ବୋଚ୍ଚ ନାଗରିକ ସମ୍ମାନ 'କିଙ୍ଗ ଅବଦୁଲାଜିଜ ମେଡାଲ ଅଫ୍ ଏକ୍ସିଲେନ୍ସ' ପ୍ରଦାନ କରାଯାଇଛି। ପାକିସ୍ତାନ ସେନା ଏହି ସୂଚନା ଦେଇଛି। ମୁନୀରଙ୍କ ପେସାଦାର ମନୋବୃତ୍ତି ଓ ରଣନୈତିକ ଦୃଷ୍ଟିକୋଣକୁ ସାଉଦି ଆରବ ନେତୃତ୍ୱ ପ୍ରଶଂସା କରିଛନ୍ତି। ପାକିସ୍ତାନ ଓ ସାଉଦି ଆରବ ମଧ୍ୟରେ ଦୀର୍ଘକାଳୀନ ଓ ଘନିଷ୍ଠ ସମ୍ପର୍କକୁ ଦୃଢ କରିବାରେ ମୁନୀରଙ୍କ ଭୂମିକାକୁ ସାଉଦି ପ୍ରଶଂସା କରିଛି। ମୁନୀର ମଧ୍ୟ ଏଥିପାଇଁ ସାଉଦି ରାଜା ସଲମାନ ଓ ସାଉଦି ନେତୃତ୍ୱକୁ କୃତଜ୍ଞତା ଜଣାଇଛନ୍ତି। ଏହି ଗସ୍ତରେ ମୁନୀର ସାଉଦି ଆରବ ପ୍ରତିରକ୍ଷା ମନ୍ତ୍ରୀଙ୍କୁ ଭେଟିଥିଲେ। ଦୁଇ ଦେଶ ମଧ୍ୟରେ ପ୍ରତିରକ୍ଷା, ଆଞ୍ଚଳିକ ସୁରକ୍ଷା, ସାମରିକ ସହଯୋଗ, ରଣନୈତିକ ସହଯୋଗ ଓ ଭୂରାଜନୈତିକ ଚ୍ୟାଲେଞ୍ଜ ସମେତ ପାରସ୍ପରିକ ସ୍ୱାର୍ଥ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା।

## ୨ ପ୍ରେମିକଙ୍କ ସହ ମିଶି ବ୍ୟବସାୟୀ ସ୍ୱାମୀଙ୍କୁ ହତ୍ୟା

ସମ୍ଭଲ, ୨୨।୧୨ (ଏଜେନ୍ସି): ଉତ୍ତର ପ୍ରଦେଶ ସମ୍ଭଲ ଅନ୍ତର୍ଗତ ରଜପୁରାର କସ୍‌ବା ଗ୍ରାମର ପିଶାଚୀ ସ୍ତ୍ରୀ ରୁବି ଦୁଇ ପ୍ରେମିକଙ୍କ ସହ ମିଶି ଜୋତା ବ୍ୟବସାୟୀ ସ୍ୱାମୀ ରାହୁଲଙ୍କୁ ହତ୍ୟା କରିଛି। ତିନି ହତ୍ୟାକାରୀ ପ୍ରଥମେ ଲୁହା ଛଡ଼, ହାତୁଡ଼ାରେ ବ୍ୟବସାୟୀଙ୍କ ମୁଣ୍ଡକୁ ମାରି ଥିଲେ। ମୃତ୍ୟୁ ପରେ କଟରରେ ମୃତଦେହକୁ ଖଣ୍ଡ ଖଣ୍ଡ କରିଥିଲେ। ଗଣ୍ଡି ଏବଂ କଟା ଯାଇଥିବା ହାତକୁ ୮୦୦ ମିଟର ଦୂର ନାଳରେ ଏବଂ ମୁଣ୍ଡକୁ ଗଙ୍ଗାନଦୀର ରମାଘାଟରେ ଭସେଇ ଦେଇଥିଲେ। ଏହାର ୬ ଦିନ ପରେ ନିଜକୁ ବଞ୍ଚାଇବା ପାଇଁ ପତ୍ନୀ ଥାନାରେ ଅଭିଯୋଗ କରି ଫସି ଯାଇଥିଲା। ୨୭ ଦିନ ପରେ ପୁଲିସ ନାଳରୁ ଗଳିତ ଶବଖଣ୍ଡ ଉଦ୍ଧାର କରିଥିଲା। ଏହାର ୫ ଦିନ ପରେ କଟା ହାତରେ ଥିବା ଟାଟୁ ଦେଖି ମୃତକଙ୍କୁ ଚିହ୍ନଟ କରାଯାଇଥିଲା। ଜେରା ସମୟରେ ପତ୍ନୀଙ୍କ ଉପରେ ସନ୍ଦେହ ହୋଇଥିଲା। ଘରେ ଯାଞ୍ଚ କରିବାରୁ ହତ୍ୟା ଗୁମର ଖୋଲି ଯାଇଥିଲା। ପଡୋଶୀଙ୍କଠାରୁ ପୁଲିସ ମହିଳାଙ୍କ ପରକୀୟାପ୍ରୀତି ବିଷୟରେ ଜାଣିବାକୁ ପାଇଥିଲା। ଶେଷରେ ପୁଲିସ ପତ୍ନୀ ରବି ଏବଂ ତାର ପ୍ରେମିକ ଗୌରବକୁ ଜେଲ୍ ପଠାଇ ଦେଇଛି। ଅନ୍ୟ ଜଣେ ପ୍ରେମିକକୁ ପୁଲିସ ଅଟକ ରଖିଛି। ୧୫ ବର୍ଷ ତଳେ ରାହୁଲ ଏବଂ ରୁବିଙ୍କ ବିବାହ ହୋଇଥିଲା। ଉଭୟଙ୍କ ୧୨ ବର୍ଷର ପୁଅ ଏବଂ ୧୦ ବର୍ଷର ଝିଅ ଅଛି। ନଭେମ୍ବର ୧୮ ତାରିଖରେ ପ୍ରେମିକଙ୍କ ସହ ମିଶି ରୁବି ସ୍ୱାମୀକୁ ମାରିଥିଲା।

# ଦେଶରେ ଚାଲିଛି ୫,୧୪୯ଟି ଭୂତ ସ୍କୁଲ

■ ସ୍କୁଲରେ ନିଯୁକ୍ତି ପାଇଛନ୍ତି ୧.୪୪ ଲକ୍ଷ ଶିକ୍ଷକ
■ ୬୫୦୫୪ ବିଦ୍ୟାଳୟରେ ୧୦ରୁ କମ୍ ଛାତ୍ରଛାତ୍ରୀ

ନୂଆଦିଲ୍ଲୀ, ୨୨।୧୨ (ଏଜେନ୍ସି): ଭାରତରେ ସରକାରୀ ଶିକ୍ଷା ବ୍ୟବସ୍ଥା କ୍ରମାଗତ ଭାବେ ଭୁଶୁଡ଼ିବାରେ ଲାଗିଛି। ଘରୋଇ ବିଦ୍ୟାଳୟ ବୋଝ ବଢ଼ାଉଥିବାବେଳେ ସରକାରୀ ବିଦ୍ୟାଳୟ ପ୍ରତି ଅଭିଭାବକ ଏବଂ ପିଲାଙ୍କ ଆଭିମୁଖ୍ୟ ବଦଳିବା ପରିବର୍ତ୍ତେ ଦିନକୁ ଦିନ ତଳକୁ ତଳକୁ ଯାଉଛି। ଏଥିଯୋଗୁଁ ଭାରତରେ ଭୂତ ସ୍କୁଲ ସଂଖ୍ୟା ବଢ଼ିବାରେ ଲାଗିଛି। ଅନେକ ବିଦ୍ୟାଳୟରେ କୋଠା ଖାଲି ପଡ଼ିଛି, ସାଇନ ବୋର୍ଡ ଲାଗିଛି, ପାଣି ଆସୁଛି, ଶିକ୍ଷକ ନିଯୁକ୍ତି ହୋଇଛନ୍ତି, ମାତ୍ର ପଢ଼ିବାକୁ ଛାତ୍ରଛାତ୍ରୀ ନାହାନ୍ତି। କେବଳ କାଗଜ କଲମରେ ଏହି ସ୍କୁଲ ଗୁଡ଼ିକ ଚାଲିଛି। ଶହେ କି ହଜାରେ ନୁହେଁ, ଭାରତର ୫,୧୪୯ ସରକାରୀ ବିଦ୍ୟାଳୟରେ ଏଭଳି ସ୍ଥିତି ରହିଛି। ଏହି ସବୁ ସ୍କୁଲରେ ଜଣେ ହେଲେ ବି ଛାତ୍ରଛାତ୍ରୀ ନାହାନ୍ତି। ସଂସଦରେ ସରକାର ଦେଇଥିବା ୨୦୨୪-୨୫ ଶିକ୍ଷାବର୍ଷର ତଥ୍ୟରୁ ଏହି ଭୟାନକ ସୂଚନା ସାମ୍ନାକୁ ଆସିଛି। ଏହା ସରକାରୀ ଶିକ୍ଷା ପ୍ରତି ଲୋକଙ୍କ ଭରସା ଏବଂ ଶିକ୍ଷାର ବିକଳ ଚିତ୍ରକୁ ଦର୍ଶାଉଛି।

ଏବେ ଭାରତରେ ୧୦.୧୩ ଲକ୍ଷ ସରକାରୀ ବିଦ୍ୟାଳୟ ରହିଛି। କିନ୍ତୁ ଏହି ଭୂତ ବିଦ୍ୟାଳୟ ସତର୍କ ସୂଚନା ଦେଉଛି।



ସଂସଦରେ ଦିଆଯାଇଥିବା ରିପୋର୍ଟ ଅନୁଯାୟୀ, ଛାତ୍ରଛାତ୍ରୀ ନ ଥିବା ବିଦ୍ୟାଳୟ ମଧ୍ୟରେ କେବଳ ତେଲଙ୍ଗାନା ଏବଂ ପଶ୍ଚିମବଙ୍ଗରେ ୭୦ ପ୍ରତିଶତ ରହିଛି। ଶିଶୁ, ଶ୍ରେଣୀଗୃହ ଏବଂ ବ୍ୟବସ୍ଥାକୁ ନେଇ ଖରାପ ଚିନ୍ତାଧାରା ଥିବା ଅଞ୍ଚଳରେ ଏଭଳି ସ୍କୁଲ ଅଧିକ ରହିଛି। ତଥ୍ୟ ଅନୁଯାୟୀ, ୫,୧୪୯ ବିଦ୍ୟାଳୟରେ କୌଣସି ଛାତ୍ରଛାତ୍ରୀ ନ ଥିବାବେଳେ ୬୫,୦୫୪ଟିରେ ୧୦ରୁ କମ୍ ପିଲା ଅଛନ୍ତି। ଏଭଳି ସ୍କୁଲ୍ ସଂଖ୍ୟା ୨୦୨୨-୨୩ରେ ୫୨,୩୦୯ ରହିଥିଲା। ମାତ୍ର ୨୦୨୪-୨୫ରେ ଏହା ୨୪ ପ୍ରତିଶତ ବୃଦ୍ଧି ପାଇଛି। କୌଣସି ଛାତ୍ରଛାତ୍ରୀ ନ ଥିବା ତଥା ଶୂନ ସଂଖ୍ୟା ହୋଇ ଆସୁଥିବା ବିଦ୍ୟାଳୟରେ ୧.୪୪ ଲକ୍ଷ ଶିକ୍ଷକ ନିଯୁକ୍ତ ହୋଇଛନ୍ତି। ଏହା ପ୍ରଶାସନିକ ବିଫଳତାକୁ ଦେଖାଉଛି। ଯୋଜନା, ପରିଚାଳନା, ଶିକ୍ଷାର ମାନ ହ୍ରାସ ପାଉଥିବାରୁ ଏଭଳି ସ୍ଥିତି ସୃଷ୍ଟି ହୋଇଛି। କିଛି ସ୍ଥାନରେ ସ୍କୁଲ୍ ଥିବାବେଳେ ପିଲା ଆସୁନାହାନ୍ତି। ଆଉ କିଛି ସ୍ଥାନରେ ଛାତ୍ରଛାତ୍ରୀ ଅଛନ୍ତି, ମାତ୍ର ସ୍କୁଲ୍ କୋଠା ନାହିଁ କିମ୍ବା ଦୁର୍ବଳ ରହିଛି। ଛାତ୍ରଛାତ୍ରୀ ନ ଥିବା ୫,୧୪୯ ବିଦ୍ୟାଳୟ ମଧ୍ୟରୁ ପଶ୍ଚିମବଙ୍ଗରେ ୩,୬୦୦ଟି ଏବଂ ତେଲଙ୍ଗାନାରେ ୩,୬୦୦ଟି ରହିଛି। ତେଲଙ୍ଗାନାର ୧୦୦ ଜିଲ୍ଲାର ପ୍ରାୟ ୧୦ ସ୍କୁଲରେ କୌଣସି ପିଲା ନାହାନ୍ତି। ରାଜ୍ୟର ସବୁ ୩୩ ଜିଲ୍ଲା ଏବଂ ପଶ୍ଚିମବଙ୍ଗର ୨୨ ଜିଲ୍ଲାରେ ଏଭଳି ସ୍ଥିତି ରହିଛି। ପଶ୍ଚିମବଙ୍ଗର ୬.୭୦୩ ସ୍କୁଲରେ ୧୦ କିମ୍ବା କୌଣସି ଛାତ୍ରଛାତ୍ରୀ ନାହାନ୍ତି। ଏ ସବୁରେ ୨୭, ୩୪୮ ଶିକ୍ଷକ ଅଛନ୍ତି। ଉତ୍ତର ପ୍ରଦେଶରେ ଶୂନ କିମ୍ବା ୧୦ରୁ କମ୍ ଛାତ୍ରଛାତ୍ରୀ ଥିବା ସ୍କୁଲ୍‌ରେ ୨୨,୧୬୬ ଶିକ୍ଷକ ଅଛନ୍ତି। ମହାରାଷ୍ଟ୍ର ଏଭଳି ସ୍କୁଲ୍ ସଂଖ୍ୟା ୬,୫୫୨ (୧୧,୦୫୬ ଶିକ୍ଷକ), ରାଜସ୍ଥାନରେ ୫,୨୩୫ ( ୧୧, ୬୨୦ ଶିକ୍ଷକ), ତେଲଙ୍ଗାନାରେ ୫,୦୨୧ (୪,୮୫୦ ଶିକ୍ଷକ), କେରଳରେ ୨୨୮, ଗୋଆରେ ୧୧୦, ଦିଲ୍ଲୀରେ ୧୧, ସିକିମରେ ୧୩୧ ଏବଂ ପଞ୍ଜାବରେ ୩୬୨ ବିଦ୍ୟାଳୟ ରହିଛି।

# ବାଂଲାଦେଶରେ ବ୍ୟାପୁଛି ଅରାଜକତା

■ ଆଉ ଜଣେ ହସିନା ବିରୋଧୀ ନେତାଙ୍କୁ ଆକ୍ରମଣ
■ ଘରେ ପଶି ମୁଣ୍ଡକୁ ମାରିଲେ ଗୁଳି, ସ୍ଥିତି ଗମ୍ଭୀର

ଢାକା, ୨୨।୧୨(ଏଜେନ୍ସି): ନିର୍ବାଚନ ଏଡ଼ାଇବା ପାଇଁ ଯୋଜନାବଦ୍ଧ ଭାବେ ଆରମ୍ଭ କରାଯାଇଥିବା ବାଂଲାଦେଶ ହିଂସା ଥମିବାର ନା ଧରୁନି। ଏହା ଉଗ୍ର ରୂପ ଧାରଣ କରି ଦେଶରେ ଅରାଜକତା ସୃଷ୍ଟି କରିଛି। ଆଇନଶୃଙ୍ଖଳା ଭୁଶୁଡ଼ି ଯାଇଛି। ଖୋଲାଖୋଲି ଭାବେ ସଂଖ୍ୟାଲଘୁ ହିନ୍ଦୁଙ୍କୁ ଉପରେ ଆକ୍ରମଣ ହେଉଛି। ଜାଣିଶୁଣି ଦେଶରେ ହିଂସା କରାଯାଉଛି। ଏହି କ୍ରମରେ ଉସ୍‌ମାନ ହାଦିଙ୍କ ପରେ ବାଂଲାଦେଶରେ ଆଉ ଜଣେ ଶେଖ ହସିନା ବିରୋଧୀ ନେତାଙ୍କ ଉପରେ ଆକ୍ରମଣ କରାଯାଇଛି। ବାଂଲାଦେଶ ଗଣମାଧ୍ୟମ ପ୍ରକାଶିତ କରିଥିବା ରିପୋର୍ଟ ଅନୁସାରେ ଖୁଲନାରେ ସୋମବାର ଦ୍ୱିପହର ୧୨ଟାରେ ନ୍ୟାସନାଲ ସିଟିଜେନ ପାର୍ଟି (ଏନ୍‌ସିପି) ତଥା ଶ୍ରମିକ ଶକ୍ତିର ଆୟୋଜକ ମୋତାଲେବ ସିକଦେରଙ୍କୁ ତାଙ୍କ ଘରେ ପଶି ମୁଣ୍ଡକୁ ଗୁଳି କରାଯାଇଛି। ସେ ଗୁରୁତର ଭାବେ ଆହତ ହୋଇ ତଳେ ପଡ଼ିଯାଇଥିଲେ। ଆଖାପାଖରେ ଥିବା ଲୋକ ତାଙ୍କୁ ଉଠାଇ କୁଲନା ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରାଇଥିଲେ। ସେଠାରେ ତାଙ୍କର ଚିକିତ୍ସା ଚାଲିଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ଗୁଳି



ତାଙ୍କ କାନ ଦେଇ ବାହାରି ଯାଇଛି ବୋଲି କୁହାଯାଇଥିଲା। କିନ୍ତୁ ସୌଭାଗ୍ୟବଶତଃ ଗୁଳି ତାଙ୍କ ମସ୍ତିଷ୍କ ପାଖରେ ପହଞ୍ଚି ନ ଥିଲା। ଫଳରେ ତାଙ୍କର ଜୀବନ ବଞ୍ଚିଯାଇଛି ବୋଲି ପୁଲିସ ଅଧିକାରୀ ଅନିମେଶ ମଣ୍ଡଳ କହିଛନ୍ତି। ମୋତାଲେବ ଶିକଦାର ଏନ୍‌ସିପି ଖୁଲନା ବିଭାଗର ମୁଖ୍ୟ ଓ ଦଳ ସହ ଜଡିତ ଏକ ଶ୍ରମିକ ସଂଗଠନ ଏନ୍‌ସିପି ଶ୍ରମିକ ଶକ୍ତିର ଜଣେ ପ୍ରମୁଖ ସଂଗଠକ। ତାଙ୍କ ଉପରେ ହୋଇଥିବା ଏହି ଆକ୍ରମଣ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ସୃଷ୍ଟି କରିଛି। ଖୁଲନାରେ ଏନ୍‌ସିପିର ଏକ ଶ୍ରମିକ ରାଲି ଆୟୋଜନ ହେବାକୁ ଯାଉଥିଲା ଓ ଶିକଦାର ଏଥିରେ କାର୍ଯ୍ୟ କରୁଥିଲେ। ଆକ୍ରମଣର କାରଣ ଏ ପର୍ଯ୍ୟନ୍ତ ଜଣାପଡ଼ିନାହିଁ। ବାଂଲାଦେଶରେ ହିନ୍ଦୁ ଯୁବକ ଦୀପୁ ଦାସଙ୍କୁ ହତ୍ୟା କରାଯିବା ପରେ ଢାକାରେ ହିନ୍ଦୁ ସଂଗଠନ ଓ ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକେ ପ୍ରେସ୍ କ୍ଲବ ସାମ୍ନାରେ ବିକ୍ଷୋଭ କରିଛନ୍ତି। ଧାର୍ମିକ ପରିଚୟ ପାଇଁ ହିନ୍ଦୁଙ୍କୁ ଅତ୍ୟାଚାର କରାଯାଉଛି। ରକ୍ଷାସୂତ୍ର ବାନ୍ଧିଥିବା ହିନ୍ଦୁଙ୍କୁ ବାଂଲାଦେଶରେ ବିଦେଶୀ ଏଜେଣ୍ଟ ବୋଲି କୁହାଯାଉଛି। ଏଭଳି ସ୍ଥିତିରେ ସଂଖ୍ୟାଲଘୁ ଭୟରେ ବଞ୍ଚୁଛନ୍ତି। ଚଳିତବର୍ଷ ଜାନୁଆରୀରୁ ଏପର୍ଯ୍ୟନ୍ତ ୫୦ରୁ ଅଧିକ ଅଣ-ମୁସଲମାନଙ୍କୁ ହତ୍ୟା କରାଯାଇଛି। ବହୁ ଲୋକଙ୍କ ବିରୋଧରେ ମିଥ୍ୟା ଈଶନିନ୍ଦା ମାମଲା ରୁଜୁ ହୋଇଛି। କେବଳ ଚଳିତ ମାସରେ ୫ ଜଣ ହିନ୍ଦୁଙ୍କୁ ହତ୍ୟା କରାଗଲାଣି।

## ୧୭ ବର୍ଷ ପରେ ଫେରିବେ ଖାଲିଦା ଜିଆଙ୍କ ପୁଅ

ଢ଼ାକା, ୨୨।୧୨(ଏଜେନ୍ସି): ବାଂଲାଦେଶ ପୂର୍ବତନ ପ୍ରଧାନମନ୍ତ୍ରୀ ବେଗମ ଖାଲିଦା ଜିଆଙ୍କ ପୁଅ ତଥା ବାଂଲାଦେଶ ନ୍ୟାସନାଲ ପାର୍ଟି (ବିଏନ୍‌ପି) କାର୍ଯ୍ୟକାରୀ ଅଧ୍ୟକ୍ଷ ତାରିକ ରହମାନ ଦୀର୍ଘ ୧୭ ବର୍ଷ ପରେ ଆତ୍ମନିର୍ବାସନ ଶେଷ କରି ବାଂଲାଦେଶ ପ୍ରତ୍ୟାବର୍ତ୍ତନ କରିବେ। ଡିସେମ୍ବର ୨୫ରେ ସେ ରାଜଧାନୀ ଢାକା ଫେରିବେ ବୋଲି ବିଏନ୍‌ପି ତରଫରୁ କୁହାଯାଇଛି। ସେ ଗତ ୧୭ ବର୍ଷ ହେବ ଲଣ୍ଡନରେ ରହୁଥିଲେ। ଆଗାମୀ ଫେବୃଆରୀରେ ବାଂଲାଦେଶରେ ସାଧାରଣ ନିର୍ବାଚନ ହେବାକୁ ଯାଉଥିବା ବେଳେ ୬୦ ବର୍ଷୀୟ ତାରିକଙ୍କ ପ୍ରତ୍ୟାବର୍ତ୍ତନକୁ ନେଇ ଚର୍ଚ୍ଚା ଓ ଆକଳନ ଆରମ୍ଭ ହୋଇଛି। ଖାଲିଦା ଏବେ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି ଓ ତାଙ୍କ ଭେଣ୍ଟିଲେଟର ସପୋର୍ଟରେ ରଖାଯାଇଛି।

# ପୁଣି ଡରାଇଲା ଏୟାର ଇଣ୍ଡିଆ

## ମଝି ଆକାଶରେ ବନ୍ଦ ହୋଇଗଲା ବିମାନ ଇଞ୍ଜିନ

ନୂଆଦିଲ୍ଲୀ, ୨୨।୧୨(ଏଜେନ୍ସି): ଦିଲ୍ଲୀରୁ ମୁମ୍ବଇ ଯାଉଥିବା ଏୟାର ଇଣ୍ଡିଆର ବିମାନକୁ ମାତ୍ର ୪୦ ମିନିଟ୍ ମଧ୍ୟରେ ଜରୁରୀକାଳୀନ ଅବତରଣ କରିବାକୁ ପଡ଼ିଛି। ମିଳିଥିବା ସୂଚନା ଅନୁଯାୟୀ, ବୋଇଂ ୭୭୭-୩୦୦ଇଆର ଏଆଇ୮୮୭ ବିମାନ ଉଡ଼ାଣ ଭରିବା ପରେ ଏହାର ଡାହାଣ ପଟ ଇଞ୍ଜିନ ବନ୍ଦ ହୋଇଯାଇଥିଲା। ଏଥିରେ ତୈଳ ଚାପ ଶୂନ୍ୟକୁ ଖସି ଯାଇଥିଲା। ଫଳରେ ବିମାନକୁ ପୁଣି ଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବାକୁ ପଡ଼ିଥିଲା। ବିମାନ ସୋମବାର ସକାଳ ୬.୧୦ରେ ଏଆଇ ୮୮୭ ଭାବେ ମୁମ୍ବଇ ଅଭିମୁଖେ ଯାତ୍ରା କରିଥିଲା। କିନ୍ତୁ ଏହା ସକାଳ ୬.୫୨ରେ ଫେରି ଆସିଥିଲା। ଗୋଟିଏ ଇଞ୍ଜିନ ଖରାପ ହୋଇଥିଲେ ମଧ୍ୟ ଦ୍ୱିତୀୟ ଇଞ୍ଜିନ ସହାୟତାରେ ବିମାନଟି ସୁରକ୍ଷିତ ଭାବେ ଅବତରଣ କରିଥିଲା। ଫ୍ଲାଇଟ୍ ଟ୍ରାକିଂ ୱେବସାଇଟ୍ ଫ୍ଲାଇଟରାଡାର୨୪ଡଟ୍ କମ୍ ଅନୁଯାୟୀ, ଉଡାଣ ଆରମ୍ଭ କରିବା ପରେ ବିମାନଟି ଏକ ଘଣ୍ଟା ପର୍ଯ୍ୟନ୍ତ ଆକାଶରେ ରହିଥିଲା। ଏଥିରେ ୩୩୫ ଜଣ ଯାତ୍ରୀ ଥିଲେ। ସମସ୍ତଙ୍କୁ ଏବେ ମୁମ୍ବଇ ପଠାଯିବା ନେଇ ବ୍ୟବସ୍ଥା କରାଯାଉଛି। ଏହି ଘଟଣା ନେଇ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଏୟାର ଇଣ୍ଡିଆଠାରୁ ରିପୋର୍ଟ ମାଗିଛି। ଏଥିସହ ମନ୍ତ୍ରଣାଳୟ ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ)କୁ ଏହି ଘଟଣାର ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛି। ଅଏଲ ପ୍ରେସର ଜିରୋ ହେବା ନିଶ୍ଚିତ ଭାବେ ଗମ୍ଭୀର ବିଷୟ। କିନ୍ତୁ ବିମାନ ତୁରନ୍ତ ଦୁର୍ଘଟଣା ସମ୍ମୁଖୀନ ହେବ ବୋଲି ଆଶଙ୍କା କରିବା ଭୁଲ ବୋଲି କୁହାଯାଇଛି। ଦ୍ୱିତୀୟ ଇଞ୍ଜିନ ସହାୟତାରେ ବିମାନକୁ ନିକଟସ୍ଥ ବିମାନ ବନ୍ଦରରେ ଓହ୍ଲାଯାଇପାରିବ।




## ପ୍ରେମ ପାଇଁ ପ୍ରେମିକ ହାତରେ ପିତାଙ୍କୁ ମାରିଲା ଝିଅ

ଭଦୋଦାରା, ୨୨।୧୨(ଏଜେନ୍ସି): ଗୁଜରାଟରେ ଜଣେ ଝିଅ ତା'ର ପିତାଙ୍କୁ ନିଶା ଦେଇ ପ୍ରେମିକ ଦ୍ୱାରା ହତ୍ୟା କରିବାର ଘଟଣା ସାମ୍ନାକୁ ଆସିଛି। କେବଳ ସେତିକି ନୁହେଁ, ସେ ପିତାଙ୍କର ହତ୍ୟାକୁ ନିଜ ଆଖିରେ ମଧ୍ୟ ଦେଖିଥିଲା। ଗତ ସପ୍ତାହରେ ଏହି ଜଘନ୍ୟ ହତ୍ୟାକାଣ୍ଡ ଘଟିଥିଲା। ପୁଲିସ ଏହି ମାମଲାରେ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି ଓ ସମ୍ପୃକ୍ତ ୧୭ ବର୍ଷୀୟ ଝିଅକୁ ଶିଶୁ ସୁରକ୍ଷା ଗୃହକୁ ପଠାଇ ଦେଇଛି। ଝିଅ ହିଁ ଯୋଜନାବଦ୍ଧ ଭାବେ ଏହି ହତ୍ୟାକାଣ୍ଡ ଘଟାଇଥିଲା। ମୃତ ବ୍ୟକ୍ତି ହେଉଛନ୍ତି ଶାନା ଚଭଡା। ନିଜ ଝିଅ ଓ ତା'ର ୨୪ ବର୍ଷୀୟ ପ୍ରେମିକ ରଞ୍ଜିତ ଗଜେନ୍ଦ୍ରଭାଇ ବାଘେଲାଙ୍କ ସମ୍ପର୍କକୁ ସେ ବିରୋଧ କରୁଥିଲା। ଗତ ଜୁଲାଇରେ ଦୁହେଁ ପଳାଯାଇଥିଲେ। ଝିଅର ବାପା ଏତଲା ଦେବାରୁ ରଞ୍ଜିତକୁ ଗିରଫ କରାଯାଇଥିଲା। କିନ୍ତୁ ଅଗଷ୍ଟରେ ରଞ୍ଜିତ ଜାମିନ ପାଇ ବାହାରକୁ ଆସିଥିଲା। ଏହାପରେ ଝିଅ ଓ ରଞ୍ଜିତ ଶାନାଙ୍କୁ ହତ୍ୟା କରିବାକୁ ଷଡ଼ଯନ୍ତ୍ର କରିଥିଲେ।

## ୟୁକ୍ରେନ ସେନା ଦ୍ୱାରା ବନ୍ଦୀ ଗୁଜରାଟ ଛାତ୍ର ପଠାଇଲେ ଭିଡିଓ

ଅହମ୍ମଦାବାଦ, ୨୨।୧୨(ଏଜେନ୍ସି): ୟୁକ୍ରେନ ସେନା ଦ୍ୱାରା ବନ୍ଦୀ ହୋଇଥିବା ଗୁଜରାଟର ଜଣେ ଛାତ୍ର ସାହିଲ ମହମ୍ମଦ ହୁସେନ ଭିଡିଓ ମେସେଜ ପଠାଇଛନ୍ତି। ଏଥିରେ ସେ ଭାରତୀୟ ଯୁବକଙ୍କୁ କୌଣସି ପ୍ରକାର ପରିସ୍ଥିତିରେ ରୁଷ ସେନାରେ ସାମିଲ ନ ହେବାକୁ ନିବେଦନ କରିଛନ୍ତି। ଏହି ଭିଡିଓ ସୋମବାର ସାମ୍ନାକୁ ଆସିଛି। ରୁଷ୍‌ରେ ଏକ ମିଥ୍ୟା ଡ୍ରଗ୍ସ ମାମଲାରେ ତାଙ୍କୁ ଫସାଇବା ସହ ବ୍ଲାକ୍‌ମେଲ କରାଯାଇଥିଲା। ଏଥିସହ ତାଙ୍କୁ ଜୋର ଜବରଦସ୍ତି ରୁଷିଆ ସେନାବାହିନୀରେ ସାମିଲ ହେବାକୁ ବାଧ କରାଯାଇଥିଲା ବୋଲି ସେ ଭିଡିଓରେ କହିଛନ୍ତି। ହୁସେନଙ୍କୁ ଏବେ ୟୁକ୍ରେନର କେଉଁଠାରେ ରଖାଯାଇଛି ସେ ନେଇ କୌଣସି ସୂଚନା ମିଳିନାହିଁ। ୟୁକ୍ରେନ ସୁରକ୍ଷା ବାହିନୀ ଏହି ଭିଡିଓ ଗୁଜରାଟରେ ଥିବା ହୁସେନଙ୍କ ମା'ଙ୍କ ନିକଟକୁ ପଠାଇଛି। ପୁଅକୁ ସୁରକ୍ଷିତ ଭାବେ ଫେରାଇ ଆଣିବା ପାଇଁ ହୁସେନଙ୍କ ମା ଦିଲ୍ଲୀର ଏକ କୋର୍ଟରେ ଆବେଦନ କରିଛନ୍ତି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଫେବୃଆରୀରେ ହେବ।

## କାର୍ ବୋମା ବିସ୍ଫୋରଣରେ ରୁଷ ଜେନେରାଲ ମୃତ

ମସ୍କୋ, ୨୨।୧୨(ଏଜେନ୍ସି): ରୁଷ୍ ରାଜଧାନୀ ମସ୍କୋରେ ଏକ କାର୍ ବୋମା ବିସ୍ଫୋରଣରେ ସେନାର ଜଣେ ଜେନେରାଲ ମୃତ୍ୟୁବରଣ କରିଛନ୍ତି। ରୁଷର ଯାଞ୍ଚ୍ ଏଜେନ୍ସି ସୋମବାର ଏକ ବିବୃତ୍ତିରେ ଏହି ସୂଚନା ଦେଇଛି। ରୁଷିଆ ସେନାର ଅପରେସନାଲ ଟ୍ରେନିଂ ଡିପାର୍ଟମେଣ୍ଟର ମୁଖ୍ୟ ଲେଫ୍ଟନାଣ୍ଟ ଜେନେରାଲ ପାନିଲ ସର୍ବାରେଭ କାର୍ ଯୋଗେ ଯିବାକୁ ପ୍ରସ୍ତୁତ ହେଉଥିବା ବେଳେ ଏହି ବିସ୍ଫୋରଣ ଘଟିଥିଲା। ତାଙ୍କ କାର୍ ତଳେ ରଖାଯାଇଥିବା ବିସ୍ଫୋରକକୁ ବିସ୍ଫୋରଣ କରି କାର୍‌କୁ ଉଡାଇ ଦିଆଯାଇଥିଲା। ସକାଳ ୭ଟାରେ ମସ୍କୋର ୟାସେନେଭା ଷ୍ଟ୍ରିଟ୍‌ରେ ଏକ ପାର୍କିଂ ସ୍ଥାନରେ ଏହି ବିସ୍ଫୋରଣ ହୋଇଥିଲା। ସେତେବେଳେ ଡ୍ରାଇଭର ମଧ୍ୟ କାର୍ ଭିତରେ ଥିଲେ। ଏହି ଘଟଣାରେ ଜଣେ ସାମରିକ ଅଧିକାରୀଙ୍କ ହତ୍ୟା ନେଇ ଆପରାଧିକ ମାମଲା ରୁଜୁ କରାଯାଇଛି। ରୁଷିଆର ଯାଞ୍ଚ୍ ଏଜେନ୍ସି ଏହି ଘଟଣାର ତଦନ୍ତ କରୁଛି। ଏଥିରେ ୟୁକ୍ରେନ ସମ୍ପୃକ୍ତିର ଦୃଷ୍ଟିକୋଣକୁ ନେଇ ମଧ୍ୟ ଯାଞ୍ଚ୍ କରାଯାଉଛି। ଏହି ବିସ୍ଫୋରଣ ନେଇ କେହି ଏପର୍ଯ୍ୟନ୍ତ ନିଜକୁ ଦାୟୀ କରିନାହାନ୍ତି। ଏହାକୁ ୟୁକ୍ରେନର ଗୁପ୍ତଚର ସଂସ୍ଥା କରିଥାଇ ପାରେ ବୋଲି ଆଶଙ୍କା କରାଯାଉଛି।

# କାନ୍ଦୁଛି ଆରାବଳୀ

# ୮ ହଜାର ସ୍ଥାନରେ ଖଣି ଖନନ ଅନୁମତି

■ ତେଜୁଛି ଆନ୍ଦୋଳନ, ରାଜସ୍ଥାନରେ ପୁଲିସର ଲାଠିଚାର୍ଜ
■ ଅନେକ ସହରରେ ପୁଲିସ-ଆନ୍ଦୋଳନକାରୀ ମୁହାଁମୁହିଁ
■ ୯୦% ଜଙ୍ଗଲକୁ ସଂରକ୍ଷିତ ରଖାଯିବ: କେନ୍ଦ୍ର

ନୂଆଦିଲ୍ଲୀ, ୨୨।୧୨ (ଏଜେନ୍ସି): ଉତ୍ତର-ପଶ୍ଚିମ ଭାରତର ପର୍ବତମାଳା ଆରାବଳୀ ଏବେ କାନ୍ଦୁଛି। ମରୁଭୂମି, ଲୁ ଏବଂ ଧୂଳି ଝଡ଼କୁ ଧାରଣ କରି ଦିଲ୍ଲୀ, ହରିୟାଣା, ପଶ୍ଚିମବଙ୍ଗ, ଉତ୍ତର ପ୍ରଦେଶକୁ ସୁରକ୍ଷା ଦେଉଥିବା ଏବଂ ରାଜସ୍ଥାନର ଉର୍ବର କ୍ଷେତ ପାଇଁ ସୁରକ୍ଷା ପ୍ରାଚୀର ହୋଇ ରହିଥିବା ଆରାବଳୀ ଏବେ ବିପଦରେ। ଭୂତଳ ଜଳ ସଂରକ୍ଷଣ ସହିତ ଜଙ୍ଗଲ ଓ ବନ୍ୟଜନ୍ତୁଙ୍କୁ ଆଶ୍ରୟ ଦେଇ ଲୋକଙ୍କୁ ସ୍ୱଚ୍ଛ ବାୟୁ ପ୍ରଦାନ କରୁଥିବା ଆରାବଳୀର ଭବିଷ୍ୟତକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗୁଜରାଟ ଦେଇ ରାଜସ୍ଥାନ ଏବଂ ହରିୟାଣାରୁ ଦିଲ୍ଲୀ ୬୯୦ କିମି ପର୍ଯ୍ୟନ୍ତ ବ୍ୟାପିଥିବା ଏହି ପୁରାତନ ପର୍ବତମାଳା ଖଣି ଖନନ ପାଇଁ ସଙ୍କଟରେ ପଡ଼ିଛି। ସୁପ୍ରିମକୋର୍ଟ ଦେଇଥିବା ରାୟ ଯୋଗୁଁ କୋଟି କୋଟି ଜନତା, ଜୀବଜନ୍ତୁଙ୍କ ପାଇଁ ବିପଦ ସୃଷ୍ଟି ହୋଇଥିବାବେଳେ ଖଣି ଖନନକାରୀ ଏବଂ ସରକାର ଅଟ୍ଟହାସ୍ୟ କରୁଛନ୍ତି। କାରଣ ସର୍ବୋଚ୍ଚ ନ୍ୟାୟାଳୟ ୧୦୦ ମିଟର ଉଚ୍ଚତା ବିଶିଷ୍ଟ ପାହାଡ଼କୁ କେବଳ ଆରାବଳୀ ମାନିବାକୁ ରାୟ ଦେଇଥିଲେ। ଅନ୍ୟ ଛୋଟ ଛୋଟ ପାହାଡ଼କୁ ଆରାବଳୀ ମାନିବାକୁ ମନା କରିଦେଇଥିଲେ। ଏହା ଦ୍ୱାରା ୯୦ ପ୍ରତିଶତ ଆରାବଳୀ ଧ୍ୱଂସ ହୋଇଯିବାର ସମ୍ଭାବନା ରହିଛି। ଜୈବ ବିବିଧତାକୁ ନଷ୍ଟ କରିବାକୁ ଅନୁମତି ଦେଉଥିବା ସୁପ୍ରିମକୋର୍ଟଙ୍କ ରାୟ ବିରୋଧରେ ଆନ୍ଦୋଳନ ଜୋରଦାର ହୋଇଛି। ସାମାଜିକ ଗଣମାଧ୍ୟମରୁ ନେଇ ସଡ଼କ ପର୍ଯ୍ୟନ୍ତ ଲୋକେ ଏକାଠି ହୋଇ ରାଜସ୍ଥାନ ସରକାରଙ୍କ ଆଭିମୁଖ୍ୟ, କେନ୍ଦ୍ରର ନିରବତା ଏବଂ ସୁପ୍ରିମକୋର୍ଟଙ୍କ ରାୟକୁ ବିରୋଧ କରୁଛନ୍ତି। ଆରାବଳୀରେ ଖଣି ଖନନ ମଞ୍ଜୁରିକୁ ବିରୋଧ କରି ଆଜି ରାଜସ୍ଥାନରେ ଲକ୍ଷାଧିକ ଲୋକ ରାସ୍ତାକୁ ଓହ୍ଲାଇଛନ୍ତି। କଂଗ୍ରେସ ଏବଂ ସାମାଜିକ ସଂଗଠନ କର୍ମୀ ୯୪୫ ମିଟର ଉଚ୍ଚ ସିକରର ହର୍ଷ ପାହାଡ଼ ଉପରେ ଚଢ଼ି ବିକ୍ଷୋଭ କରିଛନ୍ତି।

ରାଜସ୍ଥାନର ଫୁସଫୁସକୁ କାଟିବାକୁ ଅନୁମତି ଦିଆଯିବନି ବୋଲି କହିଛନ୍ତି। ବିଭିନ୍ନ ସ୍ଥାନରେ ପୁଲିସ ଆନ୍ଦୋଳନକାରୀଙ୍କୁ ଘଉଡ଼ାଇବା ପାଇଁ ଲାଠିଚାର୍ଜ କରିଛି। ଏହାକୁ ନେଇ ପୁଲିସ ଏବଂ ଆନ୍ଦୋଳନକାରୀ ମୁହାଁମୁହିଁ ହୋଇଛନ୍ତି।

ଆରାବଳୀ ପର୍ବତମାଳାରେ ଖଣି ଖନନ ସମଗ୍ର ଭାରତ ପାଇଁ ବିପଦ ବୋଲି ପରିବେଶବିତ କହିଛନ୍ତି। ସାରା ଦେଶକୁ ମୌସୁମୀ ବାୟୁ ଆସିବନି। ପ୍ରଦୂଷଣ ପାଇଁ ଦିଲ୍ଲୀ ବାସୀଙ୍କ ଦୁର୍ଦ୍ଦଶା ବଢ଼ିବ। ଥର୍ ମରୁଭୂମି କାୟା ବିସ୍ତାର କରିବ। ଉର୍ବର କ୍ଷେତକୁ ନିଜ ଭିତରେ ସମାହିତ କରିଦେବ। ଆରାବଳୀ ଦିଲ୍ଲୀ, ଗୁରୁଗ୍ରାମ, ଫରିଦାବାଦ ଭଳି ବଡ଼ ସହରକୁ ପାଣି ଯୋଗାଉଛି। ମାତ୍ର ଖଣି ଖନନ ହେଲେ ବିପୁଳ ଗଛ କଟାଯିବ।



ଏହା ଭୂତଳ ଜଳସ୍ତର ହ୍ରାସ କରି ସଙ୍କଟ ସୃଷ୍ଟି କରିବ। ଏହାକୁ ନେଇ ସାମାଜିକ କର୍ମୀ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଏବଂ ରାଷ୍ଟ୍ରପତିଙ୍କୁ ଚିଠି ଲେଖିଛନ୍ତି। ରାୟ ପୁନର୍ବିଚାର କରିବାକୁ ଅନୁରୋଧ କରିଛନ୍ତି।

ଫରେଷ୍ଟ ସର୍ଭେ ଅଫ ଇଣ୍ଡିଆ (ଏଫଏସଆଇ) ୧୦ ହଜାର ପାହାଡ଼କୁ ଆରାବଳୀ କହିଥିଲା। ଏହି ସବୁ ସ୍ଥାନରୁ ଖଣି ଖନନ ବନ୍ଦ କରିବାକୁ କୁହାଯାଇଥିଲା। ମାତ୍ର ରାଜସ୍ଥାନର ବିଜେପି ସରକାର ଏହା ବିରୋଧରେ ସୁପ୍ରିମକୋର୍ଟ ଯାଇଥିଲେ। ଏହା ଦ୍ୱାରା ସବୁ ଖଣି ଖନନ ବନ୍ଦ ହୋଇଯିବ ବୋଲି କୁହାଯାଇଥିଲା। ଏହା ଉପରେ ବିଚାର କରି ସୁପ୍ରିମକୋର୍ଟ ଶହେ ମିଟର କିମ୍ବା ତାଠାରୁ ଅଧିକ ଉଚ୍ଚ ପର୍ବତକୁ ଆରାବଳୀ ମାନିବାକୁ ରାୟ ଦେଇଥିଲେ। ଏହି ରାୟ ପରେ ପ୍ରାୟ ୮ ହଜାର ସ୍ଥାନରେ ଖଣି ଖନନ ପାଇଁ ଅନୁମତି ମିଳିଥିବା କୁହାଯାଇଛି। କମ୍ପାନୀ ଏବଂ ସରକାରୀ ଅଧିକାରୀଙ୍କ ସାଣ୍ଟଗାଣ୍ଟରେ ଉଚ୍ଚ ପାହାଡ଼କୁ ୬୦ ମିଟର କିମ୍ବା ୮୦ ମିଟର ଦେଖାଇ ଖନନ ଅନୁମତି ନିଆଯାଉଛି। ଏହାକୁ ନେଇ ରାଜସ୍ଥାନର ବିଭିନ୍ନ ସ୍ଥାନରେ ମାମଲା ମଧ୍ୟ ଚାଲିଛି। ଏବେ ସରକାରଙ୍କ ଏହି ଖଣି ନୀତିକୁ କଂଗ୍ରେସ ସମେତ ଅନ୍ୟ ବିରୋଧୀ ଦଳଗୁଡ଼ିକ ମଧ୍ୟ ବିରୋଧ କରିଛନ୍ତି।

ବିବାଦ ତେଜୁଥିବା ଦେଖି କେନ୍ଦ୍ର ସରକାର ମାମଲାରେ ସ୍ପଷ୍ଟୀକରଣ ଦେଇଛନ୍ତି। ଆରବଳୀ କ୍ଷେତ୍ରର ୯୦ ପ୍ରତିଶତ କ୍ଷେତ୍ରକୁ ସଂରକ୍ଷିତ କରାଯିବ ବୋଲି କୁହାଯାଇଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଦ୍ୱାରା ଖଣି କାର୍ଯ୍ୟକଳାପ ବୃଦ୍ଧି ପାଇବା ନେଇ କରାଯାଉଥିବା ଦାବିକୁ ଖାରଜ କରିଦିଆଯାଇଛି।

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ

# ଜୁନିୟର ଆକାଉଣ୍ଟାଣ୍ଟଙ୍କ ଘରେ ଭିଜିଲାନ୍ସ ଚଢ଼ଉ

ବାଲେଶ୍ୱର, ୨୨।୧୨(ସମିସ): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ସୁନ୍ଦରଗଡ଼ ଜିଲ୍ଲାରେ ସିଭିଲ ସପ୍ଲାଏ ଅଫିସରେ ଜୁନିୟର୍ ଆକାଉଣ୍ଟାଣ୍ଟ ଭାବେ କାର୍ଯ୍ୟ କରୁଥିବା ରବୀନ୍ଦ୍ର କୁମାର ବାରିକଙ୍କ ଘର, କାର୍ଯ୍ୟାଳୟ ଓ ଅନ୍ୟାନ୍ୟ ସ୍ଥାନରେ ଭିଜିଲାନ୍ସ ଚଢ଼ଉ କରିଛି। କିଛି ବର୍ଷ ହେବ ସେ ବାଲେଶ୍ୱରରୁ ସୁନ୍ଦରଗଡ଼କୁ ବଦଳି ହୋଇଥିଲେ। ହେଲେ ସେ ବାଲେଶ୍ୱର ଏବଂ ମୟୂରଭଞ୍ଜ ଜିଲ୍ଲାରେ କାର୍ଯ୍ୟରତ ଥିବା ବେଳେ ଭିଜିଲାନ୍ସ ସ୍କାନରରେ ରହିଥିଲେ। ସୋମବାର ବାଲେଶ୍ୱର ଭିଜିଲାନ୍ସ ବିଭାଗ ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ସୁନ୍ଦରଗଡ଼ସ୍ଥିତ ଶ୍ରୀ ବାରିକଙ୍କ କାର୍ଯ୍ୟାଳୟ ସମେତ ବାଲେଶ୍ୱର ଜିଲ୍ଲାର ତିନିଟି ସ୍ଥାନରେ ଏକ ସମୟରେ ଚଢ଼ଉ କରିଛି।



ଭିଜିଲାନସ ଟିମ୍ ଶ୍ରୀ ବାରିକଙ୍କ ରାଣୀପାଟଣାସ୍ଥିତ ସାଇ ମଣ୍ଡପ, ଗୋପାଳଗାଁ ଚୂନଭାଟି ମଣ୍ଡପ ନିକଟରେ ଥିବା ତିନିମହଲା ଘର ଏବଂ ତିନି ମହଲା ବିଶିଷ୍ଟ ଆଇଫିଟ ଜିମ୍ ଉପରେ ଚଢ଼ଉ କରିଛି। ଏପରିକି, ଶ୍ରୀ ବାରିକଙ୍କ ସୁନ୍ଦରଗଡ଼ସ୍ଥିତ ତାଙ୍କ କାର୍ଯ୍ୟାଳୟ ଏବଂ ସେଠାକାର ଭଡ଼ାଘରେ ମଧ ଚଢ଼ଉ କରିଛି।

ଶ୍ରୀ ବାରିକ ୩୦ବର୍ଷର ଚାକିରି ସମୟରେ ନିଜର ଆୟଠାରୁ ଅଧିକ ସମ୍ପତ୍ତି ଠୂଳ କରିଥିବା ନେଇ ଭିଜିଲାନସ ବିଭାଗରେ ଅଭିଯୋଗ ହୋଇଥିଲା। ଏହି ଅଭିଯୋଗକୁ ଭିତ୍ତିକରି ଭିଜିଲାନ୍ସ ବିଭାଗ ଏକାକାଳୀନ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି। ଚଢ଼ଉରେ ୩ଜଣ ଡିଏସପି, ୬ଜଣ ଇନସପେକ୍ଟରଙ୍କ ସମେତ ଅନ୍ୟ ଅଧିକାରୀମାନେ ସାମିଲ ହୋଇଛନ୍ତି। କେତେ ପରିମାଣର ସମ୍ପତ୍ତି ଠାବ ହୋଇଛି ତାହାର ଯାଞ୍ଚ ଚାଲିଥିବା ଭିଜିଲାନ୍ସ ଡିଏସପି ବିକାଶ ସ୍ୱାଇଁ ସୂଚନା ଦେଇଛନ୍ତି।

ପ୍ରାଥମିକସ୍ତରରେ ମିଳିଥିବା ତଥ୍ୟ ଅନୁସାରେ, ଶ୍ରୀ ବାରିକଙ୍କ ଗୋପାଳଗାଁରେ ୩୫୫୦ ବର୍ଗଫୁଟ୍‌ର ତିନି ମହଲା ବିଶିଷ୍ଟ ଏକ କୋଠାଘର, ୬ହଜାର ୩ଶହ ବର୍ଗଫୁଟ୍‌ର ତିନିମହଲା ବିଶିଷ୍ଟ ଏକ ମାର୍କେଟ୍ କମ୍ପ୍ଲେକ୍ସ ରହିଛି। ସେଠାରେ ହୋଟେଲ, ଜିମ ଏବଂ ରିୟଲ ଇଷ୍ଟେଟ୍ କାର୍ଯ୍ୟାଳୟକୁ ଭଡ଼ା ଦିଆଯାଇଛି। ଏହାବ୍ୟତୀତ ୮ ହଜାର ୯ଶହ ବର୍ଗଫୁଟର ଏକ କଲ୍ୟାଣ ମଣ୍ଡପ, ବାଲେଶ୍ୱର ସହରରେ ୪ଟି ମୂଲ୍ୟବାନ ଜମି, ୧୭୫ ଗ୍ରାମ୍‌ର ସୁନାଗହଣା, ୨ଟି କାର୍ ଓ ୨ଟି ବାଇକ୍ ଠାବ ହୋଇଛି। ସେହିପରି ବ୍ୟାଙ୍କ, ପୋଷ୍ଟାଲ ଏବଂ ଅନ୍ୟ ଡିପୋଜିଟ୍‌ଗୁଡ଼ିକ ସଂପର୍କରେ ଭିଜିଲାନ୍ସ ଖୋତାଡ଼ ଚଳାଇଛି।

■ ମୁଖ୍ୟମନ୍ତ୍ରୀଙ୍କୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ଚିଠି

# ତୁରନ୍ତ ପୁନର୍ଗଠନ ହେଉ ପଛୁଆ ବର୍ଗ ଆୟୋଗ

ଭୁବନେଶ୍ୱର,୨୨।୧୨(ସମିସ): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋମବାର ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏକ ପତ୍ର ଲେଖି ଓଡ଼ିଶା ରାଜ୍ୟ ପଛୁଆ ବର୍ଗ ଆୟୋଗ (ଓଏସସିବିସି)ର ତୁରନ୍ତ ପୁନର୍ଗଠନ ପାଇଁ ଅନୁରୋଧ କରିଛନ୍ତି। ସାମାଜିକ ନ୍ୟାୟ ପ୍ରଦାନ ଏବଂ ପଛୁଆ ବର୍ଗର ଲୋକଙ୍କ ଆଶା ଆକାଂକ୍ଷା ପୂରଣ ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ ବୋଲି ସେ ଏହି ପତ୍ରରେ ଉଲ୍ଲେଖ କରିଛନ୍ତି।

ଶ୍ରୀ ପ୍ରଧାନ ଲେଖିଛନ୍ତି ଯେ ଓଡ଼ିଶା ରାଜ୍ୟ ପଛୁଆ ବର୍ଗ ଆୟୋଗଙ୍କ କାର୍ଯ୍ୟକାଳ ଗତ ୨୦୨୪ ଜାନୁଆରୀ ୩ରେ ଶେଷ ହୋଇସାରିଛି। ନୂତନ ସଦସ୍ୟ ନିଯୁକ୍ତ ହୋଇ ନଥିବାରୁ ଏହା ବର୍ତ୍ତମାନ କାର୍ଯ୍ୟକ୍ଷମ ନାହିଁ। ଓଡ଼ିଶା ରାଜ୍ୟର ଜନସଂଖ୍ୟାର ଏକ ପ୍ରମୁଖ ଅଂଶ ଭାବେ ପ୍ରାୟ ୨୧୭ଟି ସାମାଜିକ ଏବଂ ଶିକ୍ଷାଗତ ପଛୁଆ ବର୍ଗ (ଏସଇବିସି) ସମୁଦାୟ ଓଡ଼ିଶାରେ ବସବାସ କରୁଛନ୍ତି। ଆୟୋଗ କାର୍ଯ୍ୟକ୍ଷମ ନ ଥିବାରୁ ଏହି ବର୍ଗର ଲୋକମାନେ ଶିକ୍ଷା, ନିଯୁକ୍ତି ଓ କଲ୍ୟାଣକାରୀ ଯୋଜନାର ସୁଫଳ ପାଇବାରେ ବହୁବିଧ ଆହ୍ୱାନର ସମ୍ମୁଖୀନ ହେଉଛନ୍ତି। ନିଜର ସମସ୍ୟା ଉପସ୍ଥାପନ କରିବା ପାଇଁ ସେମାନେ ଏକ ସାମ୍ବିଧାନିକ ମଞ୍ଚରୁ ବଞ୍ଚିତ ହେଉଛନ୍ତି। ନୂତନ ଜାତିକୁ ଏସଇବିସି ତାଲିକାରେ ଅନ୍ତର୍ଭୁକ୍ତ କରିବା, ଅଭିଯୋଗର ସମାଧାନ କରିବା ଏବଂ ପଛୁଆ ବର୍ଗଙ୍କ ପାଇଁ ସରକାରଙ୍କୁ ନୀତିଗତ ପରାମର୍ଶ ଦେବାରେ ଓଏସସିବିସିଙ୍କ ମୁଖ୍ୟ ଭୂମିକା ରହିଛି। ଓଡ଼ିଶା ରାଜ୍ୟ ପଛୁଆ ବର୍ଗ ଆୟୋଗ (ସଂଶୋଧନ) ଅଧିନିୟମ, ୨୦୨୦ ଅନୁଯାୟୀ, ଏହି କମିଶନଙ୍କୁ ପଛୁଆ ବର୍ଗଙ୍କ ସାମାଜିକ ଓ ଶିକ୍ଷାଗତ ସ୍ଥିତି ଉପରେ ସର୍ଭେ କରିବାର ଦାୟିତ୍ୱ ମଧ ଦିଆଯାଇଛି। ତେଣୁ ରାଜ୍ୟରେ ସାମାଜିକ ନ୍ୟାୟର ପ୍ରତିଷ୍ଠା ଏବଂ ପଛୁଆ ବର୍ଗଙ୍କ ଆଶା ଆକାଂକ୍ଷାକୁ ପୂରଣ କରିବା ପାଇଁ କମିଶନର ଶୀଘ୍ର ପୁନର୍ଗଠନ ଏକାନ୍ତ ଆବଶ୍ୟକ। ରାଜ୍ୟର ପଛୁଆ ବର୍ଗର ହିତକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଏଥିରେ ବ୍ୟକ୍ତିଗତ ଭାବେ ହସ୍ତକ୍ଷେପ କରି ଆୟୋଗର ପୁନର୍ଗଠନ କରିବାକୁ ଶ୍ରୀ ପ୍ରଧାନ ଅନୁରୋଧ କରିଛନ୍ତି।

ହାଇଦରାବାଦରେ ୩୮ ଶିଳ୍ପପତିଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା

# ୧୩ ଏମ୍ଓୟୁ, ୨୭,୬୫୦ କୋଟିର ନିବେଶ ସୁଯୋଗ

ଭୁବନେଶ୍ୱର,୨୨।୧୨(ସମିସ): ହାଇଦରାବାଦରେ ଦୁଇଦିନ ଧରି ବିଭିନ୍ନ ଶିଳ୍ପପତି ଓ ନିବେଶକଙ୍କ ସହିତ ଆଲୋଚନା ଅତ୍ୟନ୍ତ ଉତ୍ସାହଜନକ ରହିଛି। ଆଗାମୀ ଦିନରେ ଶିଳ୍ପାୟନ ପାଇଁ ଆମର ରୋଡ୍ ମ୍ୟାପରେ ଏକ ନୂଆ ମାଇଲ୍ ଷ୍ଟୋନ୍ ସ୍ଥାପନ ହେବାକୁ ଯାଉଛି। ଆସନ୍ତା ଜାନୁଆରୀ ୨୮ ଓ ୨୯ ତାରିଖରେ ରାଉରକେଲାରେ

**ରାଉରକେଲାରେ ହେବ 'ଏଣ୍ଟରପ୍ରାଇଜ୍ ଓଡ଼ିଶା' ସମ୍ମେଳନ**

ଏଣ୍ଟରପ୍ରାଇଜ୍ ଓଡ଼ିଶା ଅନୁଷ୍ଠିତ ହେବ। ଏହା ସହିତ କଲିକତାରେ ମଧ ଏକ ଶିଳ୍ପ କନ୍‌କ୍ଲେଭ୍ ହେବାର ଯୋଜନା ରହିଛି ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

ହାଇଦରାବାଦରେ ଆୟୋଜିତ ୨ ଦିନିଆ ଓଡ଼ିଶା ନିବେଶକ ସମ୍ମିଳନୀରେ ଯୋଗ ଦେବା ପରେ ଭୁବନେଶ୍ୱରରେ ଏକ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି ଯେ ଦୁଇ ଦିନରେ ସେ ନିଜେ ୩୮ ଜଣ ଶିଳ୍ପପତିଙ୍କ ସହିତ ୱାନ ଟୁ ୱାନ ଆଲୋଚନା କରିଛନ୍ତି। ଏହି ଅବସରରେ ହାଇଦ୍ରାବାଦରେ ଅନୁଷ୍ଠିତ ଏକ ମେଗା



ଓଡ଼ିଶା ନିବେଶକ ରୋଡଶୋ ୫୦୦ ରୁ ଅଧିକ ଶିଳ୍ପପତି, ବ୍ୟବସାୟିକ ସଂଗଠନ ଏବଂ ଆନୁଷ୍ଠାନିକ ଅଂଶୀଦାରମାନେ ଅଂଶଗ୍ରହଣ କରିଛନ୍ତି। ଏହି ଆଲୋଚନା ଦ୍ୱାରା ଶିଳ୍ପପତିମାନେ ଓଡ଼ିଶାର ଶିଳ୍ପ ପରିବେଶ, ଭିତ୍ତିଭୂମି ଏବଂ ନୀତି-ଚାଳିତ ଅଭିବୃଦ୍ଧି ମଡେଲ ସମ୍ପର୍କରେ ଏକ ସ୍ୱଷ୍ଟ ଚିତ୍ର ପାଇ ପାରିଥିଲେ। ଓଡ଼ିଶାରେ ନିବେଶକୁ ସହଜ ଓ ସରଳ କରିବା ପାଇଁ, ଇଜ୍ ଅଫ୍ ଡୁଇଙ୍ଗ ବିଜନେସ୍‌ରେ ଉନ୍ନତି ଆଣିବା ପାଇଁ ବିଭିନ୍ନ ଆଇନ୍‌ରେ ପ୍ରାୟ ୨୩ଟି ସଂଶୋଧନ କରାଯାଉଛି। ବହୁତ୍ ପୁରୁଣା ଆଇନ୍, ଯାହାର ବର୍ତ୍ତମାନ କୌଣସି ଆବଶ୍ୟକତା ନାହିଁ, ସେଗୁଡିକ ସଂଶୋଧନ କରାଯାଇ, ବର୍ତ୍ତମାନ ସମୟର ଆବଶ୍ୟକତାକୁ ଦେଇ ପ୍ରସ୍ତୁତ କରାଯାଉଛି ବୋଲି ସେ କହିଥିଲେ। ଗସ୍ତ ସମୟରେ ୧୩ଟି ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷରିତ ହେବା ସହିତ ୨୭,୬୫୦ କୋଟି ଟଙ୍କାର ନିବେଶ ସୁଯୋଗ ମିଳିଛି। ଏହାଦ୍ୱାରା ୧୫,୯୦୫ ନିଯୁକ୍ତି ସୃଷ୍ଟି ହେବ। ଏହା ବ୍ୟତୀତ ୯ଟି ଇନଭେଷ୍ଟମେଣ୍ଟ ଇଣ୍ଟେଣ୍ଟ ଫାଇଲିଂ ମଧ ହୋଇଥିଲା। ଏହାଦ୍ୱାରା ୩୯,୧୩୧ କୋଟିର ଅଧିକ ନିବେଶ ସମ୍ଭାବନା ଏବଂ ୪୦,୪୩୫ ଲୋକଙ୍କ ପାଇଁ ନିଯୁକ୍ତି ସମ୍ଭାବନା ସୃଷ୍ଟି ହୋଇଛି। ଯେହେତୁ ସମସ୍ତ ଶିଳ୍ପ ପ୍ରକଳ୍ପ ଗୁଡିକୁ ମୁଁ ବ୍ୟକ୍ତିଗତ ଭାବେ ମନିଟରିଂ କରୁଛି, ସେଥିପାଇଁ ଶିଳ୍ପପତିମାନେ ଓଡ଼ିଶା ପ୍ରତି ଖୁବ୍ ଉତ୍ସାହିତ ଅଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ପୁଲିସ ଏସଆଇ ନିଯୁକ୍ତି କେଳେଙ୍କାରୀ ମାମଲା

# ବିହାରରୁ ଗିରଫ ହେଲେ ଅମିତ ଭାରତୀ

ଭୁବନେଶ୍ୱର,୨୨।୧୨(ସମିସ): ପୁଲିସ ଏସ୍‌ଆଇ ଚାକିରି ବିକ୍ରି ମାମଲାରେ ଆଉ ଜଣେ ଅଭିଯୁକ୍ତ ଅମିତ ଭାରତୀଙ୍କୁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ ବା ସିବିଆଇ ବିହାରରୁ ଗିରଫ କରିଛି। ଅମିତ ହେଲେ ଦଲାଲ୍ ନେଟ୍‌ୱର୍କର ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟିଙ୍କ ସହଯୋଗୀ। ପ୍ରଶ୍ନପତ୍ର ଲିକ୍‌ରେ ସେ କୁଆଡ଼େ ଶଙ୍କରଙ୍କ ଗୁରୁ ବୋଲି କୁହାଯାଉଛି। ୟୁପି ଏବଂ ବିହାରରେ ଶିକ୍ଷା କ୍ଷେତ୍ରରେ ହୋଇଥିବା କିଛି ଠକେଇ ମାମଲାରେ ପୂର୍ବରୁ ସେ ସମ୍ପୃକ୍ତ ଥିବା ଜଣାପଡ଼ିଛି। ପୁଲିସ ଏସ୍‌ଆଇ ପରୀକ୍ଷା ସ୍କାମ୍‌ରେ ତାଙ୍କର ବଡ଼ ଭୂମିକା ରହିଥିଲା। ପ୍ରିଣ୍ଟିଂ ବେଳେ ପ୍ରଶ୍ନପତ୍ର କିଭଳି ହାସଲ କରାଯିବ, ଏହାକୁ କିଭଳି ପରୀକ୍ଷାର୍ଥୀଙ୍କ ପାଖରେ ପହଁଞ୍ଚାଯି. ଅମିତ ଏସବୁର ଦାୟିତ୍ୱ ନେଇଥିଲେ।

**୩ ଅଭିଯୁକ୍ତଙ୍କ ସିବିଆଇ ରିମାଣ୍ଡ ଶେଷ**

ଅନ୍ୟପକ୍ଷରେ ୪ଦିନିଆ ରିମାଣ୍ଡରେ ଥିବା କ୍ରାଇମ୍ ସିଣ୍ଡିକେଟ୍‌ର ତିନି ଅଭିଯୁକ୍ତ ସିଲିକନ୍ ସିଇଓ ସୁରେଶ ନାୟକ, ପଞ୍ଚସପ୍ତର ମାଲିକ ଶଙ୍କର ପୃଷ୍ଟି ଏବଂ ମଧ୍ୟସ୍ଥ ସାଗରଙ୍କ ସିବିଆଇ ରିମାଣ୍ଡ ଅବଧି ଶେଷ ହୋଇଛି। ସେମାନେ ଜେରା ବେଳେ ଏସ୍‌ଆଇ ସ୍କାମ୍ ସମ୍ପର୍କରେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସିବିଆଇକୁ ଦେଇଛନ୍ତି। ଏହି ମାମଲାରେ କିଛି ବଡ଼ବଡିଆଙ୍କ ସମ୍ପୃକ୍ତି ରହିଥିବା ସିବିଆଇ ଜାଣିବାକୁ ପାଇଛି। ଏହି ଆଧାରରେ ଆଗାମୀ ଦିନରେ ଭୁବନେଶ୍ୱର ଅଞ୍ଚଳର ଜଣେ ବ୍ୟବସାୟୀ ଏବଂ ଜଣେ ସରକାରୀ କର୍ମଚାରୀଙ୍କ ନାମ ସାମ୍ନାକୁ ଆସିଛି ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ସୋମବାର ରିମାଣ୍ଡରେ ଥିବା ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟରେ ହାଜର କରାଯାଇଥିଲା। କୋର୍ଟ ସମସ୍ତଙ୍କୁ ଜେଲ୍ ପଠାଇ ଦେଇଛନ୍ତି।

# ନିଯୁକ୍ତି ପ୍ରକ୍ରିୟା ତ୍ୱରାନ୍ୱିତ ପାଇଁ କ'ଣ ପଦକ୍ଷେପ ନେଇଛ ଜଣାଅ: ହାଇକୋର୍ଟ

କଟକ, ୨୨।୧୨ (ସମିସ): ଓଡ଼ିଶା ପୁଲିସ ନିଯୁକ୍ତି ବୋର୍ଡ (ଓପିଆରବି) ଦ୍ୱାରା ପରିଚାଳିତ ହେଉଥିବା ପୁଲିସ ଏସ୍‌ଆଇ ନିଯୁକ୍ତି ପରୀକ୍ଷା କେଳେଙ୍କାରୀ ମାମଲାକୁ ଗୁରୁତ୍ୱର ସହ ଗ୍ରହଣ କରି ଶୁଣାଣି କରିଛନ୍ତି ହାଇକୋର୍ଟ। ଏହି ମାମଲାରେ ରାଜ୍ୟ ସରକାର ଓ ଅନ୍ୟ ପ୍ରତିପକ୍ଷଙ୍କୁ ନୋଟିସ୍ ଜାରି କରିଛନ୍ତି ଅଦାଲତ। ଏଥିସହ ପୁଲିସ ବିଭାଗରେ ବହୁ ପଦ ଖାଲି ପଡ଼ିଥିବା ବେଳେ ଏସ୍‌ଆଇ ଭଳି ଗୁରୁତ୍ୱପୂର୍ଣ୍ଣ ପଦରେ ନିଯୁକ୍ତି ପ୍ରକ୍ରିୟା ତ୍ୱରାନ୍ୱିତ ପାଇଁ କ'ଣ ପଦକ୍ଷେପ ଗ୍ରହଣ କରାଯାଇଛି, ସେନେଇ ସରକାରଙ୍କୁ ଜବାବତଲବ କରିଛନ୍ତି ହାଇକୋର୍ଟ। ଆଇନଜୀବୀ ଶିବଶଙ୍କର ମହାନ୍ତିଙ୍କ ତରଫରୁ ରୁଜୁ ଏହି ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ ଏସ. ଏସ୍ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏହି କେଳେଙ୍କାରୀ ଘଟଣାରେ ସିବିଆଇ ତଦନ୍ତ ଜାରି ରଖିଛି ବୋଲି ମାମଲା ଶୁଣାଣି ବେଳେ ସରକାରଙ୍କ ପକ୍ଷରୁ କୁହାଯାଇଥିଲା।



ନିଯୁକ୍ତି କେଳେଙ୍କାରୀ ଘଟଣା ସାମ୍ନାକୁ ଆସିବା ପରେ ନିଯୁକ୍ତି ପ୍ରକ୍ରିୟା ସ୍ଥଗିତ ରହିଥିବା ବେଳେ ଏହାକୁ ତ୍ୱରାନ୍ୱିତ କରିବା ପାଇଁ ଅଦ୍ୟାବଧି କିଛି ପଦକ୍ଷେପ ନିଆଯାଇନଥିବା ଆବେଦନକାରୀ ଦର୍ଶାଇଥିଲେ। ଆବେଦନକାରୀ ନିଜ ଆବେଦନରେ ଦର୍ଶାଇଥିଲେ ଯେ ସରକାରଙ୍କ ଗତ ୨୦୨୫ ସେପ୍ଟେମ୍ବର ୨୨ର ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଡିଓର୍ (ଏସ୍‌ଓପି)କୁ କଡ଼ାକଡ଼ି ପାଳନ ସହ ଏକ ଉଚ୍ଚକ୍ଷମତା ସମ୍ପନ୍ନ କମିଟି ତତ୍ତ୍ୱାବଧାନରେ ନିଯୁକ୍ତି ପ୍ରକ୍ରିୟା ସମ୍ପନ୍ନ କରାଯାଉ। ସାଧାରଣ ପ୍ରଶାସନ ଏବଂ ସାଧାରଣ ଅଭିଯୋଗ ବିଭାଗ ଓ ଗୃହ ବିଭାଗର ବରିଷ୍ଠ ଅଧିକାରୀମାନଙ୍କୁ ନେଇ ଏହି ଉଚ୍ଚସ୍ତରୀୟ ତଦାରଖ କମିଟି ଗଠନ କରିବାକୁ ନିର୍ଦ୍ଦେଶ ଦିଆଯାଉ। ଓଡ଼ିଶା ପୁଲିସ ନିଯୁକ୍ତି ବୋର୍ଡ ଏବଂ ରାଜ୍ୟ ସରକାରଙ୍କ ଅଧୀନରେ ଥିବା ଅନ୍ୟାନ୍ୟ ନିଯୁକ୍ତି ସଂସ୍ଥା ଦ୍ୱାରା ପରିଚାଳିତ ହେଉଥିବା ଏବଂ ଭବିଷ୍ୟତରେ ହେବାକୁ ଥିବା ନିଯୁକ୍ତି ପରୀକ୍ଷାରେ ସ୍ୱଚ୍ଛତା, ନିରପେକ୍ଷତା ଏବଂ ଏସଓପି ଅନୁପାଳନର ତଦାରଖ ଏହି କମିଟି କରୁ ବୋଲି ଆବେଦନକାରୀ ପ୍ରାର୍ଥନା କରିଛନ୍ତି।

ନିର୍ଦ୍ଧାରିତ ଏସଓପିରୁ ବିଚ୍ୟୁତି ଏବଂ ପୁଲିସ ଏସଆଇ ନିଯୁକ୍ତି ପରିଚାଳନାରେ ଅବହେଳା, ଅନିୟମିତତା ପାଇଁ ଦାୟୀ କର୍ତ୍ତୃପକ୍ଷ ଏବଂ ସଂସ୍ଥାଗୁଡ଼ିକ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ନିବେଦନ କରାଯାଇଛି। ମାମଲାରେ ସାଧାରଣ ପ୍ରଶାସନ ବିଭାଗ ସଚିବ, ଗୃହ ସଚିବ, ପୁଲିସ ଡିଜି, ଓପିଆରବି ଅଧକ୍ଷ ଓ ସିବିଆଇ ଏସପିଙ୍କୁ ପକ୍ଷଭୁକ୍ତ କରାଯାଇଛି।

ଚିଟ୍‌ଫଣ୍ଡ ଦୁର୍ନୀତି

# ଶୀଘ୍ର ଟଙ୍କା ଫେରି ପାଇବେ କ୍ଷୁଦ୍ର ଜମାକାରୀ

■ ଜାନୁଆରୀ ୩୧ ତାରିଖ ଯାଏଁ ଚାଲିବ ପ୍ରକ୍ରିୟା
■ ସୁଯୋଗ ନେବାକୁ ଅର୍ଥ ବିଭାଗର ଅନୁରୋଧ

ଭୁବନେଶ୍ୱର,୨୨।୧୨(ସମିସ): ରାଜ୍ୟ ସରକାରଙ୍କ ପକ୍ଷରୁ ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତ କ୍ଷୁଦ୍ର ଜମାକାରୀଙ୍କ ଅର୍ଥ ଫେରସ୍ତ ପ୍ରକ୍ରିୟାକୁ ବ୍ୟାପକ କରାଯାଇଛି। ଏହି ପ୍ରକ୍ରିୟାର ସୁଯୋଗ ନେବାକୁ ଅର୍ଥ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ସହ ଏହାର ସୁଯୋଗ ନେବାକୁ ଅନୁରୋଧ କରାଯାଇଛି। ଏହି ଟଙ୍କା ଫେରସ୍ତ ପ୍ରକ୍ରିୟା ଆସନ୍ତା ଜାନୁଆରୀ ୩୧ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ତେଣୁ ଜମାକାରୀମାନେ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଆବଶ୍ୟକ କାଗଜପତ୍ର ସହ ଆବେଦନ କଲେ ସେମାନଙ୍କୁ ୧୫ ଦିନ ମଧରେ ଟଙ୍କା ମିଳିବ ବୋଲି ବିଭାଗ ନିଜ ବିଜ୍ଞପ୍ତିରେ ଉଲ୍ଲେଖ କରିଛି।

ବିଜ୍ଞପ୍ତି ଅନୁଯାୟୀ, ଚିଟ୍‌ଫଣ୍ଡ ତଦନ୍ତ କମିଶନ ସୁପାରିସ କରିଥିବା ଓ ଫେରସ୍ତ ପାଇ ନ ଥିବା ସମସ୍ତ କ୍ଷୁଦ୍ର ଜମାକାରୀ ଅର୍ଥାତ୍ ୧୦,୦୦୦ ଟଙ୍କା ପର୍ଯ୍ୟନ୍ତ ଜମା କରିଥିବା ଲୋକେ ଏହାର ସୁଫଳ ପାଇବେ। ସେହିପରି ଗୋଲ୍‌ଡେନ୍ ଲ୍ୟାଣ୍ଡ ଡେଭଲପର୍ସ କମ୍ପାନୀ ସମୂହର ପ୍ରଥମ ପର୍ଯ୍ୟାୟରେ ଫେରସ୍ତ ପାଇ ନ ଥିବା ସମସ୍ତ କ୍ଷୁଦ୍ର ଜମାକାରୀ (୮,୦୦୦ ଟଙ୍କା ପର୍ଯ୍ୟନ୍ତ ଜମା କରିଥିବା ଲୋକେ ଏଥିପାଇଁ ମଧ ଯୋଗ୍ୟ ବିବେଚିତ ଅଟନ୍ତି। ନିଜ ଜିଲ୍ଲାର ସରକାରୀ ୱେବସାଇଟରେ ଫେରସ୍ତ ପାଇ ନ ଥିବା ଜମାକାରୀମାନଙ୍କର ସମ୍ପୂର୍ଣ୍ଣ ତାଲିକା ଉପଲବ୍ଧ ଅଛି। ଏତଦ୍ ବ୍ୟତୀତ ତଦନ୍ତ କମିଶନ ରିପୋର୍ଟ ପାଇଁ ଜମାକାରୀଙ୍କର ନାମ / ସତ୍ୟପାଠ ନମ୍ବର ଏବଂ ଗୋଲ୍‌ଡେନ୍ ଲ୍ୟାଣ୍ଡ ଡେଭଲପର୍ସ କମ୍ପାନୀ ପାଇଁ ଜମାକାରୀଙ୍କ ନାମ, ଆବେଦନ ନମ୍ବର ନିର୍ଦ୍ଦିଷ୍ଟ ୱେବସାଇଟରେ ଦେଇ, ସେମାନଙ୍କର ଆବେଦନପତ୍ରର ସାଂପ୍ରତିକ ସ୍ଥିତି ସମ୍ପର୍କରେ ଜାଣିପାରିବେ। ଟଙ୍କା ଫେରସ୍ତ ପାଇଁ କ୍ଷୁଦ୍ର ଜମାକାରୀମାନେ ଆବଶ୍ୟକ ଦସ୍ତାବିଜ ସହିତ ସମ୍ପୃକ୍ତ ରାଜସ୍ୱ ନିରୀକ୍ଷକଙ୍କ ପାଖରେ ଯୋଗାଯୋଗ କଲେ ୧୫ ଦିନ ମଧରେ ସେମାନଙ୍କର ଜମା ଟଙ୍କା ଫେରି ପାଇବାର ପ୍ରାବଧାନ କରାଯାଇଛି ବୋଲି ଅର୍ଥ ବିଭାଗ ସ୍ପଷ୍ଟ କରିଛି।

# ଦୁଷ୍କର୍ମକାରୀକୁ ୨୫ ବର୍ଷ ଜେଲ୍

ଅନୁଗୋଳ,୨୨।୧୨(ସମିସ): ଅନୁଗୋଳ ଅତିରିକ୍ତ ଜିଲ୍ଲା ଓ ସେସନ୍ ଜଜ୍ ସୋମବାର ଜଣେ ଦୁଷ୍କର୍ମକାରୀକୁ ୨୫ବର୍ଷ ଜେଲ୍ ଓ ୫୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ ଅଧିକ ଏକ ବର୍ଷ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ଆସାମୀଜଣଙ୍କ ହେଲା, ନାଲକୋ ହଟିଙ୍ଗରେ ରହୁଥିବା କାରି ଓରଫ ଭରତ ତିମିଆ (୨୩)।

ମାମଲାର ବିବରଣୀ ଅନୁଯାୟୀ, ମୟୂରଭଞ୍ଜ ଜିଲ୍ଲାର ଜଣେ ଯୁବତୀ ନାଲକୋ ଥାନା ଅନ୍ତର୍ଗତ ହଟିଙ୍ଗରେ ଆଜକୁ ୯ ବର୍ଷ ହେବ ରହି ଦିନମଜୁରିଆ ଭାବେ କାମ କରୁଥିଲେ। ୨୦୨୪ ଫେବ୍ରୁଆରୀ ୧୩ ତାରିଖ ରାତି ପ୍ରାୟ ୧ଟା ବେଳେ ଭରତ ସମ୍ପୃକ୍ତ ଯୁବତୀଙ୍କ ଘରେ ଜୋରଜବରଦସ୍ତ ପଶି ତାଙ୍କୁ ଦୁଷ୍କର୍ମ କରି ଫେରାର୍ ହୋଇଯାଇଥିଲା। ୧୪ ତାରିଖ ସକାଳେ ଯୁବତୀଜଣଙ୍କ ଏ ସଂପର୍କରେ ନାଲକୋ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ଭରତକୁ ଗିରଫ କରିଥିଲା। ସୋମବାର ଏହି ମାମଲାର ଚୂଡ଼ାନ୍ତ ରାୟ ପ୍ରକାଶ ପାଇଛି। ସମସ୍ତ ତଥ୍ୟ ପ୍ରମାଣ ତଥା ୮ଜଣ ସାକ୍ଷୀଙ୍କ ବୟାନ ଆଧାରରେ ଅତିରିକ୍ତ ଜିଲ୍ଲା ଓ ସେସନ ଜଜ୍ ବିରଞ୍ଚି ନାରାୟଣ ମିଶ୍ର ଭରତଙ୍କୁ ଦୋଷୀ ସାବ୍ୟସ୍ତ କରି ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ଏଥିସହ ପୀଡ଼ିତାଙ୍କୁ ୫ଲକ୍ଷ ଟଙ୍କା ଅନୁକମ୍ପା ମୂଳକ ଅର୍ଥରାଶି ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ଅତିରିକ୍ତ ପିପି ପ୍ରଦୀପ ଭୂତିଆ ଏହି ମାମଲା ପରିଚାଳନା କରୁଥିଲେ।

# ମା' ଓ ଦୁଇ ପୁଅଙ୍କ ସନ୍ଦେହଜନକ ମୃତ୍ୟୁ

## ଖାଦ୍ୟରେ ବିଷକ୍ରିୟା ନା ମାରିଦେଲେ!

ଅନୁଗୋଳ,୨୨।୧୨(ସମିସ): ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ଢେଙ୍କାନାଳ ଜିଲ୍ଲା କଣ୍ଟାବଣିଆ ଥାନା ଅସନବଣି ଗାଁର ଗୋଟିଏ ପରିବାରର ତିନିଜଣଙ୍କ ମୃତ୍ୟ ହୋଇଛି। ମୃତକମାନେ ହେଲେ, ଅସନବଣି ଗ୍ରାମର ଗୋଲାପ ସାହୁ, ତାଙ୍କ ବଡ଼ପୁଅ ଭାରତ ସାହୁ ଓ ସାନପୁଅ ଲିଟ ସାହୁ। ରବିବାର ରାତିରେ ଏମାନେ କୁକୁଡ଼ା ମାଂସ ତରକାରୀ ସାଙ୍ଗକୁ ଭାତ ଓ ପାଳଙ୍ଗ ଶାଗ ଖାଇ ଶୋଇଥିଲେ। ସକାଳେ ସମସ୍ତେ ଅସୁସ୍ଥ ହୋଇପଡ଼ିଥିଲେ। ପରିବାରଲୋକ ଓ ପଡ଼ୋଶୀ ସେମାନଙ୍କୁ ଗୁରୁତର ଅବସ୍ଥାରେ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। କିଛି ସମୟ ପରେ ଗୋଲାପ ଓ ତାଙ୍କ ଦୁଇ ପୁଅଙ୍କ ସେଠାରେ ମୃତ୍ୟୁ ହୋଇଯାଇଥିଲା। ତେବେ ଡାକ୍ତରଖାନାରେ ପହଞ୍ଚିବା ପୂର୍ବରୁ ମୃତ୍ୟୁ ହୋଇସାରିଥିଲା ବୋଲି ଏଡିଏମ୍‌ଓ କହିଛନ୍ତି।

ମୃତ୍ୟୁର କାରଣ ସ୍ପଷ୍ଟ ହୋଇନଥିବା ବେଳେ ଏହାକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ଖାଦ୍ୟରେ ବିଷକ୍ରିୟା ବା ଶ୍ୱାସରୁଦ୍ଧ ଯୋଗୁଁ ସେମାନଙ୍କ ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି। ତେବେ ଏହା ପଛରେ କିଛି ଷଡ଼୍‌ଯନ୍ତ୍ର ରହିଥିବା ଦିଗକୁ ମଧ ପୁଲିସ ଏଡ଼ାଇ ପାରୁନାହିଁ। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ କାରଣ ସ୍ପଷ୍ଟ ହେବ ବୋଲି ପୁଲିସ କହିଛି। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୁଲିସ ଅଧିକ ତଦନ୍ତ ଚଳାଇଛି।

■ ରାମକୃଷ୍ଣ ମିଶନରେ ଅଘଟଣ

# ଗଛରୁ ପଡ଼ି ଛାତ୍ର ମୃତ

ବିଷମ କଟକ, ୨୨।୧୨(ସମିସ): ରାୟଗଡ଼ା ଜିଲ୍ଲା ବିଷମକଟକ ବ୍ଲକ ଅନ୍ତର୍ଗତ ହାଟମୁନିଗୁଡ଼ା ପଞ୍ଚାୟତ ଅଞ୍ଚଳରେ ଥିବା ରାମକୃଷ୍ଣ ମିଶନ ସ୍କୁଲର ଜଣେ ଦଶମ ଶ୍ରେଣୀ ଛାତ୍ର ଆଜି ଗଛରୁ ପ୍ରାଣ ହରାଇଛି। ମୃତକ ହେଲେ, ବଂଶୀ ଦିଶାରୀ। ଘର ନବରଙ୍ଗପୁର ଜିଲ୍ଲା ପୂଜାରୀଗୁଡ଼ା ପଞ୍ଚାୟତ ଅନ୍ତର୍ଗତ ବୁଟିପଦର ଗ୍ରାମରେ। ସୂଚନାନୁଯାୟୀ, ଆଜି ମଧାହ୍ନରେ ବଂଶୀ ମିଶନ୍ ପରିସରରେ ଥିବା ଏକ ଆମ୍ବଗଛରେ ଚଢ଼ିଥିବା ବେଳେ ଅସାବଧାନତାବଶତଃ ତଳକୁ ଖସି ପଡ଼ିଥିଲା। ସ୍କୁଲ କର୍ତ୍ତୃପକ୍ଷ ତାକୁ ଉଦ୍ଧାର କରି ବିଷମକଟକ ଖ୍ରୀଷ୍ଟୀୟାନ୍ ହସ୍ପିଟାଲରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରିବାରଲୋକ ପହଞ୍ଚିବା ପରେ ଶବ ବ୍ୟବଚ୍ଛେଦ କରାଯିବ ବୋଲି ମୁନିଗୁଡ଼ା ଥାନାଧିକାରୀ ସୌଦାମିନୀ ବେହେରା ସୂଚନା ଦେଇଛନ୍ତି।



# ମତ୍ସ୍ୟଜୀବୀଙ୍କୁ ବିପଦ ଦେବୀମୁହାଣ

## ବାଲିକୁଦରେ ପିଟି ହୋଇ ଟ୍ରଲର୍ ବୁଡ଼ିଗଲା; ବର୍ତ୍ତିଗଲେ ୭

■ ମୁହାଣ ପୋତି ହୋଇଗଲାଣି; ଖୋଲା ହେଉନି
■ ସମୁଦ୍ରରୁ ମାଛ ଧରି ଫେରିବା ସମୟରେ ଅଘଟଣ

ଅସ୍ତରଙ୍ଗ, ୨୨।୧୨ (ସମିସ): ମତ୍ସ୍ୟଜୀବୀଙ୍କ ପାଇଁ ବିପଦ ସାଜିଛି ଅସ୍ତରଙ୍ଗସ୍ଥିତ ଦେବୀନଦୀ ମୁହାଣ। ମୁହାଣ ପୋତି ହୋଇଯିବାରୁ ଡଙ୍ଗାବୁଡ଼ି ଭଳି ଅଘଟଣ ବାରମ୍ବାର ଘଟୁଛି। ରବିବାର ରାତିରେ ପୁଣିଥରେ ଏପରି ଏକ ଦୁର୍ଘଟଣା ଘଟିଛି। ମା' କାଳୀ ନାମକ ଟ୍ରଲର ସମୁଦ୍ରରୁ ମାଛ ଧରି ନୂଆଗଡ଼ ଜେଟିକୁ ଫେରୁଥିବା ବେଳେ ମୁହାଣ ନିକଟରେ ମାଛ ଧରିବା ପାଇଁ ପଡ଼ିଥିବା ଜାଲ ଟ୍ରଲର୍‌ର ପଙ୍ଖାରେ ଗୁଡ଼େଇ ହୋଇଯାଇଥିଲା। ଫଳରେ ଲହଡ଼ି ମାଡ଼ରେ ଟ୍ରଲର୍‌ଟି ଭାସିଭାସି ମୁହାଣ ନିକଟରେ ରହିଥିବା ବାଲିକୁଦରେ ପିଟି ହୋଇ କଣା ହୋଇଯାଇଥିଲା। ଫଳରେ ସେଥିରେ ପାଣି ପଶି ବୁଡ଼ିବା ଆରମ୍ଭ କରିଥିଲା। ଟ୍ରଲର୍‌ରେ ରହିଥିବା ୭ଜଣ କ୍ରୁ-ମେମ୍ବର ଅନ୍ଧାର ରାତିରେ ଜୀବନ ବିକଳରେ ଟ୍ରଲର୍ ଛାତ ଉପରକୁ ଚଢ଼ିଯାଇଥିଲେ। ଆଖପାଖରେ ମାଛ ଧରୁଥିବା ଅନ୍ୟ ମତ୍ସ୍ୟଜୀବୀମାନେ ଅନ୍ୟ ଏକ ଟ୍ରଲର୍ ସାହାଯ୍ୟରେ ସେମାନଙ୍କୁ ଉଦ୍ଧାର କରିବା ପାଇଁ ଯାଇଥିଲେ ହେଁ ମୁହାଣ ଭିତରେ ଯାଇ ନପାରି ଫେରି ଆସିଥିଲେ। ପରେ ମୋଟର ଡଙ୍ଗା ନେଇ ଯାଇଥିବା କେତେକ ମତ୍ସ୍ୟଜୀବୀ ଟ୍ରଲର ନିକଟରେ ପହଞ୍ଚି ସମସ୍ତ ୭ ମତ୍ସ୍ୟଜୀବୀଙ୍କୁ ଉଦ୍ଧାର କରିଥିଲେ।



ଅସ୍ତରଙ୍ଗ ଅଞ୍ଚଳରେ ରହିଥିବା ପ୍ରାୟ ୧୦ହଜାର ମତ୍ସ୍ୟଜୀବୀ ପରିବାର ଦେବୀନଦୀ ଓ ସମୁଦ୍ର ଉପରେ ନିର୍ଭରଶୀଳ। ସେମାନେ ଟ୍ରଲର ଏବଂ ମୋଟର ଡଙ୍ଗା ମାଧମରେ ସମୁଦ୍ରରୁ ମାଛ ଧରି ପରିବାର ପ୍ରତିପୋଷଣ କରିଥା'ନ୍ତି। ସମୁଦ୍ର ମଧକୁ ଯିବା ପାଇଁ ଏକମାତ୍ର ରାସ୍ତା ହେଉଛି ଦେବୀ ନଦୀ ମୁହାଣ। ଏହି ମୁହାଣ ଦେଇ ପ୍ରତିଦିନ ବହୁ ସଂଖ୍ୟାରେ ଟ୍ରଲର୍, ମୋଟର ଡଙ୍ଗା ଯିବାଆସିବା କରିଥାଏ। ଏହି ନଦୀମୁହାଣ ଏଠିକା ମତ୍ସ୍ୟଜୀବୀମାନଙ୍କ ଜୀବନଜୀବିକାର ଏକମାତ୍ର ରାସ୍ତା କହିଲେ ବି ଅତ୍ୟୁକ୍ତି କିମ୍ବା ଅତିଶୟୋକ୍ତି ହେବ ନାହିଁ। କିନ୍ତୁ, ପ୍ରତିବର୍ଷ ଏହି ମୁହାଣ ପୋତି ହୋଇ ଚାଲିଥିବା ବେଳେ ସାମୁଦ୍ରିକ ମତ୍ସ୍ୟ ବିଭାଗ ନିରବ ସାଜିଛି। ବାରମ୍ବାର ଅଭିଯୋଗ ପରେ ମଧ ମୁହାଣ ଖୋଲିବାକୁ ବିଭାଗ ଆଗ୍ରହ ପ୍ରକାଶ କରୁନାହିଁ। ଏଥିଯୋଗୁଁ ଏହି ମୁହାଣ ଏବେ ଏଠିକା ମତ୍ସ୍ୟଜୀବୀଙ୍କ ପାଇଁ ବିପଦ ପାଲଟିଛି। ପୂର୍ବରୁ ଏହି ମୁହାଣ ଦେଇ ଟ୍ରଲର ଏବଂ ମୋଟର ଡଙ୍ଗା ସମୁଦ୍ର ମଧକୁ ଯିବା ସମୟରେ ଅନେକ ସମୟରେ ଦୁର୍ଘଟଣାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ପ୍ରତିବର୍ଷ ଏହି ମୁହାଣ ନିକଟରେ ଏକାଧିକ ଟ୍ରଲର ଏବଂ ମୋଟର ଡଙ୍ଗା ବାଲିକୁଦରେ ପିଟି ହୋଇ ଭାଙ୍ଗିଯିବା ସହ ମୁହାଣଠାରେ ବୁଡ଼ିଯାଇ ସମୁଦ୍ର ଗର୍ଭରେ ଲୀନ ହୋଇଯାଇଥିବାର ନଜିର ବି ରହିଛି। ଅସ୍ତରଙ୍ଗ ଅଞ୍ଚଳର ସମାଜସେବୀ ଲକ୍ଷ୍ମୀଧର ବିଶ୍ୱାଳ ସୋମବାର ଦେବୀ ନଦୀ ମୁହାଁଣକୁ ଖୋଲିବା ପାଇଁ ସାମୁଦ୍ରିକ ମତ୍ସ୍ୟ ବିଭାଗ ନିକଟରେ ଦାବି ଜଣାଇଛନ୍ତି। ତେବେ ଦେଖିବାକୁ ବାକି ରହିଲା ଦେବୀ ମୁହାଁଣକୁ ସରକାର କେବେ ଖୋଲିବେ ଏବଂ ହଜାର ହଜାର ମତ୍ସ୍ୟଜୀବୀଙ୍କୁ ସୁରକ୍ଷା ଯୋଗାଇଦେବେ।



# ଭୋଗରାଇ ବନ୍ୟାଞ୍ଚଳ ପରିଦର୍ଶନ କଲେ ମୁଖ୍ୟଯନ୍ତ୍ରୀ ଓ ବୈଷୟିକ ଟିମ୍

ବାଲେଶ୍ୱର(ଉତ୍ତର)/ ଭୋଗରାଇ,୨୨।୧୨(ସମିସ)



**ଭୋଗରାଇ ବିଧାୟକଙ୍କ ସହ ଆଲୋଚନା**

ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକର ବନ୍ୟା କ୍ଷତିଗ୍ରସ୍ତ ବିଭିନ୍ନ ଅଞ୍ଚଳକୁ ଆଜି ଜଳ ସମ୍ପଦ ବିଭାଗର ମୁଖ୍ୟଯନ୍ତ୍ରୀ ଚିତ୍ତ ରଞ୍ଜନ ଭୂୟାଁଙ୍କ ନେତୃତ୍ୱରେ ଏକ ବୈଷୟିକ ଟିମ୍ ଗସ୍ତ କରିଛନ୍ତି। ଏହି ଟିମ ଗସ୍ତ ସମୟରେ ଗୋଛିଦା ସ୍ଲୁଇସ ଠାରୁ ସନ୍ତୋଷପୁର ଛକ ପର୍ଯ୍ୟନ୍ତ ବନ୍ଧ ନିର୍ମାଣ, ନଥିପୁର ଠାରୁ ସନ୍ତୋଷ ପୁର ପର୍ଯ୍ୟନ୍ତ କଂକ୍ରିଟ ଗାର୍ଡୱାଲ ନିର୍ମାଣ, ମନୁନଗର ଠାରେ ସୁବର୍ଣ୍ଣରେଖା ନଦୀତଟ ସ୍ୱର ର ମରାମତି ଆଦି ବିଭିନ୍ନ ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନ ପରିଦର୍ଶନ କରିଥିଲେ। ଏହି ଗସ୍ତ ବେଳେ ବିଧାୟକ ଗୌତମବୁଦ୍ଧ ଦାସ ଉପସ୍ଥିତ ରହି ମୁଖ୍ୟଯନ୍ତ୍ରୀଙ୍କ ସହ ଟିମ୍‌ର ସଦସ୍ୟ ମାନଙ୍କ ସହ ଆଲୋଚନା କରିଥିଲେ। ସୂଚନାଯୋଗ୍ୟ ଯେ ଉତ୍ତର ବାଲେଶ୍ୱର ଦୁଃଖ କୁହାଯାଉଥିବା ଚିରସ୍ରୋତା ସୁବର୍ଣ୍ଣରେଖା ନଦୀରେ ପ୍ରତି ବର୍ଷ ବନ୍ୟା ଆସିବା କାରଣରୁ ଉତ୍ତର ଭୋଗରାଇର ୧୬ଟି ପଞ୍ଚାୟତର ୪୦ରୁ ଅଧିକ ଗ୍ରାମର ଲୋକେ ଦୁର୍ଦ୍ଦଶା ଭୋଗୁଛନ୍ତି। ସବୁଠାରୁ ନଦୀ ତଟବର୍ତ୍ତୀ ଖରିଦ୍ ପିପଳ ଓ ଆରୁହାବୃତ୍ତି ପଞ୍ଚାୟତର ୧୦ରୁ ଅଧିକ ଗାଁ ଅଧିକ ପ୍ରଭାବିତ ହେଉଛି। ନଦୀତଟରେ ସୁରକ୍ଷା ବନ୍ଧ ନଥିବାରୁ ପ୍ରତିଥର ବନ୍ୟାରେ ନଦୀ ଗତିପଥ ପରିବର୍ତ୍ତନ କରୁଥିବାରୁ ଜନପଦ ପ୍ରତି ବିପଦ ସୃଷ୍ଟି କରିଛି। ଅନ୍ୟପକ୍ଷରେ ବନ୍ୟା ପ୍ରଭାବିତ ଉତ୍ତର ଭୋଗରାଇର କେତୋଟି ପଞ୍ଚାୟତକୁ ବନ୍ୟା ଦାଉରୁ ସୁରକ୍ଷା ଦେବା ଲାଗି ସୁବର୍ଣ୍ଣରେଖା ମୁଖ୍ୟ ନଦୀବନ୍ଧର ଗୁଛିଦା ସ୍ଲୁଇସ୍ ଠାରୁ ହୁଡ଼ାପାଳ ଗାଁ ପର୍ଯ୍ୟନ୍ତ ପ୍ରାୟ ୭୦୦ ମିଟର ରାସ୍ତାକୁ ଉଚା କରି ନିର୍ମାଣ କରିବା କିମ୍ବା ଓପନ୍ ବ୍ରିଜ୍ ନିର୍ମାଣ କରିବାକୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ଦାବି କରିଆସୁଛନ୍ତି। ଅନ୍ୟପକ୍ଷରେ ବିଧାୟକ ଭୋଗରାଇ ବିଧାୟକ ଶ୍ରୀ ଦାସ କିଛି ଦିନ ପୂର୍ବରୁ ଏହି ସମସ୍ୟା ନେଇ ଜଳସମ୍ପଦ ବିଭାଗର ଇଞ୍ଜିନିୟର ଇନ୍ ଚିଫ୍ ଚନ୍ଦ୍ରଶେଖର ପାଢ଼ୀଙ୍କୁ ଭେଟି ଆଲୋଚନା କରିବା ସହ ତାଙ୍କୁ ଦାବିପତ୍ର ମଧ୍ୟ ପ୍ରଦାନ କରିଥିଲେ। ପରେ ପୁଣି ଶ୍ରୀ ଦାସ ଶୀତକାଳୀନ ଅଧିବେଶନରେ ମଧ୍ୟ ବିଧାନ ସଭାରେ ପ୍ରଶ୍ନ ଉତ୍ଥାପନ କରିଥିଲେ। ଆଜି ଇଞ୍ଜିନିୟରିଂ ଇନ ଚିଫ୍‌ଙ୍କ ନିର୍ଦ୍ଦେଶ କ୍ରମେ ମୁଖ୍ୟ ଯନ୍ତ୍ରୀ ଶ୍ରୀ ଭୂୟାଁଙ୍କ ନେତୃତ୍ୱରେ ଏକ ଉଚ୍ଚ ସ୍ତରୀୟ ବୈଷୟିକ ଟିମ୍ ଏଠାକୁ ଆସି ପ୍ରସ୍ତାବିତ ସମସ୍ତ ପ୍ରକଳ୍ପ ଅଞ୍ଚଳ ବୁଲି ଅନୁଧ୍ୟାନ କରି ଫେରିଛନ୍ତି। ଏହି ଗସ୍ତ ସମୟରେ ଭୋଗରାଇ ବ୍ଲକ ଅଧକ୍ଷ ପ୍ରବୀର କୁମାର ଗିରି, ଜଳସେଚନ ଏସ. ସି. ବିକ୍ରମ କେଶରୀ ମଲ୍ଲିକ, ଏସଡିଓ ପ୍ରିୟବ୍ରତ ସିଂ, ଡ୍ରେନେଜ ଏସ. ଡି. ଓ. ଇରାକ ବେହେରା, ଏ. ଇ. ପ୍ରମଥ କୁମାର ଦେ, ଡାକ୍ତର ସିଂ, ଜେ. ଇ. ହରିନାରାୟଣ ପ୍ରାମାଣିକ, ଜିଲ୍ଲା ପରିଷଦ ସଦସ୍ୟ ଗିରିଶ କୁମାର ଦତ୍ତ, ପଞ୍ଚାୟତ ସମିତି ସଦସ୍ୟା ଅଞ୍ଜଳି ଜେନା, ସରପଞ୍ଚ ଗୀତାରାଣୀ ଜେନା, ସୁବର୍ଣ୍ଣରେଖା ବନ୍ୟା ବିପନ୍ନ ମଞ୍ଚର ଆବାହକ ରାଜକିଶୋର ଜେନା, ଆଇନଜୀବୀ ସପନ କୁମାର ଦେ, ଲକ୍ଷ୍ମୀଧର ଦେ, ଯୋଗେନ୍ଦ୍ର ନାଥ ପାଳ, ଦେବେନ୍ଦ୍ର ଖିଲାର, ରାମଚନ୍ଦ୍ର ଜେନା, ବ୍ରଜକିଶୋର ପାଳ, ଅନନ୍ତ ସାମଲ, ଜୟନ୍ତ ଜେନା, ପ୍ରଦୀପ ବାରିକ ପ୍ରମୁଖଙ୍କ ସହିତ ବନ୍ୟା ବିପନ୍ନ ମଞ୍ଚର ଶତାଧିକ ସ୍ଥାନୀୟ ଅଞ୍ଚଳବାସୀ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିବା ସହିତ ତୁରନ୍ତ କାର୍ଯ୍ୟାନ୍ୱୟନ ପାଇଁ ଦାବି କରିଥିଲେ।

## ସିପିଏମ୍ ତରଫରୁ ବିକ୍ଷୋଭ




ଜଳେଶ୍ୱର / ଜଳେଶ୍ୱର ବ୍ଲକ,୨୨।୧୨(ସମିସ): ସବୁଠାରୁ ଲୋକାଭିମୁଖୀ ଏବଂ ଗ୍ରାମାଞ୍ଚଳର ଶ୍ରମଜୀବୀ ମଣିଷକୁ କାମ ଯୋଗାଇ ଦେବା ପାଇଁ ୨୦୦୫ ମସିହାରେ ସମସ୍ତ ରାଜନୈତିକ ଦଳର ସମର୍ଥନରେ ପାର୍ଲ୍ୟାମେଣ୍ଟରେ ଗୃହୀତ ନିଶ୍ଚିତ ଗ୍ରାମୀଣ ନିଯୁକ୍ତି ଯୋଜନାକୁ ବର୍ତ୍ତମାନର କେନ୍ଦ୍ର ସରକାର ବନ୍ଦ କରିଦେବା ପାଇଁ ନିଷ୍ପତ୍ତି ନେବା କେବଳ ଅଗଣତାନ୍ତ୍ରିକ ଓ ଅସାମ୍ବିଧାନିକ ନୁହେଁ ଗ୍ରାମରେ ବସବାସ କରୁଥିବା ଖଟିଖିଆ ଦିନ ମଜୁରିଆଙ୍କ ପେଟକୁ ନାତ ଦେବା ସହିତ ସମାନ ବୋଲି ସିପିଏମ ଜଳେଶ୍ୱର ଆଞ୍ଚଳିକ କମିଟି ତରଫରୁ ଅଭିଯୋଗ କରାଯାଇଛି। ଜଳେଶ୍ୱର ହାଟ ଛକଠାରେ ଦଳର ଜିଲ୍ଲା କମିଟି ସଦସ୍ୟ ଦିଲ୍ଲୀପ କୁମାର ଗିରିଙ୍କ ସଭାପତିତ୍ୱରେ ଆୟୋଜିତ ଏକ ପ୍ରତିବାଦ ସଭାରେ ବିଶିଷ୍ଟ ବାମପନ୍ଥୀ ନେତା ସୀତାଂଶୁ ସେନାପତି, ଜିଲ୍ଲା ନେତା ଦୀପ୍ତିମାନ ଆଚାର୍ଯ୍ୟଙ୍କ ସମେତ ପଲ୍ଟୁ ଦାସ, ଦିଲ୍ଲୀପ ପରିଡ଼ା, ଆରତୀ ପଲାଇ, ସବିତା ଭୂୟାଁ, ଅରୁଣ ଜେନା, ଲକ୍ଷ୍ମୀଧର ପଲାଇ, ସୁଶାନ୍ତ ରାଉତ, ଅବଦୁଲ ଜିଲାନୀ ଖାଁ ପ୍ରମୁଖ ତୀବ୍ର ସମାଲୋଚନା କରିବା ସହିତ ବିଧେୟକ ଜରିଆରେ ଗୃହୀତ ଏଭଳି ଜନବିରୋଧୀ ବିଲ୍‌ର ନକଲକୁ ପୋଡ଼ା ଯାଇଥିଲା।

## ଭରସା ହରାଉଛି ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା

**ବନ୍ୟା ପ୍ରଭାବିତ ଚାଷୀ ସହାୟତା ରାଶି ପାଇବାରୁ ବଞ୍ଚିତ**

ରେମୁଣା,୨୨।୧୨(ସମିସ): ବାଲେଶ୍ୱର ଜିଲ୍ଲାର ରେମୁଣା ବ୍ଲକ୍ ଅନ୍ତର୍ଗତ ବଡ଼ପାଳ ସେବା ସମବାୟ ସମିତିର ଚାଷୀମାନେ ଗତ ୨୦୨୩-୨୪ ବର୍ଷର ଖରିଫ ଚାଷ ପାଇଁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ଫସଲ ବୀମା କରିଥଲେ । ଉକ୍ତ ସେବା ସମବାୟ ସମିତିର ବଡ଼ପାଳ ଏବଂ କଲ୍ୟାଣପୁର ପଞ୍ଚାୟତ ବନ୍ୟା ପ୍ରଭାବିତ ହୋଇଥିବାରୁ ପ୍ରତିବର୍ଷ ଚାଷରେ ଅନେକ କ୍ଷୟକ୍ଷତି ହୋଇଥାଏ। ଉକ୍ତ ବର୍ଷ ମଧ୍ୟ ବନ୍ୟା ପାଇଁ ଉଭୟ ପଞ୍ଚାୟତରେ ଚାଷୀକୂଳ ନିଜର ଚାଷ ହରାଇଥିଲେ। ଏ ନେଇ କୃଷି ବିଭାଗ, ରାଜସ୍ୱ ବିଭାଗ, ପରିସଂଖ୍ୟାନ ବିଭାଗ ଏବଂ ବୀମା କମ୍ପାନୀ ତରଫରୁ ମିଳିତ କ୍ରପ କଟିଂ କରାଯାଇ ଶସ୍ୟ ଉତ୍ପାଦନର ମୂଲ୍ୟାଙ୍କନ କରାଯାଇଥିଲା। ଏ ବାବଦରେ ଉଭୟ ପଞ୍ଚାୟତର ଚାଷୀକୁଳ ବାରମ୍ବାର ସରକାରୀ କାର୍ଯ୍ୟାଳୟର ଦ୍ୱାରସ୍ଥ ହେବା ସହ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଯାଇଥିଲେ। ହେଲେ ଏ ପର୍ଯ୍ୟନ୍ତ କୌଣସି ସୁଫଳ ପାଇଲେ ନାହିଁ ବୋଲି ବଡ଼ପାଳ ଗ୍ରାମ ପଞ୍ଚାୟତର ଚାଷୀ ନିରଞ୍ଜନ ବେହେରା, ପରମାନନ୍ଦ ବାରିକ, ଦାମୋଦର ବିଶ୍ୱାଳ, ଶ୍ରୀନାଥ ଦାସ, ଶ୍ରୀନାଥ ମହାନ୍ତି, ମାୟାଧର ମାଝୀ, ଭରତ ଚଣ୍ଡ, ମଧୁସୂଦନ ଚଣ୍ଡ, ପ୍ରଭାକର ମହାଳିକ, ସୁଶାନ୍ତ ପଢ଼ିଆରୀ, ନୟନ କୁମାର ପଣ୍ଡା, ଶଶିକାନ୍ତ ମହାର୍ଣ୍ଣା, ଭବାନୀଶଙ୍କର ପତି, ଦୁଷ୍ମନ୍ତ ପଣ୍ଡା, ସୁରେନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ଅଭିଯୋଗ କରିଛନ୍ତି।

## ରୋଷେଇ ନିଆଁରୁ ଜଳିଗଲା ଦୁଇ ବଖରା

ସୋର, ୨୨।୧୨(ସମିସ): ସୋର ବ୍ଲକ ଜଡିଦା ପଞ୍ଚାୟତ ଆଡିଆ ଗ୍ରାମରେ ରୋଷେଇ ନିଆଁରୁ ଅଗ୍ନିକାଣ୍ଡ ଘଟି ଦୁଇ ବଖରା ଘର ଜଳି ଯିବା ସହିତ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡି ଯାଇଛି। ଏହି ଗ୍ରାମର ଯୁଧିଷ୍ଠିର ମହାନ୍ତିଙ୍କ ଘରେ ପୂର୍ବାହ୍ନରେ ରୋଷେଇ କରାଯାଉଥିବା ବେଳେ ଅସାବଧାନତାବଶତଃ ଘରେ ନିଆଁ ଲାଗିଯାଇଥିଲା। ଏହା ଦେଖି ସ୍ଥାନୀୟ ଲୋକେ ନିଆଁକୁ ଆୟତ୍ତ କରିବା ସହିତ ସୋର ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ସୋର ଅଗ୍ନିଶମ ବିଭାଗର ଏକ ଦମକଳ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। କିନ୍ତୁ ଦମକଳ ଘଟଣାସ୍ଥଳରେ ପହଞ୍ଚିବା ସତ୍ତ୍ୱେ ଅଣଓସାରିଆ ରାସ୍ତା ପାଇଁ ଗ୍ରାମ ମଧ୍ୟକୁ ପ୍ରବେଶ କରି ପାରି ନ ଥିଲା। ଦୀର୍ଘ ସମୟ ପରେ ଦମକଳ ଚାଳକଙ୍କ ଉପସ୍ଥିତ ବୁଦ୍ଧି ପାଇଁ ବହୁ କଷ୍ଟରେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଗ୍ରାମବାସୀଙ୍କ ଉପସ୍ଥିତ ବୁଦ୍ଧି କାରଣରୁ ନିକଟରେ ଥିବା ଅନ୍ୟ ଘର ଗୁଡିକ ରକ୍ଷା ପାଇ ଯାଇଥିଲା।



## ସୁବର୍ଣ୍ଣରେଖା ସାଂସ୍କୃତିକ ବିକାଶ ପରିଷଦ ପୁନର୍ଗଠିତ

କାଳିପଦା, ୨୨।୧୨ (ସମିସ): ୧୯୯୭ ମସିହାରେ ଗଠିତ ସୁବର୍ଣ୍ଣ ରେଖା ସାଂସ୍କୃତିକ ବିକାଶ ପରିଷଦ ସୋମବାର ଏସ କେ ଜି ଟ୍ରଷ୍ଟ ପରିସରରେ ପୁନର୍ଗଠିତ ହୋଇଛି। ସରକାରୀ ପଞ୍ଜିକୃତ ଏହି ସାରସ୍ୱତ ଅନୁଷ୍ଠାନ ୨୦୦୪ ମସିହାରେ ବନ୍ଦ ହୋଇ ଯାଇଥିଲା। ଏହାର ମୁଖପତ୍ର ସ୍ୱର୍ଣ୍ଣଭୂମି ପତ୍ରିକା ପ୍ରକାଶନ ମଧ୍ୟ ବନ୍ଦ ହୋଇ ଯାଇଥିଲା। ପୁନର୍ଗଠିତ ଏହି ପରିଷଦରେ ବର୍ଷୀୟାନ ସାରସ୍ୱତ ସାଧକ ସୁବାସ ଚନ୍ଦ୍ର ଚୌଧୁରୀ ସଭାପତି, ଯୁବ କବି ନଳିନୀକାନ୍ତ ପାଢ଼ୀ ଉପ ସଭାପତି, ଅଧ୍ୟାପକ ସୁକାନ୍ତ କୁମାର ଗିରି ସମ୍ପାଦକ, ଗାନ୍ଧିବାଦୀ ସନ୍ୟାସୀ ବେହେରା ସହ ସଂପାଦକ ଓ କବି କାର୍ତ୍ତିକ ସେଠି କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଛନ୍ତି। ସାରସ୍ୱତ ଜାଗରଣ, ପ୍ରତିଭା ଅନ୍ୱେଷଣ, ପୁସ୍ତକ ଓ ପତ୍ର ପତ୍ରିକା ପ୍ରଶାସନ, ଓଡ଼ିଆ ଭାଷାର ସୁରକ୍ଷା ପାଇଁ ପରିଷଦ ଏଣିକି କାର୍ଯ୍ୟ କରିବ ବୋଲି ସଭାପତି ସୁବାସ ଚନ୍ଦ୍ର ଚୌଧୁରୀ ସୂଚନା ଦେଇଛନ୍ତି। ଆସନ୍ତା ଇଂରାଜୀ ନବ ବର୍ଷ ଉପଲକ୍ଷେ ପରିଷଦ ପକ୍ଷରୁ ଚୌମୁଖ ବେଳାଭୂମିରେ ସାହିତ୍ୟ ଉତ୍ସବ ଓ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବା ସଭାପତି ଚୌଧୁରୀ ମଧ୍ୟ ପ୍ରକାଶ କରିଛନ୍ତି।

## ଓଲମରା ଉଚ୍ଚ ବିଦ୍ୟାଳୟରେ ପଞ୍ଚରତ୍ନଙ୍କ ପ୍ରତିମୂର୍ତ୍ତି ଅନାବରଣ




ଜଳେଶ୍ୱର ବ୍ଲକ, ୨୨।୧୨(ସମିସ): ସରକାରୀ ଉଚ୍ଚ ବିଦ୍ୟାଳୟ ଓଲମରାର ପ୍ରଧାନ ଶିକ୍ଷକ ମଙ୍ଗଲ ମାରାଣ୍ଡିଙ୍କ ନେତୃତ୍ୱରେ ଓ ଉତ୍କଳ ସ୍ୱାଭିମାନ ମଞ୍ଚ ପୁରୀ ସହଯୋଗରେ ବିଦ୍ୟାଳୟରେ ପାଞ୍ଚ ଜଣ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ଅନାବରଣ ହୋଇଛି। ପ୍ରାକ୍ତନ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ପ୍ରଦୀପ କୁମାର ଦାସଙ୍କ ସହାୟତାରେ ବ୍ୟାସକବି ଫକୀରମୋହନ ସେନାପତି, ପ୍ରାକ୍ତନ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଡ. ନିରଞ୍ଜନ ସାହୁଙ୍କ ସହାୟତାରେ ଉତ୍କଳମଣି ଗୋପବନ୍ଧୁ ଦାସ, ଉତ୍କଳ ସ୍ୱାଭିମାନ ମଞ୍ଚ ପୁରୀର ସଭାପତି ରାଧାକାନ୍ତ ଦାଶଙ୍କ ସହାୟତାରେ ଉତ୍କଳ ଗୌରବ ମଧୁସୂଦନ ଦାସ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ହିମାଂଶୁ ଶେଖର ପଣ୍ଡାଙ୍କ ସହାୟତାରେ ଭକ୍ତକବି ଦୀନକୃଷ୍ଣ ଦାସ ଏବଂ ଆମ ବିଦ୍ୟାଳୟର ପରିବାର ତରଫରୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତି ଅନାବରଣ ହୋଇଛି। ଆଜିର ଅନାବରଣ ଉତ୍ସବରେ ଆୟୋଜିତ ସଭାରେ ସଭାପତିତ୍ୱ କରିଥିଲେ ରାଧାକାନ୍ତ ଦାସ, ମୁଖ୍ୟ ଅତିଥି ପ୍ରଦୀପ କୁମାର ଦାସ ଏବଂ ମୁଖ୍ୟ ବକ୍ତା ଭାବେ ହିମାଂଶୁ ଶେଖର ପଣ୍ଡା ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ଭାବେ ଚଣ୍ଡୀ ପ୍ରସାଦ ଦାସ ଆଲୁମିନି ସଭାପତି, ତାପସ କୁମାର ଦତ୍ତ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି, ପ୍ରାକ୍ତନ ପ୍ରଧାନ ଶିକ୍ଷକ ଚନ୍ଦ୍ର ମୋହନ କାପୁଡ଼ି, ସଞ୍ଜୟ କୁମାର ବେହେରା, ଆଲୁମିନି ସଭ୍ୟ ଯତୀନ୍ଦ୍ର ନାଥ ମହାନ୍ତି, ମୋତିଲାଲ ଅଧିକାରୀ, ଅଚିନ୍ତ ନାରାୟଣ ଜେନା, ଧୀରେନ୍ଦ୍ର ନାଥ ଦତ୍ତ, ଯହାରଲାଲ ଅଧିକାରୀ, ଏବଂ ମମତା ଜେନା ମଞ୍ଚରେ ଉପସ୍ଥିତ ଥିଲେ। ପ୍ରଧାନ ଶିକ୍ଷକ ପ୍ରଥମେ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ସହକାରୀ ଶିକ୍ଷକ ନାରାୟଣ ପାଇକରାୟ ମଞ୍ଚ ଆହ୍ୱାନ କରିଥିଲେ ଏବଂ ବିଶେଶ୍ୱର ଘଡେଇ ଶେଷରେ ଧନ୍ୟବାଦ୍ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଆମ ବିଦ୍ୟାଳୟ ପରିବାରର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ, ଅଣଶୈକ୍ଷିକ କର୍ମଚାରୀ, ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟ ସଭ୍ୟା, ଆଲୁମିନି କମିଟିର ସଭ୍ୟ ଏବଂ ବିଦ୍ୟାଳୟର ଛାତ୍ରଛାତ୍ରୀ ପୂର୍ଣ୍ଣ ସହଯୋଗ କରିଥିଲେ।

## କୁଲଡିହା ରେଞ୍ଜରଙ୍କ ମନମାନି ବିରୋଧରେ ୨୬ରୁ ଧାରଣା

ନୀଳଗିରି, ୨୨।୧୨ (ସମିସ): କୁଲଡିହା ରେଞ୍ଜରଙ୍କ ମନମାନି କାର୍ଯ୍ୟ ବିରୁଦ୍ଧରେ ଭିଟାମାଟି ଓ ଜୀବନ ଜୀବିକା ସୁରକ୍ଷା ମଞ୍ଚ ପକ୍ଷରୁ ଆସନ୍ତା ୨୬ ତାରିଖରୁ କୁଲଡିହା ରେଞ୍ଜର ଅଫିସ ସମ୍ମୁଖ ଧାରଣା ଦିଆଯିବ ବୋଲି ଜୀବନ ଜୀବିକା ସୁରକ୍ଷା ମଞ୍ଚ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଅଭୟାରଣ୍ୟରେ ବସବାସ କରୁଥିବା ଆଦିବାସୀ ଲୋକମାନଙ୍କ ଉପରେ ରେଞ୍ଜର ବିନା ଦୋଷରେ ଅକଥନୀୟ ଅତ୍ୟାଚାର କରୁଛନ୍ତି। କଇମହୁଡ଼ି ଗ୍ରାମ ର ମକରା ସୋରେନ ନିଜର ଗାଈ ଖୋଜିବା ପାଇଁ ବଣ ଭିତରକୁ ଯାଇଥିବା ବେଳେ ସେଠାରେ ଗୟଳ ତାକୁ ଆକ୍ରମଣ କରି ମାରିଦେଇଛି। ବର୍ତ୍ତମାନ ସୁଦ୍ଧା ବନବିଭାଗ ତରଫରୁ କୌଣସି କ୍ଷତିପୂରଣ ମିଳିନାହିଁ। ଯଦି ବନ୍ୟ ଜନ୍ତୁ କୌଣସି ମଣିଷ କୁ ମାରିଦିଏ ସରକାର ତାକୁ କ୍ଷତିପୂରଣ ଦେବା ପାଇଁ ଆଇନ୍ ରହିଛି। ତେଣୁ ସେଇ ଆଇନ୍ ବଳରେ ମକରା ସୋରେନକୁ କ୍ଷତିପୂରଣ ଦେବାକୁ ଭିଟାମାଟି ଓ ଜୀବନ ଜୀବିକା ସୁରକ୍ଷା ମଞ୍ଚ ପକ୍ଷରୁ ଦାବୀ କରାଯାଇଛି। ଉକ୍ତ ଦୁଇଟି ଦାବି ନେଇ ଭିଟାମାଟି ଓ ଜୀବନ ଜୀବିକା ସୁରକ୍ଷା ମଞ୍ଚ ପକ୍ଷରୁ ଆସନ୍ତା ୨୬ ତାରିଖରୁ କୁଲଡିହା ରେଞ୍ଜ ଅଫିସ ସମ୍ମୁଖରେ ଦାବି ପୂରଣ ହେବା ପର୍ଯ୍ୟନ୍ତ ଧାରଣା ଦିଆଯିବ ବୋଲି ଭିଟାମାଟି ଓ ଜୀବନ ଜୀବିକା ସୁରକ୍ଷା ମଞ୍ଚର ଆବାହକ ବିଜୟ କୁମାର ପାତ୍ର ଘୋଷଣା କରିଛନ୍ତି। ଏହି ଅବସରରେ ଆଜି ବିଜୟ କୁମାର ପାତ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଉପଜିଲ୍ଲାପାଳ ନୀଳଗିରିଙ୍କୁ ଦାବି ପତ୍ର ପ୍ରଦାନ କରିଛନ୍ତି। ପ୍ରତିନିଧି ଦଳ ତରଫରୁ ଯୋଗାନନ୍ଦ ଦାଶ, ବ୍ରଜବିହାରୀ ସିଂ, ବେଣୁଧର ଖଣ୍ଡିଏ, ସୁନାରାମ୍ ସୋରେନ୍, ସତ୍ୟଜିତ ଦାସଙ୍କ ସମେତ ବହୁ ସାଥୀ ଉପସ୍ଥିତ ଥିଲେ।

## ଜାମଶୂଳୀ କଲେଜରେ ଜାତୀୟ ଗଣିତ ଦିବସ



କାଳିପଦା, ୨୨।୧୨ (ସମିସ): ଜାମଶୂଳୀସ୍ଥିତ ଲକ୍ଷ୍ମୀନାରାୟଣ କଲେଜର ଗଣିତ ବିଭାଗ ପକ୍ଷରୁ ସୋମବାର ଜାତୀୟ ଗଣିତ ଦିବସ ପାଳିତ ହୋଇ ଯାଇଛି। ବିଭାଗୀୟ ମୁଖ୍ୟ ଅଧ୍ୟାପକ ଡ. ସୁକାନ୍ତ ଗିରିଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷ ପ୍ରାଧ୍ୟାପକ ଦିବ୍ୟେନ୍ଦୁ କୁମାର ଗିରି ଅତିଥି ଭାବରେ ଯୋଗ ଦେଇ ଗଣିତକୁ ଉଭୟେ ଭୌତିକ ଓ ସାମାଜିକ ବିଜ୍ଞାନର ମୂଳ ଉତ୍ସ ବୋଲି କହିଥିଲେ। ଗଣିତଜ୍ଞ ଶ୍ରୀନିବାସ ରାମାନୁଜଙ୍କ ଅବଦାନ ସମ୍ପର୍କରେ ସେ ମଧ୍ୟ ଆଲୋଚନା କରିଥିଲେ। ବିଭାଗୀୟ ଅଧ୍ୟାପକ ତାପସ ତନୟ ନନ୍ଦୀ ସ୍ୱାଗତ ଭାଷଣ ଓ ବିବରଣୀ ପ୍ରଦାନ କରିଥିଲେ। କିଶୋର କୁମାର ଦାସ, ଆକାଶ ଦାସ, ରୂପ ଲେଖା ଜେନା, ଲିପ୍ସା ମହାନ୍ତି, ସୁଶାନ୍ତ ବାଗ, ପୂର୍ଣ୍ଣ ଚନ୍ଦ୍ର ସେଠୀ ପ୍ରମୁଖ ଗଣିତ ଦିବସ ସମ୍ପର୍କରେ କହିଥିଲେ। ବିଭାଗୀୟ ଅଧ୍ୟାପକ ସମ୍ବିତ କୁମାର ଦଳାଇ ଧନ୍ୟବାଦ ଅର୍ପଣ କରିଥିଲେ।

## ଚୋରା ବାଲି ଟ୍ରାକ୍ଟର ଜବତ

ଲଙ୍ଗଳେଶ୍ୱର, ୨୨।୧୨(ସମିସ) : ସିଂଲା ଥାନା ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ଚାଲୁଥିବା ବେଆଇନ ବାଲି ଚୋରା ଚାଲାଣ ହେଉଥିବା ଅଭିଯୋଗ ହେଉଛି। ରବିବାର ରାତିରେ ଲଙ୍ଗଳେଶ୍ୱର ବଜାରରୁ ଗୋଟିଏ ବାଲି ବୁଝେଇ ଟ୍ରାକ୍ଟର ଜବତ କରିଛି ସିଂଲା ପୁଲିସ। ପ୍ରତ୍ୟେକ ଦିନ ଅବାଧରେ ଚୋରା ବାଲି ଚାଲାଣ ହେଉଥିବା ଦେଖିବାକୁ ମିଳିଥାଏ। ତେବେ ଜବତ ହୋଇଥିବା ଟ୍ରାକ୍ଟର ର ନମ୍ବର ନଥିବା ଜଣାପଡ଼ିଛି।

## ମହିଳାଙ୍କୁ ହତ୍ୟା ଅଭିଯୋଗ, ସ୍ୱାମୀ ଅଟକ

ନୀଳଗିରି, ୨୨।୧୨ (ସମିସ): ଜନୈକା ବିବାହିତା ମହିଳାଙ୍କୁ ସ୍ୱାମୀଘର ତରଫରୁ ଯୌତୁକ ନିର୍ଯ୍ୟାତନା ଦେଇଆସୁଥିଲା ବେଳେ ବାପଘର ଲୋକ ଅକ୍ଷମ ହେବାରୁ ଶେଷରେ ମହିଳାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ନୀଳଗିରି ଥାନା ଅଧୀନସ୍ଥ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଜୁରିଆପାଟଣା ଗ୍ରାମର ଅରୁଣ ମଲ୍ଲିକଙ୍କ ପୁଅ ଜୟଦେବ ମଲ୍ଲିକ ସୋର ପଥରପେଣ୍ଠ ଅଞ୍ଚଳର ବାସନ୍ତୀଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ବିବାହ ସମୟରେ କନ୍ୟାଘର ତରଫରୁ ସମସ୍ତ ଯାନିଯୌତୁକ ଦିଆଯାଇଥିଲା। କିଛିବର୍ଷ ସୁଖରେ ବୈବାହିକ ଜୀବନ ଅତିବାହିତ କରିଥିବା ବେଳେ ତାଙ୍କ ଔରସରୁ ଗୋଟିଏ ୩ବର୍ଷର ଝିଅ ଏବଂ ୨ବର୍ଷର ପୁଅଟିଏ ଅଛି। କିଛିମାସଧରି ବୋହୂ ବାସନ୍ତୀକୁ ଶାଶୁ ମାଳତୀ ଓ ସ୍ୱାମୀ ଜୟଦେବ ଲକ୍ଷେ ଟଙ୍କା ଏବଂ ଏକ ବାଇକ୍, ବାପଘରୁ ଆଣିବା ପାଇଁ ମାନସିକ ନିର୍ଯାତନା ଦେଇଆସୁଥିଲେ। ଏହି ଯୌତୁକଜନିତ ମାନସିକ ନିର୍ଯ୍ୟାତନାକୁ ସହିନପାରି ସୋମବାର ଦିନପ୍ରାୟ ୧୦ଟା ସମୟରେ ସ୍ୱାମୀ, ଶଶୁର ଘରେ ନଥିବାବେଳେ ବାସନ୍ତୀ ଘରର କବାଟ ବନ୍ଦକରି ଓରାରେ ରଶିଲଗାଇ ଆତ୍ମହତ୍ୟା କରିଦେଇଛି। ଖବରପାଇ ସ୍ୱାମୀ ଓ ଶଶୁର ଘରର କବାଟଭାଙ୍ଗି ବାସନ୍ତୀକୁ ଉଦ୍ଧାରକରି ନୀଳଗିରି ମେଡିକାଲ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ଖବରପାଇ ନୀଳଗିରି ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରିରଖିଛି। ଏପଟେ ବାସନ୍ତୀର ବାପଘର ଲୋକେ ଝିଅକୁ ଯୌତୁକଜନିତ ନିର୍ଯ୍ୟାତନା ଦିଆଯାଇ ମାରି ଦିଆଯାଇଥିବାର ଉମାକାନ୍ତ ମଲ୍ଲିକ ନୀଳଗିରି ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ନୀଳଗିରି ଥାନାରେ ମାମଲା ରୁଜୁ ହୋଇଛି। ଏହି ଘଟଣାରେ ମୃତମହିଳାଙ୍କ ସ୍ୱାମୀ ଜୟଦେବ ମଲ୍ଲିକଙ୍କୁ ଥାନାରେ ଅଟକ ରଖାଯାଇଥିବା ଭାରାପ୍ରାପ୍ତ ଥାନାଅଧିକାରୀ ସରୋଜ କୁମାର ଦାସ ସୂଚନା ଦେଇଛନ୍ତି।

## ବିଦ୍ୟାଳୟର ପ୍ଲାଟିନମ୍ ଜୁବୁଲି ପ୍ରସ୍ତୁତି

ଜଳେଶ୍ୱର ବ୍ଲକ, ୨୨।୧୨ (ସମିସ): ଜଳେଶ୍ୱର ବ୍ଲକ ସନ୍ନିକଟ ଶାନ୍ତିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ହେବାକୁ ଥିବା ପ୍ଲାଟିନମ ଜୁବୁଲି ଉତ୍ସବ-୨୦୨୬ ବାବଦରେ ଏକ ସାମ୍ବାଦିକ ସମ୍ମିଳନୀ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇ ଯାଇଛି। ଉକ୍ତ ସାମ୍ବାଦିକ ସମ୍ମିଳନୀରେ ପ୍ଲାଟିନମ ଜୁବୁଲି କମିଟିର ସଭାପତି ସୀତାଂଶୁ ସେନାପତିଙ୍କ ସଭାପତିତ୍ୱରେ ଉପସଭାପତି ଚିତ୍ତରଞ୍ଜନ ସାହୁ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ଆଦ୍ୟାଚରଣ ବେହେରା, ଡକ୍ଟର ଲଳିତ ରଞ୍ଜନ ସେନାପତି, ପ୍ରଧାନ ଶିକ୍ଷକ ଜୟନ୍ତୀ କରଣ, କାଉନସିଲର କବିତା ଧଳ, ଚନ୍ଦନ ଦାସ, ନଗେନ୍ଦ୍ର କର, ସହକାରୀ ଶିକ୍ଷକ ଦିଲ୍ଲୀପ କୁମାର ସେଠୀ, ନିତ୍ୟାନନ୍ଦ ଦାସ, ସୁରେନ୍ଦ୍ର ଚୌଧୁରୀ, ଜଗନ୍ନାଥ ପରିଡ଼ା ପ୍ରମୁଖ ଉପସ୍ଥିତ ରହି ଆସନ୍ତା ଜାନୁଆରୀ ୧୬ ତାରିଖରୁ ଆରମ୍ଭ ହୋଇ ଜାନୁଆରୀ ୧୮ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ଚାଲିବ ବୋଲି କମିଟି ସୂଚନା ଦେବା ସହିତ ଉକ୍ତ କାର୍ଯ୍ୟକ୍ରମରେ ମହାମହିମ ଓଡ଼ିଶାର ରାଜ୍ୟପାଳ, ମନ୍ତ୍ରୀ, ଜିଲ୍ଲାପାଳ, ଜିଲ୍ଲାର ସାଂସଦ, ପ୍ରାକ୍ତନ ସାଂସଦ, ଜିଲ୍ଲାର ସମସ୍ତ ବିଧାୟକ, ପୂର୍ବତନ ବିଧାୟକ, ବିଭିନ୍ନ ରାଜନୈତିକ ନେତୃତ୍ୱବୃନ୍ଦ ମାନେ ଉପସ୍ଥିତ ରହିବାର ସୂଚନା ପ୍ରଦାନ କରିଥିଲେ।

## ଆନ୍ତଃଜିଲ୍ଲା ଦିବାରାତ୍ର କ୍ରିକେଟ: ମୁନା ଇଲେଭେନ ବିଜେତା



ଔପଦା,୨୨।୧୨(ସମିସ): ଔପଦା ବ୍ଲକ ତଳକିଆ ପଞ୍ଚାୟତ ପ୍ରତାପପୁର ମା" କାଳନ୍ଦ୍ରୀ ଯୁବକ ସଂଘ ଆନୁକୂଲ୍ୟରେ ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ମୁନା ଇଲେଭେନ ବାଲିଆପାଳ ୮ ଉଇକେଟରେ ଏରେଣ୍ଡେଇ କ୍ରିକେଟ କ୍ଲବ କୁ ପରାସ୍ତ କରି ବିଜୟ ଲାଭ କରିଛି। ଉଦଘାଟକ ଭାବେ ବିଧାୟକ ସନ୍ତୋଷ ଖଟୁଆ ଯୋଗ ଦେଇଥିଲେ ଖେଳାଳି ଓ ଯୁବକ ସଂଘର କର୍ମ କାର୍ତ୍ତା ଓ ସଦସ୍ୟ ମାନଙ୍କୁ ଉତ୍ସାହିତ କରିଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତନ ସମିତି ସଭ୍ୟ ତଥା ବରିଷ୍ଠ ସାମ୍ବାଦିକ ଅଶୋକ କୁମାର ପ୍ରଧାନ ଯୋଗ ଦେଇ ବିଜେତାଙ୍କୁ ୨୦ ହଜାର ଓ ରନର୍ସଅପ ଦଳକୁ ୧୫ ହଜାର ଅର୍ଥ ରାଶି ପୁରସ୍କାର ଓ ଟ୍ରଫି ପ୍ରଦାନ କରିଥିଲେ। ମା'କାଳନ୍ଦ୍ରୀ ଯୁବକ ସଂଘର ସଭାପତି ବିସ୍ମୟ ପ୍ରଧାନ, ଉପସଭାପତି ଶ୍ରୀନିବାସ ପ୍ରଧାନ, ସମ୍ପାଦକ ଅରବିନ୍ଦ ପ୍ରଧାନ, କାର୍ଯ୍ୟକାରୀ ସଦସ୍ୟ ପ୍ରକାଶ ପ୍ରଧାନ, ଆଶିଷ ବିଶ୍ୱାଳ, ଧର୍ମ ପଦ ସେଠୀ, ଭୀମସେନ ସେଠୀ, ନିରଞ୍ଜନ ପ୍ରଧାନ, ପ୍ରଫୁଲ୍ଲ ନାୟକ, ମଧୁର ମାଳିନୀ ପ୍ରଧାନ ସମେତ ୱାର୍ଡ ସଦସ୍ୟ ନିରଞ୍ଜନ ସେଠୀ ପ୍ରମୁଖ ସହାୟତା ପ୍ରଦାନ କରିଥିଲେ।

### ସର୍ବଭାରତୀୟ ମହାବୀର କପ୍ କ୍ରିକେଟ

## ଦ୍ୱିତୀୟ ସେମିରେ ଉତ୍କଳିକା ସ୍ପୋର୍ଟିଂ କ୍ଲବ ଭଦ୍ରକ

ସୋର,୨୨।୧୨(ସମିସ)

ସୋର ବ୍ଲକ ମହୁମୁହାଣ ପଞ୍ଚାୟତ ବାଗୁଡ଼ି ପଡିଆରେ ମହାବୀର କ୍ଲବ ଆନୁକୂଲ୍ୟରେ ୨୭ ତମ ସର୍ବଭାରତୀୟ ମହାବୀର କପ କ୍ରିକେଟ ଟୁର୍ନାମେଣ୍ଟର ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚରେ ଇଞ୍ଜିନପୁର ଯାଜପୁରକୁ ହରାଇ ଉତ୍କଳିକା ସ୍ପୋର୍ଟିଂ କ୍ଲବ ଭଦ୍ରକ ଦ୍ୱିତୀୟ ସେମିଫାଇନାଲରେ ପ୍ରବେଶ କରିଛି। ଆଜିର ମ୍ୟାଚରେ ଉତ୍କଳିକା ସ୍ପୋର୍ଟିଂ କ୍ଲବ ଭଦ୍ରକ ଟସ ଜିତି ପ୍ରଥମେ ବ୍ୟାଟିଂ କରି ୨୫ ଓଭରରେ ୬ ଉଇକେଟ ହରାଇ ୨୫୩ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ଦିବ୍ୟଜ୍ୟୋତି ପଣ୍ଡା ୫୨ ବଲରୁ ୭୯ ରନ ସଂଗ୍ରହ କରିଥିବା ବେଳେ ଯାଜପୁର ବୋଲର ପ୍ରିତିରଞ୍ଜନ ନାୟକ ୫ ଓଭର ବୋଲିଂ କରି ୩୬ ରନ ଦେଇ ୨ ଟି ଉଇକେଟ ଦଖଲ କରିଥିଲେ। ଜବାବରେ ଯାଜପୁର ୨୫ ଓଭରରେ ୮ ଉଇକେଟ ହରାଇ ୨୧୮ ରନ କରି ପରାସ୍ତ ହୋଇଥିଲା। ଉତ୍କଳିକା ସ୍ପୋର୍ଟିଂର ବ୍ୟାଟ୍ସମ୍ୟାନ ଦିବ୍ୟଜ୍ୟୋତି ପଣ୍ଡା ୫୨ ବଲ ଖେଳି ୭୮ ରନ ସଂଗ୍ରହ କରିଥିବାରୁ ତାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଘୋଷଣା କରାଯାଇଥିଲା। ସନ୍ଧ୍ୟାରେ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ପଦ୍ମ ଲୋଚନ ପରିଡ଼ା ଯୋଗଦେଇ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଆଜିର ମ୍ୟାଚକୁ ଓସିଏ ଲେବୁଲ ଅମ୍ପାୟାର ସାର୍ଥକ ରଞ୍ଜନ ବିଶାଳ ଏବଂ ସତ୍ୟବ୍ରତ ଜେନା ପରିଚାଳନା କରିଥିଲେ। ଭାଷ୍ୟକାର ଭାବେ ଯଦୁନାଥ ଜେନା ଏବଂ ବାସୁଦେବ ଜେନା କାର୍ଯ୍ୟ ତୁଲାଇ ଥିବା ବେଳେ ସ୍କୋରର ଥିଲେ ରାଜେଶ କୁମାର ଜେନା ଏବଂ ଓମ୍ ପ୍ରକାଶ ଦେ। ଅନ ଲାଇନ ସ୍କୋରର ଥିଲେ ବିଶ୍ୱନାଥ ଜେନା। ଏହି ମ୍ୟାଚକୁ ମାନସ କୁମାର ଜେନା, ଶ୍ରୀକାନ୍ତ ମଲ୍ଲିକ, ମାନସ କୁମାର ବେହେରା, ସତ୍ୟବ୍ରତ ଶଙ୍ଖୁଆ, ସନାତନ ବାରିକ, ଉତ୍ତମ କୁମାର ବେହେରା, ରବୀନ୍ଦ୍ର ଦାସ, ପ୍ରଶାନ୍ତ ଜେନା, ପ୍ରତାପ ମଲ୍ଲିକ, ରମାକାନ୍ତ ମଲ୍ଲିକ, ଦେବାଶିଷ ପ୍ରିୟଦର୍ଶୀ, ଜଗତଜୀବନ ଦାସ, ହରେକୃଷ୍ଣ ମଲ୍ଲିକ, ହିତେଶ କୁମାର ରାଉତ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଆସନ୍ତାକାଲି ଚତୁର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ ପାକରେ କ୍ରିକେଟ ଏକାଡେମୀ କଲୋକତା ଏବଂ ସ୍ପୋର୍ଟିଂ ୟୁନିୟନ ଝାଡ଼ଖଣ୍ଡ ମଧ୍ୟରେ ଅନୁଷ୍ଠିତ ହେବ।

# ଜିଲ୍ଲାସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଉଦ୍‌ଘାଟିତ



**କରଞ୍ଜିଆ, ୨୨।୧୨(ସମିସ):** ମୟୂରଭଞ୍ଜ ଜିଲ୍ଲାସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ କରଞ୍ଜିଆ ପିଏମଶ୍ରୀ ସରକାରୀ ଉଚ୍ଚବିଦ୍ୟାଳୟରେ ଆଜି ଉଦ୍‌ଘାଟିତ ହୋଇଛି। ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ମାର୍ଗଦର୍ଶନୀରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ବିନୋଦ ସିଂଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ କେନ୍ଦୁଝର ସାଂସଦ ଅନନ୍ତ ନାୟକ ଯୋଗଦେଇ ଭାରତ ବିଶ୍ୱ ଗୁରୁ ହେବ ସ୍ୱଦେଶୀ ମାଧ୍ୟମରେ ଓ ବିଜ୍ଞାନ ସମାଜର ବିକାଶ ଦିଗରେ କାର୍ଯ୍ୟ କରିବ ବୋଲି ପ୍ରକାଶ କରିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ମୟୂରଭଞ୍ଜ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ସମ୍ମାନିତ ଅତିଥି ଭାବେ କରଞ୍ଜିଆ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷା ପପି ପୃଷ୍ଟି, ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନରଞ୍ଜନ ଆଚାର୍ଯ୍ୟ, ପ୍ରଧାନଶିକ୍ଷକ ତଥା ସାଂଗଠନିକ ସମ୍ପାଦକ ଚତୁର୍ଭୁଜ ବାରିକ ଯୋଗ ଦେଇଥିଲେ। ୧୮୨ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଚାରକ ଅଧ୍ୟାପକ ସଞ୍ଜୟ କର, ପ୍ରିୟରଞ୍ଜନ ତନ୍ତୀ, ଡ. ଲକ୍ଷ୍ମୀକାନ୍ତ ମିଶ୍ର, ସିପ୍ରାରାଣୀ ଟିପିରିଆ, ରଞ୍ଜିତ ସା, ପ୍ରିୟଜିତ ସିହ୍ନା ପ୍ରମୁଖ ପ୍ରକଳ୍ପ ମୂଲ୍ୟାଙ୍କନ କରିଥିଲେ। ସନ୍ଧ୍ୟାରେ କୁଇଜ ପ୍ରତିଯୋଗିତା, ବିଜ୍ଞାନ ସ୍ଲୋଗାନ ପ୍ରତିଯୋଗିତା, ବିଜ୍ଞାନ ଶିକ୍ଷକ ଜଗନ୍ନାଥ ସାହୁଙ୍କ ବିଜ୍ଞାନଭିତ୍ତିକ ଯାଦୁ ଖେଳ ଓ ବିଭିନ୍ନ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା। ବରିଷ୍ଠ ବିଜ୍ଞାନ ଶିକ୍ଷକ ରଞ୍ଜନ ନନ୍ଦ ଅତିଥି ପରିଚୟ ଓ ସଭା ପରିଚାଳନା କରିଥିଲେ। ଆୟୋଜକ ବିଦ୍ୟାଳୟର ଶିକ୍ଷୟିତ୍ରୀ ସଂଯୁକ୍ତା ଭୂୟାଁ ଓ ହୀରାମଣି କରଙ୍କ ସଂଯୋଜନାରେ ଛାତ୍ରୀ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ପ୍ରଧାନଶିକ୍ଷକ ଚତୁର୍ଭୁଜ ବାରିକ ଧନ୍ୟବାଦ ପ୍ରଦାନ କରିଥିଲେ।

## ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବଙ୍କ ମୟୂରଭଞ୍ଜ ଗସ୍ତ

# କ୍ଷେତ୍ର ପରିଦର୍ଶନ ସହ ବିଭିନ୍ନ ଯୋଜନାର ସମୀକ୍ଷା

**ବାରିପଦା/ରାଇରଙ୍ଗପୁର, ୨୨।୧୨(ସମିସ)**



ଓଡ଼ିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ତଥା ଜିଲ୍ଲା ନୋଡାଲ ଅଧିକାରୀ ଶୁଭା ଶର୍ମା ୩ଦିନିଆ ମୟୂରଭଞ୍ଜ ଜିଲ୍ଲା ଗସ୍ତରେ ଆସି କ୍ଷେତ୍ର ପରିଦର୍ଶନରେ ଜିଲ୍ଲାର ବିଭିନ୍ନ ସ୍ଥାନକୁ ଯାଇ ବିଭିନ୍ନ ବିଭାଗ ଅଧୀନରେ କାର୍ଯ୍ୟକାରୀ ହେଉଥିବା ଉନ୍ନୟନମୂଳକ ପ୍ରକଳ୍ପ କାର୍ଯ୍ୟର ସ୍ଥିତି, ଅଗ୍ରଗତି ଓ ଜନ କଲ୍ୟାଣକାରୀ ଯୋଜନାର କାର୍ଯ୍ୟକାରିତା ଉପରେ ଅନୁଧ୍ୟାନ କରିଥିଲେ। ଏହି କ୍ଷେତ୍ର ପରିଦର୍ଶନ ସମୟରେ ଜିଲ୍ଲାପାଳ ହେମକାନ୍ତ ସଏ, କରଞ୍ଜିଆ ଉପଜିଲ୍ଲାପାଳ କସ୍ତୁରୀ ପଣ୍ଡା ଓ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। କ୍ଷେତ୍ର ପରିଦର୍ଶନ କାର୍ଯ୍ୟକ୍ରମରେ ଶ୍ରୀମତୀ ଶର୍ମା ଯଶିପୁର ବ୍ଲକର ଘୁଲଘୁଲିଆ ଅଙ୍ଗନବାଡିଠାରେ ପୋଷଣ ଯତ୍ନ କେନ୍ଦ୍ର, ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା, ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା, ପ୍ରଧାନମନ୍ତ୍ରୀ ବୟ ବନ୍ଦନା ଯୋଜନାର ସମୀକ୍ଷା କରିଥିଲେ।

କରଞ୍ଜିଆଠାରେ ବିଶ୍ୱବନ୍ଧୁ ସେବକ ସଙ୍ଘ ଦ୍ୱାରା ପରିଚାଳିତ ଶିଶୁ ଯତ୍ନ କେନ୍ଦ୍ର ଯାଇ ଏହାର ଆନୁସଙ୍ଗିକ ବ୍ୟବସ୍ଥା ଅନୁଧ୍ୟାନ କରିଥିଲେ। ଯଶିପୁରରେ ବିଭିନ୍ନ ଆବାସିକ ବିଦ୍ୟାଳୟ ପରିଦର୍ଶନ କରି ଅନ୍ତେବାସୀଙ୍କ ଖାଇବା ଓ ନିବାସରେ ରହଣି ବ୍ୟବସ୍ଥା ଅନୁଧ୍ୟାନ କରିଥିଲେ। ପିଏମଶ୍ରୀ ଉଚ୍ଚବିଦ୍ୟାଳୟ ପରିଦର୍ଶନରେ ଯାଇ ବିଦ୍ୟାର୍ଥୀଙ୍କ ସହ ଭାବବିନିମୟ କରିବା ସହିତ ପିଲାଙ୍କ ସହ ବସି ମଧ୍ୟାହ୍ନଭୋଜନ କରିଥିଲେ। ପରେ ଯଶିପୁର ମେଗା ଜଳଯୋଗାଣରେ ଜଳ ବିଶୋଧନ କେନ୍ଦ୍ର ଅଞ୍ଚଳ ନିରୀକ୍ଷଣ କରିଥିଲେ। ରାଇରଙ୍ଗପୁର ମହିଳା ମହାବିଦ୍ୟାଳୟ ଯାଇ ଛାତ୍ରୀ ଓ ଅଧ୍ୟାପକଙ୍କ ସହିତ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ରାଇରଙ୍ଗପୁର ସହର ୧୫ନଂ ୱାର୍ଡ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ଏଗ୍ରୋ ସର୍ଭିସ ସେଣ୍ଟର ଦେଖିଥିଲେ ଓ ପିଏମ କିଷାନର ହିତାଧିକାରୀଙ୍କ ସହ ଆଲୋଚନା କରିବା ସହିତ କୃଷକ ପଞ୍ଜିକରଣ ଶିବିର ଅନୁଧ୍ୟାନ କରିଥିଲେ। ସେଠାରୁ ପୁରୁଣାପାଣି ଜିପି ଅଫିସରେ କୃଷକ ପଞ୍ଜୀକରଣ ଶିବିରରେ ପିଏମ କିଷାନ ହିତାଧିକାରୀଙ୍କ ସହ ଭାବବିନିମୟ କରିଥିଲେ। ତାଳବନ୍ଧ ଗ୍ରାମରେ ସୋଲାର ବୋରୱେଲ ଦେଖିଥିଲେ। ରାଇରଙ୍ଗପୁର ପୌରାଞ୍ଚଳରେ ୨୪ ଘଣ୍ଟିଆ ପାନୀୟଜଳ ଯୋଗାଣ ଡ୍ରିଙ୍କ ଫ୍ରମ ଟେପ ପ୍ରକଳ୍ପର କାର୍ଯ୍ୟକାରିତାର ଅନୁଧ୍ୟାନ କରିବା ସହ ହିତାଧିକାରୀଙ୍କ ସହ ଭାବବିନିମୟ କରି ଠିକ ଭାବେ ଜଳ ଯୋଗାଣ କାର୍ଯ୍ୟ ସମ୍ପାଦନ ହେଉଛି କି ନାହିଁ ପଚାରି ବୁଝିଥିଲେ। ଏହି ଗସ୍ତ କାର୍ଯ୍ୟକ୍ରମ ଅବସରରେ ରାଇରଙ୍ଗପୁରଠାରେ ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକରେ ଯୋଗଦେଇ ଜିଲ୍ଲାରେ ବିଭିନ୍ନ ବିଭାଗରେ କାର୍ଯ୍ୟକାରୀ ହେଉଥିବା ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନାର ସ୍ଥିତି ଓ ଉନ୍ନୟନ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। ବୈଠକରେ ରାଇରଙ୍ଗପୁର ଅତିରିକ୍ତ ଜିଲ୍ଲାପାଳ ସୁଚାରୁ ବଳ ସ୍ୱାଗତ ଓ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

# ଏଆରଷ୍ଟ୍ରିପ୍ ପାଇଁ ସ୍ୱତନ୍ତ୍ର ଗ୍ରାମସଭା

**ରାସଗୋବିନ୍ଦପୁର, ୨୨।୧୨(ସମିସ):** ସୋମବାର ଅମର୍ଦା ଏୟାରଷ୍ଟ୍ରିପ ପାଇଁ ଜମି ଅଧିଗ୍ରହଣକୁ ନେଇ ଦେବଶୋଳ ପଞ୍ଚାୟତ ଅଫିସ ପରିସରରେ ଏକ ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ହାତ ଟେକି ପୂର୍ଣ୍ଣ ସମର୍ଥନ ଜଣାଇଥିଲେ ଗ୍ରାମବାସୀ। ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ବ୍ଲକ ଅନ୍ତର୍ଗତ ଅମର୍ଦା ଏୟାରଷ୍ଟ୍ରିପର ପୁନରୁଦ୍ଧାର ପାଇଁ ସରକାର ଆଉ ପାଦେ ଆଗକୁ ବଢ଼ିଛନ୍ତି। ଏହି ବିମାନ ଘାଟି ଇଂରେଜ ସରକାର ନିର୍ମାଣ କରିଥିଲେ। ଏହାର ପୁନରୁଦ୍ଧାର ପାଇଁ ବିଭିନ୍ନ ମହଲରୁ ଦାବି ହୋଇଆସୁଥିଲା। ବିମାନ ଘାଟିର ପାଖାପାଖି ଜମି ସ୍ଥାନୀୟ ଆଦିବାସୀଙ୍କ ନାମରେ ରହିଥିବାରୁ ସରକାର ଗ୍ରାମସଭା ଡକାଇ ଲୋକଙ୍କ ମତାମତ ଲୋଡିଛନ୍ତି। ଦେବଶୋଳ ସରପଞ୍ଚ ଲକ୍ଷ୍ମୀ ହାଁସଦାଙ୍କ ଦ୍ୱାରା ଆୟୋଜିତ ଏହି ଗ୍ରାମସଭାରେ ରାସଗୋବିନ୍ଦପୁର ବିଡିଓ ଅନନ୍ତ ହାଁସଦା, ତହସିଲଦାର ଉପେନ୍ଦ୍ର ଦାସ, ବେତନଟୀ ଏସଡିପିଓ ମିନତୀ ବିଶ୍ୱାଳ, ରାସଗୋବିନ୍ଦପୁର ଥାନା ଅଧିକାରୀ ପଦ୍ମଲୋଚନ ପାଣିଗ୍ରାହୀ, ମୋରଡା ଥାନା ଅଧିକାରୀ ସୁମିତ ସୋରେନ, ଜୁନିୟର ଏମଭିଆଇ ସୁପ୍ରିୟା ପ୍ରିୟଦର୍ଶିନୀ, ଜିଲ୍ଲା ଉପସଭାପତି ପ୍ରଦୀପ ମହାନ୍ତି, ବିସ୍ତାରକ ଗୋପାଳକୃଷ୍ଣ ସାହୁ, ସମାଜସେବୀ ଡ.ଆଦିତ୍ୟ ପଟ୍ଟନାୟକ, ଡ.ବ୍ରଜ ଭାଇ ପ୍ରମୁଖ ଉପସ୍ଥିତ ଥିଲେ। ଦେବଶୋଳ ସରପଞ୍ଚ ଲକ୍ଷ୍ମୀ ହାଁସଦା ଅତିଥି ପରିଚୟ ପ୍ରଦାନ କରିଥିଲେ। ପରେ ଏଆରଷ୍ଟ୍ରିପ ପାଇଁ ଗ୍ରାମବାସୀଙ୍କ ସୁଚିନ୍ତିତ ମତାମତ ହାତ ଟେକି ସମର୍ଥନ ଜଣାଇବା ପାଇଁ କହିଥିଲେ। ତିନୋଟି ଗ୍ରାମର ଗ୍ରାମବାସୀ ସମର୍ଥନ ଜଣାଇଥିଲେ। ସରପଞ୍ଚ ଲକ୍ଷ୍ମୀ ହାଁସଦା ଧନ୍ୟବାଦ ଜଣାଇଥିଲେ।

# ମନରେଗା ଯୋଜନା ନାମ ପରିବର୍ତ୍ତନ ପ୍ରତିବାଦରେ କଂଗ୍ରେସର ବିକ୍ଷୋଭ



**ବାରିପଦା, ୨୨।୧୨(ସମିସ):** ମନରେଗା ଯୋଜନା ନାମ ପରିବର୍ତ୍ତନ ପ୍ରତିବାଦରେ ମୟୂରଭଞ୍ଜ ଜିଲ୍ଲା କଂଗ୍ରେସ କମିଟି (ପୂର୍ବ) ସଭାପତି ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳଙ୍କ ନେତୃତ୍ୱରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦଳ ପକ୍ଷରୁ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ନାମରେ କଂଗ୍ରେସ ସରକାର ସମୟରେ ପ୍ରଣୟନ ହୋଇଥିବା ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ନାମ ଓ ନିୟମାବଳୀକୁ ବିଜେପି ପକ୍ଷରୁ ଉଦ୍ଦେଶ୍ୟମୂଳକ ଭାବେ ପରିବର୍ତ୍ତନ କରିବା ପ୍ରତିବାଦରେ ଏପରି ଆନ୍ଦୋଳନ ଅନୁଷ୍ଠିତ ହୋଇଥିଲା। ଗାନ୍ଧୀଙ୍କ ନାମରେ ଥିବା ଯୋଜନାକୁ ପରିବର୍ତ୍ତନ କରି ତାଙ୍କୁ ଦ୍ୱିତୀୟଥର ହତ୍ୟା କରିଛି ବିଜେପି ସରକାର। ଚାଷୀ, ଚାଷ ଓ କୃଷକ ଆଜି ଚିନ୍ତାରେ। ବର୍ତ୍ତମାନ ସୁଦ୍ଧା ଜିଲ୍ଲାରେ କୌଣସି ଧାନ ମଣ୍ଡି ଖୋଲିପାରିଲା ନାହିଁ। ଡିଣ୍ଡିମ ପିଟୁଥିବା ଲୋକଙ୍କ ସରକାର ଆଜି ପୁଞ୍ଜିପତିଙ୍କ ସରକାରରେ ପରିଣତ ହୋଇଛି ବୋଲି ସଭାପତି ଶ୍ରୀ ବିଶ୍ୱାଳଙ୍କ ସହିତ ଦଳର ଏସଟି ସେଲ ରାଜ୍ୟ ଉପାଧ୍ୟକ୍ଷ ଚୈତନ୍ୟ ହାଁସଦା, ପୂର୍ବତନ ଜିଲ୍ଲା ସଭାପତି ନିରୋଜ ଦାସ, ଆଡଭୋକେଟ ଜ୍ୟୋତି ପ୍ରକାଶ ରଥ, କୃଷକ ସେଲ ସଭାପତି ଦୀପକ ଦାସ, ପିସିସି ସଭ୍ୟ ନାରାୟଣ ପଟ୍ଟନାୟକ ଓ ବିଜନ ଦାସ କଡ଼ା ସମାଲୋଚନା କରିଥିଲେ। ଏସି ସେଲ ଜିଲ୍ଲା ସଭାନେତ୍ରୀ ସସ୍ମିତା ବେହେରା, ଟାଉନ ସଭାପତି ଶାନ୍ତନୁ ପାଲ, ରାଜ୍ୟ ମହିଳା ସମ୍ପାଦକ ଶୁଭସ୍ମିତା ବେହେରା, ଉତ୍ତମ ବେହେରା, ନଳୀନ ପଟ୍ଟନାୟକ, ଅଶୋକ ଗିରି, ସତ୍ୟକାମ ସେନାପତି, ନିର୍ମଳ ପ୍ରଧାନ, ଅସିତ ଦାସ, ବିପ୍ଳବ ବାରିକ, ରୋକିମ ଭାଇ, ସରୋଜ ସାହୁ, ଦୁଃଖିଶାମ ମୁର୍ମୁ, ବିଜୟ ସିଂହ ପ୍ରମୁଖଙ୍କ ସହିତ ଶତାଧିକ କଂଗ୍ରେସ କର୍ମୀ ଯୋଗଦେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଶେଷରେ ଉପଜିଲ୍ଲପାଳଙ୍କୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥଲେ।

# ଲିଟିଲ ଚାମ୍ପ୍ସ ଇଂରାଜୀ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

**କଳାବାଡିଆ, ୨୨।୧୨(ସମିସ):** ବାଙ୍ଗିରିପୋଷି ଲିଟିଲ ଚାମ୍ପ୍ସ ଇଂରାଜୀ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ସମ୍ପାଦକ ସମ୍ମୂଲ୍ୟ ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ ଲକ୍ଷ୍ମୀକାନ୍ତ ଦାସ, ମୁଖ୍ୟବକ୍ତା ଭାବେ ସ୍ଥାନୀୟ ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟର ଇଂରାଜୀ ବିଭାଗ ମୁଖ୍ୟ ଅଧ୍ୟାପକ ଡା. ସତ୍ୟନାରାୟଣ ସାମଲ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଇଂରାଜୀ ଶିକ୍ଷକ ରବୀନ୍ଦ୍ର ମହାପାତ୍ର, ବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଶାନ୍ତନୁ ଦାସ ଓ ପରିଚାଳନା କମିଟି ସଭାପତି ପ୍ରୀତିଶ ମହାନ୍ତ ଯୋଗ ଦେଇଥିଲେ। ଏ ଅବସରରେ ବିଭିନ୍ନ ଖେଳକୁଦରେ କୃତିତ୍ୱ ଲାଭ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ଭୋଳାନାଥ ମୁର୍ମୁ ଗତବର୍ଷର ବାର୍ଷିକ ବିବରଣୀ ପାଠ କରିବା ସହ ମଞ୍ଚ ପରିଚାଳନା କରିଥିଲେ। ଅଧ୍ୟକ୍ଷା ଦେବସ୍ମିତା ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ କୁନି କୁନି ଶିଶୁଙ୍କ ଦ୍ୱାରା ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉପାଧ୍ୟକ୍ଷ ଅଶୋକ ପାତ୍ର, ଜାସମିନ ଦଳେଇ, କଳ୍ପନା କଳିଆ, ଜ୍ୟୋତ୍ସ୍ନାରାଣୀ ଗିରି, ଅନନ୍ୟା ମହାନ୍ତି, ରାଜଶ୍ରୀ ସିଂହଙ୍କ ସହ କର୍ମଚାରୀ ମଦିନା ବିବି, ସେକ ସଲିମ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମର୍ଣ୍ଣିଂ ଷ୍ଟାର୍ ସ୍କୁଲରେ ବିଜ୍ଞାନ ମେଳା ଓ ବାର୍ଷିକ ଉତ୍ସବ

**ଉଦଳା, ୨୨।୧୨(ସମିସ):** କପ୍ତିପଦା ଉପଖଣ୍ଡ ସଦର ମହକୁମାର ଉଦଳା ବିଜ୍ଞାପିତ ଅଞ୍ଚଳର ପୁରାତନ ଇଂଲିଶ ମିଡିୟମ ସ୍କୁଲ ମର୍ଣ୍ଣିଂ ଷ୍ଟାର ପବ୍ଲିକ ସ୍କୁଲର ବିଜ୍ଞାନ ମେଳା ଓ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିବସରେ ବିଜ୍ଞାନ ମେଳା ଓ ଦ୍ୱିତୀୟ ଦିବସରେ ବାର୍ଷିକ ଉତ୍ସବ ଆୟୋଜିତ ହୋଇଥିଲା। ବିଜ୍ଞାନ ମେଳାକୁ ମୁଖ୍ୟ ଅତିଥିଭାବେ ଉଦଳା ବ୍ଲକ ଶିକ୍ଷାଧିକାରୀ ଦୀପକ ମିଶ୍ର ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ କାଶୀନାଥ ପାତ୍ର, ସମ୍ମାନିତ ଅତିଥି ଭାବେ ଉଦଳା ହାଇସ୍କୁଲର ପୂର୍ବତନ ପ୍ରଧାନଶିକ୍ଷକ ରବିନାରାୟଣ ସ୍ୱାଇଁ ଓ ବିଜେପି ଜିଲ୍ଲା ସଭାପତି ନିହାର ରଞ୍ଜନ ମୋଦି ଯୋଗ ଦେଇଥିଲେ। ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଧାୟକ ଭାସ୍କର ମଡେଇ ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ଅତିରିକ୍ତ ଜିଲ୍ଲାପାଳ ପ୍ରତୀକ ପଣ୍ଡା, ସମ୍ମାନିତ ଅତିଥି ଭାବେ ବିଜେପି ଜିଲ୍ଲା ସଭାପତି ନିହାର ମୋଦି ଓ ଉଦଳାନଗର ଅଧ୍ୟକ୍ଷା ପ୍ରମିଳା ପଣ୍ଡା ଯୋଗ ଦେଇଥଲେ। ଶିକ୍ଷୟିତ୍ରୀ ଯାଜ୍ଞସେନୀ ବାରିକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶ୍ରୀମତୀ ବାରିକ ମଞ୍ଚ ପରିଚାଳନା କରିଥିଲେ। କ୍ରୀଡ଼ା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

# ୧୦୦ ଶଯ୍ୟା ବିଶିଷ୍ଟ ଏସ୍‌ସି-ଏସ୍‌ଟି ହଷ୍ଟେଲ ନିର୍ମାଣ ଦାବି

**ରାସଗୋବିନ୍ଦପୁର, ୨୨।୧୨(ସମିସ):** ସୋମବାର ରାସଗୋବିନ୍ଦପୁର ବ୍ଲକ ସାରୁମୂଳା ପଞ୍ଚାୟତ ଧାନଶୋଳ 'କ' ସରକାରୀ ବିଦ୍ୟାଳୟରେ ନୂତନ ଭାବେ ୧୦୦ ଶଯ୍ୟା ବିଶିଷ୍ଟ ଏସ୍‌ସି-ଏସ୍‌ଟି ହଷ୍ଟେଲ ନିର୍ମାଣ ପାଇଁ ରାସଗୋବିନ୍ଦପୁର ବିଡିଓ ଅନନ୍ତ ହାଁସଦାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏ ପରିପେକ୍ଷୀରେ ସାରୁମୂଳା ସରପଞ୍ଚ



ମନୋରଞ୍ଜନ ସିଂ, ପିଏସ ମେମ୍ବର ମମତା ମହାନ୍ତି, ଯୁବ ସମାଜସେବୀ ଉତ୍ତମ ମହାନ୍ତି, ଧାନଶୋଳ ସରକାରୀ ବିଦ୍ୟାଳୟର ଏସଏମସି କମିଟିର ସଦସ୍ୟ ଓ ଅଭିଭାବକ ମାନେ ଉପସ୍ଥିତ ଥିଲେ।

## ମିଳିତ ଜନଅଭିଯୋଗ ଶୁଣାଣି ଶିବିର

# ୭୦ଟି ଅଭିଯୋଗର ଶୁଣାଣି କଲେ ପ୍ରଶାସନ



**ଉଦଳା, ୨୨।୧୨(ସମିସ):** ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ କପ୍ତିପଦା ଉପଖଣ୍ଡ ଉଦଳାର ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆଜି ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲ୍ଲାପାଳ ହେମକାନ୍ତ ସଏ ଓ ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ ଯୋଗଦେଇ ୭୦ଟି ଅଭିଯୋଗର ଶୁଣାଣି କରିଛନ୍ତି। ଉପଜିଲ୍ଲାପାଳ ସୁଶାନ୍ତ ବାରିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ପ୍ରକଳ୍ପ ପ୍ରଶାସକ ଆଇଟିଡିଏ ନରେନ୍ଦ୍ର ଖମାରୀ, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ହୃଷିକେଶ ନାଏକ, ଉପଖଣ୍ଡ ଚିକିତ୍ସାଳୟ ଅଧୀକ୍ଷକ ଡା. ମୀନକେତନ ମହାନ୍ତି, ଉପଖଣ୍ଡର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାରଙ୍କ ସମେତ ଜିଲ୍ଲା ଓ ଉପଖଣ୍ଡ, ବ୍ଲକସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ଶୁଣାଣିରେ ସହଯୋଗ କରିଥିଲେ। ପଞ୍ଜିକୃତ ଅଭିଯୋଗ ମଧ୍ୟରେ ୫୮ଟି ବ୍ୟକ୍ତିଗତ ଓ ୧୨ଟି ସାମୂହିକ ସମସ୍ୟା ଆଧାରିତ ଥିଲା। ସେଥିରୁ ୮ଟି ସମସ୍ୟାର ତତ୍କାଳ ସମାଧାନ କରାଯାଇ ଚିକିତ୍ସା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୬ ଜଣଙ୍କୁ ୫ ହଜାର ଲେଖାଏଁ, ଜଣକୁ ୧୦ ହଜାର ମୋଟ ୪୦ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। ଅନ୍ୟ ଜଣଙ୍କୁ ପରାମର୍ଶ ମାଧ୍ୟମରେ ତତ୍କାଳ ସମାଧାନ କରାଯାଇଥିଲା। ବିଭିନ୍ନ ବିଭାଗ ପାଇଁ ଆସିଥିବା ଅଭିଯୋଗ ମଧ୍ୟରେ କପ୍ତିପଦା ବ୍ଲକ ଦୋଲିପଡ଼ା ଉନ୍ନୀତ ଉଚ୍ଚବିଦ୍ୟାଳୟ ପ୍ରଧାନଶିକ୍ଷକଙ୍କୁ ବଡଖମଣ ଉଚ୍ଚ ବିଦ୍ୟାଳୟ ଦାୟିତ୍ୱରୁ ଅବ୍ୟାହତି ଦେବା, ସୋଲଗଡ଼ିଆ ଗ୍ରାମର ସରକାରୀ ଜଙ୍ଗଲ ଜମି ଉପରେ ଥିବା ଆମ୍ବ ବଗିଚା ଜବରଦଖଲକାରୀଙ୍କୁ ଉଚ୍ଛେଦ, ଉଦଳା ବ୍ଲକ ଡିହିରାକୁଳ ଗ୍ରାମ ୧୧ ନମ୍ବର ୱାର୍ଡ ସାହୁ ସାହି ରାସ୍ତାର ପାଣି ନିଷ୍କାସନ ଓ ଜବରଦଖଲ ଉଚ୍ଛେଦ, ବଡଖମଣ ପଞ୍ଚାୟତର ଆବେଦନ କରିଥିବା ଜଙ୍ଗଲ ଜମି ଶିରୋନାମା ପାଇବାରେ ଅହେତୁକ ବିଳମ୍ବ ଆଦି ଥିଲା। ଏହାର ବିଚାର କରିବାକୁ ଜିଲ୍ଲାପାଳ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଡେପୁଟି କଲେକ୍ଟର ପ୍ରତୀକ ପଣ୍ଡା ଓ କାର୍ଯ୍ୟାଳୟର କର୍ମଚାରୀ ଶାଙ୍ଖାଇ ହେମ୍ବ୍ରମ, ରମେଶ ପୃଷ୍ଟି, କବିତା ଖିଲାର, ସତ୍ୟପ୍ରକାଶ ପାତ୍ର, ସାଇସ୍ୱରୂପ କର, ରାଉତରାୟ ମୁର୍ମୁ, ଅନୁଭବ ରାଉତ, ତାପସ ପ୍ରଧାନ ପ୍ରମୁଖ ଶିବିର ପରିଚାଳନା କରିଥିଲେ।

# ବ୍ରହ୍ମ ମନ୍ଦିର ଶତବାର୍ଷିକୀ ଉତ୍ସବ ଉଦ୍‌ଯାପିତ



**ବାରିପଦା, ୨୨।୧୨(ସମିସ):** ଐତିହ୍ୟ ସମ୍ପନ୍ନ ସ୍ଥାନୀୟ ବ୍ରହ୍ମମନ୍ଦିରର ଶତବାର୍ଷିକୀ ଉତ୍ସବ ଉଦଯାପିତ ହୋଇଯାଇଛି। ଜାତୀୟ ସ୍ମାରକୀ ଅଥରିଟିର ପ୍ରାକ୍ତନ ଅଧ୍ୟକ୍ଷ ଡଃ କିଶୋର ବସାଙ୍କ ପୌରୋହିତ୍ୟରେ ବୌଦ୍ଧିକ ଆଲୋଚନା କାର୍ଯ୍ୟକ୍ରମରେ ଭାଗ ନେଇ ଧର୍ମରତ୍ନ ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ ମାନବ ଧର୍ମ ସମ୍ବନ୍ଧରେ ଆଚାର୍ଯ୍ୟ ହିମାକର ଟାଟା, ବ୍ରାହ୍ମସମାଜ ଇତିହାସ ସମ୍ବନ୍ଧରେ, ଐତିହ୍ୟ ଗବେଷକ ଅନୀଲ ଧୀର ବୁଦ୍ଧ ଓ ଜୈନ ଧର୍ମ ବିଷୟରେ, ଶିକ୍ଷାବିତ୍ ଡ. ଶୁଭଙ୍କର ଘୋଷ ଖ୍ରୀଷ୍ଟିଆନ୍ ଧର୍ମ ବିଷୟରେ, ସମାଜସେବୀ ପ୍ରୀତିଶ ବସା ଅତୁଟ ବନ୍ଧନର ଲକ୍ଷ୍ୟ ଓ ଆଦର୍ଶ ବିଷୟରେ, ଭଗିନୀ ଉମା, ବ୍ରହ୍ମକୁମାରୀ ସମ୍ବନ୍ଧରେ, ଶିକ୍ଷାବିତ ସନ୍ଦୀପ ଚାନ୍ଦ ବିବେକାନନ୍ଦଙ୍କ ଆଦର୍ଶ ଓ ସର୍ଦ୍ଦାର ରାଜିନ୍ଦର ସିଂହ ଶିଖଧର୍ମ ଉପରେ ଆଲୋକପାତ କରିଥିଲେ। ତତସହିତ ସଭାରେ ପ୍ରଥମେ ବର୍ଷିଆନ ବ୍ରାହ୍ମପ୍ରେମୀ ରେବେକା ରକ୍ଷିତ, ମାନସୀ ସାନ୍ୟାଲ ବ୍ରହ୍ମ ସଙ୍ଗୀତ ଗାନ କରିଥିଲେ। ଉପାସନାରେ ଭାଗନେଇ କୋଲକାତାର ଆଚାର୍ଯ୍ୟ ଅନିରୁଦ୍ଧ ରକ୍ଷିତ ଉପସ୍ଥିତ ସମସ୍ତଙ୍କୁ ବିମୋହିତ କରିଥିଲେ। ସତ୍ୟସିଂ ଦାସ ଭକ୍ତକବି ମଧୁସୂଦନ ରାଓଙ୍କ ରଚିତ ବ୍ରହ୍ମଗୀତ ଆବୃତ୍ତି କରିଥିଲେ। ଆଶିଷ ବସା ଧନ୍ୟବାଦ ଅର୍ପଣ କରିଥିଲେ। ସନ୍ଧ୍ୟା ଅଧିବେଶନରେ ବାରିପଦା ବ୍ରହ୍ମସମାଜର ପ୍ରାଣ ପ୍ରତିଷ୍ଠାତା ନନ୍ଦଲାଲ ବନ୍ଦୋପାଧ୍ୟାୟଙ୍କ ରଚିତ ବ୍ରହ୍ମ ସଙ୍ଗୀତକୁ ଟ୍ରଷ୍ଟର ମୁଖ୍ୟ ରଞ୍ଜନ ବାନାର୍ଜୀ ଆବୃତ୍ତି କରିଥିଲେ। ଇ. ମାନସ ଷଡ଼ଙ୍ଗୀଙ୍କ ସଂଯୋଜନାରେ ବର୍ଷୀୟାନ ବ୍ରହ୍ମପ୍ରେମୀ କୋଲକାତାର ଅନିରୁଦ୍ଧ ରକ୍ଷିତ, ଶୁକ୍ଳଓ ବାନାର୍ଜୀ ପ୍ରମୁଖ ଯୋଗଦେଇ ଉପାସନା କରିଥିଲେ। ମିଡ଼ିଆ କମିଟିର ମୁଖ୍ୟ ସଂଯୋଜକ ସୋମନାଥ ସିଂହ ଧନ୍ୟବାଦ ଦେଇଥିଲେ।

# କେନ୍ଦୁଜିଆଣୀ ଶିଶୁମନ୍ଦିରରେ ଜାତୀୟ ଗଣିତ ଦିବସ

**ମହୁଲଡିହା, ୨୨।୧୨(ସମିସ):** କେନ୍ଦୁଜିଆଣୀ ଆବାସିକ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଭାରତୀୟ ଗଣିତଜ୍ଞ ଶ୍ରୀନିବାସ ରାମାନୁଜନଙ୍କ ଜନ୍ମ ଦିବସ ଅବସରରେ ଜାତୀୟ ଗଣିତ ଦିବସ ପାଳିତ ହୋଇଛି। ମୁଖ୍ୟଅତିଥି ଭାବେ ଖଣ୍ଡବନ୍ଧ ଉଚ୍ଚପ୍ରାଥମିକ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ରୁଦ୍ରବଲ୍ଲଭ ମହାନ୍ତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଆସନବଣୀ ପ୍ରକଳ୍ପ ବିଦ୍ୟାଳୟ ବିଜ୍ଞାନ ଶିକ୍ଷକ ଦିଲ୍ଲୀପ ବାରିକ ଯୋଗ ଦେଇଥିଲେ। ପ୍ରଧାନଆଚାର୍ଯ୍ୟ ପର୍ଶୁରାମ ମହାନ୍ତ ଅତିଥି ପରିଚୟ ପ୍ରଦାନ କରିଥଲେ। ଏହି କାର୍ଯ୍ୟକ୍ରମରେ ଶିଶୁ ଭାଇଙ୍କ ଦ୍ୱାରା ପ୍ରସ୍ତୁତ ଗଣିତଜ୍ଞଙ୍କ ଜୀବନୀ, ପ୍ରଶ୍ନ ମଞ୍ଚ, ପଣିକିଆ ପ୍ରତିଯୋଗିତା ଓ ଓଲଟା ଗଣନା, ଗଣିତ କବିତା, ଗଣିତ ମେଳା (ଗଣିତ ହାଟ), ଗଣିତ ଚିତ୍ର ପ୍ରଦର୍ଶନୀ, ଗଣିତ ଚାର୍ଟ ପ୍ରଦର୍ଶନ ଆଦି ଅନୁଷ୍ଠିତ ହୋଇଥିଲା। ବିଚାରକ ମଣ୍ଡଳୀ କୃତିତ୍ୱ ହାସଲ କରିଥିବା ଶିଶୁ ଭାଇଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଆଚାର୍ଯ୍ୟ ଯୋଗେଶ୍ୱର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

# ସ୍ତ୍ରୀକୁ ପୋଡ଼ି ମାରିବାକୁ ସ୍ୱାମୀ ଘରେ ଲଗାଇଲା ନିଆଁ

**କପ୍ତିପଦା, ୨୨।୧୨(ସମିସ):** ସ୍ୱାମୀ ରଚିଲା ନାରକୀୟ କାଣ୍ଡ। ସ୍ତ୍ରୀଠାରୁ ଅଲଗା ହୋଇ ରହୁଥିବାରୁ ସ୍ତ୍ରୀ ଘରେ ନିଆଁ ଲଗାଇ ପୋଡି ମାରିବାକୁ କରିଲା ଉଦ୍ୟମ। କପ୍ତିପଦା ଥାନା ଗୌଡ଼ଗାଁ କୁଆଗୋଠଣା ଗ୍ରାମରେ ଏଭଳି ଘଟଣା ଘଟିଛି। ଉଦଳା ଥାନା ବାଉଁଶପାଳ ଅଞ୍ଚଳର ଶ୍ରଦ୍ଧାଞ୍ଜଳି ବାରିକ ଓ ତାଙ୍କ ସ୍ୱାମୀ ମୃତ୍ୟୁଞ୍ଜୟ ବାରିକଙ୍କ ମଧ୍ୟରେ ପାରିବାରିକ କଳହ କାରଣରୁ ଉଭୟ ଅନେକ ଦିନ ହେବ ଅଲଗା ରହୁଛନ୍ତି। ଗତକାଲି ଶ୍ରଦ୍ଧାଞ୍ଜଳି ବାପ ଘରକୁ ଶୁଦ୍ଧିକ୍ରିୟା କର୍ମ ନିମନ୍ତେ ଆସିଥିବାବେଳେ ପଡ଼ିଶାଙ୍କ ନିକଟରୁ ଘରେ ନିଆଁ ଲାଗିଥିବା ଖବର ପାଇଥିଲେ। ଘରେ ପହଞ୍ଚି ଶୋଇବା ଘର ଝରକା ଭଙ୍ଗା ଯାଇ ପେଟ୍ରୋଲ ଢାଳି ନିଆଁ ଲଗାଇ ମାରିଦେବାକୁ ଉଦ୍ୟମ କରାଯାଇଥିବା ସେ ଜାଣିବାକୁ ପାଇଥିଲେ। ଅଗ୍ନିଶମ ବିଭାଗ ନିଆଁକୁ ଆୟତ୍ତ କରିଥିବାବେଳେ ଶ୍ରଦ୍ଧାଞ୍ଜଳିଙ୍କ ସ୍ୱାମୀ ଓ ଶଶୁର ଶ୍ୟାମସୁନ୍ଦର ବାରିକ ତାଙ୍କୁ ମାରିବାକୁ ଘରେ ନିଆଁ ଲଗାଇ ଦେଇଥିବା ଅଭିଯୋଗ କରିଛନ୍ତି ଶ୍ରଦ୍ଧାଞ୍ଜଳି। ପୂର୍ବରୁ ବହୁବାର ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ ଶଶୁର ଘର ଲୋକେ। ପୁଣି ଏଭଳି କାଣ୍ଡ ଭିଆଇଥିବା କହିଛନ୍ତି ଶ୍ରଦ୍ଧାଞ୍ଜଳି।

## ବାମନଘାଟି ଉପଖଣ୍ଡରେ ବେଆଇନ ବାଲି ଉତ୍ତୋଳନ ଘଟଣା

# ଖବର ପ୍ରକାଶ ପରେ ଅତିରିକ୍ତ ଖଣି ସଚିବଙ୍କ ତଦନ୍ତ ନିର୍ଦ୍ଦେଶ

**ରାଇରଙ୍ଗପୁର, ୨୨।୧୨(ସମିସ)**

ବାମନଘାଟି ଉପଖଣ୍ଡ ଲଘୁଖଣିଜ ମାଫିଆଙ୍କ ନିମନ୍ତେ ଭୂସ୍ୱର୍ଗ ପାଲଟିଥିବାବେଳେ ନିୟମିତ ଟ୍ରିପ ଟ୍ରିପ ବାଲି ବେଆଇନ ଭାବେ ଚାଲାଣ ହେଉଛି। ରାଇରଙ୍ଗପୁରରେ ଖଣି ବିଭାଗ କାର୍ଯ୍ୟାଳୟ ନ ଥିବାରୁ ଚଢ଼ଉ ଅଭାବରୁ ବେଆଇନ ଭାବେ ଲଘୁ ଖଣିଜ ଉତ୍ତୋଳନ କରି ଚୋରା ଚାଲାଣ ମାତ୍ରା ଅନେକ ବୃଦ୍ଧି ପାଉଛି। ଯାହାକୁ ନେଇ କିଛିଦିନ ପୂର୍ବେ ଦୈନିକ 'ସକାଳ' ଖବରକାଗଜରେ ଖବର ପ୍ରସାରଣ ହୋଇଥିଲା। ଏହାକୁ ନେଇ ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଷ୍ଟିଲ୍ ଓ ମାଇନିଂ ବିଭାଗର ଅତିରିକ୍ତ ସଚିବ ରାଜେଶ ପ୍ରସାଦ ନାୟକ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ଲଘୁ ଖଣିଜ ବିଭାଗ ନିର୍ଦ୍ଦେଶକ ଓ ମୟୂରଭଞ୍ଜ ଜିଲ୍ଲାପାଳଙ୍କୁ ପତ୍ର ଯୋଗେ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

ରାଇରଙ୍ଗପୁର ନିକଟବର୍ତ୍ତି ବହଳଦା, ଜାମଦା ଓ ତିରିଂ ବ୍ଲକରେ ବ୍ୟାପକ ଭାବେ ବାଲି ଚୋରା ଚାଲାଣ ହେଉଥିବା ଅଭିଯୋଗ ହେଉଛି। କିନ୍ତୁ ପୁଲିସ ଓ ମାଇନିଂ ବିଭାଗ ପକ୍ଷରୁ କାଁଭାଁ ଚଢ଼ଉ କରୁଥିବାବେଳେ ସେଭଳି ତତ୍ପରତା ପ୍ରକାଶ ପାଉନାହିଁ। ଚୋରା ଚାଲାଣ ବାବଦରେ ପ୍ରଶାସନ ଜାଣି ସୁଦ୍ଧା ଚୁପ ରହିଛି। ବହଳଦା ଓ ଜାମଦା ତହସିଲ ଅଧୀନ ଖଡ଼ଖାଇ ନଦୀର ବିଭିନ୍ନ ଘାଟ ଓ ତିରିଂ ତହସିଲ ଅଧୀନ ନଦୀର ରାମବେଡା, ବିଜୟବସା, ମଘୁଆ ସମେତ ଅନ୍ୟ ବେଆଇନ ବାଲିଘାଟରୁ ବେଧଡକ ଭାବେ ଶହ ଶହ ଟ୍ରିପ ବାଲି ଉତ୍ତୋଳନ କରି ଚୋରା ଚାଲାଣ କରୁଛନ୍ତି। ଉକ୍ତ ଅଞ୍ଚଳରେ କେବଳ ୫ଟି ନଦୀ ଘାଟକୁ ଅସ୍ଥାୟୀ ସୋର୍ସ ଘାଟ ଭାବେ ଅନୁମତି ଥିବାବେଳେ ବାକି ଘାଟରୁ କୌଣସି ଲିଜ୍ ନ ଥିବା ସତ୍ତ୍ୱେ ବାଲି ଚୋରା ଚାଲାଣ ହେଉଛି। ଯାହାକି ପ୍ରଶାସନ ନଜରରେ ପଡ଼ିପାରୁନାହିଁ। ଉକ୍ତ ନଦୀ କୂଳରେ ଅନେକ ବେଆଇନ ବାଲି ସଇରାତ ଗଢି ଉଠିଛି। ଯେଉଁଠୁ କି ନିୟମିତ ଭାବେ ହାଇୱା ଓ ଟ୍ରାକ୍ଟରରେ ଟ୍ରିପ ଟ୍ରିପ ବାଲି ଉତ୍ତୋଳନ ହୋଇ ପଡ଼ୋଶୀ ଝାଡ଼ଖଣ୍ଡର ବିଭିନ୍ନ ସ୍ଥାନକୁ ନିୟମିତ ଭାବେ ଚାଲାଣ ହେଉଛି। ବାଲି ମାଫିଆ ବିନା ଡରରେ ବେଆଇନ ଭାବେ ବାଲି ଉତ୍ତୋଳନ କରୁଛନ୍ତି। ଫଳରେ ମାଫିଆଙ୍କ ନିମନ୍ତେ ଭୂସ୍ୱର୍ଗ ପାଲଟିଛି। ଉପଖଣ୍ଡରେ ବିନା ପ୍ରତିବନ୍ଧକରେ ଅନେକ ବେଆଇନ ଘାଟ ଖୁଲମଖୁଲା ଭାବେ ଦିନରାତି ଲଘୁ ଖଣିଜ ଚୋରା ଚାଲାଣ ହେଉଥିବା ନେଇ ଖବର ପ୍ରସାରଣ ପରେ ତଦନ୍ତ ନେଇ ନିର୍ଦ୍ଦେଶ ଦିଆଯାଇଛି। ଷ୍ଟିଲ ଓ ମାଇନିଂ ବିଭାଗର ପତ୍ର ସଂଖ୍ୟା ୧୨୩୮୧/୨୨-୧୨-୨୦୨୫ରେ ନିର୍ଦ୍ଦେଶ ଦେଇଛନ୍ତି। ନିର୍ଦ୍ଦେଶକ ଓ ଜିଲ୍ଲାପାଳଙ୍କ ସମେତ ଏହାର ନକଲ ଭଦ୍ରକସ୍ଥ ଖଣି ବିଭାଗ ଅତିରିକ୍ତ ନିର୍ଦ୍ଦେଶକ, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଓ ଅଭିଯୋଗକାରୀଙ୍କୁ ପ୍ରଦାନ କରାଯାଇଛି।


ପାୱାରଗ୍ରିଡ POWERGRID

ନୋଟିସ

୧. "ପୂର୍ବ ଅଞ୍ଚଳ ବିସ୍ତାର ଯୋଜନା–XXVII (ERES-XXVII)" ଅଧୀନରେ ପୂର୍ବ ଅଞ୍ଚଳରେ ସ୍ଥାପିତ ସଂପତ୍ତି ପାଇଁ ଟାରିଫ୍ ନିର୍ଣ୍ଣୟ ସମ୍ବନ୍ଧୀୟ ଅନୁରୋଧ, ଯାହା ଭାରତୀୟ ବିଦ୍ୟୁତ ଆଇନ, 2003 ର ଧାରା 62 ସହିତ ଧାରା 79(1)(d) ଅନୁଯାୟୀ ଏବଂ କେନ୍ଦ୍ରୀୟ ବିଦ୍ୟୁତ ନିୟନ୍ତ୍ରଣ ଆୟୋଗ (କାରୋବାର ପ୍ରଚାଳନ) ନିୟମାବଳୀ, 2023 ର ନିୟମ 15(1)(a) ଓ ନିୟମ 23 ସହିତ, କେନ୍ଦ୍ରୀୟ ବିଦ୍ୟୁତ ନିୟନ୍ତ୍ରଣ ଆୟୋଗ (ଟାରିଫ୍ ନିୟମ ଓ ସର୍ତ୍ତାବଳୀ) ନିୟମାବଳୀ, 2024 ଅନୁସାରେ ଦାଖଲ କରାଯାଇଛି।

୨. ଉପରୋକ୍ତ ଉଲ୍ଲେଖିତ ପୂର୍ବ ଅଞ୍ଚଳର ଟ୍ରାନ୍ସମିଶନ୍ ପ୍ରଣାଳୀର ଲାଭାନ୍ୱିତମାନେ ହେଲେ: i) ବିହାର ରାଜ୍ୟ ପାୱାର (ହୋଲ୍ଡିଂ) କମ୍ପାନୀ ଲିମିଟେଡ୍, ii) ପଶ୍ଚିମବଙ୍ଗ ରାଜ୍ୟ ବିଦ୍ୟୁତ ବଣ୍ଟନ କମ୍ପାନୀ ଲିମିଟେଡ୍, iii) ଗ୍ରିଡ୍ କର୍ପୋରେସନ୍ ଅଫ୍ ଓଡ଼ିଶା ଲିମିଟେଡ୍, iv) ଦାମୋଦର ଭ୍ୟାଲି କର୍ପୋରେସନ୍, v) ସିକ୍କିମ ସରକାରଙ୍କ ପାୱାର ବିଭାଗ, vi) ଝାଡ଼ଖଣ୍ଡ ବିଜୁଳି ବିତରଣ ନିଗମ୍ ଲିମିଟେଡ୍।

୩. ଅନୁମୋଦିତ ମୂଳଧନ ଖର୍ଚ୍ଚ (ଲକ୍ଷରେ), ବାଣିଜ୍ୟିକ ଚାଳନା ଆରମ୍ଭ ତାରିଖ ଏବଂ ମୋଟ ଆନୁମାନିକ ମୂଳଧନ ଖର୍ଚ୍ଚ (ଲକ୍ଷରେ):

| Asset | Approved Capital cost (Rs in Lakhs) | DOCO | Total Estimated Capital cost (Rs in Lakhs) |
|---|---|---|---|
| Asset 1 | 2361.24 | 26.09.2024 | 1512.56 |
| Asset 2 | 3580.43 | 31.08.2025 | 4387.29 |
| Total | **5941.67** | | **5899.85** |

୪. ଟାରିଫ୍ ବିବରଣୀ:
କ) ୨୦୨୪-୨୯ ବ୍ଲକ୍ — ଟଙ୍କା (ଲକ୍ଷରେ)

| Sl No | Name of the asset | 2024-25 | 2025-26 | 2026-27 | 2027-28 | 2028-29 |
|---|---|---|---|---|---|---|
| 1 | Asset 1 | 136.03 | 290.48 | 298.33 | 296.70 | 295.38 |
| 2 | Asset 2 | 0.0 | 367.95 | 688.36 | 730.24 | 737.68 |

୫. ଏହି ନୋଟିସ୍ ଏବଂ ଟାରିଫ୍ ନିର୍ଣ୍ଣୟ ପାଇଁ ଦାଖଲ କରାଯାଇଥିବା ଆବେଦନର ଏକ ନକଲ ଆବେଦକଙ୍କ ୱେବସାଇଟ୍ (http://www.powergrid.in) ରେ ଅପଲୋଡ କରାଯାଇଛି।


୬. ଟାରିଫ୍ ନିର୍ଣ୍ଣୟ ସମ୍ବନ୍ଧୀୟ ଏହି ଆବେଦନରେ ସମ୍ମିଳିତ ପ୍ରସ୍ତାବଗୁଡ଼ିକ ବିଷୟରେ ଯଦି କୌଣସି ପରାମର୍ଶ କିମ୍ବା ଆପତ୍ତି ଥାଏ, ତେବେ ଲାଭାନ୍ୱିତମାନେ ସହିତ ସମେତ ଯେକୌଣସି ବ୍ୟକ୍ତି ଏହି ନୋଟିସ୍ ପ୍ରକାଶ ପାଇଥିବା ତାରିଖରୁ 30 ଦିନ ମଧ୍ୟରେ କେନ୍ଦ୍ରୀୟ ବିଦ୍ୟୁତ ନିୟନ୍ତ୍ରଣ ଆୟୋଗର ସଚିବ, ୬ଷ୍ଠ, ୭ମ ଓ ୮ମ ତଳ, ଟାୱର–ବି, ୱର୍ଲ୍ଡ ଟ୍ରେଡ୍ ସେଣ୍ଟର, ନାଓରୋଜୀ ନଗର, ନୂଆଦିଲ୍ଲୀ–୧୧୦୦୨୯ (କିମ୍ବା ଆୟୋଗର କାର୍ଯ୍ୟାଳୟ ଯେଉଁ ଠିକଣାରେ ଅବସ୍ଥିତ) ଙ୍କ ନିକଟରେ ଦାଖଲ କରିପାରିବେ। ଏହା ସହିତ, ଆବେଦକଙ୍କ କର୍ପୋରେଟ୍ କାର୍ଯ୍ୟାଳୟର ଠିକଣାକୁ ମଧ୍ୟ ଏକ ନକଲ ପ୍ରେରଣ କରିବା ଆବଶ୍ୟକ।

ସ୍ଥାନ: ଗୁରୁଗାଓଁ, ତାରିଖ: ୨୨.୧୨.୨୦୨୫ — ସ୍ୱା/- ଉପ-ମହାପ୍ରବନ୍ଧକ (ବ୍ୟବସାୟିକ)

PG/NOTICE/2025/D360

ପାୱାରଗ୍ରିଡ୍ କର୍ପୋରେସନ୍ ଅଫ୍ ଇଣ୍ଡିଆ ଲିମିଟେଡ୍
(ଭାରତ ସରକାରଙ୍କ ଏକ ଉଦ୍ୟୋଗ)
ପଞ୍ଜିକୃତ କାର୍ଯ୍ୟାଳୟ: ବି-୯, କୁତୁବ ଇନ୍‌ଷ୍ଟିଚ୍ୟୁସନାଲ ଏରିଆ, କଟୱାରିଆ ସରାଇ, ନୂଆ ଦିଲ୍ଲୀ-୧୧୦୦୧୬
କର୍ପୋରେଟ୍ କାର୍ଯ୍ୟାଳୟ: 'ସୌଦାମିନୀ, ପ୍ଲଟ ନଂ ୨, ସେକ୍ଟର-୨୯, ଗୁରୁଗାଓଁ-୧୨୨୦୦୧, ହରିୟାଣା
www.powergridindia.com, ସିଆଇଏନ୍: L40101DL1989GOI038121
A Maharatna PSU

# ସମ୍ପାଦକୀୟ



ବର୍ଷରେ ଏମିତି ଦୁଇଟି ଦିନ ଅଛି, ଯେଉଁଦିନ ଆମେ କୌଣସି କାମ କରିପାରିବା ନାହିଁ, ଗତକାଲି ଓ ଆସନ୍ତା କାଲି!
-ମହାତ୍ମା ଗାନ୍ଧୀ

ସକାଳ THE SAKALA

## କୁହନ୍ତି ଯେଡ଼େ ନୁହନ୍ତି ସେଡ଼େ

ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ଦିନକୁଦିନ ନିୟନ୍ତ୍ରଣ ବାହାରକୁ ଚାଲି ଯାଉଥିବାର ପରିଲକ୍ଷିତ ହେଉଛି। ସତେଯେପରି ମନେ ହେଉଛି ପୁଲିସ ପ୍ରଶାସନ ଉପରେ ଅପରାଧ ତତ୍ତ୍ୱଙ୍କ ଡର ତୁଟିଯାଇଛି। ଭାତ ହାଣ୍ଡିରୁ ଗୋଟିଏ ଚିପିଲା ଭଳି କେବଳ ଯଦି ରାଜଧାନୀ ପରିସ୍ଥିତିକୁ ଅନୁଧ୍ୟାନ କରିବା ତାହା ହିଁ ଯଥେଷ୍ଟ ହେବ ରାଜ୍ୟ ପରିସ୍ଥିତିକୁ ଆକଳନ କରିବାରେ। କ୍ଷମତାକେନ୍ଦ୍ରର ନାକତଳେ ଗୋଟିକ ପରେ ଗୋଟିଏ ନାରୀ ଜନିତ ହିଂସା ଓ ଦୁଷ୍କର୍ମ ଘଟିଚାଲିଛି। ବ୍ୟବସ୍ଥାକୁ ଅଧିକ କଠୋର ଓ ଶୃଙ୍ଖଳିତ କରିବା ସକାଶେ କଟକ-ଭୁବନେଶ୍ୱର ଦ୍ୱୈତନଗରୀକୁ ନେଇ ଗଠିତ କମିଶନରେଟ ପୁଲିସର ଏହି ଚରମ ବିଫଳତା ପାଇଁ ଆମେ କାହାକୁ ଦାୟୀ କରିବା? ରାଜଧାନୀର ଟ୍ରାଫିକ ବିଶୃଙ୍ଖଳାକୁ ଦେଖିଲେ ଯେ କେହି ଅଣନିଃଶ୍ୱାସୀ ହୋଇଯିବ।

ଆଜି ଏଠି ତ କାଲି ସେଠି, କେଉଁଠି ନା କେଉଁଠି ନାରୀଜନିତ ଏମିତି କିଛି ଘଟଣା ଘଟୁଛି ଯେଉଁଥିରେ ରାଜଧାନୀ ବାସିନ୍ଦାଙ୍କ ପୁଲିସ ଉପରୁ ଭରସା ତୁଟିବା ଆରମ୍ଭ କରିଛି। ତେଣିକି ସେ ଲିଙ୍ଗରାଜ ମନ୍ଦିରର ପୂଜକଙ୍କ ବଳାତ୍କାର ଉଦ୍ୟମ ହେଉ କିମ୍ବା ଧଉଳି ନିକଟସ୍ଥ ଦୟାନଦୀ ଉପରେ ନାବାଳିକାକୁ ଗଣଦୁଷ୍କର୍ମ। ପଛକୁ ପଛ ସହିଦନଗରସ୍ଥିତ ଏକ ଭଡ଼ାଘରେ ଚାକିରି ଦେବା ଆଳରେ ମହିଳାଙ୍କୁ ଗଣବଳାତ୍କାର କରାଯାଇଛି। ପୁଲିସ ପକ୍ଷରୁ 'ରେଡଫ୍ଲାଗ' ଜାରି କରି ଘଟଣାର ତ୍ୱରିତ ଅନୁସନ୍ଧାନ ଓ ଚାର୍ଜସିଟର ପ୍ରତିଶ୍ରୁତି ଦିଆଯାଇଛି ସତ, କିନ୍ତୁ ଅପରାଧ ଥମୁନି। ଏହି ଘଟଣା ଠିକ ପରଦିନ ଆଇଜି ପାର୍କରେ ପୁଣି ଜଣେ ମହିଳାଙ୍କୁ ଟଣାଓଟରା କରିବା ଘଟଣା ସାମ୍ନାକୁ ଆସିଛି। ଧଉଳି ଘଟଣାରେ ତିନି ଅଭିଯୁକ୍ତ ଗିରଫ ହୋଇଛନ୍ତି ଏବଂ ଆଉ ଦୁଇଜଣ ଏପର୍ଯ୍ୟନ୍ତ ଧରାପଡ଼ି ନାହାନ୍ତି। ଅବଶ୍ୟ ସହିଦନଗର ଘଟଣାରେ ଦୁଇ ଜଣଙ୍କୁ ଗିରଫ କରି ତୁରନ୍ତ କୋର୍ଟଚାଲାଣ କରାଯାଇଛି। ଏହାପରେ ଯେ ଆଉ କିଛି ଅପରାଧ ଘଟିବ ନାହିଁ ତାହାର କେହି ଗ୍ୟାରେଣ୍ଟି ଦେଇପାରିବେନି। ରାଜ୍ୟରେ ଶିକ୍ଷାନୁଷ୍ଠାନଠାରୁ ଆରମ୍ଭ କରି ସାଧାରଣ କର୍ମକ୍ଷେତ୍ର ପର୍ଯ୍ୟନ୍ତ କେଉଁଠି ମହିଳା ସୁରକ୍ଷିତ ନୁହନ୍ତି। ପରିସ୍ଥିତି ଏଭଳି ରୂପ ନେଇଛି ଯେ ଗଣମାଧ୍ୟମରେ ଅପରାଧ ଖବରରେ ପୃଷ୍ଠା ଭରିଯାଉଛି। ରାଜ୍ୟରେ ଯେ ଆଇନର ଶାସନ ଚାଲିଛି ସେ ନେଇ ବହୁ ସଚେତନ ନାଗରିକଙ୍କ ମନରେ ସନ୍ଦେହ ଉପୁଜିଲାଣି।

ସେହିଭଳି ରାଜଧାନୀରେ ଟ୍ରାଫିକ ନିୟନ୍ତ୍ରଣ ଏକପ୍ରକାର ଜୁଲମରେ ପରିଣତ ହୋଇଛି। ବ୍ୟବସ୍ଥାକୁ ଏକ ଆଇଟି ସଂସ୍ଥା ହାତକୁ ଟେକି ଦିଆଯାଇଥିବାରୁ ଏବେ ମେସିନ ନିୟନ୍ତ୍ରଣ କରୁଛି ପରିସ୍ଥିତି। ପରିସ୍ଥିତିକୁ ଦେଖି ତୁରନ୍ତ ପଦକ୍ଷେପ ଗ୍ରହଣ କରିବାର ସୁଯୋଗ ନାହିଁ। ଦାୟିତ୍ୱରେ ଥିବା କର୍ମଚାରୀ ରିଲ୍ସ ଉଠାଇବାରେ ବ୍ୟସ୍ତ। ରସୁଲଗଡ଼ ଓ ଏସ୍ପ୍ଲାନେଡ୍ ସ୍ଥିତି ଏଭଳି ଅସମ୍ଭାଳ ହୋଇପଡ଼ିଛି ଯେ ଥରେ ଭିଡ଼ରେ ଫସିଗଲେ ବାହାରିବାର ଯେମିତି ଉପାୟ ନାହିଁ। ଏହିକ୍ରମରେ ନାଲକୋ ଛକ ସ୍ଥିତ ଏକ ଗେଷ୍ଟହାଉସରୁ ସନ୍ଦିଗ୍ଧ ଅବସ୍ଥାରେ ଜଣେ ବ୍ୟକ୍ତିର ମୃତଦେହ ଉଦ୍ଧାର କରିଛି ପୁଲିସ।

ଆମ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନିଜେ ଗୃହବିଭାଗ ଦାୟିତ୍ୱରେ ଅଛନ୍ତି। ସବୁଦିନ ଆମେ ବିଭିନ୍ନ ସଭା ଓ ସମାବେଶରେ ତାଙ୍କ ଭାଷଣ ଓ ଫଟୋ ସମ୍ବାଦପତ୍ରରେ ଦେଖୁଛୁ। ସକ୍ରିୟ ଓ ଚଳଚଞ୍ଚଳତାରୁ ମନେ ହେଉଛି ସେ ସବୁକିଛି ସମ୍ଭାଳି ପାରିବେ। ତେବେ ଏଭଳି ଏକ ଦୁର୍ଗତିରୁ ରାଜ୍ୟବାସୀଙ୍କୁ ଉଦ୍ଧାରିବାରେ ନିଷ୍ଫଳ କାହିଁକି? ନିର୍ବାଚନ ପ୍ରତିଶ୍ରୁତି କେବଳ କଥା ନୁହେଁ, କାମରେ ପ୍ରତିଫଳିତ ହେବା ଜରୁରୀ।

## ହକ୍ଆଇ- ଅପରେସନ୍ ସିନ୍ଦୂର

ଆତଙ୍କବାଦୀ କାର୍ଯ୍ୟକଳାପ ବିରୋଧରେ ଲଢ଼ିବାର ଅଧିକାର ସବୁରାଷ୍ଟ୍ରଙ୍କର ଅଛି। ବିଭିନ୍ନ ରାଷ୍ଟ୍ରୀୟ ଶିଖର ସମ୍ମିଳନୀରେ ଆତଙ୍କବାଦ ବିରୋଧରେ ମିଳିତ ଲଢ଼େଇ ପାଇଁ ଭାରତ ପକ୍ଷରୁ ସବୁବେଳେ ଆହ୍ୱାନ ଦିଆଯାଉଛି। ଏପ୍ରିଲ ୨୨ ରେ ପହଲଗାମରେ ଲସ୍କର ଇ ତୋଇବା ସଂଗଠନର ସହଯୋଗୀ ଟିଆରଏଫ କର୍ମୀ ୨୬ ଜଣ ନିରୀହ ପର୍ଯ୍ୟଟକଙ୍କୁ ନୃଶଂସ ଭାବେ ଗୁଳିକରି ହତ୍ୟା କଲେ। ଜବାବ୍‌ରେ ମେ' ୭ ତାରିଖରେ 'ଅପରେସନ ସିନ୍ଦୂର' ମାଧ୍ୟମରେ ପିଓକେରେ ଥିବା ୫ଟି ଓ ପାକିସ୍ତାନର ୪ଟି ଆତଙ୍କବାଦୀ କେନ୍ଦ୍ରକୁ ଭାରତ ଧ୍ୱଂସ କରିଥିଲା। ଏହି କାର୍ଯ୍ୟାନୁଷ୍ଠାନରେ ଶତାଧିକ ଆତଙ୍କବାଦୀ ମଧ୍ୟ ନିହତ ହୋଇଥିଲେ। ପାକିସ୍ତାନର ପରବର୍ତ୍ତୀ କାର୍ଯ୍ୟକଳାପ ଭାରତକୁ ବାଧ୍ୟ କରିଥିଲା ଅଭିଯାନର ଦିଗ ପରିବର୍ତ୍ତନ କରିବାକୁ। ଏକ୍ଷେତ୍ରରେ ତୁର୍କୀ ଓ ଚୀନର ଭୂମିକାକୁ ବିଶ୍ୱ ଜନସମୁଦାୟ ନିନ୍ଦା କରିବା ପରିବର୍ତ୍ତେ ସମୟକ୍ରମେ ଆମେରିକା ମଧ୍ୟ ପାକିସ୍ତାନର ସହଯୋଗୀ ହୋଇଯାଇଛି। ଅଥଚ ଗତ ସପ୍ତାହରେ ସିରିଆର ୭୦ ଆଇଏସ କେନ୍ଦ୍ର ଉପରେ ଆକ୍ରମଣ କରି ଧ୍ୱଂସ କରିଛି ଆମେରିକା। କେନ୍ଦ୍ରୀୟ ସିରିଆର ପାଲିମିରା ସହରରେ ୨ ଜଣ ଆମେରିକୀୟ ସୈନିକ ଓ ଜଣେ ଅନୁବାଦକଙ୍କୁ ଆଇଏସ ଆତଙ୍କବାଦୀ ହତ୍ୟା କରିବା ଘଟଣାର ପ୍ରତିଶୋଧ ନେଉଛି ଆମେରିକା।

ସିରିଆର ନୂଆ ନେତୃତ୍ୱ ରାଷ୍ଟ୍ରପତି ଅହମ୍ମଦ ଅଲ୍ ଶାରାଙ୍କ ବିବାଦୀୟ ଭୂମିକା ସତ୍ତ୍ୱେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ତାଙ୍କର ସାକ୍ଷାତ ଓ ଆଲୋଚନା ମଧ୍ୟ ପ୍ରାଚ୍ୟ କୂଟନୀତିକୁ ପ୍ରଭାବିତ କରୁଛି। ଇସଲାମିକ୍ ଷ୍ଟେଟ୍ ବିରୋଧରେ ଆମେରିକାର ମିଳିତ ମଞ୍ଚ ସହ ଚୁକ୍ତିବଦ୍ଧ ହୋଇଛି ସିରିଆ। ଅଥଚ ଅସଲରେ ଶରା କ୍ଷମତାସୀନ ହେବା ପୂର୍ବରୁ ଥିଲେ ଆଇଏସ ସଂଗଠନର ଜଣେ ପ୍ରମୁଖ କର୍ମକର୍ତ୍ତା। ତେଣୁ ତାଙ୍କ ଭୂମିକା ଏବେ ମଧ୍ୟ ସନ୍ଦେହରୁ ଊର୍ଦ୍ଧ୍ୱରେ ନୁହେଁ। ଆମେରିକା ସହ ଏତେ ବୁଝାମଣା ଓ ସହଯୋଗ ସତ୍ତ୍ୱେ ଅସଲରେ ସିରିଆ ସୁରକ୍ଷା ବାହିନୀର ସଦସ୍ୟ ହିଁ ଆମେରିକା ସୈନ୍ୟଙ୍କ ଉପରେ ଆକ୍ରମଣ କରିଥିଲେ। ଟ୍ରମ୍ପ କହିଛନ୍ତି, ସିରିଆରେ ଆମେରିକା ସୈନିକଙ୍କୁ ଯେଭଳି ନୃଶଂସ ଭାବେ ହତ୍ୟା କରାଯାଇଛି ତାହାର କଠୋର ପ୍ରତିଶୋଧ ନିଆଯାଉଛି। ଏହା ଥିଲା ହକ୍ଆଇ ଷ୍ଟ୍ରାଇକ। ଆତଙ୍କବାଦୀ କେନ୍ଦ୍ରକୁ ଧ୍ୱଂସ କରିବା ପାଇଁ ଉଭୟ 'ହକ୍ଆଇ ଷ୍ଟ୍ରାଇକ' ଓ 'ଅପରେସନ ସିନ୍ଦୂର'ର ଉଦ୍ଦେଶ୍ୟ ମଧ୍ୟରେ ସେଭଳି ପାର୍ଥକ୍ୟ ନ ଥିବା ବେଳେ ଭାରତ ପ୍ରତି ବାଛବିଚାରମୂଳକ ଆଭିମୁଖ୍ୟ କାହିଁକି?

ସମୟ ବଦଳୁଛି। ସର୍ବଶକ୍ତିମାନର ଅହଂକାର ବିରୋଧରେ ମୁଣ୍ଡ ଟେକୁଥିବା ଅସନ୍ତୋଷ ବିରୋଧରେ ବିଶ୍ୱ ଭୂ-ରାଜନୀତିରେ ହଲଚଲ ଆରମ୍ଭ ହୋଇଛି। ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ମୁଣ୍ଡ ଟେକୁଥିବା ନୂଆ କ୍ଷମତା କେନ୍ଦ୍ର ଆଗାମୀ ଦିନରେ ଆମେରିକାର ପ୍ରାଧାନ୍ୟକୁ କ୍ଷୁର୍ଣ୍ଣ କରିବା ଅସମ୍ଭବ ନୁହେଁ।

# ଓଡ଼ିଶାର ବିଶ୍ୱବିରଳ ସମ୍ପଦ

ଡ. ବିଜୟକେତନ ପଟ୍ଟନାୟକ

ଗତ ଅକ୍ଟୋବର ମାସରେ ଅନ୍ତର୍ଜାତୀୟ ବହୁଳ ପ୍ରସାରିତ ପତ୍ରିକା 'ନ୍ୟାସନାଲ ଜୋଗ୍ରାଫି'ର ପ୍ରଚ୍ଛଦରେ ବିଶିଷ୍ଟ ଫଟୋଗ୍ରାଫର ପ୍ରସନ୍ନଜିତ୍ ଯାଦବଙ୍କ ଦ୍ୱାରା ଉତ୍ତୋଳିତ ଶିମିଳିପାଳର କଳାବାଘର ଫଟୋ ସ୍ଥାନ ପାଇବା ପରେ ବିଶ୍ୱବାସୀଙ୍କ ଦୃଷ୍ଟି ଆକର୍ଷଣ କରିଛି। ଏହି ଫଟୋଟି ଉଠାଇବା ପାଇଁ ଯାଦବଙ୍କୁ ଶିମିଳିପାଳରେ ୧୨୦ ଦିନ ସମୟ ବିତାଇବାକୁ ପଡ଼ିଛି। କଳାବାଘ ଭାରତର ଅନ୍ୟ କୌଣସି ବ୍ୟାଘ୍ର ଅଭୟାରଣ୍ୟରେ ଦେଖାଯାଆନ୍ତି ନାହିଁ। ଏପରିକି ବିଶ୍ୱରେ ମଧ୍ୟ ବିରଳ। ତେଣୁ ଏପରି ଏକ ବିରଳ ସମ୍ପତ୍ତିର ଅଧିକାରୀ ଭାବେ, ଆମ ଓଡ଼ିଶାବାସୀ ନିଶ୍ଚୟ ଆହ୍ଲାଦିତ ହେଉଥିବେ।

ଏବେ କଳାବାଘ ସଂଖ୍ୟା ବୃଦ୍ଧି ପାଇବା ଫଳରେ ପର୍ଯ୍ୟଟକମାନେ ମଧ୍ୟ ଅନେକ ସମୟରେ ଶିମିଳିପାଳ ଜଙ୍ଗଲରେ ବାଘ ଦେଖୁଛନ୍ତି ଏବଂ ତା'ର ଫଟୋ ଉଠାଇ କ୍ଷେତ୍ର ନିର୍ଦ୍ଦେଶକଙ୍କ ନିକଟକୁ ପଠାଉଛନ୍ତି। ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ପୂର୍ବରୁ କାହିଁକି ପର୍ଯ୍ୟଟକମାନେ, ଏପରିକି ବନ ବିଭାଗର ଅଧିକାରୀମାନେ ମଧ୍ୟ ବିଭିନ୍ନ ସମୟରେ ଶିମିଳିପାଳ ଜଙ୍ଗଲ ଗସ୍ତ କରିବା ଅବସରରେ ବାଘ ଦେଖିବାର ସୁଯୋଗ ପାଇନାହାନ୍ତି? ଏଥିପାଇଁ ବିଭିନ୍ନ ମହଲରେ କ୍ଷୋଭ ମଧ୍ୟ ପ୍ରକାଶ ପାଇଛି।

ସତରେ କ'ଣ ବାଘ ଚତୁରତାର ସହିତ ମନୁଷ୍ୟର ଦୃଷ୍ଟିକୁ ଏଡ଼ାଇ ଯାଏ? ଅବଶ୍ୟ କଥା ଅଛି, ତୁମେ ଥରେ ଜଙ୍ଗଲରେ ବାଘକୁ ଦେଖିବା ପୂର୍ବରୁ ବାଘ ତୁମକୁ ଶହେଥର ଦେଖି ସାରିଥିବ। ଏହାର ପ୍ରମୁଖ କାରଣ ହେଉଛି ଶିମିଳିପାଳର ଅସମତଳ ଭୂଭାଗ ଏବଂ ପରିପୂର୍ଣ୍ଣ ଘଞ୍ଚ ଜଙ୍ଗଲ। ଏହା ମୁଖ୍ୟତଃ କ୍ରାନ୍ତୀୟ ଅର୍ଦ୍ଧ-ଚିରହରିତ ଓ ଆର୍ଦ୍ରମିଶ୍ରିତ ସୂକ୍ଷ୍ମ ପର୍ଣ୍ଣମୋଚୀ ଜଙ୍ଗଲରେ ଭରା। ଶତକଡ଼ା ୫୦ ଭାଗରୁ ଊର୍ଦ୍ଧ୍ୱ ସୁଉଚ୍ଚ ଶାଳ ଜଙ୍ଗଲ। ଏହାଛଡ଼ା ଚମ୍ପା, ଶିମିଳି ଓ ଅନ୍ୟାନ୍ୟ ଗଛ ମଧ୍ୟ ରହିଛି। ମଧ୍ୟମ ଥାକ ଓ ତଳ ଥାକରେ ମଧ୍ୟ ଅନେକ ମଧ୍ୟମ ଓ ଛୋଟ ଧରଣ ଗଛ, ଲତା, ବୁଦା ରହିଛି। ବଣବୁଦାର ଘଞ୍ଚତା ମଧ୍ୟରେ, ବିଶେଷକରି କଳାବାଘଙ୍କର କଳା ରଂଗ ଓ ଛାପଛାପିକିଆ ରଙ୍ଗ, ସହଜରେ ଠଉରେଇ ହୁଏ ନାହିଁ। ଦ୍ୱିତୀୟତଃ, ଶିମିଳିପାଳ ଜଙ୍ଗଲଭିତରେ ଅନେକ ଚିରସ୍ରୋତା ଝରଣା ଓ ନଈ, ନାଳ ରହିଛି। ଯେଉଁ ଜଙ୍ଗଲରେ ପାଣିର ଅଭାବ ରହିଛି, ସେଠି ବାଘ ବା ଅନ୍ୟଜନ୍ତୁ ପାଣି ପିଇବାକୁ ଜଳସ୍ରୋତ ନିକଟକୁ ଆସିଲା ବେଳେ ସେମାନଙ୍କୁ ସହଜରେ ଠାବ କରିହୁଏ। ତୃତୀୟ ଓ ସବୁଠାରୁ ମୁଖ୍ୟ କାରଣ ହେଲା, ଆୟତନ ତୁଳନାରେ ୨୦୦୬ ପରଠାରୁ ଗତ କିଛିବର୍ଷ ହେଲା କ୍ୟାମେରା ଟ୍ରାପ ପଦ୍ଧତିରେ ଶିମିଳିପାଳରେ ଗଣନ କରାଯାଇଥିବା ବାଘ ସଂଖ୍ୟ ଯଥେଷ୍ଟ କମ। ଫଳରେ ସେମାନେ ସହଜରେ ମନୁଷ୍ୟର ନଜରକୁ ଆସନ୍ତି ନାହିଁ କିମ୍ବା ମଣିଷ ସହିତ ମୁହାଁମୁହିଁ ହୁଅନ୍ତି ନାହିଁ।

ମୟୂରଭଞ୍ଜ ଜିଲ୍ଲାର ଶିମିଳିପାଳ ବନାଞ୍ଚଳ ଅନନ୍ୟ ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ଜୈବ ବିବିଧତାରେ ପରିପୂର୍ଣ୍ଣ। ଏକାଧାରରେ ଏହା ଏକ ଅଭୟାରଣ୍ୟ, ବ୍ୟାଘ୍ରପ୍ରକଳ୍ପ, ଜାତୀୟଉଦ୍ୟାନ ଓ ଜୈବ ମଣ୍ଡଳର ମାନ୍ୟତା ପାଇଛି। ଅନ୍ୟାନ୍ୟ ବନ୍ୟପ୍ରାଣୀଙ୍କ ମଧ୍ୟରେ ବାଘ ଓ ହାତୀ ଶିମିଳିପାଳର ଆଗଧାଡ଼ିର ବନ୍ୟଜୀବ। ୨୭୫୦ ବର୍ଗ କିଲୋମିଟର ପରିମିତ ଶିମିଳିପାଳ ବନାଞ୍ଚଳ ୧୯୭୩ ମସିହାରେ ଦେଶରେ ପ୍ରଥମ କରି ଘୋଷିତ ହୋଇଥିବା ୯ ଗୋଟି ବ୍ୟାଘ୍ର ପ୍ରକଳ୍ପ ମଧ୍ୟରୁ ଥିଲା ଅନ୍ୟତମ। ଆୟତନ ଦୃଷ୍ଟିରୁ ବିଶାଳ ଓ ଅନୁକୂଳ ସ୍ୱାଭାବିକ ପ୍ରାକୃତିକ ପରିସଂସ୍ଥା କାରଣରୁ ଶିମିଳିପାଳ ଜଙ୍ଗଲ ଦୀର୍ଘମିଆଦୀ ସୂତ୍ରରେ ବାଘ ବଂଶ ଧାରଣ କରିବାକୁ ସକ୍ଷମ। ସେ ବାଘ ଥିଲେ ମହାବଳ ବାଘ ବା ରୟାଲ ବେଙ୍ଗଲ ଟାଇଗର। ବିଶିଷ୍ଟ ପ୍ରାଣୀ ବିଶେଷଜ୍ଞ ଡ. ଲାଲା ଏ.କେ. ସିଂହ ତାଙ୍କ ରଚିତ 'ବର୍ଣ୍ଣବ୍ଲାକ' ପୁସ୍ତକରେ ଦର୍ଶାଇଛନ୍ତି ଯେ ୧୯୭୦ରେ ଶିମିଳିପାଳରେ ଗୋଟିଏ କଳାବାଘ ଠାବ କରାଯାଇଥିଲା। ସେ ସମୟରେ କରଞ୍ଜିଆ ବନଖଣ୍ଡରେ କାର୍ଯ୍ୟରତ ଜନୈକ ବନାଧିକାରୀ କୁହନ୍ତି ୧୯୭୧ରେ ତତ୍କାଳୀନ ଡି.ଏଫ, ଓ ଏବଂ ତାଙ୍କ ଡ୍ରାଇଭର ଗୁଡୁଗୁଡିଆ ଜଙ୍ଗଲରେ କଳାବାଘ ଦେଖିଛନ୍ତି। କିନ୍ତୁ ଏବିଷୟରେ କୌଣସି ପ୍ରାମଣିକ ତଥ୍ୟ ନଥିଲା। ୧୯୯୩ ମସିହା ଜୁଲାଇ ମାସରେ ସେଠିକାର ଜଣେ ଆଦିବାସୀ ବାଳକ ଆତ୍ମରକ୍ଷା ନିମନ୍ତେ ତୀରରେ କାଳାବାଘଟିଏ ମାରି ଆତ୍ମସମର୍ପଣ କରିବାରୁ ବିଧିବଦ୍ଧ ଭାବେ ପ୍ରାମାଣିକ ତଥ୍ୟ ସହ ଶିମିଳିପାଳ ଜଙ୍ଗଲରେ କଳା ବାଘ ଥିବା କଥା ଜଣାପଡ଼ିଲା।

କ୍ୟାମେରା ଟ୍ରାପ ପଦ୍ଧତିରେ ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ(ଏନ୍‌ଟିସିଏ) ଦ୍ୱାରା ପ୍ରତି ଚାରିବର୍ଷ ଅନ୍ତରରେ କରାଯାଇଥିବା ସର୍ବେକ୍ଷଣରେ ଶିମିଳିପାଳ ଜଙ୍ଗଲରେ ମାତ୍ର ୧୭ ରୁ ୨୯ ମଧ୍ୟରେ ବାଘ ରହିଥିବାର ଜଣାପଡ଼ିଛି ସିନା କଳାବାଘ ସଂପର୍କରେ କିଛି ସୂଚନା ମିଳିନାହିଁ। ପ୍ରଥମ କରି ୨୦୨୨ ମସିହାରେ କ୍ୟାମେରା ଟ୍ରାପ ପଦ୍ଧତିରେ କରାଯାଇଥିବା ବାଘ ଗଣନା ରିପୋର୍ଟ ପ୍ରକାଶିତ ହେଲା ପରେ ଜଣାଗଲା ଶିମିଳିପାଳ ବନାଞ୍ଚଳରେ ଠାବ କରାଯାଇଥିବା ମୋଟ ୧୬ ଟି ବାଘଙ୍କ ମଧ୍ୟରୁ ୧୦ଟି ହେଉଛନ୍ତି କଳାବାଘ।

ସେହିବର୍ଷ ରାଜ୍ୟସଭାରେ ଦେଶର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଏକ ପ୍ରଶ୍ନର ଉତ୍ତର ଦେଇ କହିଥିଲେ, ଓଡ଼ିଶାର ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପରେ ୧୦ଟି କଳାବାଘ ଠାବ କରାଯାଇଛି। କେବଳ ଆମ ଦେଶର ଅନ୍ୟ ବ୍ୟାଘ୍ର ପ୍ରକଳ୍ପରେ ନୁହେଁ, ସମଗ୍ର ବିଶ୍ୱରେ ମଧ୍ୟ ଅନ୍ୟତ୍ର କଳା ବାଘ ଦେଖିବାକୁ ବିରଳ। ୨୦୨୩-୨୪ ମସିହାରେ ରାଜ୍ୟ ବନ୍ୟପ୍ରାଣୀ କର୍ତ୍ତୃପକ୍ଷ ନିଜସ୍ୱ ଉଦ୍ୟମରେ ପ୍ରାୟ ୧୫୦୦ କ୍ୟାମେରା ବସାଇ କରିଥିବା ଗଣନାରୁ ଜଣାପଡ଼ିଛି ଯେ ଏବେ ଶିମିଳିପାଳରେ ୨୭ଟି ବାଘ ଅଛନ୍ତି। ତନ୍ମଧ୍ୟରୁ ୬ଟି କୃଷ୍ଣକାୟ ବାଘ ଓ ୭ ଟି କୃଷ୍ଣକାୟ ବାଘୁଣୀ। ଏହାଛଡ଼ା କେତେକ କୃଷ୍ଣକାୟ ବାଘ ଛୁଆ ଥିବାର ମଧ୍ୟ ଦୃଷ୍ଟିଗୋଚର ହୋଇଛି। ଦେଖିବାକୁ ଗଲେ କଳାବାଘ ସଂଖ୍ୟା ୫୦ ପ୍ରତିଶତରୁ ଟପିଗଲାଣି।

ବାସ୍ତବିକ୍ କଳାବାଘ କୌଣସି ଅଲଗା ପ୍ରଜାତି ନୁହେଁ। ବରଂ ସାଧାରଣ ରଙ୍ଗର। ଅର୍ଥାତ୍ ସୁନା ପରି ହଳଦିଆ ରଙ୍ଗର ଦେହରେ ସରୁ ସରୁ କଳା ପଟିଥିବା ମହାବଳ ବାଘର ଏହା ଏକ ବର୍ଣ୍ଣ ବ୍ୟତିକ୍ରମ। ମେଲାନିନ୍ ଏକ ପ୍ରାକୃତିକ କଳାରଙ୍ଗର ରଞ୍ଜକ। ଶରୀରରେ ମେଲାନିନ୍ ବା 'କୃଷ୍ଣବର୍ଣ୍ଣ' ଅତ୍ୟଧିକ ଭାବରେ ଉତ୍ପାଦିତ ହେଲେ କ୍ରୋମୋଜୋମ୍ ବା ଗୁଣସୂତ୍ରରେ ଜିନୀୟ ପରିବର୍ତ୍ତନ ଘଟିଥାଏ। ଏହାକୁ 'ସ୍ୟୁଡୋ ମେଲାନିଜିମ୍' କୁହାଯାଏ। ଏହି ପରିବର୍ତ୍ତନ ଦ୍ୱାରା ବାଘ ଶରୀରରେ ଦେଖାଯାଉଥିବା କଳା କଳା ପଟିର ଚଉଡ଼ା ବୃଦ୍ଧି ପାଇ ପରସ୍ପର ସହିତ ମିଶିଯାଏ। ଫଳରେ ଚମଡ଼ାର ରଙ୍ଗରେ ଏକ ବିଶେଷ ପରିବର୍ତ୍ତନ ଘଟି ପ୍ରାୟତଃ କଳା ଦେଖାଯାଏ। ଟାକ୍‌ପେପ୍ ନାମକ ଏକ ଜିନ ବିଲେଇ ପରିବାର ସଦସ୍ୟମାନଙ୍କର ଚର୍ମର ରଙ୍ଗ ବଦଳାଇବା କ୍ଷେତ୍ରରେ ବିଶେଷ ଭାବେ ପ୍ରଭାବିତ କରିଥାଏ।

ଏହାଭିତରେ ଶିମିଳିପାଳ ଜଙ୍ଗଲରେ ବାଘଙ୍କ ସଂଖ୍ୟା ବେଶ୍ କମିଯାଇଥିଲା। କରିଡର ବା ସଂଯୋଗ ପଥ ଅଭାବରୁ ସେମାନେ ଅନ୍ୟ ଜଙ୍ଗଲର ବାଘଙ୍କଠାରୁ ଅଲଗା, ବିଚ୍ଛିନ୍ନ ହୋଇ ରହୁଛନ୍ତି। ୨୦୧୦ ବାଘ ଗଣନାରେ ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପରେ ୮ଟି ବାଘ ଥିବାର ଦର୍ଶାଯାଇଥିଲା। ଏବେ ସେଠାରେ ବାଘ ସଂଖ୍ୟା ଶୂନ୍ୟ। ଓଡ଼ିଶାର ଅନ୍ୟ ଜଙ୍ଗଲରେ ମଧ୍ୟ ପ୍ରାୟତଃ ବାଘ ନାହାନ୍ତି କହିଲେ ଚଳେ। ଏକ ଦ୍ୱୀପ ସଦୃଶ ଶିମିଳିପାଳ ବନାଞ୍ଚଳର ଆବଦ୍ଧ ହୋଇ ରହିବା ଫଳରେ ନିଜ ନିଜ ଭିତରେ ଆନ୍ତଃ ପ୍ରଜନନ ଘଟୁଛି ଓ ଏହିପରି ବର୍ଣ୍ଣ ବିଭ୍ରାଟ ଦେଖାଯାଉଛି। ଏହି କାରଣରୁ ସମଗୋତ୍ରରେ ବା ରକ୍ତ ସଂପର୍କ ଥିବା କ୍ଷେତ୍ରରେ ଆମ ସମାଜରେ ବିବାହ କରାଯାଏ ନାହିଁ। ଆନ୍ତଃ-ପ୍ରଜନନ ହେତୁ ଅବସାଦଗ୍ରସ୍ତ ହେବା ଫଳରେ କଳାବାଘ ପ୍ରାୟତଃ ନିଃସ୍ପୃହ ଏବଂ ଅନେକ ସ୍ୱାସ୍ଥ୍ୟଗତ ସମସ୍ୟା ପ୍ରତି ଆଘାତପ୍ରବଣ। ଏମାନଙ୍କ ଭିତରେ ଜିନୀୟ ବିବିଧତା କ୍ରମଶଃ କ୍ଷୀଣ ହୋଇ ଯାଉଥିବାରୁ ଜଳବାୟୁ ପରିବର୍ତ୍ତନ କାରଣରୁ ସୃଷ୍ଟି ହେଉଥିବା ରୋଗ ଓ ଅନ୍ୟାନ୍ୟ ପାରିପାର୍ଶ୍ୱିକ ଚାପ ସହିତ ଖାପଖୁଆଇ ଚଳିବା ସେମାନଙ୍କ ପକ୍ଷେ କଷ୍ଟକର। ଏହି ଅବସ୍ଥା ଚାଲୁ ରହିଲେ ସୁଦୂର ଭବିଷ୍ୟତରେ ବାଘ ବଂଶ ଶିମିଳିପାଳରୁ ସଂପୂର୍ଣ୍ଣ ନିଶ୍ଚିହ୍ନ ହୋଇଯାଇପାରେ।

ଅନେକ ପ୍ରାଣୀ ବିଶେଷଜ୍ଞଙ୍କ ମତରେ କଳାବାଘର ଆକୃତି ସାଧାରଣ ମହାବଳ ବାଘଠାରୁ ଛୋଟ ହୋଇଥିବାରୁ ଶିକାର କରିବା ପାଇଁ ଏହା ହୁଏତ ବାଧକ ସାଜିପାରେ। ଦ୍ୱିତୀୟତଃ, ସେମାନଙ୍କର ପ୍ରଜନନ କ୍ଷମତା ମଧ୍ୟ ଅପେକ୍ଷାକୃତ କମ ବୋଲି କୁହାଯାଏ। ଶିମିଳିପାଳରେ ବାଘବଂଶର ସଂରକ୍ଷଣ ଓ ଅଭିବୃଦ୍ଧି ନିମନ୍ତେ କଳାବାଘ କ୍ଷେତ୍ରରେ ଜିନୀୟ ବିବିଧତା ହ୍ରାସ ଘଟଣା, ବନ୍ୟ ପ୍ରାଣୀ ବିଭାଗ ପାଇଁ ଏକ ବିଶେଷ ଆହ୍ୱାନ। ଜିନୀୟ ବିବଧତା ବୃଦ୍ଧି ପାଇଁ ପଦକ୍ଷେପ ସ୍ୱରୂପ ମହାରାଷ୍ଟ୍ରର ତରଭା ବା ଅନ୍ଧେରୀ ଜଙ୍ଗଲରୁ ଦୁଇଟି ବାଘୁଣୀ ଯମୁନା ଓ ଜୀନତ୍‌ଙ୍କୁ ଆଣି ଶିମିଳିପାଳରେ ଛଡ଼ାଯିବା ଏକ ସମୟୋଚିତ ପଦକ୍ଷେପ।

(ଓଡ଼ିଶାର ପୂର୍ବତନ ପ୍ରଧାନ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ)
ଭୁବନେଶ୍ୱର, ମୋ: ୯୪୩୭୦୦୦୯୦୪

# ଦୃଷ୍ଟିକୋଣ ବଦଳୁଛି

ଡ. ବିରଜା ରାଉତରାୟ

ସମୟ ଥିଲା, ଶାରୀରିକ ଅବା ମାନସିକ ଅକ୍ଷମତା ସାମାଜିକ ଦୃଷ୍ଟିରେ ବର୍ଜ୍ୟବସ୍ତୁ ପରି ଅଖୋଜା, ଅଲୋଡ଼ା ଓ ଅଦରକାରୀ ଭାବେ ବିବେଚିତ ହେଉଥିଲା। ଏହାସହିତ ପୁଣି ଯୋଡ଼ି ହୋଇଯାଇଥିଲା ରୂଢ଼ିବାଦୀ ମାନସିକତା, ଅସହିଷ୍ଣୁତା ଓ ଅନ୍ଧବିଶ୍ୱାସ। ମାନବ ସଭ୍ୟତାର ବିକାଶ ଯାତ୍ରାରେ ଧୀରେ ଧୀରେ ସମାଜର ମୁଖ୍ୟସ୍ରୋତରୁ ବିଚ୍ଛିନ୍ନ ରହିଯାଇଥିବା ମଣିଷକୁ ଭିନ୍ନ ମାନବୀୟ ଚକ୍ଷୁରେ ବିଚାର କରିବା ପ୍ରକ୍ରିୟାର ସୂତ୍ରପାତ ହେଲା। ମାନବିକ ଅଧିକାରକୁ ନେଇ ସଚେତନତା ସୃଷ୍ଟି ସହ ଆଇନ ପ୍ରଣୟନ ହେଲା ଏବଂ ସ୍ୱୀକୃତି ମଧ୍ୟ ମିଳିଲା। ଏହିସବୁ ସାମାଜିକ ସଂସ୍କାରଧର୍ମୀ ବିବର୍ତ୍ତନ ମୁଖ୍ୟତଃ ଦଶନ୍ଧି ଦଶନ୍ଧି ଧରି ସାମାଜିକ କର୍ମୀ ଓ ମାନବିକ ସଂଗଠନମାନଙ୍କର ନିରବଚ୍ଛିନ୍ନ ଆନ୍ଦୋଳନର ଫଳଶ୍ରୁତି। ଏହିକ୍ରମରେ ସମାଜର ଭିନ୍ନକ୍ଷମମାନଙ୍କ ପ୍ରତି ପୂର୍ବରୁ ରହିଥିବା ଅବଧାରଣା ଓ ଦୃଷ୍ଟିକୋଣ ମଧ୍ୟ ଆଇନଗତ ବ୍ୟବସ୍ଥାରେ ପରିଶୋଧିତ ହୋଇପାରିଛି। ମୋଟାମୋଟି କହିବାକୁ ଗଲେ ଭିନ୍ନକ୍ଷମଙ୍କ ପ୍ରତି ଦୃଷ୍ଟିକୋଣ ବଦଳୁଛି।

ଭିନ୍ନକ୍ଷମମାନଙ୍କ ପ୍ରତି ଏହି ଦୀର୍ଘ ନ୍ୟାୟିକ ଯାତ୍ରାରେ ଦୁଇ ଦୁଇ ଥର ସ୍ୱତନ୍ତ୍ର ଆଇନ୍ ପାରିତ ହୋଇଛି। ପ୍ରଥମଥର ଏ ଦିଗରେ ଭିନ୍ନକ୍ଷମଙ୍କ ନିମନ୍ତେ (ସମାନ ସୁଯୋଗ, ଅଧିକାର ସୁରକ୍ଷା ଓ ପୂର୍ଣ୍ଣ ଅଂଶଗ୍ରହଣ) ଅଧିନିୟମ ୧୯୯୫ ମସିହାରେ ପାରିତ ହୋଇ କାର୍ଯ୍ୟକାରୀ ହୋଇଥିଲା। ଏହା ପ୍ରାଥମିକ ଭାବେ ଭିନ୍ନକ୍ଷମଙ୍କୁ ବିଭିନ୍ନ କ୍ଷେତ୍ରରେ ସଂରକ୍ଷଣ, ସୁବିଧା, ସୁଯୋଗ ଓ ଅଧିକାରକୁ ସୁନିଶ୍ଚିତ କରାଇଥିଲା। ସାମାଜିକ ଦୃଷ୍ଟିରେ ସମବେଦନା, ଅନୁକମ୍ପା ଓ ଦୟାର ପାତ୍ରରୁ ଅଧିକାର ଓ ହକ୍ ପର୍ଯ୍ୟାୟକୁ ଉନ୍ନୀତ କରାଇଲା। ପ୍ରଥମ କରି ଏହି ଆଇନ ବଳରେ ଭିନ୍ନକ୍ଷମମାନଙ୍କୁ ଅନ୍ୟ ନାଗରିକଙ୍କ ପରି ସମାଜରେ ସମାନ ସୁଯୋଗ, ଅଧିକାର ସୁରକ୍ଷା ଓ ପୂର୍ଣ୍ଣ ଅଂଶଗ୍ରହଣ ସହିତ ସମ୍ବିଧାନ ପ୍ରଦତ୍ତ ଧାରା ୧୪ ଓ ୨୧ ମୁତାବକ ସମାନତା ଓ ଆତ୍ମସମ୍ମାନପୂର୍ଣ୍ଣ ଜୀବନଯାପନ ନିମନ୍ତେ ଅଧିନିୟମ ପ୍ରଣୀତ ହୋଇଥିଲା। ମାତ୍ର ଉକ୍ତ ଆଇନ୍‌ରେ କେତେଗୁଡ଼ିଏ ଦୁର୍ବଳ ଦିଗ ରହିଥିବାରୁ ଏହାର ପ୍ରତିବଦଳରେ ଏକ ସଶକ୍ତ ଓ ପ୍ରଭାବଶାଳୀ ଆଇନ୍ ପ୍ରଣୟନ ନିମନ୍ତେ ବିଭିନ୍ନ ସଂଗଠନ ଓ ସାମାଜିକକର୍ମୀ ଦାବି କରି ଆସୁଥିଲେ। ୨୦୦୬ ମସିହା ମିଳିତ ଜାତିସଂଘର ସାଧାରଣ ଅଧିବେଶନରେ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ଅଧିକାର ଆଧାରିତ ପ୍ରସ୍ତାବ ଗୃହୀତ ହେଇଥିଲା। ଯାହା ଏ ଦିଗରେ ଏକ ଶକ୍ତିଶାଳୀ ଓ ଦୃଢ଼ ଆଇନ ପ୍ରଣୟନ ନିମନ୍ତେ ମାର୍ଗ ଉନ୍ମୋଚନ କରିଥିଲା। ଜାତିସଂଘର ଉକ୍ତ ଘୋଷଣାନାମାର ଏକ ସ୍ୱାକ୍ଷରକାରୀ ଦେଶ ଭାବେ ପୂର୍ବୋକ୍ତ ୧୯୯୫ ଆଇନ୍‌ଠାରୁ ଏକ ଉନ୍ନତ ବିଧେୟକ ୨୦୧୬ ମସିହାରେ ଆମ ଦେଶରେ ପାରିତ ହୋଇସାରିଛି, ଯାହା ନୂତନ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ଅଧିକାର ଅଧିନିୟମ-୨୦୧୬ ରୂପେ ଏକ ସ୍ୱତନ୍ତ୍ର ଆଇନର ମାନ୍ୟତା ଲାଭ କରିଛି।

ଏସବୁ ବିଧିବିଧାନ ସତ୍ତ୍ୱେ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ବାସ୍ତବ ମୁଖ୍ୟସ୍ରୋତର ଜୀବନଧାରାରେ ପ୍ରବେଶ କରାଇବା କେବଳ ଆଇନଗତ ବ୍ୟବସ୍ଥା ଦ୍ୱାରା ସମ୍ଭବ ନୁହେଁ। କାରଣ ଆଇନ୍ ପ୍ରଦତ୍ତ ସୁବିଧା, ସୁଯୋଗ ଓ ସୁରକ୍ଷା ଯଦି ଅଣଲେଉଟା ରହିଯାଏ ଏବଂ ଅବଶିଷ୍ଟ ଜନତାଙ୍କଠାରୁ ଅପହଞ୍ଚ ହୋଇ ରହେ, ତେବେ ଆଇନ୍‌ର ଲକ୍ଷ୍ୟ ସୁଦୂରପରାହତ ହୋଇରହିଯିବ। ନୂତନ ଭିନ୍ନକ୍ଷମ ଆଇନ ପ୍ରଣୟନର ଏହି ଦୀର୍ଘବର୍ଷର ବ୍ୟବଧାନ ପରେ ଯଦିଓ ଉପଲବ୍ଧି ସେତେଟା ନିରାଶାଜନକ ନୁହେଁ, କିନ୍ତୁ ଏହାକୁ ଆମେ ଆଶାଜନକ ବୋଲି ମଧ୍ୟ କହିପାରିବା ନାହିଁ।

ଦୃଷ୍ଟିକୋଣ ନିଶ୍ଚୟ ବଦଳୁଛି। ଏହା ଆମକୁ ସନ୍ତୋଷପ୍ରଦ ନ ହେଲେ ସୁଦ୍ଧା ସ୍ୱୀକାର କରିବାକୁ ହେବ। ଶିକ୍ଷାଗ୍ରହଣ ଓ ନିଯୁକ୍ତି ପରି କ୍ଷେତ୍ରରେ ସଂରକ୍ଷଣଠାରୁ ସାମାଜିକ ସୁରକ୍ଷା, ବିବିଧ ପ୍ରୋତ୍ସାହନ, ପେନସନ୍ ଓ ଅନ୍ୟାନ୍ୟ ପ୍ରାବଧାନ ସମାଜର ଏହି ପ୍ରଚଳିତ ନକାରାତ୍ମକ ଦୃଷ୍ଟିକୋଣକୁ ଅନେକାଂଶରେ ମାର୍ଜିତ କରିବାରେ ସହାୟକ ହୋଉଛି - ଏହା ନିଃସନ୍ଦେହ। କିନ୍ତୁ ଏ କଥା ଅବଶ୍ୟ କହିହେବ, ଏବେ ଯେଉଁ ପ୍ରତିଟି କଥାରେ ଏକ ସମ୍ମିଳିତ ସମାଜ ବା ଇନ୍‌କ୍ଲୁସିଭ୍ ସୋସାଇଟି ବିଷୟ ଆମେ ଉତ୍ଥାପନ କରୁଛେ, ସେହି ଲକ୍ଷ୍ୟଠାରୁ ଆମେ ଅନେକ କୋଷ ଦୂରରେ ରହିଛୁ। କାରଣ ଏକ ସମ୍ମିଳିତ ସମାଜ ଦୟା, ଅନୁକମ୍ପା କିମ୍ବା ଆଇନଗତ ଅଧିକାରର ସ୍ତମ୍ଭ ଉପରେ ଗଢ଼ା ହୋଇପାରିବ ନାହିଁ। ଏକ ସମାବେଶୀ ସମ୍ବେଦୀ ଦୃଷ୍ଟିକୋଣ ବହନ କରୁଥିବା ସମାଜକୁ ହିଁ ଆମେ ଯଥାର୍ଥରେ ସମ୍ମିଳିତ ସମାଜ କହି ପାରିବା।

ଏଠାରେ ପହଞ୍ଚିବାକୁ ଗଲେ ସଚେତନତା, ସମ୍ବେଦନଶୀଳତା ଓ ସହାଭାଗିତା ପରି ତିନୋଟି ପର୍ଯ୍ୟାୟ ଉପରେ ପାଦ ଥାପି ସମାଜକୁ ଆଗୁସାର ହେବାକୁ ପଡ଼ିବ। ସମାଜର ମୁଖ୍ୟସ୍ରୋତରେ ସମ୍ପୂର୍ଣ୍ଣ ଅଂଶୀଦାର ହୋଇପାରି ନ ଥିବା ଏହି ପଛୁଆ ଭିନ୍ନକ୍ଷମବର୍ଗଙ୍କୁ ଆଇନଗତ ଅଧିକାର ସମ୍ପର୍କିତ ସଚେତନତାର ଆବଶ୍ୟକତା ଯେପରି ରହିଛି, ବୃହତ୍ତର ସମାଜର ମଧ୍ୟ ସେହିପରି ରହିଛି। ଜଣେ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ସମାଜର ଏକ ସମ୍ମାନଯୁକ୍ତ ଏକକ ମଣିଷ ଭାବେ ବିଚାର କରିବା ପାଇଁ ଆବଶ୍ୟକ ସମ୍ବେଦନଶୀଳତାର ଉଦ୍ରେକ ହେବାକୁ ପଡ଼ିବ। ଅନ୍ୟଥା ଆଇନ ଓ ବିଜ୍ଞାନର ଅଭିଯାତ୍ରା ସତ୍ତ୍ୱେ ବି ଯୁଗଯୁଗର ପ୍ରଥାବଦ୍ଧ କୁସଂସ୍କାର ଓ ଅଭିସମ୍ପାତର କଳଙ୍କ ଓ ବୋଝରୁ ଭିନ୍ନକ୍ଷମଟିଏ ନିଷ୍କୃତି ପାଇବା ଦୁରୂହ ବ୍ୟାପାର ହୋଇ ରହିଥିବ।

ସଚେତନତା ଓ ସମ୍ବେଦନଶୀଳତାର ବ୍ୟାପକ ଓ ସଘନ ଉପସ୍ଥିତି ରହିଲେ ସହାଭାଗିତା ଆପଣାଛାଏଁ ସୃଷ୍ଟି ହେବ। ସହାଭାଗିତାର ଅର୍ଥ ଜଣେ ସାଧାରଣ ବ୍ୟକ୍ତି ଅନ୍ୟଜଣେ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ନିଜ ପରି ଏକ ବ୍ୟକ୍ତିସତ୍ତା ବୋଲି ମନେକରିବ। ଅର୍ଥାତ୍ ପ୍ରତିଟି କ୍ଷେତ୍ରରେ ଘରଠାରୁ ବିଦ୍ୟାଳୟ, କାର୍ଯ୍ୟାଳୟଠାରୁ ବ୍ୟବସାୟ ପ୍ରତିଷ୍ଠାନ ଏବଂ ସମସ୍ତ ସାମାଜିକ ଅନୁଷ୍ଠାନରେ ଏହି ସହାଭାଗିତାର ଭାବ ଉଦୟ ହେବ। ସେତେବେଳେ ହିଁ ଆମେ ଯଥାର୍ଥରେ ଏକ ସମ୍ମିଳିତ ସମାଜର ଚିତ୍ରକୁ ଚାକ୍ଷୁସ କରିପାରିବା।

ମାଧପୁର(କେନ୍ଦ୍ରାପଡ଼ା)
ମୋ: ୯୬୫୮୮୧୦୨୪୪

# ଜୀବନର ବିବିଧକାଳ ଓ ମସ୍ତିଷ୍କ

ଶ୍ରୀନନ

ଜୀବନ କାଳକୁ ସାଧାରଣତଃ ଆମେ ଚାରିଭାଗରେ ବିଭକ୍ତ କରୁ - ଶୈଶବ, ଯୌବନ ପ୍ରୌଢ଼ ଓ ବାର୍ଦ୍ଧକ୍ୟ। ପ୍ରଥମଟି ଜନ୍ମ ସମୟରୁ ୧୬ ବର୍ଷ ମଧ୍ୟରେ ଆସିଲା ବେଳେ ଅବଶିଷ୍ଟ ତିନୋଟି ଯଥାକ୍ରମେ ୧୬ ରୁ ୩୦, ୩୦ ରୁ ୬୦ ଏବଂ ୬୦ ବର୍ଷରୁ ଅଧିକ ବୋଲି ଗଣନା କରାଯାଏ। ଆମ ସମ୍ବିଧାନ ଅନୁସାରେ ୧୮ ବର୍ଷରେ ଜଣେ ପ୍ରାପ୍ତବୟସ୍କ ବୋଲି ଗଣନା ହୁଏ। ସେଥିପାଇଁ ତା'କୁ ଭୋଟ ଦେବାର ଅଧିକାର ମିଳେ। ତେବେ ନିକଟରେ କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟର ଗବେଷକମାନେ ବୟସ ଅନୁଯାୟୀ ମସ୍ତିଷ୍କରେ ଆସୁଥିବା ପରିବର୍ତ୍ତନକୁ ଅଧ୍ୟୟନ କରି ଜୀବନ କାଳକୁ ଭିନ୍ନ ଭାବେ ବିଭକ୍ତ କରିଛନ୍ତି ଏବଂ ୧୮ ପରିବର୍ତ୍ତେ ୩୨ ବର୍ଷକୁ 'ପ୍ରାପ୍ତବୟସ୍କ' ବୋଲି ସୂଚୀତ କରିଛନ୍ତି।

କେମ୍ବ୍ରିଜର ଗବେଷକମାନଙ୍କ ଏହି ଅଧ୍ୟୟନର ଅନ୍ତର୍ଭୁକ୍ତ ହୋଇଥିଲେ ପ୍ରାୟ ୪ ହଜାର ବିଭିନ୍ନ ବୟସର (୯୦ ବର୍ଷ ପର୍ଯ୍ୟନ୍ତ ବୟସ) ଲୋକ। ବୟାସାନୁକ୍ରମେ ମୁଖ୍ୟତଃ ମସ୍ତିଷ୍କର କାର୍ଯ୍ୟଦକ୍ଷତା ଏବଂ ସେଥିର ଆସୁଥିବା ପରିବର୍ତ୍ତନମାନ ଅଧ୍ୟୟନ କରିବା ଥିଲା ଏହାର ଲକ୍ଷ୍ୟ। ଏ ସମ୍ପର୍କରେ ସେମାନେ ପ୍ରବନ୍ଧଟିଏ ପ୍ରକାଶ କରିଛନ୍ତି 'ନେଚର କମ୍ୟୁନିକେସନ୍' ପ୍ରତିକାରେ। ତଦନୁଯାୟୀ ଜନ୍ମ ସମୟରୁ ୯ ବର୍ଷ ପର୍ଯ୍ୟନ୍ତ ବୟସକୁ 'ଶୈଶବ' ବା 'ବାଲ୍ୟକାଳ' ବୋଲି କୁହାଯାଇପାରିବ। ଏ ସମୟରେ ମସ୍ତିଷ୍କ ଦ୍ରୁତଗତିରେ ପରିବର୍ଦ୍ଧିତ ହୁଏ। କିନ୍ତୁ ତହିଁରେ ଥିବା ଅଣବ୍ୟବହୃତ ସଂଯୋଗଗୁଡ଼ିକ ନିଷ୍କାସନ କରିଦିଏ। ଏ ପ୍ରକ୍ରିୟା ସାମୟିକ ଭାବେ ଏହାର ଦକ୍ଷତା ଉପରେ କିଛିଟା ବାଧା ସୃଷ୍ଟି କରେ।

ଏହାପରେ ୯ ବର୍ଷରୁ ୩୨ ବର୍ଷ ମଧ୍ୟରେ ଆସେ କୈଶୋର, ଯାହାକି ଜୀବନର ପ୍ରଧାନ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନର କାଳ। ତେସେବେଳେ ମସ୍ତିଷ୍କରେ ବ୍ୟାପକ ପରିବର୍ତ୍ତନ ଆସେ ଏବଂ ତାହା ହଠାତ୍ ଖୁବ୍

ବିଜ୍ଞାନ ବାର୍ତ୍ତା



ଦକ୍ଷ ହୋଇପଡ଼େ। ଏହି ସମୟ ମଧ୍ୟରେ ବିବିଧ ହର୍ମୋନର କ୍ଷରଣ ବୃଦ୍ଧି ପାଏ, ବିଶେଷକରି ଲିଙ୍ଗୀୟ ହର୍ମୋନ୍‌ଗୁଡ଼ିକର। ଉଦାହରଣ ସ୍ୱରୂପ ନାରୀଠାରେ 'ଓଷ୍ଟ୍ରୋଜେନ' ଓ ପୁରୁଷଠାରେ 'ଟେଷ୍ଟୋଷ୍ଟେରନ'ର କ୍ଷରଣ ଫଳରେ ସେମାନଙ୍କ ଶାରୀରିକ ଗଠନରେ ବିଭେଦତା ପରିଲକ୍ଷିତ ହୁଏ। ଚୟାପଚୟ, ଆଚରଣ, ସ୍ୱର ଇତ୍ୟାଦି ଭିନ୍ନ ଭିନ୍ନ ହୁଏ। ଏହିସମୟ ମଧ୍ୟରେ ମସ୍ତିଷ୍କରେ ଅଙ୍ଗଗତି ସୃଷ୍ଟି ହେବାର ଆଶଙ୍କା ମଧ୍ୟ ସର୍ବାଧିକ। ଜୀବନର ତୃତୀୟ ପର୍ଯ୍ୟାୟଟି ହେଲା ପ୍ରାପ୍ତ ବୟସ୍କ କାଳ। ଏହା ଆସେ ୩୨ରୁ ୬୬ ବର୍ଷ ବୟସ ମଧ୍ୟରେ। ଏହା ସବୁଠାରୁ ଦୀର୍ଘତମ, ଯାହାକି ପ୍ରାୟ ୩ ଦଶକ ପର୍ଯ୍ୟନ୍ତ ବିସ୍ତୃତ। ଏ ସମୟରେ ମସ୍ତିଷ୍କର ଦକ୍ଷତା କ୍ରମଶଃ ନିମ୍ନଗାମୀ ହେବାକୁ ଲାଗେ। ଅତଏବ ବୁଦ୍ଧିମତ୍ତା ମଧ୍ୟ ଧୀରେ ଧୀରେ ହ୍ରାସ ପାଇଚାଲେ ଏବଂ ବିବିଧ ହରମୋନର କ୍ଷରଣ ନିମ୍ନଗାମୀ ତଥା ଶାରୀରିକ କ୍ରିୟାପ୍ରକ୍ରିୟା ମନ୍ଥର ହେବାକୁ ଆରମ୍ଭ କରେ। ଏହାପରେ ୬୬ ବର୍ଷ ବର୍ଷରୁ ୮୩ ବର୍ଷ ବୟସକୁ ଗବେଷକମାନେ 'ଆଦ୍ୟ ବାର୍ଦ୍ଧକ୍ୟ' ବୋଲି ନାମିତ କରିଛନ୍ତି। ଏସମୟରେ ମସ୍ତିଷ୍କର ସ୍ନାୟୁମାନଙ୍କ ସଂଯୋଗର ରୂପ କ୍ରମେ ବଦଳିବାକୁ ଲାଗେ। ଯଦିଓ ତାହା ହଠାତ୍ ନିମ୍ନଗାମୀହୁଏ ନାହିଁ, ତଥାପି ତାହା ସ୍ମୃତିହୀନତା ଆସିବାର ସୂଚନା ଦିଏ ଏବଂ ମସ୍ତିଷ୍କର ସ୍ୱାସ୍ଥ୍ୟ ଉପରେ ରକ୍ତଚାପର ପ୍ରଭାବ ଦୃଶ୍ୟମାନ ହୁଏ। ଶେଷରେ ୮୩ ବର୍ଷ ପରବର୍ତ୍ତୀ ବୟସ ହେଲା 'ବିଳମ୍ବିତ ବାର୍ଦ୍ଧକ୍ୟ କାଳ'। ଜୀବନର ଏହି ଶେଷ ଅବସ୍ଥାରେ ମସ୍ତିଷ୍କରେ ଦ୍ରୁତ ପରିବର୍ତ୍ତନ ଆସେ। ତାହା ସ୍ମୃତିଶକ୍ତି, ଚିନ୍ତନ ଶକ୍ତି ତଥା ସ୍ୱାସ୍ଥ୍ୟ ଉପରେ ଅନ୍ୟାନ୍ୟ ପ୍ରଭାବ ପକାଏ।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୁନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

■ ଅନ୍ତଃରାଜ୍ୟ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ବ୍ୟାପକ ଗଛକଟା ପ୍ରସଙ୍ଗ

# ଆଜି ଏନ୍‌ଜିଟିରେ ଶୁଣାଣି

ବାରିପଦା, ୨୨।୧୨(ସମିସ): ବାରିପଦା ସହରର ପାଲବଣିଠାରେ ପ୍ରସ୍ତାବିତ ଅନ୍ତଃରାଜ୍ୟ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ବ୍ୟାପକ ମାତ୍ରାରେ ଗଛ କଟାଯିବା ଘଟଣାକୁ ନେଇ ଜାତୀୟ ସବୁଜ ପ୍ରାଧିକରଣ(ଏନ୍‌ଜିଟି) ରେ କେସ ନଂ ୨୧୩/ଇଜେଡ/୨୦୨୫ରେ ମାମଲା ରୁଜୁ ହୋଇଛି। ସମସ୍ତ ସରକାରୀ ନିୟମକୁ ଉଲ୍ଲଙ୍ଘନ କରାଯାଇ ପରିବେଶକୁ କ୍ଷତି ପହଞ୍ଚାଉଥିବା ଉପରୋକ୍ତ ପ୍ରକଳ୍ପ ବିରୋଧରେ ବାରିପଦା ବିଧାନସଭା ନିର୍ବାଚନମଣ୍ଡଳୀର କଂଗ୍ରେସ ପ୍ରାର୍ଥୀ ତଥା ପୂର୍ବତନ ମନ୍ତ୍ରୀ ସରସ୍ୱତୀ ହେମ୍ବ୍ରମଙ୍କ ପୁଅ ପ୍ରମୋଦ କୁମାର ହେମ୍ବ୍ରମ ଏନଜିଟିର ଦ୍ୱାରସ୍ଥ ହୋଇଥିଲେ। ତାଙ୍କ ପକ୍ଷରୁ ଉପସ୍ଥାପିତ ସମସ୍ତ ତଥ୍ୟ ପ୍ରମାଣକୁ ଭିତ୍ତି କରି କୋଲକାତାସ୍ଥିତ ଇଷ୍ଟର୍ଣ୍ଣ ବେଞ୍ଚର ଜୁଡିସିଆଲ ମେମ୍ବର ବିଚାରପତି ଅରୁଣ କୁମାର ତ୍ୟାଗୀ ଓ ଏକ୍ସପର୍ଟ ମେମ୍ବର ଈଶ୍ୱର ସିଂ ଆସନ୍ତାକାଲି (ମଙ୍ଗଳବାର) ଏହାର ଶୁଣାଣି କରିବେ। ଏହି ମାମଲାରେ ଓଡ଼ିଶା ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟ ସଚିବ, ମୟୂରଭଞ୍ଜ ଜିଲ୍ଲାପାଳ, ବାରିପଦା ବନଖଣ୍ଡ ଅଧିକାରୀ, ରାଜ୍ୟ ସରକାରଙ୍କ ଜୈବ ବିବିଧତା ସଦସ୍ୟ ସଚିବ, ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ମନ୍ତ୍ରଣାଳୟର ମୁଖ୍ୟ ଉପନିର୍ଦ୍ଦେଶକ, ରାଜ୍ୟ ରାସ୍ତା ଓ ପରିବହନ ବିଭାଗର ପରିଚାଳନା ନିର୍ଦ୍ଦେଶକଙ୍କୁ ପକ୍ଷଭୁକ୍ତ କରାଯାଇଛି। ପ୍ରମୋଦଙ୍କ ପକ୍ଷରୁ ଆଇନଜୀବୀ ଶଙ୍କର ପ୍ରସାଦ ପାଣି ମାମଲା ପରିଚାଳନା କରୁଛନ୍ତି।

ସୂଚନା ମୁତାବକ, ପାଲବଣୀଠାରେ ୫.୧୧ଏକର ଜମିରେ ପ୍ରସ୍ତାବିତ ଅନ୍ତଃରାଜ୍ୟ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ୧୭ ତାରିଖରୁ ଗଛକଟା ଆରମ୍ଭ ହୋଇଛି। ୧୭୮୯ଟି ଗଛ କଟାଯିବା ପାଇଁ ବନ ବିଭାଗ ଅନୁମତି ଥିବା ବେଳେ ୩ ହଜାରରୁ ଊର୍ଦ୍ଧ୍ୱ ଗଛ କଟା ସରିଛି। ଏହାକୁ ନେଇ ପ୍ରଥମେ ଭଞ୍ଜସେନା ବିରୋଧ ଆରମ୍ଭ କରିଥିବା ବେଳେ ସୁପ୍ରିମକୋର୍ଟର ଆଇନଜୀବୀ ଆକାଶ ଶର୍ମା ଘଟଣାର ପ୍ରତିବାଦ କରି ଜଡ଼ିତ ଅଧିକାରୀଙ୍କୁ ପକ୍ଷଭୁକ୍ତ ପୂର୍ବକ ଉଚ୍ଚ ନ୍ୟାୟାଳୟରେ ଏକ ମାମଲ ରୁଜୁ ପାଇଁ ଆବେଦନ କରିଛନ୍ତି। ସେହିପରି ସୋମବାର ମୟୂରଭଞ୍ଜ ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ି ଗଛକଟା ବନ୍ଦ ସାଙ୍ଗକୁ ପ୍ରକଳ୍ପ ଜଙ୍ଗଲ ବିହୀନ ସ୍ଥାନକୁ ସ୍ଥାନାନ୍ତର ପାଇଁ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

ମନରେଗା ନାମ ପରିବର୍ତ୍ତନ ଓ ମହାତ୍ମାଙ୍କୁ ବାଦ ପ୍ରସଙ୍ଗ

# ସାରା ରାଜ୍ୟରେ କଂଗ୍ରେସର ପ୍ରତିବାଦ




ଭୁବନେଶ୍ୱର,୨୨।୧୨(ସମିସ): ମହାତ୍ମା ଗାନ୍ଧୀ ନରେଗା ଯୋଜନାରୁ ମହାତ୍ମା ଗାନ୍ଧୀଙ୍କ ନାମ ବାଦ ଦେବା ପ୍ରସଙ୍ଗକୁ ନେଇ ସାରା ରାଜ୍ୟରେ ପ୍ରତିବାଦକୁ ତୀବ୍ର କରିଛି ରାଜ୍ୟ କଂଗ୍ରେସ। ସୋମବାର ରାଜ୍ୟରେ ପ୍ରତି ସାଂଗଠନିକ ଜିଲ୍ଲାରେ କଂଗ୍ରେସ ପକ୍ଷରୁ ପ୍ରତିବାଦ ରାଲି ଆଦି ଆୟୋଜନ କରାଯାଇଛି। ଏହି କ୍ରମରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଧାରଣା ଓ ସ୍ମାରକପତ୍ର ପ୍ରଦାନ କରାଯାଇଥିବା ବେଳେ କେନ୍ଦ୍ର ବିଜେପି ସରକାର ମହାତ୍ମା ଗାନ୍ଧୀ ନରେଗା ଯୋଜନାରୁ ହଟାଇବାକୁ ନେଇ ସରକାରଙ୍କ ଉପରେ ଦଳର ନେତାମାନେ ବର୍ଷିଛନ୍ତି।

ସ୍ଥାନୀୟ ନାଲକୋ ଛକ ସ୍ଥିତ ମହାତ୍ମା ଗାନ୍ଧୀ ପାର୍କଠାରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଏକ ଧାରଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଉପସ୍ଥିତ କଂଗ୍ରେସ ନେତୃବୃନ୍ଦ ଓ କର୍ମୀମାନଙ୍କୁ ଉଦ୍‌ବୋଧନ ଦେଇ ଜିଲ୍ଲା କଂଗ୍ରେସ ସଭାପତି ପ୍ରକାଶ ଜେନା କହିଲେ ଯେ କେନ୍ଦ୍ର ସରକାର ଚକ୍ରାନ୍ତକରି ନରେଗା ଯୋଜନାରୁ ମହାତ୍ମା ଗାନ୍ଧୀଙ୍କ ନାମ ବାଦ ଦେଇଛନ୍ତି। ଏହା ଭାରତର କୋଟି କୋଟି ଜନସାଧାରଣଙ୍କ ଭାବାବେଗ ପ୍ରତି ଆଘାତ ପହଞ୍ଚାଇଛି। ଏହାସହିତ ଏହି ଯୋଜନାକୁ ମାରି ସରାକର ହିତାଧିକାରୀଙ୍କ ଅଧିକାରଙ୍କୁ ସଂକୁଚିତ କରିଛନ୍ତି। ଫଳରେ ଲାଭବାନ ହେଉଥିବା ଗରିବ ଲୋକମାନେ ପ୍ରଭାବିତ ହେବାର ଆଶଙ୍କା ରହିଛି। ଖୁବଶୀଘ୍ର ପୂର୍ନବିଚାର କରାଯାଇ ଏହି ଆଇନକୁ ପୂର୍ବଭଳି ଅକ୍ଷୁର୍ଣ୍ଣ ରଖିବାକୁ ଶ୍ରୀ ଜେନା ଦାବି କରିଛନ୍ତି। କାର୍ଯ୍ୟକ୍ରମ ପରେ ଶ୍ରୀ ଜେନାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଏଡିଏମଙ୍କ କାର୍ଯ୍ୟାଳୟକୁ ଯାଇ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ନେତୃବୃନ୍ଦ ସର୍ବଶ୍ରୀ ଜଗନ୍ନାଥ ପଟ୍ଟନାୟକ, ଶିବାନନ୍ଦ ରାୟ, କିଶୋର ଜେନା, ମାନସ ଆଚାର୍ଯ୍ୟ, ଚିନ୍ମୟ ସୁନ୍ଦର ଦାସଙ୍କ ସମେତ ବହୁ ବରିଷ୍ଠ କଂଗ୍ରେସ ନେତା ସାମିଲ ହୋଇଥିଲେ।

# ଥାନା ଅଧିକାରୀଙ୍କୁ ଗାଡ଼ି ଚଢ଼ାଇ ହତ୍ୟା ଉଦ୍ୟମ



ଅନୁଗୋଳ,୨୨।୧୨(ସମିସ): ଅନୁଗୋଳ ସାଇବର ଥାନା ଅଧିକାରୀଙ୍କୁ ରାତି ଅଧରେ ଗାଡ଼ି ଚଢ଼ାଇ ହତ୍ୟା ଉଦ୍ୟମ କରାଯାଇଛି। ଅନୁଗୋଳ ସହରରେ ବୁଢ଼ୀ ଠାକୁରାଣୀ ଛକ ନିକଟରେ ରବିବାର ରାତିରେ ଏହି ଘଟଣା ଘଟିଛି। ଏ ନେଇ ଥାନାରେ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୂଚନାନୁସାରେ, ଅନୁଗୋଳ ସାଇବର ଥାନା ଅଧିକାରୀ ଖଲେଶ୍ୱର ସେଠୀ ଗତ ରାତି ପ୍ରାୟ ସାଢ଼େ ୧୧ଟାରେ ଡ୍ୟୁଟି ସାରି ଥାନାରୁ ଫେରୁଥିଲେ। ବୁଢ଼ୀ ଠାକୁରାଣୀ ଛକ ନିକଟରେ ଏକ ବସ୍ (ନଂ-ଓଡି୦୫-ଏବି୧୭୬୫) ତାଙ୍କ ଉପରକୁ ମାଡ଼ି ଆସିଥିଲା। ଚାଳକଜଣଙ୍କ ତାଙ୍କ ଉପରେ ବସ୍ ଚଢ଼ାଇ ହତ୍ୟା ଉଦ୍ୟମ କରିଥିଲା। ତେବେ ଇନ୍ସପେକ୍ଟର୍ ଶ୍ରୀ ସେଠୀ ରାସ୍ତାକଡ଼କୁ ଚାଲିଯିବାରୁ ଅଳ୍ପକେ ବର୍ତ୍ତି ଯାଇଥିଲେ। ପରେ ଡ୍ରାଇଭର୍ ଓ ତାଙ୍କର ଅନ୍ୟ ଦୁଇ ସହଯୋଗୀ ଗାଡ଼ିରୁ ଓହ୍ଲାଇ ତାଙ୍କୁ ଗାଳିଗୁଲଜ କରିବା ସହ ଜାତିଆଣ ଆକ୍ଷେପ କରିଥିଲେ। ଏ ସମ୍ପର୍କରେ ଇନ୍ସପେକ୍ଟର୍ ଶ୍ରୀ ସେଠୀ ଅନୁଗୋଳ ଥାନାକୁ ଜଣାଇଥିଲେ। ପୁଲିସ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲା।

# ବିଜେପି ଚାନ୍ଦାରେ ୬୮% ବୃଦ୍ଧି

## ୨୦୨୪-୨୫ରେ ମିଳିଛି ୬,୬୫୪ କୋଟିର ଚାନ୍ଦା

ନୂଆଦିଲ୍ଲୀ, ୨୨।୧୨ (ଏଜେନ୍ସି): ବିଶ୍ୱର ସବୁଠାରୁ ବଡ଼ ରାଜନୈତିକ ଦଳ ବିଜେପିକୁ ଦାନ ଆକାରରେ ହଜାର ହଜାର କୋଟି ଟଙ୍କା ମିଳିଛି। ୨୦୨୪-୨୫ ଆର୍ଥିକ ବର୍ଷରେ ଏହି ଦଳ ମୋଟ ୬,୬୫୪.୯୩ କୋଟି ଟଙ୍କାର ଚାନ୍ଦା ପାଇଛି। ୨୦୨୩-୨୪ ତୁଳନାରେ ଏହା ୬୮ ପ୍ରତିଶତ ବୃଦ୍ଧି ପାଇଛି। ଏହି ଅବଧିରେ ବିଜେପିକୁ ୩,୯୬୭ କୋଟି ଟଙ୍କା ମିଳିଥିଲା। ନିର୍ବାଚନ କମିଶନ (ଇସି)ଙ୍କ ନିକଟରେ ବିଜେପି ଦାଖଲ କରିଥିବା ପାଣ୍ଠି ଯୋଗଦାନ ତଥ୍ୟରେ ଏହି ସୂଚନା ଦିଆଯାଇଛି। ଗତ ୮ ତାରିଖରେ ଏହା ଦାଖଲ କରାଯାଇଥିଲା। ଏଥିରେ କେବଳ ୨୦ ହଜାରରୁ ଅଧିକ ଟଙ୍କାର ଚାନ୍ଦାକୁ ସାମିଲ କରାଯାଇଛି। ଯଦି ୨୦ ହଜାରରୁ କମ୍ ଚାନ୍ଦାକୁ ମିଶାଯିବ ତେବେ ମୋଟ ଦାନ ପରିମାଣ ଆହୁରି ବୃଦ୍ଧି ପାଇବ।

ରିପୋର୍ଟ ଅନୁଯାୟୀ, ୨୦୨୪ ଏପ୍ରିଲ ୧ରୁ ୨୦୨୫ ମାର୍ଚ୍ଚ ୩୦ ମଧ୍ୟରେ ବିଜେପିକୁ ଏହି ଚାନ୍ଦା ମିଳିଥିଲା। ଗତ ଆର୍ଥିକ ବର୍ଷରେ ବିଜେପିକୁ ମିଳିଥିବା ଚାନ୍ଦାରୁ ୪୦ ପ୍ରତିଶତ ଇଲେକ୍ଟୋରାଲ ଟ୍ରଷ୍ଟରୁ ଆସିଛି। ପ୍ରୁଡେଣ୍ଟ ଇଲେକ୍ଟୋରାଲ ଟ୍ରଷ୍ଟ ୨,୧୮୦ କୋଟି, ପ୍ରୋଗ୍ରେସିଭ ଇଲେକ୍ଟୋରାଲ ଟ୍ରଷ୍ଟ ୭୫୭ କୋଟି, ନ୍ୟୁ ଡେମୋକ୍ରାଟିକ ଇଲେକଟ୍ରୋରାଲ ଟ୍ରଷ୍ଟ ୧୫୦ କୋଟି ଏବଂ ଅନ୍ୟ ଇଲେକ୍ଟୋରାଲ ଟ୍ରଷ୍ଟରୁ ୩,୧୧୨.୫ କୋଟି ଟଙ୍କା ମିଳିଛି। ଆଉ ବାକି ଚାନ୍ଦା କମ୍ପାନୀ ଏବଂ ବ୍ୟକ୍ତି ଦେଇଛନ୍ତି। ଇଲେକ୍ଟୋରାଲ ଟ୍ରଷ୍ଟରେ ମିଳିଥିବା ଚାନ୍ଦାରେ ୭ ବଡ଼ କମ୍ପାନୀ ଟାଟା (୯୧୭ କୋଟି), ଓପି ଜିନ୍ଦଲ ଗ୍ରୁପ (୧୫୭ କୋଟି), ଏଲାଭେଟେଡ ଆଭେନ୍ୟୁ ରିୟଲଟି ଏଲଏଲପି (୫୦୦ କୋଟି), ମେଘା ଇଞ୍ଜିନିୟରିଂ ଆଣ୍ଡ ଇନଫ୍ରାଷ୍ଟ୍ରକ୍ଚର (୧୭୫ କୋଟି), ଅଶୋକ ଲେଲାଣ୍ଡ (୧୦୦ କୋଟି), ଡିଏଲଏଫ (୧୦୦ କୋଟି), ମହିନ୍ଦ୍ରା (୧୬୦ କୋଟି)ର ଯୋଗଦାନ ୫୦ ପ୍ରତିଶତରୁ ଅଧିକ ରହିଛି। ସେହିପରି ପିଭି କ୍ରିଷ୍ଣେ ରେଡ୍ଡୀ ୧୪୫ କୋଟି, କୋଲକାତାର ଲଟେରି କମ୍ପାନୀ ଟାଇଗର ଆସୋସିଏଟ ୧୪୭ କୋଟି ଚାନ୍ଦା ଦେଇଛି।

କର୍ପୋରେଟ ଦାତାଙ୍କ ମଧ୍ୟରେ ସିରମ ଇନଷ୍ଟିଚ୍ୟୁଟ ଅଫ ଇଣ୍ଡିଆ ବିଜେପିକୁ ୧୦୦ କୋଟି, ରୁଙ୍ଗଟା ସନ୍ସ ପ୍ରାଇଭେଟ ଲିମିଟେଡ ୯୫ କୋଟି, ବେଦାନ୍ତ ୬୭ କୋଟି, ମାକ୍ରୋଟେକ ଡେଭଲପର୍ସ (ପରିବର୍ତ୍ତିତ ନାମ ଲୋଧା ଡେଭଲପର୍ସ) ୬୫ କୋଟି, ବଜାଜ ଗ୍ରୁପ କମ୍ପାନୀ ୬୫ କୋଟି ଏବଂ ଡେରାଇଭ ଇନଭେଷ୍ଟମେଣ୍ଟ ୫୦ କୋଟି, ମାଲାବାର ଗୋଲ୍ଡ ୧୦ କୋଟି, କଲ୍ୟାଣ ଜୁଏଲର୍ସ ୧୫.୧ କୋଟି, ହିରୋ ଗ୍ରୁପ ୨୩.୬୫ କୋଟି, ଦିଲିବ ବିଲ୍ଡକନ୍ ଗ୍ରୁପ ୨୯ କୋଟି, ଆଇଟିସି ୩୫ କୋଟି, ୱଭେ ଇଣ୍ଡଷ୍ଟ୍ରିଜ ୫.୨୫ କୋଟି, ଜିରୋଧା ଇନଭେଷ୍ଟମେଣ୍ଟ କମ୍ପାନୀ ୧.୫ କୋଟି ଚାନ୍ଦା ଦେଇଛି।

ସେହିପରି ବିଜେପି ନେତାଙ୍କ ମଧ୍ୟରେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ୩ ଲକ୍ଷ ଟଙ୍କା, ମନ୍ତ୍ରୀ ପିଜୁଶୀ ହଜାରିକା ୨.୭୫ ଲକ୍ଷ ଟଙ୍କା, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଲକ୍ଷେ ଟଙ୍କା, ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୫ ଲକ୍ଷ, ଇନ୍ଦୋର ମେୟର ପୁଷ୍ୟାମିତ୍ର ଭାର୍ଗଭ ଲକ୍ଷେ ଟଙ୍କା, ଆକାଶ ବିଜୟବର୍ଗୀୟ ଲକ୍ଷେ ଟଙ୍କା ଦାନ କରିଛନ୍ତି। ୨୦୨୪-୨୫ ବର୍ଷରେ ବିଜେପିକୁ ଗତ ୫ ବର୍ଷରେ ସର୍ବାଧିକ ଚାନ୍ଦା ମିଳିଛି।

ଅନ୍ୟପକ୍ଷରେ କଂଗ୍ରେସ ଚାନ୍ଦା ୪୩ ପ୍ରତିଶତ ହ୍ରାସ ପାଇ ୫୨୨.୧୩ କୋଟି ଟଙ୍କା ରହିଛି। ଦଳ ୨୦୨୩-୨୪ରେ ୧୧୨୯ କୋଟି ଟଙ୍କା ପାଇଥିଲା। ସେହିପରି ଟିଏମସି ୧୮୪.୦୮ କୋଟି, ବିଆରଏସ ୧୫.୦୯ କୋଟି, ଆମ ଆଦମୀ ପାର୍ଟି ୩୯.୨ କୋଟି, ଟିଡିପି ୮୫.୨ କୋଟି, ବିଜେଡି ୬୦ କୋଟି ଟଙ୍କା ପାଇଛି। ସୁପ୍ରିମକୋର୍ଟ ଅଗଣତାନ୍ତ୍ରିକ କହି ନିର୍ବାଚନୀ ବଣ୍ଡକୁ ଖାରଜ କରିଦେଇଥିବାରୁ ଗତ ବର୍ଷ କେବଳ ଇଲେକ୍ଟୋରାଲ ଟ୍ରଷ୍ଟରେ ଚାନ୍ଦା ମିଳିଛି। ନିର୍ବାଚନୀ ବଣ୍ଡ ଦ୍ୱାରା ରାଜନୈତିକ ଦଳଗୁଡ଼ିକ ଅଜଣା ଉତ୍ସରୁ ୧୬ ହଜାର କୋଟିରୁ ଅଧିକ ଟଙ୍କା ପାଇଥିଲେ। ଏଥିରୁ ବିଜେପିକୁ ସର୍ବାଧିକ ଟଙ୍କା ମିଳିଥିଲା। ସୂଚନାଯୋଗ୍ୟ ଯେ କମ୍ପାନୀଗୁଡ଼ିକ ଦ୍ୱାରା ଇଲେକ୍ଟୋରାଲ ଟ୍ରଷ୍ଟ ଗଠନ କରାଯାଇଥାଏ। କମ୍ପାନୀ ଏବଂ ବ୍ୟକ୍ତିମାନେ ଦେଇଥିବା ଚାନ୍ଦାକୁ ରାଜନୈତିକ ଦଳକୁ ବାଣ୍ଟିବା ଏହାର ଲକ୍ଷ୍ୟ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ନିଲାମ ହେବ ରାଜ୍ୟ...

ମଧ୍ୟରେ ବକ୍ସାଇଟ, ଲୁହାପଥର, ମାଙ୍ଗାନିଜ, ଡୋଲୋମାଇଟ, ଲାଇମଷ୍ଟୋନ, ଲାଟେରାଇଟ, ତମ୍ବା ଓ ସୁନା ଆଦି ମୂଲ୍ୟବାନ୍ ଖଣି ରହିଛି। ସେହିପରି ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ୪ଟି କ୍ରିଟିକାଲ ଖଣିଜ ବ୍ଲକ(କମ୍ପୋଜିଟ ଲାଇସେନ୍ସ) ମଧ୍ୟ ଅନ୍ତର୍ଭୁକ୍ତ ଅଛି। ତନ୍ମଧ୍ୟରେ କଳାହାଣ୍ଡିର ୨ଟି ଓ ରାୟଗଡାରେ ୧ଟି ଗ୍ରାଫାଇଟ ଖଣି ଥିବାବେଳେ ମୟୂରଭଞ୍ଜର ଏକ ସୁନା ଖଣି ମଧ୍ୟ ଅନ୍ତର୍ଭୁକ୍ତ ଅଛି। ସେହିପରି ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ୨ଟି କ୍ରିଟିକାଲ ଖଣିଜ ବ୍ଲକ(ଏକ୍ସପ୍ଲୋରେସନ ଲାଇସେନ୍ସ) ମଧ୍ୟ ସାମିଲ କରିଛି ଖଣି ବିଭାଗ। ଅପରପକ୍ଷେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ୬ଟି କ୍ରିଟିକାଲ ଖଣିଜ ବ୍ଲକ(ମାଇନିଂ ଲିଜ) ସାମିଲ ଥିବାବେଳେ ଏଥିରେ ବଲାଙ୍ଗୀର ୩ଟି, ଦେବଗଡ, ନୟାଗଡ ଓ ରାୟଗଡାର ଗୋଟିଏ ଲେଖାଏଁ ବ୍ଲକ ସାମିଲ ରହିଛି। ଏସବୁ ବ୍ଲକ ଗୁଡ଼ିକ ମୁଖ୍ୟତଃ ମାଙ୍ଗାନିଜ, ଗ୍ରାଫାଇଟ, ବେସ ମେଟାଲ(କପର, ନିକେଲ, ଗୋଲ୍ଡ, ସିଲଭର) ଓ ଗ୍ରାଫାଇଟ ପରି ଖଣି ସାମିଲ ରହିଛି। ସେହିପରି ଭାବେ ୨୦୨୬-୨୭ ପାଇଁ ଅତିରିକ୍ତ ୨ଟି ଖଣିଜ ବ୍ଲକ(କମ୍ପୋଜିଟ ମେଟାଲ)କୁ ମଧ୍ୟ ତାଲିକାରେ ସାମିଲ କରାଯାଇଥିବା ଜଣାପଡ଼ିଛି।

### ପ୍ରଦୂଷଣ ପ୍ରମାଣପତ୍ର...

ଟଙ୍କା ଜରିମାନା ଆଦାୟ କରିବାକୁ ନିଷ୍ପତ୍ତି ହୋଇଛି। ଏହା ବ୍ୟତୀତ ସମସ୍ତେ ପ୍ରଦୂଷଣ ପ୍ରମାଣପତ୍ର କେନ୍ଦ୍ରଗୁଡ଼ିକ ମଧ୍ୟ ଆବଶ୍ୟତାକୁ ଦୃଷ୍ଟିରେ ରଖି ଗାଡ଼ିରେ ଷ୍ଟିକର ଲଗାଇ ପ୍ରଦୂଷଣ ପ୍ରମାଣପତ୍ରର ବୈଧତା ଉଲ୍ଲେଖ କରିବେ। ସେହିଭଳି ପ୍ରଦୂଷଣ ପ୍ରମାଣପତ୍ର ଯାଞ୍ଚର ଅନ୍ୟ ଦିଗ ଗୁଡ଼ିକ ସଂପର୍କରେ ମଧ୍ୟ ପେଟ୍ରୋଲ ପମ୍ପ କର୍ମଚାରୀ ଓ ଜନସାଧାରଣଙ୍କୁ ସଚେତନତା କାର୍ଯ୍ୟକ୍ରମ ଜରିଆରେ ଅବଗତ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ରାସ୍ତାରେ ଚାଲୁଥିବା ବିଏସ୍-୪ ଓ ବିଏସ୍-୫ ସମେତ ସମସ୍ତ ପେଟ୍ରୋଲ, ଡିଜେଲ ମୋଟରଯାନ ପାଇଁ ବୈଧ ପ୍ରଦୂଷଣ ପ୍ରମାଣପତ୍ର ଆବଶ୍ୟକ ରହିଛି। ମୋଟର ଯାନ ଆଇନ ଅନୁଯାୟୀ ଏହାର ବୈଧତା ନିର୍ଦ୍ଧାରିତ ହୋଇଛି। ଏହି ପ୍ରଦୂଷଣ ପ୍ରମାଣପତ୍ର ଯାଞ୍ଚ ପାଇଁ ରାଜ୍ୟର ସମସ୍ତ ଟୋଲ ଗେଟରେ ଇ-ଡିଟେକ୍ସନ ବ୍ୟବସ୍ଥାରେ ମଧ୍ୟ ଏହାକୁ ଅନ୍ତର୍ଭୁକ୍ତ କରାଯାଇଛି। ଏହି ବୈଠକରେ ପରିବହନ ବିଭାଗର ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସହ ଇଣ୍ଡିଆନ୍ ଅଏଲ ସିଜିଏମ୍ କମଲ୍ ଶିଲ୍, ଏଚପିସିଏଲ୍ ରୁ ସି.ଆର୍ ବିଜୟ କୁମାର, ଉତ୍କଳ ପେଟ୍ରୋଲିୟମ ଡିଲର୍ ଆସୋସିଏସନ୍ ସଞ୍ଜୟ ଲାଠ୍ ପ୍ରମୁଖ ଯୋଗ ଦେଇଥିଲେ।

### ଦଳୀୟ ନେତାଙ୍କୁ କେନ୍ଦ୍ରମନ୍ତ୍ରୀଙ୍କ...

ଆରଜେଡି ଅଭିଯୋଗ କରିଛି। ସୂଚନା ଅନୁଯାୟୀ, ଗୟାଜୀର କଳା ସଂସ୍କୃତି କେନ୍ଦ୍ରରେ ନବନିର୍ବାଚିତ ବିଧାୟକଙ୍କ ସମ୍ମାନରେ ରବିବାର ଆୟୋଜିତ କାର୍ଯ୍ୟକ୍ରମରେ ମାନ୍‌ଝୀ ସାମିଲ ହୋଇଥିଲେ। ଏଠାରେ ସେ ନିଜ ପୁଅ ସନ୍ତୋଷ କୁମାର ସୁମନ ପାଇଁ ରାଜ୍ୟସଭା ସିଟ୍ ଦାବି କରିଥିଲେ। ଏହା ନ ମିଳିଲେ ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ସରକାରର ମନ୍ତ୍ରୀ ପଦ ଛାଡ଼ିଦେବାକୁ ପରାମର୍ଶ ଦେଇଥିଲେ। ଆଉ କହିଥିଲେ ଯେ ସାଂସଦ ଏବଂ ବିଧାୟକ କମିଶନ ନେଉଛନ୍ତି। ସାଂସଦଙ୍କୁ ୫ କୋଟି ଟଙ୍କାର ପାଣ୍ଠି ମିଳୁଛି। ଏଥିରୁ ୧୦ ପ୍ରତିଶତ କମିଶନ ନେବା ସାଧାରଣ କଥା। ସେ ନିଜେ ୪୦ ଲକ୍ଷ ଟଙ୍କା କମିଶନ ନେଇ ଦଳୀୟ ପାଣ୍ଠିକୁ ଦାନ କରି ଦେଇଥିଲେ। ଯଦି ୧୦ ପ୍ରତିଶତ କମିଶନ ନ ମିଳୁଛି ତେବେ ୫ ପ୍ରତିଶତ ନେଇଯିବା କଥା। ଏବେ ଆମ ଦଳରେ ଜଣେ ସାଂସଦ ଅଛନ୍ତି। ତେଣୁ ୪୦ ଲକ୍ଷ ଟଙ୍କା କମିଶନ ମିଳୁଛି। ସାଂସଦ ସଂଖ୍ୟା ଦୁଇ ହୋଇଗଲେ ୮୦ ଲକ୍ଷ ଟଙ୍କା ମିଳିବ। ଏହା ସହିତ ମାନଝୀ କମିଶନ ବାବଦ ଅର୍ଥକୁ ଦଳକୁ ଦାନ କରିବା ପାଇଁ ବିଧାୟକମାନଙ୍କୁ କହିଛନ୍ତି।

### ବଡ଼ଦିନରୁ ବଢ଼ିବ...

ବୋଲି ପାଣିପାଗ କେନ୍ଦ୍ର ସତର୍କ ସୂଚନା ଜାରି କରିଛି। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ବିଭିନ୍ନ ଜିଲ୍ଲା ପାଇଁ ୟେଲୋ ଆଲର୍ଟ ଜାରି କରିଛି। ବିଭାଗ କହିଛି ଯେ ମଙ୍ଗଳବାର ସନ୍ଧ୍ୟାରୁ ବୁଧବାର ସକାଳ ମଧ୍ୟରେ ସୁନ୍ଦରଗଡ଼, ଝାରସୁଗୁଡ଼ା, କନ୍ଧମାଳ, ବଲାଙ୍ଗିର ଓ ସୋନପୁରରେ ଘନକୁହୁଡ଼ି ହେବାର ଆଶଙ୍କା ରହିଛି। ଏହାସହିତ ସମ୍ବଲପୁର, କେନ୍ଦୁଝର, ମୟୂରଭଞ୍ଜ, କଳାହାଣ୍ଡି, ଜଗତସିଂହପୁର, କୋରାପୁଟ ଓ କେନ୍ଦ୍ରାପଡ଼ାରେ ମଧ୍ୟମ ଧରଣର କୁହୁଡ଼ି ଆଶଙ୍କା କରି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ସତର୍କତା ରହିବାକୁ ପରାମର୍ଶ ଦେଇଛି।

### ୨୪ ନୂଆ ଏନ୍‌ଏସି...

ଜିଲ୍ଲାର ବିରମହାରାଜପୁରକୁ ନୂତନ ଏନ୍‌ଏସି ନେଇ ତାଲିକା ଜାରି ହୋଇଛି। ସେହିପରି ମ୍ୟୁନସିପାଲଟି ଭାବେ ବୌଦ୍ଧ ଜିଲ୍ଲାର ବୌଦ୍ଧଗଡ଼, ଗଞ୍ଜାମର ଭଞ୍ଜନଗର, କବିସୂର୍ଯ୍ୟ ନଗର ଓ ପୋଲସରା ଏବଂ ମୟୂରଭଞ୍ଜ ଜିଲ୍ଲାର କରଞ୍ଜିଆ ଆଦି ରହିଛି। ରାଜ୍ୟ ସରକାରଙ୍କ ଏହି ତାଲିକା ପରେ ଏବେ ନୂତନ ଏନ୍‌ଏସି ଓ ମ୍ୟୁନସିପାଲଟି ଗଠନ ଚୂଡ଼ାନ୍ତ ହୋଇଛି। ଏହାପରେ ସରକାରୀ ପ୍ରକ୍ରିୟା ଆରମ୍ଭ ହେବ ଏନ୍‌ଏସି ଓ ମ୍ୟୁନସିପାଲଟି ଗଠନ ପାଇଁ ପଦବୀ ମଞ୍ଜୁରୀ ସହିତ ବିଭିନ୍ନ କାର୍ଯ୍ୟାଳୟ ପାଇଁ ଜମି ଅଧିଗ୍ରହଣ ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରାଯିବ। ଏହାସହିତ ଅର୍ଥ ବିଭାଗ ପକ୍ଷରୁ ଏବେ ଏହି ସ୍ଥାନଗୁଡ଼ିକ ପାଇଁ ଅର୍ଥ ମଧ୍ୟ ବ୍ୟୟବରାଦ କରାଯିବ।

### ସରକାର ଓ ସରକାରୀ...

ପ୍ରଦାନକାରୀ ସଂସ୍ଥାମାନଙ୍କ ନାମ ଉଲ୍ଲେଖ ଥିବାବେଳେ ପିଏସ୍‌ୟୁ ଉଲ୍ଲେଖ କରାଯାଇ ନାହିଁ। ଏଣୁ ନୂତନ ନିୟମର ପୁନଃ ସଂଶୋଧନ ବିନା ବୟସ ବୃଦ୍ଧି କରାଯାଇ ପାରିବ ନାହିଁ। ବୟସ ବୃଦ୍ଧିକୁ ସରକାର ଐତିହାସିକ ନିଷ୍ପତ୍ତି କହୁଥିବାବେଳେ ପିଏସ୍‌ୟୁମାନେ କିପରି ପାଳନ କରୁନାହାନ୍ତି ବୋଲି ଆଶାୟୀମାନେ ପ୍ରଶ୍ନ କରୁଛନ୍ତି। ଓଏଚ୍‌ପିସି ପକ୍ଷରୁ ଶେଷଥର ପାଇଁ ୨୦୨୨ରେ ପ୍ରକାଶିତ ବିଜ୍ଞପ୍ତିରେ ସର୍ବୋଚ୍ଚ ବୟସ ସୀମା ୩୮ ବର୍ଷ ଥିଲା। ଚଳିତଥର ଏହାକୁ ବଢ଼ାଇବା ବଦଳରେ କମାଇ ଦିଆଯାଇଛି। କୋଭିଡ୍ ପାଇଁ ୨୦୨୨ରେ ବୟସ ସୀମାରେ କୋହଳ କରାଯାଇଥିଲା ଏବଂ ଏହାକୁ ଚଳିତ ଥର ଉଠାଇ ଦିଆଯାଇ ୩୨ ବର୍ଷ କରାଯାଇଥିବା ଓଏଚ୍‌ପିସି କର୍ତ୍ତୃପକ୍ଷ ସଫେଇ ଦେଉଛନ୍ତି। ଓଏଚ୍‌ପିସି ବୟସ ବୃଦ୍ଧି ନ କରିବା ବିରୋଧରେ ବହୁ ଆଶାୟୀ ଗତ ମାସରେ ରାଜ୍ୟପାଳଙ୍କ ସମେତ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଓ ଓଏଚ୍‌ପିସି ଏମ୍‌ଡିଙ୍କୁ ଲିଖିତ ଅଭିଯୋଗ କରିଥିଲେ। ମାତ୍ର ଏଯାଏଁ କୌଣସି ସୁଫଳ ମିଳିନାହିଁ। ରାଜ୍ୟରେ ମୋଟ୍ ୩୧ ଟି ସରକାରୀ ଉଦ୍ୟୋଗ ଥିବାବେଳେ ସମୁଦାୟ ୨୫ ହଜାର ୨୯୩ ଟି ମଞ୍ଜୁରୀପ୍ରାପ୍ତ ପଦ ରହିଛି। ତନ୍ମଧ୍ୟରେ ମାତ୍ର ୯୮୫୩ ଜଣ ନିୟମିତ କର୍ମଚାରୀ କାର୍ଯ୍ୟରତ ଅଛନ୍ତି। ଅର୍ଥାତ୍ ଆହୁରି ୧୫ ହଜାର ୪୪୦ ଟି ପଦରେ ନିଯୁକ୍ତି ହେବ। ବୟସ ବୃଦ୍ଧି କରା ନ ଗଲେ ବହୁ ଦିନରୁ ପ୍ରସ୍ତୁତି କରୁଥିବା ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ପୁଣି ଅନ୍ଧକାରମୟ ହୋଇଯିବ ବୋଲି ଆଶାୟୀ ସୁନିଲ କୁମାର ମିଶ୍ର ଅଭିଯୋଗ କରିଛନ୍ତି। ତୁରନ୍ତ ସରକାର ଏହି ବିଷୟକୁ ଗୁରୁତ୍ୱର ସହ ଗ୍ରହଣ କରି ନିଯୁକ୍ତି ବୟସ ବୃଦ୍ଧି କରିବା ପାଇଁ ପିଏସ୍‌ୟୁଗୁଡ଼ିକୁ ନିର୍ଦ୍ଦେଶ ଦେବାକୁ ଆଶାୟୀମାନେ ଦାବି କରିଛନ୍ତି।

GOVERNMENT OF ODISHA
OFFICE OF THE SUPERINTENDING ENGINEER
GANJAM (R&D) DIVISION NO.I BERHAMPUR
Phone/Fax:(0680) 2233683.e-mail :sernb1.ganjam@yahoo.com
B-879

"e" Procurement Notice
Bid identification No. SE R&B Divn. No. I Bam. 44/2025-26, Lr No. 14795, dtd. 19.12.2025

| | | |
|---|---|---|
| Name of work | : | E.I & Civil Work. |
| No of works | : | 12 (Twelve) Nos |
| Estimated Cost | : | Approximately Rs.1.62 to 47.47 Lakh |
| Period of completion. | : | One and Three Calendar Months. |
| Date and time of Availability of bid document in the portal. | : | From 10.00 hours of 24.12.2025 to 16.00 hours of 31.12.2025. |
| Last date / time for receipt of bids in the portal | : | Upto 16.00 hours of 31.12.2025 |
| Name & address of the Officer Inviting Bid | : | Superintending Engineer, Ganjam(R&B)Division No.I, Berhampur. |

Further details can be seen from the e-Procurement portal https://tendersodisha.gov.in

Superintending Engineer
Ganjam(R&B)Division No.I
Berhampur

OIPR-34109/11/0072/2526

ୟୁକୋ ବ୍ୟାଙ୍କ
ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଙ୍ଗ୍, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯, ଫୋନ୍: ୦୬୭୪-୨୬୨୦୪୨୩

ଦଖଲ ନୋଟିସ୍
ସ୍ଥାବର ସମ୍ପତ୍ତି ନିମନ୍ତେ

(ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ୍ ୮ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ୟୁକୋ ବ୍ୟାଙ୍କ, ହିଞ୍ଜିଳିକାଟୁ ଶାଖାର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ନଂ.୫୪) ଏବଂ ଧାରା ୧୩ (୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ସହିତ ଚୁକ୍ତି ହାରରେ ସୁଧ ସହିତ ଆନୁସଙ୍ଗିକ ଖର୍ଚ୍ଚ ଏବଂ ଆଇନଗତ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର ବର୍ଣ୍ଣିତ ଆଇନର ଧାରା ୧୩ର ଉପଧାରା(୪) ସହିତ କଥିତ ରୁଲ୍ସର ରୁଲ୍ ୮ ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିକୁ **ଦଖଲ** ନେଇଛନ୍ତି। ତେଣୁ ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଅନ୍ୟଥା ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ **ୟୁକୋ ବ୍ୟାଙ୍କ, ହିଞ୍ଜିଳିକାଟୁ ଶାଖା** ନିକଟରେ ସମସ୍ତ ଦେୟ ସହିତ ସେବାବଦ ସୁଧ, ଆନୁସଙ୍ଗିକ ଖର୍ଚ୍ଚ ଏବଂ ଦେୟ ପାଇଁ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ହିଞ୍ଜିଳିକାଟୁ ଶାଖା / ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ରାଶିର ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତା: ମେସର୍ସ ଫ୍ୟାଶନ୍ ବଜାର, ସ୍ୱତ୍ୱାଧିକାରୀ: ଶ୍ରୀ ସରୋଜ କୁମାର ପଣ୍ଡା, ପିତା: ଶ୍ରୀ ଦେବରାଜ ପଣ୍ଡା / ଗ୍ୟାରେଣ୍ଟିଦାତା: ଶ୍ରୀମତୀ ରଞ୍ଜିତା ପଣ୍ଡା, ସ୍ୱାମୀ: ଶ୍ରୀ ସରୋଜ କୁମାର ପଣ୍ଡା, ଉଭୟଙ୍କ ଠିକଣା- ସା: ରାଧାକୃଷ୍ଣ ମାର୍ଗ, ପୋ: ହିଞ୍ଜିଳିକାଟୁ, ଜିଲ୍ଲା: ଗଞ୍ଜାମ-୭୬୧୧୦୨ | ଟ.୨୦,୭୮,୯୧୭/- + ସେବାବଦ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୧୬.୦୫.୨୦୨୫ / ୨୦.୧୨.୨୦୨୫ | ଶ୍ରୀ ସରୋଜ କୁମାର ପଣ୍ଡା, ପିତା: ଶ୍ରୀ ଦେବରାଜ ପଣ୍ଡା, ସା: ରାଧାକୃଷ୍ଣ ମାର୍ଗ, ପୋ: ହିଞ୍ଜିଳିକାଟୁଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ମୌଜା: ହିଞ୍ଜିଳି, ତହସିଲ: ହିଞ୍ଜିଳିକାଟୁ, ଥାନା: ହିଞ୍ଜିଳି, ଜିଲ୍ଲା: ଗଞ୍ଜାମ-୭୬୧୧୦୨, ପ୍ଲଟ୍ ନଂ.: ୨୦୭୦/୭୭୧୮, ଖାତା ନଂ.: ୮୩୨/୨୭୯୧, କ୍ଷେତ୍ର: ଏକର୦.୦୩୩ଡିସିମିଲି, ଏହାର ଚାରିପାର୍ଶ୍ୱରେ ଉତ୍ତର: ଦଣ୍ଡପାଣି ସାହୁ, ଦକ୍ଷିଣ: ରାସ୍ତା, ପୂର୍ବ: ସରୋଜ କୁମାର ପଣ୍ଡା, ପଶ୍ଚିମ: ରାଜୁ ପଣ୍ଡା |

ସ୍ଥାନ: ଭୁବନେଶ୍ୱର, ତାରିଖ : ୨୨.୧୨.୨୦୨୫ — କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ

**AFFIDAVIT**
By virtue of an affidavit sworn before Executive Magistrate, Khordha dated 20.12.2025. I Narottam Jena, S/o- Late Upendra Jena, permanent resident of Vill: Dhanasumulia P.S: Jaleswar, Dist Baleswar, Odisha - 756084 declare that I have changed my Daughter Name from Bandita Jena to Jyotirmayee Jena, Henceforth she shall be known as **Jyotirmayee Jena** for all purposes.
Sd/- Narottam Jena

**AFFIDAVIT**
By virtue of an affidavit sworn before the Notary Public, Sonepur, dtd. 20.12.2025, I, Sudam Meher, Vill- Sagarpali, P.O. Mallikmunda, P.S. Sonepur, Dist. Subarnapur hereby declare that my daughter's correct name is **JAGNYASENI MEHER**. But it wrongly mentioned as JAGNAYASENI MEHER in her Aadhaar Card. That JAGNYASENI MEHER & JAGNAYASENI MEHER is one and the same person.

**AFFIDAVIT**
By virtue of an affidavit sworn before Notary Public Badamba on 20.12.2025, I Ex-Hav Ramesh Chandra Swain, resident of Vill- Majhipatana, Po- Gopapur, Ps- Badamba Dist- Cuttack, Odisha, PIN- 754031, declare that I have changed my spouse date of birth from 28.04.1968 to **04.07.1972** for all purposes.

**AFFIDAVIT**
By virtue of an affidavit (CF No. 01, dtd- 18/12/2025) sworn before the Executive Magistrate, Padampur. I, **Sukarma Mallik,** S/o- Daman Mallik, permanent & current resident of AT- Sambalpuri, PO- Saraikela, Dist- Bargarh, PIN- 768036, Odisha declare that I have changed my minor daughter's name from **Tanuja Mallik to Tanaya Mallik.** Henceforth, she shall be known as **Tanaya Mallik** (new name) for all purposes.
**Sukarma Mallik**

**AFFIDAVIT**
By virtue of an affidavit sworn before the Notary Public, Jeypore, I JAYANT HARIRAM GOLANI, S/o Hariram Golani, resident of At- Vidya Nagar, 1st Lane, UGMIT Road, Po/Ps/DT- Rayagada, - 765001, Odisha declare by this Affidavit No.5421, Dated - 22/12/2025, that now onwards I shall be known as **JAYANT GOLANI** for all future purpose.

**LOST**
I, **Gayatri Choudhury,** D/o- late Surya Narayan Choudhury, Resident of At/PO/PS- Odagaon, Dist- Nayagarh, PIN- 752081, Odisha declare that I have passed B.Tech from Indira Gandhi institute of Technology, Sarang in the year of 2012. While travailing from Baramunda Chhak to Nayapalli in Bhubaneswar, I lost the original B.Tech Degree Certificate Regd. No. 0801105029 along with all semesters grade sheets (1st to 8th) issued by Biju Patnaik University of Technology, Odisha. After my best effort, it is unable to trace the same. If anyone found, please contact- 9438674102.
**Gayatri Choudhury**

**AFFIDAVIT**
By virtue of an affidavit sworn before Executive Magistrate, Badamba on 20.12.2025, I Ex-Hav Ramesh Chandra Swain, resident of Vill- Majhipatana, Po- Gopapur, Ps- Badamba Dist- Cuttack, Odisha, PIN- 754031, declare that I have changed my spouse name from Ranjeeta Swain to Ranjeeta Rani Swain. Henceforth, I shall be known as **RANJEETA RANI SWAIN** for all purposes.

**AFFIDAVIT**
By virtue of an affidavit sworn before the Executive Magistrate, Muniguda, vide no 1171, dated 20.12.2025 I, Lingaraj Gudumbaka, S/o - Late Ramsing Gudumbaka, residing at Bankili, PO - Telangapadar, PS - Muniguda, Dist - Rayagada Odisha declare that I have changed the name of my son from KAPILA GUDUMBAKA to KARAN GUDUMBAKA. Henceforth, he shall be known as KARAN GUDUMBAKA for all purposes.
Sd/- Lingaraj Gudumbaka

**LOST**
**MISSING OF ORIGINAL LINK DEEDS**
ମୁଁ, ଅଧିରାଜ ନାୟକ, ପିତା-ଜଗନ୍ନାଥ ନାୟକ, ମୋବାଇଲ ନଂ. ୯୮୫୩୬୧୫୯୬୬, ଜନ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ୍ ଲିମିଟେଡ୍ ରେ ଋଣ ନେବା ପାଇଁ ଜମି ବନ୍ଧକ ରଖିବାକୁ ଚାହିଁଛି, ଯାହାରକି ଖାତା ନମ୍ବର ୧୫୯୩/୨୪୭୭, ପ୍ଲଟ୍ ନମ୍ବର ୯୩୯/୪୭୦୮ ଓ ପ୍ଲଟ୍ ନମ୍ବର ୯୪୦/୪୭୦୭, କିସମ୍-ଘରବାରି, ଭାଇଡ୍ ବିକ୍ରୟ ଡିଡ୍ ନମ୍ବର ୧୧୦୮୨୩୧୩୮୪୯, ତା ୧୩.୧୦.୨୦୨୩ ରିଖ, ମୌଜା- ଭୁବନେଶ୍ୱର ସହର, ୟୁନିଟ୍ ନଂ-୩୦, ଲକ୍ଷ୍ମୀସାଗର-୧, ପୋ-ଲକ୍ଷ୍ମୀସାଗର, ତହସିଲ-ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା। ମୂଳ ପୁରାତନ ଲିଙ୍କ୍ ଡିଡ୍ ଗୁଡ଼ିକ ଯାହାକି ଲକ୍ଷ୍ମୀସାଗର ଅଞ୍ଚଳରେ ତା୧୫.୧୨.୨୦୨୫ ରିଖରେ ହଜିଯାଇଛି ତାହା ନିମ୍ନରେ ଉଲ୍ଲେଖ କରାଯାଇଛି।
୧. ବିକ୍ରୟ ଡିଡ୍ ନଂ. ୧୩୭୩ ତା. ୧୭.୦୨.୨୦୦୪ ରିଖରେ ଶ୍ରୀ ବିଜୟ କେତନ ମହାପାତ୍ରଙ୍କ ସପକ୍ଷରେ ଶ୍ରୀମତୀ ବିଳାସ କୁମାରୀ ପଣ୍ଡାଙ୍କ ଦ୍ୱାରା ସମ୍ପାଦିତ।
୨. ବିକ୍ରୟ ଡିଡ୍ ନଂ. ୨୦୯୬ ତା. ୨୮.୦୨.୨୦୦୭ ରିଖରେ ଶ୍ରୀ ବିଜୟ କେତନ ମହାପାତ୍ରଙ୍କ ସପକ୍ଷରେ ଶ୍ରୀ ବିଜୟ କେତନ ସାହୁଙ୍କ ସପକ୍ଷରେ ସମ୍ପାଦିତ।
୩. ବିକ୍ରୟ ଡିଡ୍ ନଂ. ୬୦୦୫ ତା. ୧୯.୦୩.୨୦୧୦ ରିଖରେ ଶ୍ରୀ ଜଗନ୍ନାଥ ନାୟକଙ୍କ ସପକ୍ଷରେ ଶ୍ରୀ ବିଗ୍ରହ ସାହୁଙ୍କ ଦ୍ୱାରା ସମ୍ପାଦିତ।
୪. ଶ୍ରୀ ଦୀପକ କୁମାର ପାତ୍ରଙ୍କ ପକ୍ଷରୁ ଶ୍ରୀ ବିଜୟ କେତନ ମହାପାତ୍ରଙ୍କ ଦ୍ୱାରା ତା. ୨୭.୧୦.୨୦୦୬ ରିଖର ପାୱାର ଅଫ୍ ଆଟର୍ଣ୍ଣି ଡିଡ୍ ନଂ. ୧୦୮୯୭; ତା. ୨୦.୧୨.୨୦୨୫ ରିଖରେ ଭୁବନେଶ୍ୱରର ଲକ୍ଷ୍ମୀସାଗର ପୋଲିସ ଷ୍ଟେସନ୍‌ରେ ଏକ ହଜିବା ରିପୋର୍ଟ ଦାଖଲ କରାଯାଇଛି।
ଯଦି କୌଣସି ବ୍ୟକ୍ତିଙ୍କର ଉପରୋକ୍ତ ସମ୍ପତ୍ତି ସମ୍ପର୍କରେ କୌଣସି ଦାବି କିମ୍ବା ଆପତ୍ତି ଥାଏ, ତେବେ ସେମାନେ ଏହି ବିଜ୍ଞପ୍ତି ପ୍ରକାଶନ ତାରିଖରୁ ୭ (ସାତ) ଦିନ ମଧ୍ୟରେ ଜନ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ / ଓକିଲଙ୍କ ସହିତ ଯୋଗାଯୋଗ କରିପାରିବେ।
ଓକିଲ- ଶ୍ରୀ ମାନସ ନାୟକ
ମୋବାଇଲ ନଂ.- ୮୯୦୮୨୫୭୧୧୩

**AFFIDAVIT**
By virtue of an affidavit before the Executive Magistrate, Bhubaneswar on Dated. 26.11.2025, I, Mangal Majhi, S/o- Damador Majhi, Village - Kolhadiha, Po-Gayalmunda, Ps- Anandapur, Dist- Kendujhar, Odisha, Pin-758021 do hereby declare that I have changed my daughter's name from Kumari Sonali Marandi to Sonali Majhi. Henceforth she will be known as **Sonali Majhi** for all purposes.
Sd/-MANGAL MAJHI

**NOTICE**
I, Kabita Maharana intends to create a via Mortgage or otherwise, on behalf of laminated Original title deeds for the property Mouza- Kantilo, Ps- Bhubaneswar, PS No.53, Tahasil- Jatni, Tahasil- No. 196, Dist.- Khordha, Khata No.323/495, Plot No.459/2289, Area- Ac0.072 dec. recorded in the name of Kabita Maharana and Manas Kumar Moharan.
Kabita Maharana wishes to create for availing a credit facility from State Bank of India, SME Center, Bhubaneswar, Branch Code-05042.
In case any party has any claim towards the said relevant property, the same should be lodged with the intending party and also with the above stated branch of State Bank of India, within 15 days from publication of this notice.

### ରାଇରଙ୍ଗପୁର ଉପଖଣ୍ଡ ହସ୍ପିଟାଲ ସାଜିଛି ଚାର୍ଜିଂ ଷ୍ଟେସନ

# ହସ୍ପିଟାଲରେ ହେଉଛି ସରକାରୀ ବାବୁଙ୍କ ବ୍ୟାଟେରୀ ସ୍କୁଟି ଚାର୍ଜ

- କର୍ମଚାରୀଙ୍କ ଗାଡ଼ି ଚାର୍ଜିଂ ବିଲ୍ ଭରୁଛନ୍ତି ସରକାର
- ରୋଗୀଙ୍କ ଚଳପ୍ରଚଳ ସ୍ଥାନରେ ପାର୍କିଂ କରି ହେଉଛି ଚାର୍ଜ



ରାଇରଙ୍ଗପୁର, ୨୨।୧୨(ସମିସ): ପ୍ରଦୂଷଣ ମୁକ୍ତ ପରିବେଶ ପାଇଁ ଇ-ସ୍କୁଟି ବ୍ୟବହାର ବଢ଼ିବାରେ ଲାଗିଛି। ଏହାକୁ ନେଇ ସରକାରୀ କର୍ମଚାରୀଙ୍କୁ ସରକାରୀ ସ୍ତରରେ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି। ଫଳରେ ସରକାରୀ ବାବୁ ଏବେ ବ୍ୟାଟେରୀ ସ୍କୁଟି ଓ କାର୍ ବ୍ୟବହାର ଅଧିକ ମାତ୍ରାରେ କରିବାରେ ଲାଗିଲେଣି। ତେବେ ସରକାରୀ ବାବୁ କାର୍ଯ୍ୟାଳୟକୁ ଚାର୍ଜିଂ ଷ୍ଟେସନରେ ପରିଣତ କରିଦେଇଛନ୍ତି। ରାଇରଙ୍ଗପୁରର ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ସରକାରୀ ବିଦ୍ୟୁତ୍ ବିଲରେ ବାବୁଙ୍କ ଗାଡ଼ି ଚାର୍ଜ ହେଉଥିବା ଦେଖିବାକୁ ମିଳିଛି। ଉକ୍ତ ଚିତ୍ର ରାଇରଙ୍ଗପୁର ଉପଖଣ୍ଡ ହସ୍ପିଟାଲର ଅଟେ।

ହସ୍ପିଟାଲ ସରକାରୀ ସ୍ୱାସ୍ଥ୍ୟ କର୍ମଚାରୀ ବାବୁ ଜଣକ ତାଙ୍କ ବ୍ୟାଟେରୀ ସ୍କୁଟିକୁ ଲୁଚାଇ ହସ୍ପିଟାଲ କୋଠରୀ ଭିତରେ ଚାର୍ଜ ବସାଇଛନ୍ତି। ହସ୍ପିଟାଲରେ ଦିନ ତମାମ ଗାଡ଼ି ଚାର୍ଜିଂ ହେଉଥିବାବେଳେ ସରକାରୀ ତହବିଲରୁ ବିଲ୍ ଭରୁଛନ୍ତି। କେବଳ ରାଇରଙ୍ଗପୁର ଉପଖଣ୍ଡ ହସ୍ପିଟାଲରେ ନୁହେଁ, ଅନ୍ୟ ସରକାରୀ କାର୍ଯ୍ୟାଳୟରେ ସମାନ ଚିତ୍ର ଦେଖିବାକୁ ମିଳୁଛି। ସରକାରୀ ବାବୁ ବ୍ୟାଟେରୀ ଗାଡ଼ି ଚଢୁଥିବାବେଳେ ଘରେ ଚାର୍ଜ କଲେ ଅଧିକ ବିଦ୍ୟୁତ ବିଲ ଆସିବ। ତେଣୁ ସରକାରୀ କାର୍ଯ୍ୟାଳୟରେ ଗାଡ଼ି ଚାର୍ଜ କରୁଛନ୍ତି। ହସ୍ପିଟାଲରେ ସର୍ବସମ୍ମୁଖରେ ଚାର୍ଜ କଲେ କାଳେ କାହାର ନଜରକୁ ଆସିବ, ତେଣୁ ପଛ ପଟକୁ କୋଠରୀକୁ ନେଇ ବିଦ୍ୟୁତ ତାର ସଂଯୋଗ କରି ବେଆଇନ ଭାବେ ଗାଡ଼ି ଚାର୍ଜ କରୁଛନ୍ତି। ଦିନତମାମ ଗାଡ଼ି ଚାର୍ଜରେ ବସୁଥିବାବେଳେ ଯାହା ବିଲ୍ ଉଠୁଛି ସବୁ ସରକାର ଭରୁଛନ୍ତି। ସରକାରୀ ପ୍ରୋତ୍ସାହନରେ ଗାଡି କିଣିଲେ ପୁଣି ମାଗଣାରେ ଗାଡ଼ି ଚାର୍ଜ କଲେ। ଏଭଳି କାର୍ଯ୍ୟ ଦିନେ ଅଧେ ନୁହେଁ ନିୟମିତ ଭାବେ ଦେଖିବାକୁ ମିଳୁଛି। ଖାଲି ସେତିକି ନୁହେଁ ବାବୁଙ୍କ ଗାଡ଼ି ଚାର୍ଜକୁ ପ୍ରଥମ ପ୍ରାଧାନ୍ୟ ଦିଆଯାଉଥିବାବେଳେ ପରେ ସରକାରୀ କାର୍ଯ୍ୟ ହେବ। ଏଥିସହିତ ହସ୍ପିଟାଲର ପାର୍କିଂ ନିଷେଧ ସ୍ଥାନରେ ଗାଡ଼ି ପାର୍କିଂ କରି ଚାର୍ଜ କରୁଛନ୍ତି। ଉକ୍ତ ସ୍ଥାନଟି ହସ୍ପିଟାଲର ନିଦାନ ବିଭାଗ, ଏକ୍ସରେ, ପଞ୍ଜିକରଣ କେନ୍ଦ୍ରକୁ ଲାଗି ରହିଛି। ରୋଗୀ ଓ ତାଙ୍କ ସମ୍ପର୍କୀୟ ଉକ୍ତ ରାସ୍ତା ଦେଇ ଚଳପ୍ରଚଳ କରୁଛନ୍ତି। କିନ୍ତୁ ସରକାରୀ ବାବୁ ଚଳପ୍ରଚଳ ରାସ୍ତାରେ ଗାଡ଼ି ପାର୍କିଂ କରି ଚାର୍ଜ କରୁଛନ୍ତି। ବଡ଼ ବଡ଼ ଅକ୍ଷରରେ ହସ୍ପିଟାଲର ଉକ୍ତ ସ୍ଥାନରେ ଗାଡ଼ି ପାର୍କିଂ କରିବାକୁ ମନା କରାଯାଇଥିବାବେଳେ ସେଠାରେ ହିଁ ସରକାରୀ ବାବୁ ନିୟମ ଅବମାନନା କରି ଗାଡ଼ି ପାର୍କିଂ କରୁଛନ୍ତି। ତେବେ ସରକାରୀ ହସ୍ପିଟାଲ ଓ କାର୍ଯ୍ୟାଳୟରେ ନିୟମିତ ଭାବେ ଏଭଳି କାର୍ଯ୍ୟ ହେଉଥିବାବେଳେ ଏହା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଆବଶ୍ୟକତା ରହିଛି।

## ବିଏଫ୍‌ସିସିଟି ପକ୍ଷରୁ ମହିଳାଙ୍କ ସ୍ୱାସ୍ଥ୍ୟ ଓ ପରିମଳ ସଚେତନତା



ବାରିପଦା, ୨୨।୧୨(ସମିସ): ମହିଳାଙ୍କ ସ୍ୱାସ୍ଥ୍ୟ ଓ ପରିମଳ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ବସୁନ୍ଧରା ଫାଉଣ୍ଡେସନ କେୟାର ଚାରିଟେବଲ ଟ୍ରଷ୍ଟ (ବିଏଫ୍‌ସିସିଟି) ପକ୍ଷରୁ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ପରିମଳ, ସର୍ଭାଇକାଲ କର୍କଟ ରୋଗ ଓ ପରିବେଶ ସଂରକ୍ଷଣ ବିଷୟରେ ଆଲୋଚନା କରାଯାଇଥିଲା। ଉପସ୍ଥିତ ମହିଳାଙ୍କୁ ସଂଗଠନ ପକ୍ଷରୁ ସାନିଟାରୀ ପ୍ୟାଡ୍ ଓ ଚକୋଲେଟ୍ ବଣ୍ଟନ କରାଯାଇଥିଲା। ଏଥିରେ ୧୩ରୁ ୫୨ ବର୍ଷ ବୟସର ପ୍ରାୟ ୬୦ ଜଣ ମହିଳା ଅଂଶଗ୍ରହଣ କରିଥିଲେ। ସଦସ୍ୟ ଓ ଅତିଥିଙ୍କ ଦ୍ୱାରା ବୃକ୍ଷରୋପଣ କରାଯାଇ ପରିବେଶ ସୁରକ୍ଷା ସମ୍ପର୍କରେ ବାର୍ତ୍ତା ଦିଆଯାଇଥିଲା। ଟ୍ରଷ୍ଟର ଅଧ୍ୟକ୍ଷା ଶ୍ରୁତି ରାଉତରାୟଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୌର ପରିଷଦର ପୂର୍ବତନ ସିଓ ତାରାମଣି ମହାପାତ୍ର, ସଦସ୍ୟ ଚିନ୍ମୟ ପଣ୍ଡା, ମଧୁମିତା ଚୌଧୁରୀ, ୱାର୍ଡ ମେମ୍ବର ରଶ୍ମିତା ପରିଡ଼ା, ଜିଏସ୍ଏମ୍ ଅଞ୍ଜନା ପ୍ରଧାନ, ଏନ୍ଏସ୍ଏସ୍ ପିଓ ଜ୍ୟୋସ୍ନାରାଣୀ ଦତ୍ତ ଓ ପଞ୍ଚାୟତ ଅଧ୍ୟକ୍ଷା ଯଶୋଦା ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ପଶ୍ଚିମ ମୟୂରଭଞ୍ଜ ଠିକାଦାର ସଂଘର ବୈଠକ

ରାଇରଙ୍ଗପୁର, ୨୨।୧୨(ସମିସ): ରାଇରଙ୍ଗପୁର ଜଳସେଚନ ବିଭାଗ ଡାକ ବଙ୍ଗଳାଠାରେ ପଶ୍ଚିମ ମୟୂରଭଞ୍ଜ ଠିକାଦାର ସଂଘର ଦ୍ୱିତୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ରାଇରଙ୍ଗପୁର ବିଧାୟକ ଜଲେନ ନାଏକ ଯୋଗ ଦେଇଥିଲେ। ବୈଠକରେ ବାହାର ଅଞ୍ଚଳର ଠିକାଦାର ବାମନଘାଟି ଓ ପାଞ୍ଚପୀଢ଼ ଉପଖଣ୍ଡରେ ଟେଣ୍ଡର ନ ପକାଇବା ପାଇଁ ଅନୁରୋଧ କରାଯାଇଥିଲା। ବାହାର ଠିକାରଦାର ଟେଣ୍ଡର ଦ୍ୱାରା କାର୍ଯ୍ୟାଦେଶ ନେଇ ଯାଉଥିବାବେଳେ ବାମନଘାଟି ଓ ପାଞ୍ଚପୀଢ଼ ଉପଖଣ୍ଡର ଠିକାଦାର କାମ ନ ପାଇ ଦୁର୍ଦ୍ଦଶା ଭୋଗୁଥିବା କୁହାଯାଇଛି। ଏ ଅବସରରେ ସର୍ବସମ୍ମତି କ୍ରମେ ସଭାପତି ଭାବେ ପ୍ରସନ୍ନ କୈବର୍ତ୍ତ, ସମ୍ପାଦକ ବିଜୟ ମଣ୍ଡଳ, ସୁଜିତ ବିଷୋୟୀ, ମନୋରଞ୍ଜନ ପୃଷ୍ଟି, ହରଗୋବିନ୍ଦ ସାହୁ, କୋଷାଧ୍ୟକ୍ଷ ସଚିନ ଅଗ୍ରୱାଲା, ମିଡିଆ ସଂଯୋଜକ କିଶୋର ରଜକ, ଉପଦେଷ୍ଟା ପ୍ରଫୁଲ୍ଲ ସାହୁ, ସୁବାସ ମଣ୍ଡଳ, ହରିହର ଗିରି, ମନୋଜ ମହାନ୍ତି, ମନୋଜ ଦାସ, ରାଜେନ୍ଦ୍ର ମହାକୁଡ଼, ବିପ୍ଳବ ଗିରି ଓ ବୁଦ୍ଧିମାନ ମଣ୍ଡଳ ଓ ପ୍ରଦୀପ ପଣ୍ଡା ମନୋନୀତ ହୋଇଥିଲେ।

## ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

କରଞ୍ଜିଆ, ୨୨।୧୨(ସମିସ): କରଞ୍ଜିଆ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଚାଲିଥିବା ତ୍ରିଦିବସୀୟ ଜିଲ୍ଲାସ୍ତରୀୟ ନେତୃତ୍ୱ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ଦିବସରେ ସକାଳ ୬ଟାରେ ପୂର୍ବତନ ଅଧ୍ୟକ୍ଷ ଯୋଗେଶ୍ୱର ମହାନ୍ତଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପରେ ସ୍ୱେଚ୍ଛାସେବୀ କରଞ୍ଜିଆସ୍ଥ ଗୋଶାଳା ସଫେଇ ଓ ବୃକ୍ଷ ରୋପଣ କରିଥିଲେ। ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବ୍ରୁ, ସମ୍ମାନିତ ଅତିଥି ଭାବେ ଆରଏସଏସ ବିଭାଗ ପ୍ରଚାରକ ତପନ ନାୟକ ଓ ମୁଖ୍ୟବକ୍ତା ଭାବେ ସ୍ୱାମୀ ନିର୍ଲିପ୍ତା ନନ୍ଦ ମହାରାଜ ଯୋଗଦେଇ ଦେଶ ରାଷ୍ଟ୍ର ଗଠନରେ ଯୁବ ସମାଜର ଭୂମିକା ଉପରେ ମତବ୍ୟକ୍ତ କରିଥିଲେ। ଅଧ୍ୟକ୍ଷ ମନୋଜ ସାହୁଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଶେଷ ହୋଇଥିଲା। ପ୍ରୋଗ୍ରାମ ଅଧିକାରୀ ସିପୁନ ଦାସ ବିବରଣୀ ପାଠ କରିଥିଲେ। ଅଧ୍ୟାପକ ରଞ୍ଜିତ ସ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବିଜେତା ସ୍ୱେଚ୍ଛାସେବୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏ ଅବସରରେ ସ୍ୱେଚ୍ଛାସେବୀ ମହନ ସଏଙ୍କୁ ସମ୍ମାନିତ କରାଯାଇଥିଲା। ମଣଦା କଲେଜ ପ୍ରୋଗ୍ରାମ ଅଧିକାରୀ ସତ୍ୟବାନ ଗିରି, ଭଞ୍ଜକିଆ କଲେଜ ପିଓ ସୁନୀଲ କୁମାର, ସୁକ୍ରୁଲି କଲେଜ ପିଓ ବିଶ୍ୱମୋହନ ମାଝୀ, ସର୍ବଶ୍ରେଷ୍ଠ ସ୍ୱେଚ୍ଛାସେବୀ ଭାବେ କବିତା ସର୍ଦ୍ଦାର ମନୋନୀତ ହୋଇଥିଲେ। ଶ୍ରାବଣୀ ବଳ, ପିଙ୍କି ଦେହୁରୀ, ସନ୍ଧ୍ୟାରାଣୀ ନାୟକ, ଦମୟନ୍ତୀ ମହାନ୍ତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଇତିହାସ ବିଭାଗ ଅଧ୍ୟାପକ ଚନ୍ଦ୍ରଭାନୁ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ବାପୁଜୀ ଉଚ୍ଚବିଦ୍ୟାଳୟର ବାର୍ଷିକ କ୍ରୀଡ଼ା



ବଡସାହି/ମାଣତ୍ରୀ, ୨୨।୧୨(ସମିସ): ପଟିସାରୀ ପଞ୍ଚାୟତ ଅଧୀନ ତେନ୍ତୁଳିଗାଁ ବାପୁଜୀ ଉଚ୍ଚ ବିଦ୍ୟାଳୟର ୩୧ତମ ବାର୍ଷିକ କ୍ରୀଡ଼ା ଉଦଯାପିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସ୍କୁଲ ପରିଚାଳନା କମିଟିର ବିଧାୟକଙ୍କ ପ୍ରତିନିଧି ସୁଧୀର ଷଡ଼ଙ୍ଗୀ ଯୋଗଦେଇ କ୍ରୀଡା ପତାକା ଉତ୍ତୋଳନ କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ବିଚିତ୍ର ସାହୁ ଯୋଗଦେଇଥିଲେ। ଉଦଯାପନୀ ଦିବସରେ ମୁଖ୍ୟଅତିଥି ଭାବେ କମିଟିର ପୂର୍ବତନ ସଭାପତି କଳ୍ପତରୁ ଜେନା ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ରତିକାନ୍ତ ପରିଡ଼ାଙ୍କ ସହିତ ସହକାରୀ ଶିକ୍ଷକ ରାଜେନ୍ଦ୍ର ଦାସ, ପ୍ରତାପ ମହାନ୍ତି, ବିଶ୍ୱନାଥ ଦାସ, ଗୋପାଳ ସାହୁ ପ୍ରମୁଖ ଉପସ୍ଥିତି ଥିଲେ। କ୍ରୀଡ଼ା ଶିକ୍ଷକ ଅଜୟ ପରିଡ଼ାଙ୍କ ତତ୍ତ୍ୱାବଧାନରେ ୩୫ ପ୍ରକାର କ୍ରୀଡା ଅନଷ୍ଠିତ ହୋଇଥିଲା। ବାଳିକା ବିଭାଗରେ ମିନତୀ ଦଲେଇ ଓ ବାଳକରେ ଗଣେଶ୍ୱର ହାଁସଦା ଚାମ୍ପିଅନ ହୋଇଥିଲେ।

## ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷା

କୁଆମରା, ୨୧।୧୨(ସମିସ): ଗୋପବନ୍ଧୁନଗର ବ୍ଲକରେ ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ୨୩୦ ଜଣ ଛାତ୍ରଛାତ୍ରୀ ଆବେଦନ କରିଥିବାବେଳେ ୭ ଜଣ ଅନୁପସ୍ଥିତ ଅଛନ୍ତି। ୩ଟି କେନ୍ଦ୍ରରେ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଖୁଣ୍ଟା ବାଳିକା ଉଚ୍ଚବିଦ୍ୟାଳୟରେ ପ୍ରଧାନଶିକ୍ଷକ ରାମ ସାଏ ମାଝୀଙ୍କ ତତ୍ତ୍ୱାବଧାନରେ ୬୭ ଜଣ ପରୀକ୍ଷା ଦେଇଥିବାବେଳେ ୩ ଅନୁପସ୍ଥିତ ଥିଲେ। କାଳିଆପଦା ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ନରେଶ ବେହେରାଙ୍କ ତତ୍ତ୍ୱାବଧାନରେ ୮୦ ଜଣ ପରୀକ୍ଷା ଦେଇଥିବାବେଳେ ୪ ଅନୁପସ୍ଥିତ ଥିଲେ। ସେହିପରି ପୁରୁଣା ବାରିପଦା ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ନୀଳକଣ୍ଠ ବିନ୍ଧାଣୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ପରୀକ୍ଷାରେ ୭୬ ଜଣ ପରୀକ୍ଷା ଦେଇଛନ୍ତି। ବିଆରସିସି କୁଳମଣି ନାଏକ ପରୀକ୍ଷା କେନ୍ଦ୍ର ତଦାରଖ କରିଥିଲେ।

## ଶ୍ମଶାନ ପାଇଁ ମିଳିଲା ୨୦ ଡେସିମିଲ ଜାଗା

ସକାଳ ପ୍ରଭାବ



ମୋରଡା, ୨୨।୧୨(ସମିସ): ଆଜି ଶ୍ମଶାନ ପାଇଁ ଅସ୍ତିଆ ଗ୍ରାମବାସୀଙ୍କୁ ୨୦ ଡେସିମିଲ ଜମି ପ୍ରଦାନ କରାଯାଇଛି। ଏ ନେଇ ଦୈନିକ ଖବରକାଗଜ 'ସକାଳ'ରେ ଖବର ପ୍ରକାଶ ପାଇବା ପରେ ମୋରଡ଼ା ତହସିଲ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ତହସିଲଦାର ବିଦ୍ୟାଧର ଦଣ୍ଡପାଟଙ୍କ ନିର୍ଦ୍ଦେଶକ୍ରମେ ଚିତ୍ରଡା ଆରଆଇ ପୂର୍ଣ୍ଣଚନ୍ଦ୍ର ସି ଅସ୍ତିଆ ଗ୍ରାମବାସୀଙ୍କ ସହ ଆଲୋଚନା କରି ଅସ୍ତିଆ ମୌଜାର ସରକାରୀ ଜାଗାର ପ୍ଲଟ ନମ୍ବର ୭୬୦ରେ ଥିବା ୨୯ ଏକର ପଟ୍ଟାରୁ ୨୦ ଡେସିମିଲ ଜାଗା ପ୍ରଦାନ କରିଛନ୍ତି। ବର୍ତ୍ତମାନ ଉକ୍ତ ଜାଗାର କିସମ କେନାଲ ବାରି ଥିବାବେଳେ ଶ୍ମଶାନ କିସମ ପାଇଁ ପ୍ରକ୍ରିୟା ଆରମ୍ଭ କରାଯାଇଛି। ଲୋକମାନେ ତାହାକୁ ବ୍ୟବହାର କରିବା ପାଇଁ ତହସିଲ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିବାବେଳେ ଦୀର୍ଘଦିନ ଧରି ଯେଉଁ ଶବର ଅନ୍ତିମ ସତ୍କାର ସମୟରେ ସମସ୍ୟା ସୃଷ୍ଟି ହେଉଥିଲା, ତାହା ବର୍ତ୍ତମାନ ସମାଧାନ ହୋଇଛି। ଅସ୍ତିଆ ଗ୍ରାମବାସୀ ତହସିଲ ପ୍ରଶାସନ ଓ 'ସକାଳ' ଖବରକାଗଜ ସମ୍ପାଦକଙ୍କୁ ଧନ୍ୟବାଦ ଜଣାଇଛନ୍ତି।

### ସିରିଜ୍ ଦୁର୍ଘଟଣାରେ ଦୁଇ ଗୁରୁତର ଆହତ

## ମାନବିକତା ଦେଖାଇଲେ ପୂର୍ବତନ ବଡ଼ସାହି ବିଧାୟକ



ବେତନଟୀ, ୨୨।୧୨(ସମିସ): ବେତନଟୀ-ବଡ଼ସାହି ରାସ୍ତାର ମହୁଲିଆ ହାଟ ନିକଟରେ ସ୍କୁଟି, ବାଇକ୍ ଓ କାର୍ ମଧ୍ୟରେ ଧକ୍କା ହେବାରୁ ଦୁଇଜଣ ଗୁରୁତର ଆହତ ହୋଇଛନ୍ତି। ଗୁରୁତରଙ୍କୁ ବେତନଟୀ ଅଗ୍ନିଶମ କର୍ମଚାରୀ ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେମାନଙ୍କ ଅବସ୍ଥା ସଂକଟାପନ୍ନ ଥିବାରୁ ବାରିପଦା ପିଆରଏମ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଗୁରୁତର ଦୁଇଜଣ ବଡ଼ସାହି ଥାନା ଅଧୀନ କାଣିମହୁଲି ଗ୍ରାମର ରତିକାନ୍ତ ହାଁସଦାଙ୍କ କନ୍ୟା ସାନ୍ଧ୍ୟରାଣୀ ହାଁସଦା (୧୪) ଓ ବେତନଟୀ ଥାନା ଅଧୀନ ଏସଏସ ମହୁଲିଆ (ଇନ୍ଦିରାନଗର)ର ଆଲୋକ ବାରିକ (୩୨)। ସ୍କୁଟିରେ ସନ୍ଧ୍ୟାରାଣୀ ଭାଇଙ୍କ ସହ ବେତନଟୀ ବାଳିକା ବିଦ୍ୟାଳୟରୁ ଘରକୁ ଯାଉଥିବାବେଳେ ମହୁଲିଆ ହାଟ ନିକଟରେ ଏକ ବାଇକ୍ ଧକ୍କା ଦେଇଥିଲା। ସ୍କୁଟିକୁ ଧକ୍କା ଦେବା ପରେ କାର୍ ସହିତ ଧକ୍କା ହୋଇଥିଲେ। ଏହି ସମୟରେ ବଡ଼ସାହିରୁ ବେତନଟୀ ଯାଉଥିବା ପୂର୍ବତନ ବଡ଼ସାହି ବିଧାୟକ ଗଣେଶ୍ୱର ପାତ୍ର ଅଟକି ଗୁରୁତର ସନ୍ଧ୍ୟାରାଣୀ ହାଁସଦା, ଆଲୋକ ବାରିକ ଓ ସତ୍ୟଜିତ ହାଁସଦାଙ୍କୁ ଅଗ୍ନିଶମ ଗାଡ଼ିରେ ବେତନଟୀ ଡାକ୍ତରଖାନାକୁ ପଠାଇଥିଲେ। ସେ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା କରାଇ ଡାକ୍ତରଙ୍କ ପରାମର୍ଶ କ୍ରମେ ଗୁରୁତର ଆହତଙ୍କୁ ପିଆରଏମ ମେଡିକାଲକୁ ପଠାଇଥିବା ଜଣାପଡ଼ିଛି।

# ବିଭିନ୍ନ ଶିକ୍ଷାନୁଷ୍ଠାନର ବାର୍ଷିକ ଉତ୍ସବ

ଶରତ, ୨୨।୧୨(ସମିସ): ରାଣୀପୋଖରୀ ଉନ୍ନୀତ ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ରାଣୀପୋଖରୀ ସରପଞ୍ଚ ଭଞ୍ଜସିଂ ବଦ୍ରା ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷାବିତ୍ ନନ୍ଦଲାଲ



ସେଠା, ମୁଖ୍ୟଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଘନଶ୍ୟାମ ସିଂ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷକ ସନ୍ତୋଷ ସାହୁ, ବଡ଼ଝାଡ଼ ବିଦ୍ୟାଳୟର ସହକାରୀ ଶିକ୍ଷକ ଅମର ଭୋଇ, ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ଗୋବିନ୍ଦ ତିରିଆ ଯୋଗ ଦେଇଥିଲେ। ପ୍ରାଧାନ ଶିକ୍ଷୟିତ୍ରୀ କୁନ୍ତଳା ମହାନ୍ତ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ଏ ଅବସରରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାରକ ବିତରଣ କରାଯାଇଥିବାବେଳେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

**ବହଳଦା:** ବହଳଦା ବ୍ଲକ ଅନ୍ତର୍ଗତ ଝାଡଗାଁ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ ଉଦଯାପିତ ହୋଇଛି। ଉପାଧ୍ୟକ୍ଷା ପୁଷ୍ପାରାଣୀ ପଣ୍ଡାଙ୍କ ସଭପତିତ୍ୱରେ



ଅନୁଷ୍ଠିତ ଉତ୍ସବରେ ରାଇରଙ୍ଗପୁର ବିଧାୟକ ଜଲେନ ନାଏକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ଧୀରଜଲାଲ କଲେଜର ଇଂରାଜୀ ବିଭାଗ ମୁଖ୍ୟ ତାପସ ମହାପାତ୍ର ଯୋଗ ଦେଇଥିଲେ। ସମ୍ମାନିତ ଅତିଥୀ ଭାବେ ବହଳଦା ଏବିଇଓ ଭୂତନାଥ ସିଟ୍, ବହଳଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ସାଇବା ମୁର୍ମୁ, ବରିଷ୍ଠ ସାମ୍ବାଦିକ ମଧୁସୂଦନ ଦାସ, ସ୍ୱେଚ୍ଛାସେବୀ ଅତନୁ ମହାନ୍ତି, ସାମ୍ବାଦିକ ପ୍ରବୋଧ ଦାସ ଓ ସାଂସଦ ପ୍ରତିନିଧି ମାଧବ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଉପାଧ୍ୟକ୍ଷା ପୁଷ୍ପାରାଣୀ ପଣ୍ଡା ବାର୍ଷିକ ବିବରଣୀ ପାଠ କରିବା ସହ ଖେଳ ପଡ଼ିଆ ଓ ଷ୍ଟେଜ୍ ଛାତ ନିର୍ମାଣର ଆବଶ୍ୟକତା ନେଇ ବିଧାୟକଙ୍କୁ ଅବଗତ କରିଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶିକ୍ଷୟିତ୍ରୀ ସୌମ୍ୟଶ୍ରୀ ଦାସ ଓ ଶିକ୍ଷକ ସୌରଭ ଦେ ମଞ୍ଚ ପରିଚାଳନା କରିଥିବାବେଳେ ସତ୍ୟରଞ୍ଜନ ଜେନା ଓ ସଞ୍ଜୟ କେରାଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପକ ସୌମ୍ୟରଞ୍ଜନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

**ବଡସାହି:** ବଳଭଦ୍ରପୁର ପଞ୍ଚାୟତ ସିଂହଟିଆ ଉଚ୍ଚବିଦ୍ୟାଳୟର ୬୧ତମ ବାର୍ଷିକ ଉତ୍ସବ ପାଳନ କରାଯାଇଛି। ପ୍ରଧାନଶିକ୍ଷକ ହରିହର ବେହେରାଙ୍କ



ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ରୂପେ ତହସିଲଦାର ରୁଣାକର ଧିନ୍ଦା, ମୁଖ୍ୟବକ୍ତା ବିଜ୍ଞାନ ସାଧନା କର୍ମୀ କଳ୍ପତରୁ ପାତ୍ର, ସମ୍ମାନିତ ଅତିଥି ପୁରାତନ ଛାତ୍ର ସଂସଦ ସଭାପତି ମନୋରଞ୍ଜନ ବଳ, ଶିକ୍ଷା କମିଟି ସଭାପତି ଜତିନ୍ଦ୍ର କଲିଆ, ଏବିଇଓ ରାଧିଆଚରଣ ମୁଣ୍ଡା, ଶିକ୍ଷାବିତ ଧୀରେନ୍ଦ୍ର ବେହେରା, ଶୈଳମଣୀ ଟ୍ରଷ୍ଟର ସତ୍ତ୍ୱାଧିକାରୀ ବିଜୟ ଭୂୟାଁ ଓ ଏଷ୍ଟିମ ଏଜ୍ୟୁକେସନ ଚାରିଟେବୁଲ ଟ୍ରଷ୍ଟ ସତ୍ତ୍ୱାଧିକାରୀ ଭାବଗ୍ରାହୀ ଭୂୟାଁ, ଅବସରପ୍ରାପ୍ତ ଶିକ୍ଷକ ଧୀରେନ୍ଦ୍ର ବେହେରା, କଳାକାର ଦଣ୍ଡପାଟ ଓ ନବକିଶୋର ସେନାପତି ପ୍ରମୁଖ ଯୋଗ ଦେଇଥିଲେ। ଶୈଳମଣୀ ଟ୍ରଷ୍ଟ ଓ ଭାବଗ୍ରାହୀ ଭୂୟାଁ ଟ୍ରଷ୍ଟ ପକ୍ଷରୁ କୃତୀ ଛତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପୁରାତନ ଛାତ୍ର ସଂଦସ ପକ୍ଷରୁ ସଭାପତି ଓ ସମ୍ପାଦକ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରିଥିଲେ। ଶିକ୍ଷକ ନିଗମାନନ୍ଦ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ଅମିତା ପଲେଇ ବାର୍ଷିକ ବିବରଣୀ ପାଠ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଶିକ୍ଷୟିତ୍ରୀ ତୃପ୍ତିଲତା ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

**କୁଳିଅଣା:** ଚାନ୍ଦୁଆ ଶିଶୁମନ୍ଦିରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ଅଭିରାମ ସିଂଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବିଡିଓ, ସମ୍ମାନିତ ଅତିଥି ଭାବେ ଚାନ୍ଦୁଆ ଥାନା ଅଧିକାରୀ ଲକ୍ଷ୍ମଣ ନାଏକ ଯୋଗ ଦେଇଥିଲେ। ସଭାପତି ସୀତାରାମ ପାତ୍ରଙ୍କ ସହ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ମୀନା ଗୁରୁମା, ସମସ୍ତ ଗୁରୁଜୀଗୁରୁମା ପରିଚାଳନା କରିଥିଲେ।

**ବାରିପଦା:** ମହାରାଣୀ ପ୍ରେମକୁମାରୀ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର



ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ଲଳିତ ମହାନ୍ତଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ବାରିପଦା ବିଧାୟକ ପ୍ରକାଶ ସୋରେନ ମୁଖ୍ୟଅତିଥି, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସ୍ନିଗ୍ଧା ଭଞ୍ଜ ମୁଖ୍ୟବକ୍ତା, ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷା ଡ. ବନଜା ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବରିଷ୍ଠ ଶିକ୍ଷକ ସଞ୍ଜୟ କଲିଆ ବାର୍ଷିକ ବିବରଣୀ ପାଠ କରିଥିବାବେଳେ ଶିକ୍ଷୟିତ୍ରୀ ମାଧୁରୀ ଦ୍ୱିବେଦୀ ମଞ୍ଚ ପରିଚାଳନା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ତନୁଶ୍ରୀ ପାଣି, ସତ୍ୟବ୍ରତ ବାରିକ, ସୁଦତ୍ତା ବାରିକ ଓ ପ୍ରିୟଙ୍କା ପ୍ରିୟଦର୍ଶିନୀ ସହଯୋଗ କରିଥିବାବେଳେ ବରିଷ୍ଠ ଶିକ୍ଷକ କମଳାଂଶୁ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ବରିଷ୍ଠ ଶିକ୍ଷକ ବିଶ୍ୱେଶ୍ୱର ଦ୍ୱିବେଦୀ, ଶିବାନୀ ମହାନ୍ତ, ପ୍ରଣତି ଦେ ଓ ଅନୁସ୍ମିତା ବାରିକ ଅତିଥଙ୍କୁ ସ୍ୱାଗତ କରିଥିଲେ।

**ରାସଗୋବିନ୍ଦପୁର:** :ତୋଟାପଡ଼ା ଗ୍ରାମସ୍ଥ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ ପରିଚାଳନା ସମିତି ସଭାପତି ଡା. ଆଦିତ୍ୟ



ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ, ସ୍ୱତନ୍ତ୍ର ଅତିଥି ଭାବେ ପୂର୍ବତନ ବିଧାୟକ କାନ୍ଦ୍ରା ସୋରେନ, ମୁଖ୍ୟବକ୍ତା ଭାବେ ଯାଜପୁର ଜିଲ୍ଲାର ଯୁଗଝାପଡ଼ା ହାଇସ୍କୁଲର ପ୍ରଧାନଶିକ୍ଷକ ରାଜୀବ ଲୋଚନ ରାଉତ ଓ ସମ୍ମାନିତ ଅତିଥି ଭାବେ ବିଜେପି ଜିଲ୍ଲା ଉପସଭାପତି ପ୍ରଦୀପ ମହାନ୍ତି, ରାସଗୋବିନ୍ଦପୁର ଏବିଇଓ ବିଜୟ ବାରିକ ଓ ଗୋବିନ୍ଦପୁର ସିଆରସିସି ପାଇକ ସିଂ ଯୋଗ ଦେଇଥିଲେ। ସବିତାରାଣୀ ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ପ୍ରଧାନଶିକ୍ଷକ ମଳୟ ଗିରି ବାର୍ଷିକ ବିବରଣୀ ପାଠ କରିଥିଲେ। ପୂର୍ବତନ ଛାତ୍ରୀ ରଚିତା ପ୍ରିୟଦର୍ଶିନୀ ଓ ସୌମ୍ୟାଶ୍ରୀ ଗିରିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆଭାରାଣୀ ନାଥ ଧନ୍ୟବାଦ ଅର୍ପଣ କରିଥିଲେ।

**କୁଆମରା:** କୁଆମରା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଉନବିଂଶତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟି ସଭାପତି ପ୍ରଶାନ୍ତ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ପୂର୍ବତନ କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର



ଟୁଡୁ, ମୁଖ୍ୟବକ୍ତା ନରୋତ୍ତମ ପରିଡ଼ା, ସମ୍ମାନିତ ଅତିଥି ଭାବେ ସମିତି ସମ୍ପାଦକ ମନମୋହନ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନ ଗୁରୁଜୀ ରମେଶ ମହାପାତ୍ର ବାର୍ଷିକ ବିବରଣୀ ପାଠ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ନିଗମାନନ୍ଦ ମହାପାତ୍ର ଧନ୍ୟବାଦ ଦେଇଥିଲେ। ବାର୍ଷିକ କ୍ରୀଡ଼ା କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସନ୍ଧ୍ୟାରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

**କରଞ୍ଜିଆ:** କରଞ୍ଜିଆସ୍ଥ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଷଷ୍ଠ ବାର୍ଷିକ ଉତ୍ସବ 'କଲ୍ଲୋଳ-୨୦୨୫' ଉଦ୍‌ଯାପିତ ହୋଇଛି। ଭାରପ୍ରାପ୍ତ ଅଧ୍ୟକ୍ଷା ଗାୟତ୍ରୀ ଦେବଦତ୍ତଙ୍କ



ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ରୂପେ ବିଡିଓ ପ୍ରଦ୍ୟୁମ୍ନ ନାୟକ, ସମ୍ମାନିତ ଅତିଥି ରୂପେ ଭାରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ତରୁ ନାଏକ, ମୁଖ୍ୟବକ୍ତା ଭାବେ କଦାଡିହା ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଡଃ ଭାଗବତ ଲେଙ୍କା ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ପାୟଲ ମଲ୍ଲିକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଧୈର୍ଯ୍ୟ, ସହନଶୀଳତା, କଠିନ ପରିଶ୍ରମ ହିଁ ସଫଳତାର ମାପକାଠି ବୋଲି ଅତିଥିମାନେ କହିବା ସହିତ ସମସ୍ତେ ଭବିଷ୍ୟତରେ ଜଣେ ଜଣେ ସୁନାଗରିକ ହେବାକୁ ଆହ୍ୱାନ ଦେଇଥିଲେ। ଶିକ୍ଷକ ସଞ୍ଜିତ ସ୍ୱାଇଁ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷକ ଦେବାଶିଷ ଗିରି ସଂଯୋଜନା କରିଥିଲେ। ପରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଶିକ୍ଷୟିତ୍ରୀ ତ୍ରିପୁରା ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଭିନ୍ନ ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ

# ଛାତ୍ରଛାତ୍ରୀଙ୍କୁ ରାଷ୍ଟ୍ରସେବାରେ ବ୍ରତୀହେବାକୁ ପରାମର୍ଶ



**ଆନନ୍ଦପୁର,୨୨।୧୨(ସମିସ):** ଆନନ୍ଦପୁର ଉପଖଣ୍ଡର ପ୍ରାଣ ବଲ୍ଲଭ ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ ଆରମ୍ଭ ହୋଇଯାଇଛି। ଏହି ଉତ୍ସବରେ ବିଦ୍ୟାଳୟର ମ୍ୟାନେଜିଂ ଟ୍ରଷ୍ଟି ଡ.ଅଶୋକ କୁମାର ପୁହାଣ ମୁଖ୍ୟଅତିଥି ଅନ୍ନଦା ଶଙ୍କର ମହାନ୍ତି ବିଶେଷ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସ୍କୁଲର ଅଧ୍ୟକ୍ଷା ଡ. ସୁଜାତ ଘୋଷ ଉପାଧ୍ୟକ୍ଷା, ଶିକ୍ଷାରତ୍ନ ରଞ୍ଜିତା ଜେନା, ପାଟଶାଣୀ, ଜି.ଏମ ସନ୍ତୋଷ ସା ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ପ୍ରିୟଙ୍କା ସାହୁ ଓ ଶିକ୍ଷକ ସୁବ୍ରତ ରାମ ପରିଚାଳନା କରିଥିଲେ। ଖେଳ ସମ୍ପର୍କିତ କିଛି ପ୍ରୋଜେକ୍ଟ ଛାତ୍ର ଛାତ୍ରୀଙ୍କ ଦ୍ୱାର ଉପସ୍ଥାପନା କରାଯାଇଥିଲା। ସ୍କୁଲର କ୍ରୀଡ଼ା ଶିକ୍ଷକ ନୟନ ଜାନା, କ୍ରୀଡ଼ା ଶିକ୍ଷୟିତ୍ରୀ ନଳୀନି ବେହେରା ଖେଳ ପରିଚାଳନା କରିଥିଲେ। ଏହି କ୍ରୀଡ଼ାରେ ସ୍କୁଲର ସମସ୍ତ ଶିକ୍ଷୟିତ୍ରୀ, ଅଫିସ ଷ୍ଟାଫ୍, କେୟାର ଟେକର ଯଥା ଲିପିସ୍ମିତା ଚକ୍ର, ଗୀତାଞ୍ଜଳି ସାହୁ, ଜଗତାନନ୍ଦ ବେହେରା, ପ୍ରଭଞ୍ଜନ ପଣ୍ଡା, ସତ୍ୟବ୍ରତ ସାହୁ, ମୋନାଲିଶା ପଣ୍ଡା, ପ୍ରଜେଶ ସାହୁ, ବରୁଣ ଜାନା, ମିତିଷା ରାମ, ପ୍ରିତିଦାସ ଜାନା, ସାରଦା ରାଣୀ ସାହୁ, ଶୁଭେନ୍ଦୁ ଦାଶ, ସୁଶାନ୍ତ କୁମାର ପାଣି, ପାର୍ଥସାରଥୀ ମହାନ୍ତ କଲ୍ୟାଣୀ ରାମ, ମିତାଲି ବିଶ୍ୱାଳ, ଶୁଭଶ୍ରୀ ସାହୁ, ରୀନାରାଣୀ ପଲେଇ, ସ୍ମିତାମଞ୍ଜରୀ ସାହୁ, ସୁଶ୍ରୀ ରଥ, ଜୟଶ୍ରୀ ରଥ, ସଙ୍ଘମିତ୍ରା ଦ୍ୱିବେଦୀ, ଅନୀଲ ସାହୁ, ରଜତ ଜେନା, ସୁଦେଷ୍ଣା ସାହୁ, ଭାଗ୍ୟଶ୍ରୀ ଜେନା, ମାମାଲି ମାଝୀ, ରଶ୍ମିତା ମଲ୍ଲିକ୍ ରାନୁଶ୍ମିତା ଜେନା, ବିଶ୍ୱବନ୍ଦିତା, ସୁବାସ ଚନ୍ଦ୍ର ବେହେରା, ବସନ୍ତ କୁମାର ସ, ବିଶ୍ୱରଂଜନ ସାହୁ, ସୁଜିତ୍ କୁମାର ସାହୁ, ମନୋରଞ୍ଜନ ବେହେରା, ଦିପ୍ତିଶିଖା ସାହୁ, ମିନତୀ ପୁହାଣ, ମନୋରମା ସାହୁ, ଉଷାମଣିନାୟକ, ସୀତାନାୟକ, ତପସ୍ୱିନୀଜେନା, ମାଳତୀମାଝୀ, ବିନାପାଣିନାୟକ, ନନ୍ଦିନୀନାୟକପ୍ରମୁଖଉପସ୍ଥିତଥିଲେ।

### ● ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର



ଚମ୍ପୁଆ : ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ୪୧ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡ଼ା ଯୋଗଦେଇ ଛାତ୍ରଛାତ୍ରୀମାନଙ୍କର ବିକାଶ ନିମନ୍ତେ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଚମ୍ପୁଆ ଉପଖଣ୍ଡ ଆରକ୍ଷୀ ନିରୀକ୍ଷକ ରଶ୍ମୀରଞ୍ଜନ ସାହୁ ଭାରତୀୟ ସଂସ୍କୃତି ଆଧାରିତ ଶିକ୍ଷା ଓ ରାଷ୍ଟ୍ରବାଦୀ ଛାତ୍ରଛାତ୍ରୀ ନିର୍ମାଣ କରିବାର ଆବଶ୍ୟକତା ଓ ଶିଶୁ ବିଦ୍ୟା ମନ୍ଦିରର ଶିକ୍ଷା ବ୍ୟବସ୍ଥା ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସାହାରପଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ତଥା ପୂର୍ବତନ ଛାତ୍ର ରଣଜିତ ମହାନ୍ତ ଯୋଗଦେଇ ଥିଲେ। ମୁଖ୍ୟବକ୍ତା ଭାବେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସହପ୍ରାନ୍ତ ପ୍ରଚାରକ ଅସିତ କୁମାର ସାହୁ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ରାଷ୍ଟ୍ରର ସେବା କରିବା ସହିତ ଭାରତୀୟ ସଭ୍ୟତା ପୃଥିବୀରେ ତିଷ୍ଠି ରହିବାର କାରଣ ସନାତନ ସଂସ୍କୃତିର ଆଦର୍ଶ ବିଚାର ବୋଲି କହିଥିଲେ। ପରିଚାଳନା ସମିତିର ସଭାପତି ରମାକାନ୍ତ ପ୍ରଧାନ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଭଲ ମଣିଷ ହେବାପାଇଁ ନିଷ୍ଠାପର ଉଦ୍ୟମ କରିବାକୁ ପରାମର୍ଶ ଦେଇଥିଲେ। ସମ୍ପାଦକ ଭୋଳାନାଥ ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଶରତ ଚନ୍ଦ୍ର ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉପସଭାପତି ସୁରେଶ ଚନ୍ଦ୍ର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ଆଚାର୍ଯ୍ୟ ଉମେଶ ଚନ୍ଦ୍ର ମହାନ୍ତ ପୁରସ୍କାର ଘୋଷଣା କରିଥିଲେ। ଅମରଜିତ୍ ମହାନ୍ତଙ୍କୁ ବରୁଣ ବିଶ୍ୱଭୂଷଣ ସ୍ମାରକୀ ପୁରସ୍କାର ପ୍ରଦାନ କରାଯାଇଥିଲା। ଚଳିତ ବର୍ଷର ଶ୍ରେଷ୍ଠ କ୍ରୀଡାବିତ ଭାବେ ଭିବାସ ବେହେରା ଓ ସୁଜାତା ହୋଙ୍କୁ ଚିନ୍ମୟୀ ସ୍ମାରକୀ ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥିସହିତ ବୃତ୍ତି ପରୀକ୍ଷାର କୃତି ଛାତ୍ରଛାତ୍ରୀମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା।

### ● ତୁରା ବିବେକାନନ୍ଦ ଶିକ୍ଷା କେନ୍ଦ୍ର



ଆନନ୍ଦପୁର : କେନ୍ଦୁଝର ଜିଲ୍ଲା ଘସିପୁରା ବ୍ଲକର ସୀମାନ୍ତ ଯାଜପୁରର ତୁରା ବିବେକାନନ୍ଦ ଶିକ୍ଷା କେନ୍ଦ୍ରରେ ଦୁଇଦିନ ଧରି ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇଛି। ପ୍ରଥମ ଦିବସର ସାଧାରଣ ସଭାରେ ବିଦ୍ୟାଳୟର ପ୍ରତିଷ୍ଠାତା ସମ୍ପାଦକ ଅଜୟ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଡାକ୍ତର ରବୀନ୍ଦ୍ର କୁମାର ସାହୁ, ମୁଖ୍ୟବକ୍ତା ଭାବେ ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗର ନର୍ଥ ଜୋନ୍‌ର ଲିଆସାନିଂ ଅଧିକାରୀ ହୃଦାନନ୍ଦ ପୃଷ୍ଟି, ସମ୍ମାନିତ ଅତିଥି ଭାବେ ଟମକା ଥାନାର ଇନ୍ସପେକ୍ଟର ପ୍ରଭାତୀ ମଲ୍ଲିକ, ସବ୍ ଇନ୍ସପେକ୍ଟର ସତ୍ୟ ଶେଖର ଦାସ, କ୍ରୀଡ଼ା ଶିକ୍ଷକ ବାବାଜୀ ଚରଣ ଜେନା, ପିତାମ୍ବର ସାହୁ, ପ୍ରହଲ୍ଲାଦ ବେହେରା, ଜଳଧର କୁଅଁର, ଅତୁଲ ପାଗଡ଼ ପ୍ରମୁଖ ଯୋଗଦେଇ କ୍ରୀଡ଼ା ଓ ଜୀବନ କିପରି ଅଙ୍ଗାଙ୍ଗି ଭାବରେ ଜଡ଼ିତ ଦର୍ଶାଇଥିଲେ। ଦ୍ୱିତୀୟ ଦିନରେ ଆନନ୍ଦପୁରର ପୂର୍ବତନ ଶିକ୍ଷାଧିକାରୀ ଶରତ କୁମାର ରାଉତ୍, ସୁକିନ୍ଦା ବ୍ଲକର ପ୍ରାକ୍ତନ ଉପ ଶିକ୍ଷାଧିକାରୀ ହୃଷୀକେଶ ବେହେରା, ପ୍ରାକ୍ତନ ପ୍ରଧାନଶିକ୍ଷକ ଆର୍ତ୍ତବନ୍ଧୁ ନାୟକ ଯୋଗଦେଇ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ମେଡାଲ ସହ ସାର୍ଟିଫିକେଟ ପ୍ରଦାନ କରିଥିଲେ। ମାଆ ମାନଙ୍କୁ ନେଇ ଏକ ମିୟୁଜିକ୍ ଚେୟାର ପ୍ରତିଯୋଗିତା କରାଯାଇ ତିନି ଜଣ ମାଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଧାନ ଆଚାର୍ଯ୍ୟ ପୂର୍ଣ୍ଣଚନ୍ଦ୍ର ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ। ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମା ସହଯୋଗ କରିଥିଲେ।

### ● ଖଲଣା ସେଣ୍ଟ ଜାଭିୟର ହାଇସ୍କୁଲ

ଆନନ୍ଦପୁର : ଘସିପୁରା ବ୍ଲକ୍ ଅଧୀନ ଖଲଣା ସ୍ଥିତ ସେଣ୍ଟ ଜାଭିୟର ହାଇସ୍କୁଲର ଚତୁର୍ଥ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ପ୍ରତିଷ୍ଠାତା ରାଇମଣୀ ବୋଇତାଇଙ୍କ ମାର୍ଗଦର୍ଶନ ଓ ସଭାପତି ବିପିନ ବିହାରୀ ମାଝୀଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଘସିପୁରା ତହସିଲଦାର ଅଭୟ ସ୍ୱାଇଁ, ମୁଖ୍ୟବକ୍ତା ଭାବେ ଆନନ୍ଦପୁର କଲେଜର ପୂର୍ବତନ ଅଧ୍ୟକ୍ଷ ରମାକାନ୍ତ ନାୟକ, ସମ୍ମାନିତ ଅତିଥି ଭାବେ ଆନନ୍ଦପୁର ପୂର୍ବତନ ବିଇଓ ଶରତ ରାଉତ, ସୁଆଁପଦା ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ରଞ୍ଜିତ ସାହୁ, ସମ୍ପାଦକ ସରୋଜ ନାୟକ ଯୋଗଦେଇ ଥିଲେ। ସ୍କୁଲର ଅଧ୍ୟକ୍ଷ ଈଶ୍ୱର ଚନ୍ଦ୍ର ସାହୁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ସ୍କୁଲର ବାର୍ଷିକ ବିବରଣୀ ଶିକ୍ଷକ ବାସୁଦେବ ଜେନା ପଠନ କରିଥିଲେ। ଏହି ଅବସରରେ ଅତିଥି ମାନେ ସ୍କୁଲ ର କୃତି ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସହ-ପ୍ରତିଷ୍ଠାତା ତରୁଲତା ପତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବିଶ୍ୱରଞ୍ଜନ ମହାନ୍ତି, କୃଷ୍ଣଚନ୍ଦ୍ର ଜେନା, ଉର୍ବଶୀ ବିଶ୍ୱାଳ, ରଶ୍ମିତା ସା, ବିଷ୍ଣୁପ୍ରିୟା ପଟ୍ଟନାୟକ, ସବିତା ନାୟକ, ଜ୍ୟୋତ୍ସ୍ନାରାଣୀ ଜେନା, ମଧୁସୂଦନ ହୋତା, ଦିଲୀପ ପାତ୍ର, ରମାକାନ୍ତ ସାହୁ ପରିଚାଳନାରେ ସହଯୋଗ କରିଥିଲେ।



## ମଉଦା ଗ୍ରାମରୁ ବଡ଼ ଧରଣର ଲୁଟ୍



**ହାଟଡ଼ିହୀ,୨୨।୧୨(ସମିସ):** ସୋସୋ ଥାନା ମଉଦା ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ବଡ଼ ଧରଣର ଲୁଟ୍ ହୋଇଛି। ଗ୍ରାମର ଶ୍ୟାମସୁନ୍ଦର ପାଣିଗ୍ରାହୀଙ୍କ ଘରେ କେହି ରହିନଥିବା ସୁଯୋଗରେ ଦୁର୍ବୃତ୍ତମାନେ ଗ୍ରୀଲ୍ ତାଲା ଭାଙ୍ଗି ଘର ଭିତରୁ ୫ ଭରିରୁ ଊର୍ଦ୍ଧ୍ୱ ସୁନା ଗହଣା ଓ ନଗଦ ୫ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ଶ୍ୟାମସୁନ୍ଦର ପାଣିଗ୍ରାହୀ ଅସୁସ୍ଥ ଥିବାଯୋଗୁଁ ସେ ସମ୍ବଲପୁରରେ ବଡ଼ ପୁଅ ନିକଟରେ ରହୁଥିବା ବେଳେ ଘରେ ସାନ ପୁଅ ରୁହନ୍ତି। ସାନପୁଅ ସୁବ୍ରତ ଭଦ୍ରକ ଯାଇଥିବା ବେଳେ ରବିବାର ସକାଳୁ ସୁବ୍ରତ ଘରକୁ ଫେରିବା ପରେ ଲୁଟ୍ ସମ୍ପର୍କରେ ଜାଣିବାକୁ ପାଇଥିଲେ। ପରିବାର ଲୋକେ ଏନେଇ ସୋସୋ ଥାନାରେ ଅଭିଯୋଗ କରିବା ପରେ ସୋସୋ ପୁଲିସ ଗାଁରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ଆଜି ରାଜ୍ୟସ୍ତରୀୟ ମା'ତାରିଣୀ ଫୁଟବଲ୍




**ଆନନ୍ଦପୁର,୨୨।୧୨(ସମିସ):** ଆନନ୍ଦପୁର ବ୍ଲକ୍ ଅଧୀନ ତରତରା ମା' ତାରିଣୀ ଫୁଟବଲ କପ୍ ଆନୁକୂଲ୍ୟରେ ତରତରା ଷ୍ଟାଡିୟମଠାରେ ମଙ୍ଗଳବାର ଠାରୁ ୩୦ ତାରିଖ ପର୍ଯ୍ୟନ୍ତ ୨୬ ତମ ଆନ୍ତରାଜ୍ୟ ମା' ତାରିଣୀ କପ୍ ଫୁଟବଲ ପ୍ରତିଯୋଗିତା ଆୟୋଜିତ ହେବବୋଲି ଆୟୋଜକ କମିଟି ପକ୍ଷରୁ ସୂଚନା ମିଳିଛି। ପ୍ରଥମ ପପୁଲାର କ୍ଲବ ଢେଙ୍କାନାଳ ସହ ମା'କାମାକ୍ଷା ସ୍ପୋର୍ଟସ ଟସ କ୍ଲବ ବକ୍ସର ବିହାର, ୨୪ ତାରିଖ ଫ୍ରେଣ୍ଡସ୍ ପାରାଡ଼ାଇଜ୍ ଜଟଣି ସହ ସିଦୁଲି ଏଫସି ଆସାନସୋଲ, ୨୫ ତାରିଖ ପ୍ରଥମ ସେମିଫାଇନାଲ, ୨୬ ଚକ୍ରଧର ଫୁଟବଲ ଏକାଡେମୀ ଝାଡ଼ଖଣ୍ଡ ସହ ରାମଧୁନ୍ କ୍ଲବ ସୋନପୁର, ୨୭ ଏଏମ୍‌ଏସ୍‌ଏଫ୍ ଏକାଡେମୀ କଲିକତା ସହ ରାଉରକେଲା ରେଡ୍ୟୁନିଟ୍ ନିଟ୍, ୨୮ ତାରିଖ ଦ୍ୱିତୀୟ ସେମିଫାଇନାଲ, ୩୦ ତାରିଖ ଅପରାହ୍ନ ୩ଟାରେ ଗ୍ରାଣ୍ଡଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବବୋଲି କମିଟିର ସଭାପତି ଟି. ସୁବ୍ରତ କୁମାର ସାମଲ (ମୁନା) ପ୍ରକାଶ କରିଛନ୍ତି।

## କେନ୍ଦୁଖୁଣ୍ଟା କମ୍ୟୁନିଟି ସେଣ୍ଟର ଉଦ୍‌ଘାଟିତ




**ଆନନ୍ଦପୁର,୨୨।୧୨(ସମିସ):** ଘସିପୁରା ବ୍ଲକ୍ ଅଧୀନ ତରୁଆଁ ପଞ୍ଚାୟତର କେନ୍ଦୁଖୁଣ୍ଟା ଗ୍ରାମର କମ୍ୟୁନିଟି ସେଣ୍ଟରକୁ ମୁଖ୍ୟଅତିଥି ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟ ସଞ୍ଜୟ ମଲ୍ଲିକ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷକ ଜଗବନ୍ଧୁ ଜେନାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସନ୍ତୋଷ ଭଞ୍ଜ, ଶ୍ରୀଧର ଭଞ୍ଜ, ରଘୁନନ୍ଦନ ସେଠୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଆନନ୍ଦ ଚନ୍ଦ୍ର ରାଉତ, ବୈଷ୍ଣବ ଜେନା, ଶରତ ରାଉତ, ପୁରୁଷୋତ୍ତମ ଭଞ୍ଜ, ବାବାଜୀ ଚରଣ ରାଉତଙ୍କ ସହ ଗ୍ରାମବାସୀ ସହଯୋଗ କରିଥିଲେ।

## ଅଙ୍ଗିକଳା ଗ୍ରାମରେ ଆମ ପୁଲିସ ସମିତି ବୈଠକ

**ତୁରୁମୁଙ୍ଗା,୨୨।୧୨(ସମିସ):** କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ପୁଲିସ ପକ୍ଷରୁ ସୋମବାର ଚେମଣା ପଞ୍ଚାୟତ ଅଙ୍ଗିକଳା ଗ୍ରାମରେ ଆମ ପୁଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ତୁରୁମୁଙ୍ଗା ଥାନା ଅଧିକାରୀ ଦିପ୍ତୀ ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପାଟଣା ତହସିଲଦାର ଅଶ୍ୱିନୀ କୁମାର ନାଏକ, ଅତିରିକ୍ତ ତହସିଲଦାର ଶରଣ ଜେନା, ରବି ଶଙ୍କର ହେମ୍ବ୍ରମ ଯୋଗଦେଇ ଲୋକଙ୍କୁ ସାଇବର ଠକେଇ ସହ ଗୁଣି ଗାରେଡ଼ି, ଅନ୍ଧବିଶ୍ୱାସଠାରୁ ଦୂରେଇ ରହିବା ଆଇନଶୃଙ୍ଖଳା ଉପରେ ପୁଲିସକୁ ସହଯୋଗ କରିବା ଆଦି ଆଲୋଚନା କରାଯାଇଥିଲା।

## ଘରୁ ଝୁଲନ୍ତା ମୃତଦେହ ଉଦ୍ଧାର

**ତୁରୁମୁଙ୍ଗା,୨୨।୧୨(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ଥାନା ମାଧପୁର ଗ୍ରାମରୁ ଏକ ଘରୁ ଜଣେ ବୃଦ୍ଧଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ମୃତକ ହେଲେ ତୀର୍ଥବାସୀ ନାଏକ (୬୦)। ସେ ଘରେ ଏକାକୀ ଘରେ ରହୁଥିବାବେଳେ ମାନସିକ ଭାରସାମ୍ୟ ହରାଇ ଏକ ପ୍ଲାଷ୍ଟିକ ରଶି ସହାୟତା ରେ ଆତ୍ମହତ୍ୟା କରିଛନ୍ତି। ଖବରପାଇ ପାଟଣା ପୁଲିସ ପହଞ୍ଚି ମୃତଦେହକୁ ଉଦ୍ଧାର କରି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ପାଟଣା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ସରସ୍ୱତୀ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ




**ଆନନ୍ଦପୁର,୨୨।୧୨(ସମିସ):** ଆନନ୍ଦପୁର ପୌରପରିଷଦର ଘଷିପୁରା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩୭ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ମଦନମୋହନ ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସରକାରଙ୍କର ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ମୟୂରଭଞ୍ଜ ବିଭାଗ ସେବା ପ୍ରମୁଖ ଖଗେଶ୍ୱର ମହାନ୍ତ, ସମ୍ମାନିତ ଅତିଥି ଭାବେ ସୁଶାନ୍ତ ମିଶ୍ର, ରଶ୍ମୀରଞ୍ଜନ ନନ୍ଦ ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରଧାନଚାର୍ଯ୍ୟ ବାବାଜୀ ପଣ୍ଡା ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ।

## ଆନନ୍ଦପୁର ବାଣିଜ୍ୟ ମହୋତ୍ସବ ଉଦ୍‌ଯାପିତ



**ଆନନ୍ଦପୁର,୨୨।୧୨(ସମିସ):**

ଆନନ୍ଦପୁର ଷ୍ଟାଡିୟମଠାରେ ଚାଲିଥିବା ଆନନ୍ଦପୁର ବାଣିଜ୍ୟ ମହୋତ୍ସବ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଉପସ୍ଥାପକ ରଘୁଦୀପ୍ତି ନାୟକ ଓ ପ୍ରେସ୍‌କ୍ଲବ ସଭାପତି ନାରାୟଣ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ କେନ୍ଦୁଝର ସାଂସଦ ଅନନ୍ତ ନାୟକ, କେନ୍ଦୁଝର ପୌରାଧ୍ୟକ୍ଷା ନିକୁସାହୁ, ରାଜ୍ୟ ସମ୍ପାଦିକା ମମତା ସିଂ, ପୂର୍ବତନ ପୌରାଧ୍ୟକ୍ଷ ରାମଚନ୍ଦ୍ର ସାହୁ, ଆଲୋକ ସେଠୀ ଓ ବିଜେପି ନେତା ଡ. ଶମ୍ଭୁନାଥ ରାଉତ ଯୋଗଦେଇ ବାଣିଜ୍ୟ ମହୋତ୍ସବ ଆନନ୍ଦପୁରର ସଂସ୍କୃତିର ବାର୍ତ୍ତା ବହନକରୁ ବୋଲି ମତବ୍ୟକ୍ତ କରିଥିଲେ। ସମ୍ପାଦକ ସନ୍ତୋଷ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଅପରାହ୍ନରେ ଶୀତ କବିତା ଆସର, ଲଘୁ ସଂଗୀତ ପରିବେଷଣ କରାଯାଇଥିଲା। ପରେ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପ୍ରେସ୍ କ୍ଲବର ବରିଷ୍ଠ ସଦସ୍ୟ ଶତ୍ରୁଘ୍ନ ସାହୁ, ଦିଲୀପ ମିଶ୍ର, ସ୍ୱପ୍ନେଶ୍ୱର ପଣ୍ଡା, ସତ୍ୟଜିତ ସାହୁ, ରାଜୀବ ଜେନା, ଉପେନ୍ଦ୍ର ସାହୁ, ରାଜେନ୍ଦ୍ର ଦାଶ, ଉମାକାନ୍ତ ସାହୁ, ସ୍ମୃତିରଞ୍ଜନ ବିହାରୀ, ଅନୀଲ ସାହୁ, ଲିଟୁହଜାରୀ, ଗତିକୃଷ୍ଣ ଭୂୟାଁ, ରାଜକିଶୋର ସାହୁ, ଜିତୁ ହଜାରୀ, ଅମିୟ ବରାଳ, ସୁଶାନ୍ତ କୁମାର ସାହୁ, ପାର୍ଥ ସୌରଭ ସା, ବିକାଶ ବିଶ୍ୱାଳ, କବୀନ୍ଦ୍ର ଖୁଣ୍ଟିଆ, କୈଳାସ ଚନ୍ଦ୍ର ନାୟକ, ଗୋପୀନାଥ ପାତ୍ର, ମୃତ୍ୟୁଞ୍ଜୟ ସାହୁ ପ୍ରମୁଖ ପରିଚାଳନା କରିଥିଲେ।

### ● ପିଲାଙ୍କ ପାଠପଢ଼ାରେ ବ୍ୟାଘାତ

## ବର୍ଷେରୁ ଊର୍ଦ୍ଧ୍ୱ ଛୁଟିରେ ଦୁଇ ଶିକ୍ଷୟିତ୍ରୀ



**ତେଲକୋଇ,୨୨।୧୨(ସମିସ):** ସରକାର ଶିକ୍ଷାର ମାନ ବୃଦ୍ଧି କରିବା ସହିତ ଶିକ୍ଷକ ଅଭାବକୁ ପୂରଣ କରିବା ନିଯୁକ୍ତି ଦେଉଛନ୍ତି। ହେଲେ କିଛି ଶିକ୍ଷୟିତ୍ରୀ ସ୍କୁଲରେ ଯୋଗଦାନ କରି ବର୍ଷେରୁ ଊର୍ଦ୍ଧ୍ୱ ସମୟ ହେବ ଛୁଟିରେ ଥିବା ଜଣାପଡ଼ିଛି। ଏଭଳି ଘଟଣା ଦେଖିବାକୁ ମିଳିଛି କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକରେ। ସୂଚନା ଅନୁଯାୟୀ ତେଲକୋଇ ବ୍ଲକର ଦେଉଳଡିହା ପଞ୍ଚାୟତର ଜେନାଦର ଓ କରଦାଙ୍ଗି ପଞ୍ଚାୟତର ସାପଲାଞ୍ଜି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପୃଥକ୍ ଭାବେ ଦୁଇଜଣ ଶିକ୍ଷୟିତ୍ରୀ ୨୦୨୪ ମସିହା ଅକ୍ଟୋବର ମାସରେ କନିଷ୍ଠ ଶିକ୍ଷକ ଭାବେ ଯୋଗଦାନ କରିଥିଲେ। ତେବେ ଯୋଗଦାନ ଦୁଇଦିନ ପରେ ସ୍କୁଲ କର୍ତ୍ତୃପକ୍ଷଙ୍କୁ କୌଣସି ସୂଚନା ନ ଦେଇ ସେମାନେ ଛୁଟି ରେ ଅଛନ୍ତି। ଫଳରେ ସାପଲାଞ୍ଜି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପିଲାଙ୍କ ପାଠ ପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଛି। ସେହିପରି ଜେନାଦର ଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଜଣେ କନିଷ୍ଠ ଶିକ୍ଷକ ଛୁଟିରେ ରହି ଆସୁଛନ୍ତି। ଉଭୟ ତାଙ୍କର ପରଫରମାନ୍ସ ରିପୋର୍ଟ ଦେବାପାଇଁ ବାରମ୍ବାର ରାଜନୈତିକ ଚାପ ସୃଷ୍ଟି କରୁଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ବୁଝିବା ପାଇଁ ତେଲକୋଇ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ ଯାଇଥିଲୁ। ତେବେ ତେଲକୋଇ କାର୍ଯ୍ୟାଳୟରେ କୌଣସି ଅଧିକାରୀ ନ ଥିବାରୁ କୌଣସି ପ୍ରତିକ୍ରିୟା ମିଳି ପାରିନାହିଁ।

## ବାଲି ବୋଝେଇ ଟ୍ରାକ୍ଟର ଜବତ; ଚାଳକ ଅଟକ




**ତୁରୁମୁଙ୍ଗା,୨୨।୧୨(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ୍ ସ୍ୱାମ୍ ନିକଟରୁ ଏକ ବାଲି ବୋଝେଇ ଟ୍ରାକ୍ଟର ପାଟଣା ପୁଲିସ ଜବତ କରିବା ସହ ଡ୍ରାଇଭରକୁ ନୋଟିସ ଦେଇ ଛାଡିଛି। ଏନେଇ ପାଟଣା ଥାନାରେ ଏକ ମାମଲା ରୁଜୁ ହୋଇଛି। ସାହାରପଡ଼ା ଫାଣ୍ଡି ଏସ୍‌ଆଇ ପାର୍ତ୍ତ ଓରାମ ଘଟଣାର ତଦନ୍ତ କରୁଛନ୍ତି।

## ୨ ବାଇକ୍ ଧକ୍କା; ୩ ଗୁରୁତର

**ହାଟଡ଼ିହୀ,୨୨।୧୨(ସମିସ):** ନନ୍ଦିପଦା ଥାନା ଅଧୀନ ଅଣା କେନାଲ ପୋଲ ନିକଟରେ ୨ ବାଇକ୍ ମଧ୍ୟରେ ଧକ୍କା ହୋଇ ୩ ଜଣ ଗୁରୁତର ହୋଇଛନ୍ତି। ସୂଚନା ଅନୁସାରେ, ସୋମବାର ଅପରାହ୍ଣରେ ଛେନାପଦି ଛକରୁ ହାଟଡ଼ିହୀ ଅଭିମୁଖେ ଯାଉଥିବା ଏକ ବାଇକ୍ ରାସ୍ତାପାରି ହେଉଥିବା ଅନ୍ୟ ଏକ ବାଇକକୁ ଖୁବ୍‌ଜୋରରେ ଧକ୍କା ଦେଇଥିଲା। ଫଳରେ ୨ ବାଇକ୍ ମଧ୍ୟରେ ଦୁର୍ଘଟଣା ଘଟି ଉଭୟ ବାଇକରେ ଥିବା ୩ଜଣ ଗୁରୁତର ହୋଇଛନ୍ତି। ସ୍ଥାନୀୟଲୋକେ ସେମାନଙ୍କୁ ଉଦ୍ଧାର କରି ମେଡିକାଲ ନେଇଥିଲେ। ସେମାନଙ୍କ ମଧ୍ୟରେ ଜଣେ ମୋଟରସାଇକେଲ ମେକାନିକ୍ ହୋଇଥିବାବେଳେ ଅନ୍ୟ ୨ ଜଣ ସ୍ଥାନୀୟ ଜଳକଲଙ୍ଗ ଗ୍ରାମର ବୋଲି ଜଣାପଡ଼ିଛି। ଦୁର୍ଘଟଣାରେ ବାଇକ୍ ମେକାନିକଙ୍କ ଆଣ୍ଠୁ, ଛାତି ମାଡ଼ ହୋଇଥିବା ବେଳେ ଅନ୍ୟ ୨ଜଣ ଯୁବକଙ୍କ ଅବସ୍ଥା ଅତ୍ୟଧିକ ଗୁରୁତର ଥିବାରୁ ସେମାନଙ୍କୁ ଆନନ୍ଦପୁର ଉପଖଣ୍ଡ ମେଡିକାଲରେ ଭର୍ତ୍ତି କରାଯାଇଛି।

## ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି 'ଉଇ ଲଭ୍' ହାଟଡିହୀ




**ହାଟଡ଼ିହୀ,୨୨।୧୨(ସମିସ):** ଶୀତଋତୁ ଆସିଲେ ବିଭିନ୍ନ ପର୍ଯ୍ୟଟନସ୍ଥଳୀରେ ଆଗନ୍ତୁକଙ୍କ ଭିଡ଼ ଉପଲବ୍ଧ ହୋଇଥାଏ। ଏହି ପରିପ୍ରେକ୍ଷୀରେ କେନ୍ଦୁଝର ଜିଲ୍ଲାର ହାଟଡ଼ିହୀ ବ୍ଲକଟି ମଧ୍ୟ ପ୍ରାକୃତିକ ପରିବେଶପୂର୍ଣ୍ଣ ସୌନ୍ଦର୍ଯ୍ୟରେ କମ୍ ନୁହେଁ। ଏଠାରେ ବିଭିନ୍ନ ଦର୍ଶନୀୟ ସ୍ଥାନମାନଙ୍କ ମଧ୍ୟରେ ହଦଗଡ଼ ସ୍ଥିତ ସାଲନ୍ଦୀ ନଦୀବନ୍ଧ, ସୁନ୍ଦରାପାଳ ସ୍ଥିତ ଗଡ଼ଚଣ୍ଡୀ, ପୋଡ଼ାସିଙ୍ଗିଡ଼ି ସ୍ଥିତ ରାମଚଣ୍ଡୀ ପୀଠ ସହ ସୁନାଘାଇ ଜଳବନ୍ଧ, ପଡ଼ିଆରୀପଲ୍ଲୀ ସ୍ଥିତ ସିଦ୍ଧଗୁମ୍ଫା ଜଙ୍ଗଲିଆ ପରିବେଶ ମଧ୍ୟରେ ରହିଥିବା ଏହିଭଳି ଖୁବ ସୁନ୍ଦର ସୁନ୍ଦର ସ୍ଥାନ ରହିଥିଲେ ମଧ୍ୟ "ଉଇ ଲଭ ହାଟଡ଼ିହୀ" ସେଥିମଧ୍ୟରୁ ଅନ୍ୟତମ ଅଟେ। କେହି କେହି ଏହାକୁ ସେଲ୍ଫି ପଏଣ୍ଟ ବୋଲି ମଧ୍ୟ କହିଥା'ନ୍ତି। ଗୋଟିଏ ପଟେ ଓସାରିଆ କେନାଲର ନୀଳ ଜଳରାଶି ସହ ମାଆ ଦୁଆରଶୁଣୀଙ୍କ ପୀଠ ତ ପୁଣି ଅନ୍ୟ ପଟରେ ବଉଳା ପାହାଡ଼ରେ ପାଦଦେଶ ତଳେ ଛେନାପଦି ହଦଗଡ଼କୁ ଲମ୍ବିଥିବା ରାସ୍ତାକଡ଼ରେ ଅବସ୍ଥିତ ଏହି ମନଲୋଭା ସୁନ୍ଦର ସ୍ଥାନ। ସ୍ୱଚ୍ଛତା ଅଭାବରୁ ବର୍ତ୍ତମାନ ଏହି ସ୍ଥାନଟି ଅବହେଳିତ ହୋଇପଡ଼ିଥିବାରୁ ଆକର୍ଷଣ କମିଯିବା ପରି ମନେ ହେଉଛି। ସ୍ଥାନୀୟ ପ୍ରଶାସନ ଓ ଲୋକ ପ୍ରତିନିଧିମାନେ ଏ ଦିଗରେ ଦୃଷ୍ଟି ଦେଲେ ପୁନର୍ବାର ଏହାର ସୌନ୍ଦର୍ଯ୍ୟ ଦ୍ୱିଗୁଣିତ ହୋଇପାରନ୍ତା ବୋଲି ସ୍ଥାନୀୟ ଲୋକେ କହୁଛନ୍ତି।

ସମୂହ ଗଛକାଟି ବସ୍‌ଷ୍ଟାଣ୍ଡ ନିର୍ମାଣ ପ୍ରସଙ୍ଗ

# ବିଜେଡି ପକ୍ଷରୁ ଦାବିପତ୍ର ପ୍ରଦାନ

ବାରିପଦା, ୨୨।୧୨(ସମିସ):



ବାରିପଦା ସହରର ପାଲବଣିଠାରେ ବ୍ୟାପକ ଗଛକାଟି ଆନ୍ତଃରାଜ୍ୟ ବସଷ୍ଟାଣ୍ଡ ନିର୍ମାଣ ଘଟଣାରେ ମୟୂରଭଞ୍ଜ ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ହସ୍ତକ୍ଷେପ ଲୋଡାଯାଇଛି। ଦଳର ସମସ୍ତ ନେତୃବୃନ୍ଦ ଜିଲ୍ଲାପାଳ ହେମକାନ୍ତ ସଏଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ବସଷ୍ଟାଣ୍ଡ ନିର୍ମାଣ ପାଇଁ ୧୭ ତାରିଖରୁ ହଜାର ହଜାର ଗଛ କାଟିବା କାମ ଆରମ୍ଭ ହୋଇଛି । ନୂଆ ବସ୍‌ଷ୍ଟାଣ୍ଡ ପାଇଁ ମନୋନୀତ ସ୍ଥାନଟି ଅତି ଘଞ୍ଚ ସବୁଜ ଆଚ୍ଛାଦିତ ଅଞ୍ଚଳ। ଶାଳଠାରୁ ଆରମ୍ଭ କରି ମୂଲ୍ୟବାନ ଗଛ ଭରପୂର ଥିବାରୁ ସହରର ଅମ୍ଳଜାନର ଉତ୍ସ ଭାବେ କାର୍ଯ୍ୟ କରୁଥିଲା। ସ୍ଥାନୀୟ ଲୋକ, ବନ ସୁରକ୍ଷା କମିଟି ଓ ରକ୍ଷଣଶୀଳଙ୍କ ମତାମତ ନ ନେଇ ଜିଲ୍ଲା ପ୍ରଶାସନ ଏକପାଖିଆ ଭାବେ ନୂଆ ବସ୍‌ଷ୍ଟାଣ୍ଡ ସ୍ଥାପନ କରିବାକୁ ନିଷ୍ପତ୍ତି ନେବା ସ୍ଥାନୀୟ ଲୋକ ଓ ପରିବେଶପ୍ରେମୀମାନେ ହତବାକ କରିଛି। ଯଦି ଏହି ନୂଆ ଆନ୍ତଃରାଜ୍ୟ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଗଛକଟା ବନ୍ଦ କରା ନ ଯାଏ, ବରିପଦାରେ ଜଙ୍ଗଲ ଅଞ୍ଚଳ ହ୍ରାସ ପାଇ ଭବିଷ୍ୟତରେ ଅନେକ ପରିବେଶଗତ ସମସ୍ୟା ଉତ୍ପନ୍ନ ହେବ। ପୂର୍ବରୁ ଜିଲ୍ଲା ପ୍ରଶାସନ ବରିପଦା ସର୍କଲ ଜେଲ୍ ଅଧୀନରେ ଥିବା ମୁର୍ଗାବାଡିଠାରେ ଏକ ଉପଯୁକ୍ତ ଜମି ଚିହ୍ନଟ କରିଥିଲେ ଏବଂ ଯଥେଷ୍ଟ କ୍ଷତିପୂରଣ ନେଇ ସେଠାରେ ନୂଆ ବସ୍‌ଷ୍ଟାଣ୍ଡ କରିବାକୁ ଯୋଜନା କରିଥିଲେ। ବିନା ବିସ୍ତୃତ ଅଧ୍ୟୟନରେ ପ୍ରଶାସନ ଏକତରଫା ଭାବେ ଗଭୀର ଜଙ୍ଗଲ ଭିତରେ ବସ୍‌ଷ୍ଟାଣ୍ଡ ସ୍ଥାପନ କରିବାକୁ ନିଷ୍ପତ୍ତି ନେବା ଦୁର୍ଭାଗ୍ୟଜନକ। ଏହା ଓଡ଼ିଶା ବନ ଆଇନ ୧୯୭୨ ଓ ବିଦ୍ୟମାନ ନିୟମାବଳୀର ନିୟମ ଉଲ୍ଲଙ୍ଘନ କରୁଛି। ଯେଉଁଥିରେ ଗଛ କଟାଯାଇଥିଲେ ୧:୧୦ ହାରରେ ପୁନଃରୋପଣ ବାଧ୍ୟତାମୂଳକ। ଏପର୍ଯ୍ୟନ୍ତ ଏହାର କୌଣସି ଯୋଜନା ପ୍ରକାଶ ପାଇନାହିଁ। ଆପେକ୍ସ କୋର୍ଟ ମଧ୍ୟ ଏହି ଗଛଗୁଡ଼ିକ ଜଙ୍ଗଲ କିସମ୍ ଭାବେ ଚିହ୍ନଟ ନହେଲେ ମଧ୍ୟ ସେଗୁଡ଼ିକୁ ସୁରକ୍ଷା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଦାୟିତ୍ୱପୂର୍ଣ୍ଣ ଶାସନ ବଜାୟ ରଖିବା ଉଦ୍ଦେଶ୍ୟରେ ବିଜେଡି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରି ପୁନଃରୋପଣ ଯୋଜନା ଓ ଅନ୍ୟାନ୍ୟ ସମ୍ପର୍କିତ ବିଷୟର ବିସ୍ତୃତ ଯୋଜନା ପ୍ରସ୍ତୁତ ନ ହେବା ପର୍ଯ୍ୟନ୍ତ ଗଛକଟାକୁ ତୁରନ୍ତ ଅଟକାଇ ବାରିପଦାରେ ଥିବା ବହୁ ସରକାରୀ ଖାଲି ଜମିକୁ ପ୍ରକଳ୍ପଟିକୁ ସ୍ଥାନାନ୍ତରିତ କରିବାକୁ ନିବେଦନ କରାଯାଇଛି। ଦଳ ପକ୍ଷରୁ ଜିଲ୍ଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ସୁଦାମ ମାରାଣ୍ଡି, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ପୂର୍ବତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡି, ପୂର୍ବତନ ମନ୍ତ୍ରୀ ସରୋଜିନୀ ହେମ୍ବ୍ରମ, ପୂର୍ବତନ ବିଧାୟକ ରାଜକିଶୋର ଦାସ, ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଉପନଗରପାଳ ସୀମା ଦାସ, ଏମସିସି ବ୍ୟାଙ୍କ ସଭାପତି ସୁବ୍ରମଣ୍ୟମ ମହାନ୍ତି, କାର୍ଯ୍ୟକାରୀ ସଭାପତି ଜିତେନ୍ଦ୍ର ମହାନ୍ତି, ପୂର୍ବତନ ସଭାପତି ଦେବାଶିଷ ମହାନ୍ତି, ପୂର୍ବତନ ଏସଡିସି ଅଧ୍ୟକ୍ଷ ଦେବାଶିଷ ମାରାଣ୍ଡି, ପ୍ରଭାତ ନାୟକ, ଦେବୀଦତ୍ତ ଦାଶ ପ୍ରମୁଖଙ୍କ ସହ ସମେତ ଶତାଧିକ କର୍ମକର୍ତ୍ତା ପଦଯାତ୍ରାରେ ଯାଇ ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ ପତ୍ର ପ୍ରଦାନ କରିଥିଲେ।

## ମାନବିକ ବିଦ୍ୟାଭବନର ବାର୍ଷିକ କ୍ରୀଡ଼ା ଉତ୍ସବ



କେନ୍ଦୁଝର,୨୨।୧୨(ସମିସ): ଆନ୍ତର୍ଜାତିକ ମାନବିକତା ଶୋଭନୀୟତା ଫାଉଣ୍ଡେସନ୍ ଦ୍ୱାରା ପ୍ରତିଷ୍ଠିତ ମାନବିକ ବିଦ୍ୟାଭଦନ, ବ୍ରଜମୋହନପୁରର ବାର୍ଷିକ କ୍ରୀଡ଼ା ଉତ୍ସବ ମହୋହରପୁର ଖେଳପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପିଲାମାନେ ବିଭିନ୍ନ କ୍ରୀଡ଼ା, ଯଥା-ସଟ୍‌ପୁଟ୍, ୨୦୦ ମି. ଦୌଡ଼, ୪୦୦ ମି. ଦୌଡ଼, ଉଚ୍ଚଡିଆଁ, ଲମ୍ବଡିଆଁ, ମ୍ୟୁଜିକ୍ ଚେୟାର, ବେଙ୍ଗ ଡିଆଁ, ପ୍ରଭୃତି ବିଭିନ୍ନ ବର୍ଗରେ ଅଂଶଗ୍ରହଣ କରିଥିଲେ। ଏହାସହିତ ଚିତ୍ରାଙ୍କନ, ସାଧାରଣଜ୍ଞାନ, ସଂଗୀତ, ନୃତ୍ୟ, ବକ୍ତୃତା ଆଦି ଅନୁଷ୍ଠିତ ହୋଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

ପୁରସ୍କାର ବିରତଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ବିଆର୍‌ସି ଧ୍ରୁବଚରଣ ସାହୁ ଯୋଗଦେଇ କ୍ରୀଡ଼ା ଶିକ୍ଷାର ଏକ ଅବିଚ୍ଛେଦ୍ୟ ଅଙ୍ଗ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମକୁ ବିଜୟ କୁମାର ସାହୁ ପରିଚାଳନା କରିଥିଲେ। ଗୁରୁଜୀ ଗୁରୁମା ରଶ୍ମୀରେଖା ସାହୁ, ସଂଯୁକ୍ତା ଖଣ୍ଡା, ଅଞ୍ଜଳି ସାହୁ, ସ୍ମୃତିରାଣୀ ମହାନ୍ତ, ଶୁଚିସ୍ମିତା ମହାନ୍ତ, ଦୁର୍ଯ୍ୟୋଧନ ମହାନ୍ତ, ସଂଗ୍ରାମ କୁମାର ସାହୁ, ଦୁର୍ଯ୍ୟୋଧନ ମହାନ୍ତ (ବି) ପ୍ରମୁଖ ସହଯୋଗ କରିଥିଲେ। କ୍ରୀଡ଼ାର ବିଭିନ୍ନ ପ୍ରତିଯୋଗିତାରେ ଅଜିତ୍ ମହାନ୍ତ, ସାର୍ଥକ ସୌରଭ ସାହୁ, ମଦନ ମୁଣ୍ଡା, କିଶୋର ସାହୁ, ତନ୍ମୟ ମହାନ୍ତ, ପ୍ରଳୟ ନାୟକ, ରାଜଶ୍ରୀ ସାହୁ, ଜ୍ୟୋତ୍ସ୍ନା ପିଙ୍ଗୁଆ, ସ୍ୱାଗତିକା ସାହୁ, ପରିଣୀତା ମହାନ୍ତ, ଆଦ୍ୟାଶା ମୁଣ୍ଡା, ନେହାଶ୍ରୀ ସାହୁ, ରୋହିତ ମୁଣ୍ଡା, ଚିନ୍ମୟୀ ସାହୁ, ଜ୍ଞାନପ୍ରକାଶ ସାହୁ, ସନ୍ଦୀପ ଶୁଭଙ୍କର ସାହୁ ପ୍ରମୁଖ ପୁରସ୍କୃତ ହୋଇଥିଲେ।

## ୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସାଇବର ଠକେଇ

ବାରିପଦା,୨୨।୧୨(ସମିସ): ହସ୍ପିଟାଲରେ ଗୁରୁତରଙ୍କ ଚିକିତ୍ସା ନିମନ୍ତେ ମିଥ୍ୟା କହି ୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସାଇବର ଠକେଇ ହୋଇଛି। ଏ ନେଇ ବଡ଼ସାହି ଥାନା ଅନ୍ତର୍ଗତ ବାଘୁଆପାଳ ଗ୍ରାମର ମଦନ ମୋହନ ଗିରି ସାଇବର ଓ ଅର୍ଥନୈତିକ ଅପରାଧ ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କୁ ଏକ ଅଜଣା ନମ୍ବରରୁ ଫୋନ ଆସିଥିଲା। ତାଙ୍କ ନାତିର ଦେହ ଅତ୍ୟନ୍ତ ଖରାପ ଥିବାରୁ ହସ୍ପିଟାଲରେ ଭର୍ତ୍ତି ହୋଇଛି। ତାଙ୍କର ଚିକିତ୍ସା ନିମନ୍ତେ ହସ୍ପିଟାଲକୁ ଟଙ୍କା ଦେଉଥିବାବେଳେ କୌଣସି ସମସ୍ୟା ପାଇଁ ଟ୍ରାଞ୍ଜାକସନ ସମ୍ଭବ ହେଉନାହିଁ ବୋଲି କହିଥିଲେ। ଯାହାକୁ ନେଇ ତାଙ୍କୁ କିଛି ଟଙ୍କା ମାଗିଥିଲେ। ତାଙ୍କ କଥାରେ ଫସି ସେ ପର୍ଯ୍ୟାୟକ୍ରମେ ୨,୯୮,୦୨୦ ଟଙ୍କା ପ୍ରଦାନ କରିଥିଲେ। ଏହାପରେ ସେ ଟଙ୍କା ଫେରସ୍ତ ମାଗିବାରୁ ନ ପାଇ ଥାନାର ଦ୍ୱାରସ୍ଥ ହୋଇଛନ୍ତି।

## ପଡ଼ିଆରୁ ବାଇକ୍ ଚୋରି

ରାଇରଙ୍ଗପୁର/ବାଦାମପାହାଡ଼,୨୨।୧୨(ସମିସ): କୁସୁମୀ ଫୁଟବଲ ପଡ଼ିଆରୁ ବାଇକ ଚୋରି ହୋଇଛି। ଏ ନେଇ ଦେଉଳି ଗ୍ରାମର ଭାଗବତ ସୋରେନ ବାଦାମପାହାଡ଼ ଥାନାରେ ଅଭିଯୋଗ କରିଛନ୍ତି। ସେ ପଡ଼ିଆକୁ ଖେଳ ଦେଖିବାକୁ ଯାଇଥିବାବେଳେ ପଡ଼ିଆ ସମ୍ମୁଖରେ ବାଇକ ପାର୍କିଂ କରିଥିଲେ। ଫେରିଲା ବେଳକୁ ଉକ୍ତ ସ୍ଥାନରେ ବାଇକ ନ ଥିଲା। ବହୁ ଖୋଜାଖୋଜି ପରେ ବାଇକ୍ ପାଇ ନ ଥିଲେ।

● ଜୁଆ ଆଡ୍ଡା ଉପରେ ଚଢ଼ଉ

## ୨ ଗିରଫ, ଟଙ୍କା ଓ ସରଞ୍ଜାମ ଜବତ

ରାଇରଙ୍ଗପୁର/କରଞ୍ଜିଆ,୨୨।୧୨ (ସମିସ): ଯଶିପୁର ଅଞ୍ଚଳରେ ଜୁଆ ଖେଳ ସକ୍ରିୟ ଥିବାବେଳେ ଏହାକୁ ରୋକିବାକୁ ପୁଲିସ ପକ୍ଷରୁ ଚଢ଼ଉ କରାଯାଇ ୨ ଜଣଙ୍କୁ ଗିରଫ କରିବାରେ ସଫଳତା ହୋଇଛି। ଯଶିପୁର ଥାନା ଅନ୍ତର୍ଗତ ଗଡ଼ତଳସାହି ଗ୍ରାମ ପଡ଼ିଆରେ ପୁଲିସ ଟିମ୍ ଦ୍ୱାରା ଚଢ଼ଉ କରାଯାଇଥିଲା। ଅନ୍ୟମାନେ ଚମ୍ପଟ ମାରିଥିବାବେଳେ ୨ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଯଶିପୁର ଥାନା ଅନ୍ତର୍ଗତ ଗଡ଼ତଳସାହି ଗ୍ରାମର ବାବୁଲା ନାଏକ (୨୮) ଓ ଅଁଳାଗୁଞ୍ଜା ଗ୍ରାମର ବିବେକାନନ୍ଦ ବେହେରା (୪୧)। ସେମାନଙ୍କ ପାଖରୁ ୧୩୦୦ ଟଙ୍କା, ମୋବାଇଲ ଫୋନ ଓ ଖେଳ ସରଞ୍ଜାମ ଜବତ କରାଯାଇଛି। ଏ ନେଇ ଯଶିପୁର ଥାନାରେ ମାମଲା ରୁଜୁ କରାଯାଇଛି।

## ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି ବୈଠକ



ରାଇରଙ୍ଗପୁର,୨୨।୧୨ (ସମିସ): ରାଇରଙ୍ଗପୁରସ୍ଥ ବାମନଘାଟି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର ସମ୍ମିଳନୀ କକ୍ଷରେ ୭୭ତମ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପଜିଲ୍ଲାପାଳ ସୌମ୍ୟରଞ୍ଜନ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସୁଚାରୁ କୁମାର ବଳ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି ସମସ୍ତଙ୍କୁ ସ୍ୱାଗତ କରିବା ସହ ବୈଠକର ଆଭିମୁଖ୍ୟ ସମ୍ବନ୍ଧରେ ପ୍ରତିପାଦନ କରିଥିଲେ। ପରେ ଜାତୀୟ ଦିବସକୁ ଉପଖଣ୍ଡ ସ୍ତରରେ ଆକର୍ଷଣୀୟ ଭାବେ ସୁବ୍ୟବସ୍ଥିତ ଢଙ୍ଗରେ ପାଳନ କରିବା ପାଇଁ ପ୍ରତ୍ୟେକଟି ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ଦିବସ ପାଳନ ଅବ୍ୟବହିତ ପୂର୍ବରୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ, ବିଚାରକ ମଣ୍ଡଳୀ ଗଠନ, ଡାକବାଜି ଯନ୍ତ୍ର ଯୋଗେ ସହରାଞ୍ଚଳରେ ରାମଧୂନ ପରିବେଷଣ, ପ୍ୟାରେଡ ପଡିଆ ସୁସଜ୍ଜୀକରଣ, ଅଭିବାଦନ ମଞ୍ଚ ପ୍ରସ୍ତୁତି, ସହରାଞ୍ଚଳକୁ ପରିଷ୍କାର ପରିଚ୍ଛନ୍ନ, ଜଳଯୋଗାଣ, ଆକସ୍ମିକ ଦୁର୍ଘଟଣାର ମୁକାବିଲା, ପ୍ୟାରେଡ ପରିଚାଳନା, ଆପାତକାଳୀନ ସ୍ୱାସ୍ଥ୍ୟ ସେବା, ଜାତୀୟ ସଂଗୀତ ପରିବେଷଣ, ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ, ଅତିଥିଙ୍କୁ ନିମନ୍ତ୍ରଣ ପତ୍ର ପ୍ରଦାନ, ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ, ଦିବସ ପାଳନ ଦିନ ଉପଖଣ୍ଡ ଚିକିତ୍ସାଳୟର ରୋଗୀ ଓ ଉପକାରଗାର ଅନ୍ତେବାସୀଙ୍କୁ ଫଳ-ବିସ୍କୁଟ ବଣ୍ଟନ, ଆନୁଷ୍ଠାନିକ ପ୍ୟାରେଡରେ ଅଂଶ ଗ୍ରହଣ କରିଥିବା ପ୍ୟାରେଡଙ୍କୁ ବିସ୍କୁଟ ଲଡୁ ବଣ୍ଟନ ଆଦି କାର୍ଯ୍ୟ ଉପରେ ଆଲୋଚନା କରାଯାଇଥିଲା। ଉକ୍ତ ବୈଠକରେ ଉପଖଣ୍ଡ ସ୍ତରୀୟ ବିଭିନ୍ନ ପଦାଧିକାରୀ, ବିଭିନ୍ନ ଶିକ୍ଷାନୁଷ୍ଠାନ ଏନସିସି ଅଧକାରୀ, ବରିଷ୍ଠ ନାଗରିକ, ଆଇନଜୀବୀ, ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ, ସ୍ୱେଚ୍ଛାସେବୀ ଅନୁଷ୍ଠାନ କର୍ମକର୍ତ୍ତା ଓ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର ହରିଶ ଚନ୍ଦ୍ର ମହାପାତ୍ର ଓ ସଂଗ୍ରାମ ବିଶ୍ୱାଳ ସହଯୋଗ କରିଥିଲେ।

## ବନ୍ଦ ଘରୁ ଟଙ୍କା ଓ ଅଳଙ୍କାର ଚୋରି

ରାଇରଙ୍ଗପୁର,୨୨।୧୨ (ସମିସ): ଘାଗରବେଡ଼ା ଥାନା ଅଞ୍ଚଳରେ ତାଲା ବନ୍ଦ ଘରୁ ଲକ୍ଷାଧିକ ଟଙ୍କା ମୂଲ୍ୟର ସୁନା ଅଳଙ୍କାର ଓ ଟଙ୍କା ଚୋରି ହୋଇଛି। ଏନେଇ ହିନ୍ଦୋଳ ଗ୍ରାମ ମୁରଲୀଧର ବେହେରା ଘରୁ ଚୋରି ନେଇ ଘାଗରବେଡା ଥାନାରେ ଅଭିଯୋଗ କରିଛନ୍ତି। ସେ ପରିବାର ଲୋକଙ୍କ ସହ ବାହାରକୁ ଯାଇଥିବାବେଳେ ଏହାର ସୁଯୋଗ ନେଇ ଦୁର୍ବୃତ୍ତ ଚୋରି କରିଛନ୍ତି। ସୁନା ଅଳଙ୍କାର ଓ ୩୦,୦୦୦ ଟଙ୍କା ଚୋରି ହୋଇଥିବା ମୁରଲୀଧର ଅଭିଯୋଗ କରିଛନ୍ତି।

## ପିକ୍‌ଅପ୍ ଧକ୍କାରେ ଯୁବକ ମୃତ

ରାଇରଙ୍ଗପୁର/କରଞ୍ଜିଆ,୨୨।୧୨(ସମିସ): ବଡ଼ସରେଇ ଛକ ନିକଟରେ ପିକଅପ ଗାଡ଼ି ଧକ୍କାରେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ଘାଗରବେଡା ଥାନା ଅନ୍ତର୍ଗତ ବଡ଼କେଶରୀ ଗ୍ରାମର ବିଶ୍ୱଜିତ ନାଏକ(୨୪)। ସେ ବାଇକରେ ଯାଉଥିବାବେଳେ ଏକ ପିକଅପ ଦ୍ରୁତଗତିରେ ଆସି ସମ୍ମୁଖରୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ଉଦ୍ଧାର କରି ଉଦ୍ଧାର କରି ଉପଖଣ୍ଡ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଛି।

■ ମୟୂରଭଞ୍ଜ ଜିଲ୍ଲା ଶିଳ୍ପ ସଂଘର ନୂଆ କାର୍ଯ୍ୟକାରୀ କମିଟି

## କମଲ ସଭାପତି, ସୌମ୍ୟସ୍ୱରୂପ ସାଧାରଣ ସମ୍ପାଦକ




ବାରିପଦା, ୨୨।୧୨(ସମିସ): ମୟୂରଭଞ୍ଜ ଜିଲ୍ଲା ଶିଳ୍ପ ସଂଘର ବାର୍ଷିକ ସାଧାରଣ ସଭା ରବିବାର ତକତପୁରସ୍ଥ ହୋଟେଲ୍ ହୋଲି ପ୍ୟାଲେସ୍‌ରେ ଅନୁଷ୍ଠିତ ହୋଇଛି। ଏହି ସଭାରେ ୨୦୨୫-୨୬ ବର୍ଷ ପାଇଁ ନୂଆ କାର୍ଯ୍ୟକାରୀ କମିଟି ଗଠନ କରାଯାଇଛି। କମଲ ଦାସ ସଭାପତି, ଦେବ ହୋତା (ରାଇରଙ୍ଗପୁର) ଓ ମନ୍ମଥ ପଣ୍ଡା (ବାରିପଦା) ଉପସଭାପତି, ସୌମ୍ୟସ୍ୱରୂପ ଦାସ ସାଧାରଣ ସମ୍ପାଦକ, ଗିରିଜା ଶଙ୍କର ଦାଶ ଓ ଦୀପ୍ତେଶ ତ୍ରିପାଠୀଙ୍କୁ ଯୁଗ୍ମସମ୍ପାଦକ ଓ ସୁଦୀପ୍ତ କୁମାର ମହାପାତ୍ର କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ପରେଶ ମହାନ୍ତ, ନିତ୍ୟାନନ୍ଦ ତ୍ରିପାଠୀ ଓ ଦେବାଶିଷ ପାତ୍ର କାର୍ଯ୍ୟକାରୀ କମିଟିର ପରାମର୍ଶଦାତା ମନୋନୀତ ହୋଇଛନ୍ତି। ଜିଲ୍ଲାର ଶିଳ୍ପ ଉନ୍ନୟନ ଓ ସଦସ୍ୟଙ୍କ ସମସ୍ୟା ଉପରେ ବିସ୍ତୃତ ଆଲୋଚନା ହୋଇଥିବାବେଳେ ନୂଆ କମିଟି ଶିଳ୍ପ କ୍ଷେତ୍ରର ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ବୋଲି ଆଶା ପ୍ରକାଶ କରାଯାଇଛି।

## ଅତିରିକ୍ତ ସଚିବ ଓ ଯୁଗ୍ମ ସଚିବଙ୍କ ମୋରଡ଼ା ବ୍ଲକ୍ ଗସ୍ତ

ମୋରଡ଼ା,୨୨।୧୨(ସମିସ):ସୋମବାର ମୋରଡା ବ୍ଲକ୍‌କୁ ଅତିରିକ୍ତ ସଚିବ ଓ ଯୁଗ୍ମ ସଚିବଙ୍କ ଟିମ ଗସ୍ତ କରି ମନରେଗା ଓ ଆବାସ ଗୃହ କାର୍ଯ୍ୟ ସମୀକ୍ଷା କରିଛନ୍ତି। ଅତିରିକ୍ତ ଶାସନ ସଚିବ ଅରୂପ ସାହୁ, ଗୀତାଞ୍ଜଳି ନାୟକ, ଯୁଗ୍ମ ଶାସନ ସଚିବ ଗାୟତ୍ରୀଦତ୍ତ ନାୟକଙ୍କ ସହ ସିଡିଓ ଧରମାନନ୍ଦ ବେହେରା, ଏପିଡି କନ୍ୟାକୁମାରୀ ମିଶ୍ର, ଅତିରିକ୍ତ ଇଓ ସନ୍ତନୁ ନାୟକ, ଏମସି ଜୁଲଫିକର ଅଲ୍ଲୀ ଖାନ, ମୋରଡା ବିଡିଓ ଅଣାକର ନାୟକ, ଏଇଇ ସୁଶାନ୍ତ ନାୟକ, ଅତିରିକ୍ତ ବିଡିଓ ସୁଶାନ୍ତ ରାଉଳ ବିଭିନ୍ନ ପଞ୍ଚାୟତ ଗସ୍ତ କରିଥିଲେ। ପ୍ରଥମେ ଦାନ୍ତିଆମୁହାଁ ପଞ୍ଚାୟତ, ଦୁର୍ଗାପୁର ପଞ୍ଚାୟତ ଗସ୍ତ କରି ମନରେଗାରେ କାର୍ଯ୍ୟ ଚାଲିଥିବା କାର୍ଯ୍ୟସ୍ଥଳକୁ ଯାଇ ଲୋକଙ୍କ ସହିତ ଆଲୋଚନା କରିବା ସହ ଯେଉଁ ହିତାଧିକାରୀ ଆବାସ ଯୋଜନାରେ ଗୃହ ପାଇ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିନାହାନ୍ତି ସେମାନଙ୍କର ସମସ୍ୟା କ'ଣ ଓ କିପରି ସମାଧାନ କରାଯାଇପାରିବ ଆଲୋଚନା କରିଥିଲେ। ଅପରାହ୍ନରେ ନୁହାଝାଳିଆର ଫୁଡ଼ ପାର୍କକୁ ଯାଇ ଫ୍ୟାକ୍ଟ୍ରି ବୁଲି ଦେଖିଥିଲେ। ପରେ ଜୁଆଳିଭଙ୍ଗା ଓ ଶେଷରେ ହଳଦୀପାଳ ପଞ୍ଚାୟତ ଗସ୍ତ କରିଥିଲେ।

## ଦୁଇ ବାଇକ୍ ମୁହାଁମୁହିଁ ଧକ୍କା, ଜଣେ ମୃତ

ରାଇରଙ୍ଗପୁର/କରଞ୍ଜିଆ,୨୨।୧୨ (ସମିସ): ଧୁଡିବାରି ଛକ ନିକଟରେ ଦୁଇଟି ବାଇକ ମୁହାଁମୁହିଁ ଧକ୍କା ହେବା ଫଳରେ ଜଣକର ମୃତ୍ୟୁ ହୋଇଛି। ମୃତକ ଜଣକ ଧାତିକାବେଡା ଗ୍ରାମର ଅର୍ଜୁନ ମହାନ୍ତ(୫୪)। ସେ କେନ୍ଦୁମୁଣ୍ଡି ସାପ୍ତାହିକ ହାଟକୁ ଯାଇଥିଲେ। ସେଠାରୁ ଫେରୁଥିବାବେଳେ ଦ୍ରୁତଗାମୀ ପଲସର ବାଇକ ତାଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକମାନେ ଉଦ୍ଧାର କରି ତାଙ୍କୁ ଉଦ୍ଧାର କରି କରଞ୍ଜିଆ ଉପଖଣ୍ଡ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅଭିଯୋଗକ୍ରମେ ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ଆନନ୍ଦପୁର ମହାବିଦ୍ୟାଳୟରେ ଜାତୀୟ ଗଣିତ ଦିବସ



ଆନନ୍ଦପୁର,୨୨।୧୨(ସମିସ): ଆନନ୍ଦପୁର ମହାବିଦ୍ୟାଳୟର ରସାୟନ ବିଜ୍ଞାନ ସେମିନାର ରୁମ୍‌ରେ ଜାତୀୟ ଗଣିତ ଦିବସ ଡ. ନାରାୟଣ ମିଶ୍ରଙ୍କ ଦ୍ୱାରା ଆୟୋଜିତ ହୋଇଛି। ସମ୍ମାନିତ ଅତିଥିଭାବେ ଡ. ନିମାଇଁ ଚରଣ ରାଉତ, ଡ. ଶକ୍ତି ପ୍ରସାଦ ମହାପାତ୍ର, ଅଧ୍ୟାପିକା ଭାରତୀ ସାହୁ, ଅନିତା ଦାସ, ବିଶ୍ୱରଞ୍ଜନ ସାହୁ, ପ୍ରାଧ୍ୟାପକ ଦୁର୍ଗାଶଙ୍କର ପରିଡ଼ା, ପ୍ରଫୁଲ୍ଲ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ରହି ରାମାନୁଜଙ୍କ ଜୀବନୀ ଓ ତାଙ୍କର ଅବଦାନ ସମ୍ବନ୍ଧରେ ଆଲୋଚନା କରିଥିଲେ। ଗଣିତ ବିଭାଗର ବିଭାଗୀୟ ମୁଖ୍ୟ ମିତାଶ୍ରୀ ବେହେରା ସଭା ସଂଯୋଜନା କରିଥିବାବେଳେ ଅଧ୍ୟାପକ ରିମନ୍ ଆଚାର୍ଯ୍ୟ ଧନ୍ୟବାଦ୍ ଅର୍ପଣ କରିଥିଲେ। ବିଶ୍ୱଜିତ୍ ରାଉତ, ରୀମନ୍ ଆଚାର୍ଯ୍ୟ, ମିତାଶ୍ରୀ ବେହେରା, ଡ. ଶକ୍ତିପ୍ରସାଦ ମହାପାତ୍ର ପରୀକ୍ଷା ପରିଚାଳନା କରିଥିଲେ। ଯୁକ୍ତତିନ ଛାତ୍ର ସତ୍ୟବ୍ରତ ସାହୁ, ପ୍ରିତମ୍ ପ୍ରିୟଦର୍ଶୀ ମହାନ୍ତି ସେମିନାରଟକ୍ ପ୍ରଦାନ କରିଥିଲେ।

## ଆନନ୍ଦପୁର ଆର୍‌ଏମ୍‌ସିର ଧାନସଂଗ୍ରହ ପ୍ରଚାର ରଥ ଶୁଭାରମ୍ଭ

ଆନନ୍ଦପୁର,୨୨।୧୨(ସମିସ): ଆନନ୍ଦପୁର ଆରଏମ୍‌ସି ପକ୍ଷରୁ ଖରିଫ ଧାନ ସଂଗ୍ରହ ପାଇଁ ଆଜି ପ୍ରଚାର ରଥ ଶୁଭାରମ୍ଭ ହୋଇଛି। କମିଟିର ସମ୍ପାଦକ ଶକ୍ତିଧର କାଣ୍ଡିଙ୍କ ତତ୍ତ୍ୱାବଧାନରେ ଅଧ୍ୟକ୍ଷ ତଥା ଉପଜିଲ୍ଲାପାଳ ନୀଳମାଧବ ସୁନା ପତାକା ଦେଖାଇବା ପରେ ପ୍ରଚାର ଅଭିମୁଖେ ରଥ ଗଡ଼ିଥିଲା। ଆନନ୍ଦପୁର ଘସିପୁରା ହାଟଡିହି ବ୍ଲକ ସମେତ ଆନନ୍ଦପୁର ପୌରାଞ୍ଚଳର ବିଭିନ୍ନ ସାହିକୁ ଏହି ପ୍ରଚାର ଗାଡି ବୁଲି ଧାନ ସଂଗ୍ରହ ସମ୍ପର୍କରେ ସୂଚନା ପ୍ରଦାନ କରିବ। ଜଳଧର ସିଂ, ବସନ୍ତ ମଳିକ, ବିଜୟ ସାହୁ, ଚିତ୍ରସେନ ପାତ୍ର, ଶକ୍ତି ପ୍ରସାଦ ମିଶ୍ର, ସୁବ୍ରତ ବେହେରା, ଲିଙ୍କି ଜେନା ସହଯୋଗ କରିଥିଲେ।

## ସେଙ୍ଗେଲ ପକ୍ଷରୁ ରାଷ୍ଟ୍ରପତିଙ୍କୁ ଦାବିପତ୍ର



ବାରିପଦା,୨୨।୧୨(ସମିସ): ଆଦିବାସୀ ସେଙ୍ଗେଲ ଅଭିଯାନ ବାରିପଦା ଜୋନାଲ କମିଟି ଉପସଭାପତି ବାହାଦୂର ମୁର୍ମୁ ଓ ଅଲ୍ ଇଣ୍ଡିଆ ମାଝୀ-ପାର୍ଗାନା ମାଡୱା ମୟୂରଭଞ୍ଜ ଜିଲ୍ଲା କମିଟି ସଭାପତି ବିକାଶ ଚନ୍ଦ୍ର ହେମ୍ବ୍ରମଙ୍କ ନେତୃତ୍ୱରେ ଭଞ୍ଜପୁର ଥାନା ଅନ୍ତର୍ଗତ ଜନାର୍ଦ୍ଦନପୁର ଗ୍ରାମରେ (ହାସା) ମାତୃଭୂମି, (ଭାଷା) ମାତୃଭାଷା ଅର୍ଥାତ୍ ସାନ୍ତାଳ ପାର୍ଗାନା ଦିଶୋମ, ସିଏନଟି, ଏସପିଟି ଓ ସାନ୍ତାଳୀ ଭାଷା ବିଜୟ ଦିବସ ପାଳନ କରାଯାଇଛି। ଏ ଅବସରରେ ସମାଜ ସୁଧାର ସେଙ୍ଗେଲ ସଂକଳ୍ପ ସଭା କରାଯାଇ ସମାଜର କୁପ୍ରଥାକୁ ହଟାଯାଇ ବୃହତ ଏକତା ଗଠନ କରି ବୃହତ ଜନଆନ୍ଦୋଳନ ଠିଆ କରିବାକୁ ଆହ୍ୱାନ ଦିଆଯାଇଛି। ତତପଶ୍ଚାତ ଓଡ଼ିଶା ପ୍ରଦେଶ ପାର୍ଗାନା ସହ ବାରିପଦା ଜୋନାଲ ସଭାପତି ନାରାନ ମୁର୍ମୁଙ୍କ ନେତୃତ୍ୱରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ମୟୁରଭଞ୍ଜ ଅତିରିକ୍ତ ଜିଲ୍ଲାପାଳ ଦୁଖବନ୍ଧୁ ନାଏକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଭାରତରେ ସମସ୍ତ ମାନବ ସମୁଦାୟଙ୍କୁ ଧାର୍ମିକ ସ୍ୱାଧୀନତା ଦିଆଯାଇଛି, କିନ୍ତୁ ଭାରତ ସ୍ୱାଧୀନ ହୋଇ ୭୭ ବର୍ଷ ହେଲା ଆଜି ସୁଦ୍ଧା ପ୍ରକୃତି ପୂଜକ ଆଦିବାସୀଙ୍କୁ ଧାର୍ମିକ ସ୍ୱାଧୀନତା ଦିଆଯାଇନାହିଁ। ବରଂ ଆଦିବାସୀଙ୍କୁ ଜୋର ଜବରଦସ୍ତି ଧର୍ମାନ୍ତରୀକରଣ କରାଯାଉଛି। ସେହିପରି ଭାରତର ସାମ୍ବିଧାନିକ ମାନ୍ୟତାପ୍ରାପ୍ତ ୨୨ଟି ଭାଷା ମଧ୍ୟରୁ ୨୧ଟି ଭାଷା ମାଧ୍ୟମରେ ଭାଷାଭିତ୍ତିକ ରାଜ୍ୟ ଗଠନ ହୋଇଛି, କିନ୍ତୁ ଆଜି ପର୍ଯ୍ୟନ୍ତ ସାନ୍ତାଳୀ ଭାଷାକୁ ଝାଡ଼ଖଣ୍ଡର ପ୍ରଥମ ରାଜଭାଷା ମାନ୍ୟତା ଦିଆଯାଇନାହିଁ। ବରଂ ବିଦେଶୀ ଭାଷା ଇଂରାଜୀ, ଉର୍ଦ୍ଦୁ, ସଂସ୍କୃତ ଏବଂ ହିନ୍ଦି ଭାଷା ଅନେକ ରାଜ୍ୟରେ ଦ୍ୱିତୀୟ ଓ ତୃତୀୟ ରାଜଭାଷା ରୂପେ ମାନ୍ୟତା ଦିଆଯାଇଛି। ଆଦିବାସୀ ବହୁଳ ରାଜ୍ୟରେ ସାନ୍ତାଳୀ ଭାଷାକୁ ଦ୍ୱିତୀୟ ରାଜଭାଷା ମାନ୍ୟତା ପ୍ରଦାନ କରାଯାଉନାହିଁ। ଯାହାକି ଆଦିବାସୀ ସେଙ୍ଗେଲ ଅଭିଯାନ ପକ୍ଷରୁ ସାର୍ନା ଧର୍ମ କୋଡ଼ ମାନ୍ୟତା ଓ ସାନ୍ତାଳୀ ଭାଷାକୁ ଝାଡ଼ଖଣ୍ଡର ପ୍ରଥମ ରାଜଭାଷା ମାନ୍ୟତା ପାଇଁ ଦୀର୍ଘ ଦିନରୁ ବାରମ୍ବାର ଦାବି କରାଯାଉଛି। ଆଦିବାସୀଙ୍କ ଭାଷା, ସଂସ୍କୃତିକୁ ବିଲୁପ୍ତ କରାଯାଇ ଆଦିବାସୀଙ୍କୁ ଯୁଗ ଯୁଗ ଧରି ଗୁଲାମୀରେ ରଖିବାର ଷଡ଼ଯନ୍ତ୍ର କରାଚାଲିଛି ବୋଲି ପ୍ରକାଶ କରାଯାଇଛି। ଅବିଳମ୍ବେ ସାର୍ନା ଧର୍ମ କୋଡ଼ ଓ ସାନ୍ତାଳୀ ଭାଷାକୁ ରାଜଭାଷା ମାନ୍ୟତା ଦେବାକୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ଦୃଢ ଦାବି କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଜୋନାଲ ପାର୍ଗାନା ମାଧବ ମୁର୍ମୁ, ଜିଲ୍ଲା ସେଙ୍ଗେଲ ଯୁବା ସଭାପତି ଉଦୟନାଥ ହେମ୍ବ୍ରମ ସହ ପ୍ରମୁଖ ନେତା ଉପସ୍ଥିତ ଥିଲେ।

## ସାଂସଦ ଖେଳ ମହୋତ୍ସବ ଉଦଯାପିତ




ବାରିପଦା,୨୨।୧୨(ସମିସ): ସ୍ଥାନୀୟ ଷ୍ଟାଡିୟମ ପଡିଆରେ ଜିଲ୍ଲା ପ୍ରଶାସନର ପକ୍ଷରୁ ଆୟୋଜିତ ସାଂସଦ ଖେଳ ମହୋତ୍ସବ' ଜିଲ୍ଲା ସ୍ତରୀୟ ଖେଳ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ରାଜ୍ୟସଭା ସାଂସଦ ମମତା ମହାନ୍ତ ମୁଖ୍ୟଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ, ଜିଲ୍ଲା କ୍ରୀଡା ଅଧିକାରୀ ଡଃ ସୁଭାଶିଷ ନାୟକ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗୀରଥି ମଲ୍ଲିକ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ପୁରୁଷ ବିଭାଗ ଫୁଟବଲ ପ୍ରତିଯୋଗିତାରେ ୩୨ଦଳ ଅଂଶଗ୍ରହଣ କରିଥିବାବେଳେ ଏସଏସବି, ଶାଳବଣୀ ଚାମ୍ପିଅନ ଓ ହିମେଶ ଫାଇଟର, ବାରିପଦା ରନର୍ସଅପ ହୋଇଥିଲା। ମହିଳା କବାଡି ପ୍ରତିଯୋଗିତାରେ ୧୨ଟି ଦଳ ଅଂଶଗ୍ରହଣ କରିଥିବାବେଳେ ସାଗେନ କ୍ଲବ, ରାସଗୋବିନ୍ଦପୁର ଚାମ୍ପିଅନ ଓ ଟିଟିଆଇ, ତକତପୁର ରନର୍ସଅପ ହୋଇଥିଲା। ଉଭୟ ପ୍ରତିଯୋଗିତାର ଚାମ୍ପିଅନ ଦଳକୁ ୨୦ ହଜାର ଟଙ୍କା ଓ ଟ୍ରଫି, ରନର୍ସଅପ ଦଳକୁ ୧୫ ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଏ ଅବସରରେ କ୍ରୀଡା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଜିଲ୍ଲା କ୍ରୀଡା ଅଧିକାରୀ ଡଃ ଶୁଭାଶିଷ ନାୟକ, ଶିକ୍ଷକ ତଥା କ୍ରୀଡ଼ାବିତ ସୋମନାଥ ସିଂହ, କ୍ରୀଡା ଶିକ୍ଷା ଶିକ୍ଷକ ସୁନୀଲ କୁମାର ମହାନ୍ତ ଓ ଦିବ୍ୟରଞ୍ଜନ ମହାନ୍ତଙ୍କୁ ସାଂସଦ ସମ୍ବର୍ଦ୍ଧିତ କରିଥିଲେ। ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଶ୍ରୀ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

ବାରିପଦା ଗୁଳିକାଣ୍ଡକୁ ପୂରିଲା ୩୨ ବର୍ଷ

# ସହିଦ ରତିକାନ୍ତ ଓ କୁଳଦୀପଙ୍କୁ ଶ୍ରଦ୍ଧାଞ୍ଜଳି

ବାରିପଦା, ୨୨।୧୨(ସମିସ):




ସହିଦ ରତିକାନ୍ତ ଓ କୁଳଦୀପଙ୍କ ତିରୋଧାନ ଦିବସରେ ଗଭୀର ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଛି। ୧୯୯୩ ଡିସେମ୍ବର ୨୩ ତାରିଖରେ ବାରିପଦାରେ ପୁଲିସ ଗୁଳିରେ ଦୁଇଜଣ ସ୍ୱାଭିମାନୀ ଛାତ୍ର ନେତାଙ୍କ ପ୍ରାଣହାନୀ ହୋଇଥିଲା। ଡିସେମ୍ବର ୨୨ ତାରିଖରେ ରତିକାନ୍ତ ମହାନ୍ତି ପୁଲିସ ଗୁଳିରେ ସହିଦ ହୋଇଥିବାବେଳେ ଡିସେମ୍ବର ୨୩ ତାରିଖରେ କୁଳଦୀପ ସାଓ ସହିଦ ହୋଇଥିଲେ। ଦୁଇ ସଂଗ୍ରାମୀ ଛାତ୍ର ନେତାକୁ ଶ୍ରଦ୍ଧାଞ୍ଜଳି ଦେବାକୁ ସ୍ମୃତିଚାରଣ ସଭା ଆୟୋଜିତ ହୋଇଥିଲା। ପୂର୍ବତନ କୃଷି ନିଗମ ଅଧ୍ୟକ୍ଷ ଦେବାଶିଷ ମହାନ୍ତି ଓ ଏମସିସି ବ୍ୟାଙ୍କ ସଭାପତି ସୁବ୍ରମଣ୍ୟମ ମହାନ୍ତିଙ୍କ ମିଳିତ ଆବାହକତ୍ୱରେ ଟ୍ରାଫିକ ବଜାରରେ ସ୍ମୃତି ସଭାର ଆୟୋଜନ କରାଯାଇଥିଲା।ଏହି ସଭାରେ ପୂର୍ବତନ ମନ୍ତ୍ରୀ ସୁଦାମ ମାର୍ଣ୍ଡି, ପୂର୍ବତନ ଉପବାଚସ୍ପତି ସାନନ୍ଦ ମାର୍ଣ୍ଡି, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ପୂର୍ବତନ ରାଜ୍ୟସଭା ସାଂସଦ ତଥା ପୂର୍ବତନ ମନ୍ତ୍ରୀ ସରୋଜିନୀ ହେମ୍ବ୍ରମ, ପୂର୍ବତନ ବିଧାୟକ ରାଜକିଶୋର ଦାସ, ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଉପନଗରପାଳ ସୀମା ଦାସ, ପୂର୍ବତନ ଏସଡିସି ଅଧ୍ୟକ୍ଷ ଡା. ଦେବାଶିଷ ମାର୍ଣ୍ଡି, ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା, ସମାଜସେବୀ କବିବିଷ୍ଣୁ ଶତପଥୀ, ସହିଦ ରତିକାନ୍ତଙ୍କ ଭାଇ ବିଶ୍ୱନାଥ ମହାନ୍ତି, ଜିତେନ୍ଦ୍ର ମହାନ୍ତି, ବାରିପଦା ବାର ଆସୋସିଏସୋନର ସମ୍ପାଦକ ବିପ୍ଳବ ବାରିକ, ବ୍ୟବସାୟୀ ସଂଘ ସଭାପତି ଅମିତାଭ ସାହୁ, ଯୁବନେତା ଅରୁଣ ବରାଡ, ଛାତ୍ରନେତା ସୁନୀଲ ନାୟକ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। କପିଳ ଖଣ୍ଡେଲୱାଲ ଧନ୍ୟବାଦ ଅର୍ପଣ କରିଥିଲେ।

## ଆଜିର ରାଶିଫଳ

**ମେଷ:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଚାକିରିରେ ପରିବର୍ତ୍ତନ ହେବ। ରାଜନୀତିରେ ସଫଳ ହେବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ପରିବାର ସଦସ୍ୟଙ୍କ ସହଯୋଗ ମିଳିବ।

**ବୃଷ:** ବ୍ୟସ୍ତତା ଭିତରେ ଦିନଟି କଟିବ। ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଧାର୍ମିକ ସ୍ଥାନକୁ ଯାତ୍ରା କରିବେ। ପ୍ରେମ ଜୀବନ ସୁଖମୟ ହେବ।

**ମିଥୁନ:** ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଅଧିକ ପରିଶ୍ରମ କରିବେ। ପାରିବାରିକ ଜୀବନ ସୁଖମୟ ହେବ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**କର୍କଟ:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ଉଧାର ଧନ ଫେରିପାଇବେ। ସମ୍ପର୍କୀୟଙ୍କ ଘରକୁ ବୁଲିବାକୁ ଯିବେ। ମାନସିକ ଶାନ୍ତି ପାଇଁ ଧାର୍ମିକ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ସିଂହ:** ନିବେଶରୁ ଲାଭ ପାଇବେ। କାର୍ଯ୍ୟରେ ସଫଳତା ମିଳିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ତରବରିଆ ଭାବେ କୌଣସି ନିଷ୍ପତ୍ତି ନେବେ ନାହିଁ। ଶିକ୍ଷା କ୍ଷେତ୍ରରେ ସମ୍ମାନ ମିଳିବ।

**କନ୍ୟା:** ନୂଆ ରଣନୀତିରେ କାରବାରକୁ ଆଗକୁ ନେବେ। ଘର ସାଜସଜ୍ଜାରେ ଅଧିକ ଖର୍ଚ୍ଚାନ୍ତ ହେବେ। ଭାଇ, ଭଉଣୀଙ୍କ ସହ ସୁଖଦୁଃଖ ବାଣ୍ଟିବେ। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ।

**ତୁଳା:** ସରକାରୀ କ୍ଷେତ୍ରରେ ଲାଭ ମିଳିବ। ଭବିଷ୍ୟତ ପାଇଁ ବଡ଼ ନିଷ୍ପତ୍ତି ନେବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ବିଛା:** ଘରେ ମାଙ୍ଗଳିକ କାର୍ଯ୍ୟ ଆୟୋଜନ କରିବେ। ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ପୂରା କରିବେ। ଇଚ୍ଛା ପୂରଣ ହେବ। ଦାମ୍ପତ୍ୟ ଜୀବନ ଖୁସିରେ ବିତିବ। ବନ୍ଧୁଙ୍କ ସହ ବୁଲିବାକୁ ଯିବେ।

**ଧନୁ:** ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଆର୍ଥିକ ଉନ୍ନତିକୁ ନେଇ ପ୍ରସନ୍ନ ରହିବେ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ମକର:** ନାଚ, ଗୀତରେ ସଫଳତା ମିଳିବ। ଛାତ୍ରଛାତ୍ରୀ ପଢ଼ା ପ୍ରତି ଆଗ୍ରହ ପ୍ରକାଶ କରିବେ। ଭଉଣୀଙ୍କ ସ୍ୱାସ୍ଥ୍ୟରେ ସୁଧାର ଆସିବ। ଦାମ୍ପତ୍ୟ ଜୀବନରେ ସମସ୍ୟା ଦେଖା ଦେବ।

**କୁମ୍ଭ:** ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଭଲ। ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ସହ ସମୟ ଅତିବାହିତ କରିବେ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

**ମୀନ:** ବ୍ୟସ୍ତତା ଭିତରେ ନିଜ ପାଇଁ ସମୟ ବାହାର କରିବେ। ଧାର୍ମିକ କାର୍ଯ୍ୟରେ ନିୟୋଜିତ ହେବେ। ଶିକ୍ଷାରେ ସଫଳତା ମିଳିବ। ପୈତୃକ ସମ୍ପତ୍ତି ବିବାଦର ସମାଧାନ ହେବ।

## ଆଜିର ଇତିହାସ

- ୧୮୯୪- ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋର ଶାନ୍ତି ନିକେତନରେ ପୁଷ୍ ମେଳାର ଉଦ୍‌ଘାଟନ କଲେ।
- ୧୯୨୧-ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟର ଉଦ୍‌ଘାଟନ।
- ୧୯୨୨- ବିବିସି ରେଡିଓ ଦୈନିକ ସମାଚାର ପ୍ରସାରଣ ଆରମ୍ଭ ହେଲା।
- ୧୯୭୨- ନିକାରାଗୁଆର ରାଜଧାନୀ ମନାଗୁଆରେ ଭୂମିକମ୍ପ ହେବାରୁ ପାଖାପାଖି ୧୦ ହଜାର ଲୋକଙ୍କ ପ୍ରାଣହାନି।
- ୨୦୦୦-ପଶ୍ଚିମବଙ୍ଗର ରାଜଧାନୀର ନାମ କଲିକତାକୁ ବଦଳାଇ କୋଲକାତା କରାଗଲା।



# ଅନ୍ନଦାତାଙ୍କ ପାଇଁ ଦିନଟିଏ

ପ୍ରତିବର୍ଷ ଡିସେମ୍ବର ୨୩ ତାରିଖକୁ ଜାତୀୟ କୃଷକ ଦିବସ ରୂପେ ପାଳନ କରାଯାଇଥାଏ । ପୂର୍ବତନ ପ୍ରଧାନମନ୍ତ୍ରୀ ଚୌଧୁରୀ ଚରଣ ସିଂଙ୍କ ଜନ୍ମ ଜୟନ୍ତୀକୁ ଜାତୀୟ କୃଷକ ଦିବସ ଭାବେ ପାଳନ କରାଯାଏ। ସାମାଜିକ-ଅର୍ଥନୈତିକ ବିକାଶରେ କୃଷକଙ୍କ ଅବଦାନକୁ ଚିହ୍ନିବା ଏବଂ ସେମାନଙ୍କ କଲ୍ୟାଣ ପାଇଁ ସଚେତନତା ସୃଷ୍ଟି କରିବା ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ ଓ ଉଦ୍ଦେଶ୍ୟ। ପୂର୍ବତନ ପ୍ରଧାନମନ୍ତ୍ରୀ ଚୌଧୁରୀ ଚରଣ ସିଂହଙ୍କ ଜନ୍ମ ୧୯୦୨ ମସିହା ଆଜିର ଦିନରେ ହୋଇଥିଲା। ପ୍ରଧାନମନ୍ତ୍ରୀ ଥିବା କାଳରେ ଦେଶର କୃଷକଙ୍କ ଉନ୍ନତି କ୍ଷେତ୍ରରେ ସେ ଅନେକ ପଦକ୍ଷେପ ନେଇଥିଲେ। ଏହାର ମୂଳ କାରଣ ଥିଲା ସେ ନିଜେ କୃଷକ ପରିବାରରେ ଜନ୍ମ ହୋଇଥିଲେ। ସେ କୃଷକଙ୍କ ସମସ୍ୟାକୁ ଅଙ୍ଗେ ନିଭାଇଥିଲେ। ସେଥିପାଇଁ ତାଙ୍କ ଜନ୍ମଦିନକୁ ସାରାଦେଶରେ କୃଷକ ଦିବସ ଭାବେ ପାଳନ କରାଯାଉଛି। ପ୍ରଧାନମନ୍ତ୍ରୀ ଚରଣ ସିଂ ନିଜ କାର୍ଯ୍ୟକାଳରେ କୃଷକମାନଙ୍କର ରୋଜଗାର ବୃଦ୍ଧି, କୃଷି କ୍ଷେତ୍ରରେ ଆଧୁନିକ ଯନ୍ତ୍ରପାତିର ବ୍ୟବହାର, ଉନ୍ନତମାନର ବିହନ ଓ ଚାଷ ପ୍ରଣାଳୀର ପରିବର୍ତ୍ତନ ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପମାନ ଗ୍ରହଣ କରିଥିଲେ । ସେ ଦେଶର ପ୍ରଧାନମନ୍ତ୍ରୀ ଭାବେ ବହୁତ୍ କମ ଦିନ କାର୍ଯ୍ୟ କରିଛନ୍ତି । ହେଲେ କୃଷକ ଓ କୃଷି କ୍ଷେତ୍ରରେ ସେ ଯେଉଁଳି ବୈପ୍ଳବିକ ପରିବର୍ତ୍ତନ ଆଣିଥିଲେ, ତାହାକୁ ନଜରରେ ରଖି ୨୦୦୧ ମସିହାଠାରୁ ଆଜିର ଦିନକୁ କୃଷକ ଦିବସ ଭାବେ ପାଳନ କରାଯାଉଛି। କୃଷି କ୍ଷେତ୍ରରେ ପରିବର୍ତ୍ତନ ସହ କୃଷକମାନଙ୍କୁ ସଶକ୍ତ କରିବା ଏହି ଦିବସ ପାଳନର ଉଦ୍ଦେଶ୍ୟ। କୃଷି ଓ କୃଷକର ଉନ୍ନତିରେ ଦେଶର ପ୍ରଗତି ସମ୍ଭବ ହୋଇଥାଏ। କୃଷକମାନେ ଦେଶର ଅର୍ଥନୀତିର ମେରୁଦଣ୍ଡ। କୃଷି ଓ କୃଷକର ଉନ୍ନତି ବ୍ୟତିରେକ ଦେଶର ପ୍ରଗତି ଅସମ୍ଭବ। ସେଥିପାଇଁ କୃଷକଙ୍କୁ ଅନ୍ନଦାତା କୁହାଯାଏ। ଦେଶର ପ୍ରତି ନାଗରିକ ଅନ୍ନଦାତାଙ୍କ ଠାରେ ଚିରଋଣୀ। ଅଧିକାଂଶ ସମୟରେ କୃଷକ ଆତ୍ମହତ୍ୟା ଖବରର ଶିରୋନାମାରେ ରହୁଛି। ଏହିଦିନ କୃଷି ଓ କୃଷକଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ଦୃଢ଼ ସଂକଳ୍ପବଦ୍ଧ ହେବା ସହ ଅକାଳରେ ଯେପରି ଅନ୍ନଦାତାଙ୍କ ଜୀବନ ନଯାଏ ସେଥିପ୍ରତି ସମସ୍ତେ ଦାୟିତ୍ୱବାନ ହେବାର ଆବଶ୍ୟକତା ରହିଛି । ଏହି ଦିନ କୃଷି ଉପରେ ବିଭିନ୍ନ କାର୍ଯ୍ୟକ୍ରମ, ସେମିନାର, ଉତ୍ସବ ଏବଂ ପ୍ରତିଯୋଗିତା ଆୟୋଜନ କରାଯାଏ।



# 'ବର୍ଡର ୨'ରେ ଦେଖାଯିବେ ଏହି ଚାରି ନାୟିକା

ବଲିଉଡ୍‌ର ଆକ୍ସନ୍ ଷ୍ଟାର୍ ସନ୍ନି ଦେଓଲ ଏବେ ତାଙ୍କର ବହୁ ପ୍ରତୀକ୍ଷିତ ଫିଲ୍ମ 'ବର୍ଡର ୨' ପାଇଁ ଚର୍ଚ୍ଚାରେ ଅଛନ୍ତି। ଏଥିରେ ସନ୍ନିଙ୍କ ସହ ଦିଲଜିତ୍ ଦୋସାଞ୍ଜ, ବରୁଣ ଧୱନ୍ ଓ ଅହାନ୍ ସେଟ୍ଟୀ ଲିଡ୍ ରୋଲରେ ନଜର ଆସିବେ। ନିକଟରେ ଫିଲ୍ମର ଟିଜର୍ ଜାରି କରାଯାଇଥିଲା। ଏହା ଦର୍ଶକଙ୍କୁ ଖୁବ୍ ପସନ୍ଦ ଆସିଛି। ଅନେକ ଦିନରୁ ଏଥିରେ ନାୟିକା ଭାବେ କିଏ ଦେଖାଯିବେ ସେନେଇ କଳ୍ପନାଜଳ୍ପନା ଲାଗି ରହିଥିଲା। ଟିଜର୍‌ରୁ ଫିଲ୍ମର ନାୟିକାମାନଙ୍କ ସମ୍ପର୍କରେ ଜଣାପଡ଼ିଛି। ଏଥିରେ ମୋନା ସିଂହ ସନ୍ନି ଦେଓଲଙ୍କ ବିପକ୍ଷରେ ନଜର ଆସିବେ। ସେହିଭଳି ସୋନମ୍ ବାଜୱା, ଦିଲଜିତ୍ ଦୋସାଞ୍ଜଙ୍କ ସହ ଦେଖାଯିବେ। ସୋନମ୍‌ଙ୍କୁ ଶେଷଥର ପାଇଁ ହର୍ଷବର୍ଦ୍ଧନ ରାଣେଙ୍କ ସହ 'ଏକ ଦିବାନେ କି ଦିବାନିୟତ' ଫିଲ୍ମରେ ଦେଖାଯାଇଥିଲା। ଅହାନ୍ ସେଟ୍ଟୀଙ୍କ ପତ୍ନୀ ଭୂମିକାରେ ଅନ୍ୟା ସିଂହଙ୍କୁ ଦେଖିବାକୁ ମିଳିବ। ଏହାପୂର୍ବରୁ ଅନ୍ୟା 'ଜି କରଦା', 'ସ୍ତ୍ରୀ ୨', 'ଖୋ ଗଏ ହମ୍ କହାଁ' ଫିଲ୍ମରେ ଦେଖାଯାଇଥିଲେ । ମେଘା ରାଣା ଏଥିରେ ବରୁଣ ଧୱନ୍‌ଙ୍କ ବିପକ୍ଷରେ ଦେଖାଯିବେ। ଅନୁରାଗ ସିଂହ ଏହାର ନିର୍ଦ୍ଦେଶନା ଦେଇଛନ୍ତି। ଏହା ଆସନ୍ତା ଜାନୁଆରୀ ୨୩ରେ ପରଦାକୁ ଆସିବ।

## ଆଜି ଆସିଥିଲେ

# କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ



ଆଧୁନିକ ଓଡ଼ିଆ ନାଟ୍ୟକାର, ଗୀତିକାର, କବି, ସଙ୍ଗୀତଜ୍ଞ ଓ ନୃତ୍ୟ ବିଶାରଦ ଭାବେ କାଳୀଚରଣ ପଟ୍ଟନାୟକଙ୍କ ଅବଦାନ ଅସାଧାରଣ। ସେ ପାରମ୍ପରିକ ଲୀଳା ନାଟକ ପ୍ରଦର୍ଶନ କରି ନିଜର ନାଟ୍ୟକାର ଜୀବନ ଅରମ୍ଭ କରିଥିଲେ। ପରେ ସେ ଆଧୁନିକ ମଞ୍ଚ ନାଟକ ଲେଖିଲେ। ତାଙ୍କୁ ଆଧୁନିକ ଓଡ଼ିଆ ନାଟ୍ୟଶାସ୍ତ୍ରର 'ଭରତମୁନି' ବୋଲି ମଧ୍ୟ କୁହାଯାଏ। ତାଙ୍କ ପ୍ରଚେଷ୍ଟାରୁ ୧୯୫୮ ମସିହାରେ ଓଡ଼ିଶୀ ନୃତ୍ୟ ଶାସ୍ତ୍ରୀୟ ମର୍ଯ୍ୟାଦା ପାଇଥିଲା। ସେ ପାଖାପାଖି ଏକ ଦଶନ୍ଧି ଧରି ସକ୍ରିୟ ଭାବେ ନାଟକ ସହ ଜଡ଼ିତ ଥିଲେ। ମର୍ମସ୍ପର୍ଶୀ ଭକ୍ତି ଗୀତ, ପଲ୍ଲୀ ଗୀତ, ରୋମାଣ୍ଟିକ୍ ଗୀତ ଓ ଦେଶାତ୍ମବୋଧ ଗୀତ ରଚନାରେ ସେ ସିଦ୍ଧହସ୍ତ ଥିଲେ। ୧୯୨୯ରେ 'ସାକ୍ଷୀଗୋପାଳ ନାଟକ ସଂଘ' ଓ ୧୯୩୯ରେ 'ଓଡ଼ିଶା ଥିଏଟର୍ସ' ନାମରେ ରଙ୍ଗମଞ୍ଚ ଗଠନ କରି ସେ ଓଡ଼ିଶା ନାଟକାଭିନୟ ଜଗତର ପ୍ରସାର ଓ ଉନ୍ନତି କରିଥିଲେ। ତାଙ୍କର ଜନପ୍ରିୟ ନାଟକ ଗାର୍ଲ ସ୍କୁଲ (୧୯୩୯) ଓଡ଼ିଆ ମଞ୍ଚାଭିନୟରେ ନୂତନ ଯୁଗର ଆରମ୍ଭ କରିଥିଲା। କାଳୀଚରଣ ୧୮୯୭ ମସିହା ଆଜିର ଦିନରେ ବାଙ୍କୀର ଖମାରଙ୍ଗ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତା ଦୁର୍ଗାଚରଣ ପଟ୍ଟନାୟକ ଓ ମାତା ରାଧାମାଳୀ ଦେବୀ ଥିଲେ। କାଳୀଚରଣଙ୍କ ପିତା ବଡ଼ମ୍ବାଗଡ଼ର ଦେୱାନ୍ ଥିଲେ। ଏକ କଳାକାର ପରିବାରରେ ଜନ୍ମିତ କାଳୀଚରଣ ମାତ୍ର ୧୦ ବର୍ଷ ବୟସରୁ ଲେଖିବା ଆରମ୍ଭ କରିଥିଲେ। ଗଡ଼ଜାତ ପ୍ରକୃତି ଭିତରେ ବଢ଼ିଥିବା କାଳୀଚରଣ ବଣ, ପାହାଡ଼, ଝରଣାର କୁଳୁକୁଳୁ ନାଦ, କୋଇଲିର କୁହୁତାନକୁ ଉପାଦାନ କରି ଲେଖୁଥିଲେ। ତାଙ୍କର ପ୍ରାଥମିକ ଶିକ୍ଷା ସେ ଚର୍ଚ୍ଚିକା ପ୍ରାଥମିକ ବିଦ୍ୟାଳୟରେ ସମ୍ପନ୍ନ କରି ଖୋର୍ଦ୍ଧା ଉଚ୍ଚବିଦ୍ୟାଳୟରେ ମାଟ୍ରିକ୍ ପଢ଼ିଥିଲେ। କଟକ ରେଭେନ୍‌ସା କଲେଜରୁ ସେ ଉଚ୍ଚଶିକ୍ଷା ଗ୍ରହଣ କରିଥିଲେ। ଗୋବିନ୍ଦଚନ୍ଦ୍ର ଶୂରଦେଓଙ୍କ ସମ୍ପର୍କରେ ଆସି ତାଙ୍କର ନାଟକୀୟ ଗୁଣାବଳୀ ବିକଶିତ ହୋଇଥିଲା। ରେଭେନ୍ସା କଲେଜରେ ପଢୁଥିବା ସମୟରେ 'କଳାହାଣ୍ଡିଆ ମେଘ' ନାମରେ ପ୍ରଥମ କବିତା ଲେଖିଥିଲେ। କବିତାଟି ପଢ଼ି ଭକ୍ତକବି ମଧୁସୂଦନ ରାଓ ତାଙ୍କୁ ୧୦୦ ଟଙ୍କା ପୁରସ୍କାର ଦେଇଥିଲେ। ୧୯୧୮ ରେ ଆଇଏ ପଢ଼ିବାବେଳେ ସେ ପ୍ରଥମ ନାଟକ 'ଧ୍ରୁବ' ରଚନା କରିଥିଲେ ମଧ୍ୟ ତାଙ୍କର ପ୍ରଥମ ସାମାଜିକ ନାଟକ ଥିଲା ୧୯୩୪ ମସିହାରେ ରଚିତ 'ପ୍ରତିଶୋଧ'। ପ୍ରାୟ ୪୦ଟି ପୂର୍ଣ୍ଣାଙ୍ଗ ନାଟକ ସହିତ ସେ ରଚନା କରିଥିଲେ ବହୁ ନୃତ୍ୟନାଟିକା, ଗଳ୍ପ, ଉପନ୍ୟାସ ଓ କବିତା। ଗଜପତି ରାମଚନ୍ଦ୍ର ଦେବଙ୍କର ରାଜଦରବାରରେ ଏକଦା ସଭାକବି ଓ ରାଜ-ସଙ୍ଗୀତଜ୍ଞ ପଦବୀ ଅଳଙ୍କୃତ କରିଥିବା କାଳୀଚରଣ ପଟ୍ଟନାୟକ ଗଜପତିଙ୍କ ଦ୍ୱାରା ୧୯୨୭ ମସିହାରେ 'କବିଚନ୍ଦ୍ର' ଉପାଧିରେ ଭୂଷିତ ହେବା ସଙ୍ଗେ ସଙ୍ଗେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଚାମର ସେବା ଓ ବୈଷ୍ଣବାଗ୍ନି ପ୍ରାପ୍ତ ହେବା ପାଇଁ ସ୍ୱୀକୃତି ଓ ଆଜ୍ଞାପ୍ରାପ୍ତ ହୋଇଥିଲେ । ୧୯୪୪ ମସିହାରେ ଉତ୍କଳ ସାହିତ୍ୟ ସମାଜ ତାଙ୍କୁ 'ନାଟ୍ୟାଚାର୍ଯ୍ୟ' ଉପାଧିରେ ସମ୍ମାନିତ କରିଥିଲା। ୧୯୭୪ ମସିହାରେ ତାଙ୍କୁ 'ପଦ୍ମଶ୍ରୀ' ସମ୍ମାନ ମିଳିଥିଲା, କିନ୍ତୁ ଅଭିମାନରେ ସେ ଏହାକୁ ପ୍ରତ୍ୟାଖ୍ୟାନ କରିଥିଲେ। ୧୯୭୭ରେ ତାଙ୍କ ଆତ୍ମଜୀବନୀ 'କୁମ୍ଭାରଚକ' ପାଇଁ ତାଙ୍କୁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ମିଳିଥିଲା। ୧୯୭୮ ମସିହା ଜୁଲାଇ ୨୪ରେ ଏହି ମହାନ ନାଟ୍ୟାଚାର୍ଯ୍ୟଙ୍କ ଦେହାନ୍ତ ହୋଇଥିଲା।






# ବାଦାମ ଚୋପାରୁ ଖତ

**ବାଦାମ ଏକ ଅର୍ଥକରୀ ଫସଲ। ଅଧିକାଂଶ ଚାଷୀ ବାଦାମ ଚାଷ କରି ଜୀବିକା ନିର୍ବାହ କରନ୍ତି। ବାଦାମ ଚୋପାକୁ ବର୍ଜ୍ୟ ଭାବି ଫିଙ୍ଗି ଦିଆଯାଏ। ହେଲେ ଜାଣନ୍ତିକି, ବାଦାମ ଚୋପା ବି ଜୈବିକ ଖତ ରୂପେ କାମ କରିଥାଏ। ଏହି ଖତ ଫସଲରେ ପ୍ରୟୋଗ କଲେ ମୃତ୍ତିକାର ଗୁଣବତ୍ତା ବଜାୟ ରହେ।**

ବାଦାମ ମଞ୍ଜିରୁ ତେଲ ବାହାରିବା ପରେ ଏହାର ଅବଶିଷ୍ଟାଂସ ଖତ ରୂପେ ବ୍ୟବହାର କରାଯାଏ। ଠିକ୍ ସେହିପରି ବାଦାମ ଚୋପାରେ ଯବକ୍ଷାରଜାନ, ଫସ୍‌ଫରସ ଏବଂ ପଟାସିୟମ ଆଦି ପୋଷକତତ୍ତ୍ୱ ଥିବାରୁ ଏହା ଗଛ ପାଇଁ ଭଲ। ଏଥିରୁ ଖତ କରିବାକୁ ପ୍ରଥମେ ବାଦାମ ଚୋପାକୁ ଶୁଖାଇ ତାହାକୁ ଗୁଣ୍ଡ କରି ସେଥିରେ ପାଣି, ଗୋବର ଖତ, ଚା' ପତି ମିଶାଇ ପାତ୍ରରେ ସପ୍ତାହ ଯାଏଁ ରଖାଯାଏ। ଏଥିରେ ୱେଷ୍ଟ ଡିକମ୍ପୋଜର ମିଶାଇ ପ୍ରତିଦିନ ଗୋଳାଯାଏ। ସପ୍ତାହ ପରେ ମିଶ୍ରଣକୁ ଛାଣି ଅନ୍ୟ ପାତ୍ରରେ ରଖି ଏଥିରେ ପାଣି ମିଶାଇ ଅନୁମୋଦିତ ହାରରେ ଫସଲରେ ପ୍ରୟୋଗ କରାଯାଏ।

ବାଦାମ ଚୋପାରୁ ତରଳ ଔଷଧ ମଧ୍ୟ ପ୍ରସ୍ତୁତ କରିପାରିବେ। ଏହି ଖତ ପ୍ରୟୋଗ କରିବା ଦ୍ୱାରା ମାଟିର ଗୁଣବତ୍ତା ଭଲ ହୁଏ। ଆର୍ଦ୍ରତା ଠିକ୍ ରହିଥାଏ। ସେହିପରି ଅଧିକ ଫୁଲ ଆସିବାରେ ଏହି ଖତ ସାହାଯ୍ୟ କରେ।

# ଶୀତଦିନେ କଅଁଳା ବାଛୁରୀର ଯତ୍ନ

**ଶୀତଋତୁରେ ପ୍ରବଳ ଥଣ୍ଡା ଯୋଗୁଁ ପ୍ରାଣୀଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିଯାଏ। ବିଶେଷ କରି ଥଣ୍ଡାପବନ, ଖାଦ୍ୟ-ପେୟରେ ଅସାବଧାନତା ଆଦି କାରଣରୁ କଅଁଳା ବାଛୁରୀଙ୍କଠାରେ ନିମୋନିଆ, ବଦହଜମି ସମସ୍ୟା ଦେଖାଦିଏ। ତେଣୁ ଏହି ଦିନେ କଅଁଳା ବାଛୁରୀଙ୍କର କିପରି ଯତ୍ନ ନେବେ ଜାଣନ୍ତୁ।**



- କଅଁଳା ବାଛୁରୀ ଥଣ୍ଡାରେ ପ୍ରଭାବିତ ହୋଇ ମାନ୍ଦା ରହିଥାନ୍ତି। ତେଣୁ ବାଛୁରୀଙ୍କୁ ଘୋଡାଇ ରଖିବା ଉଚିତ। ଗୁହାଳରେ ଥଣ୍ଡା ପବନ ନ ପଶିବାକୁ ରାତ୍ରିବେଳା ଝରକାକୁ ବନ୍ଦ କରିବା ଆବଶ୍ୟକ।
- ଏହିଦିନେ ବାଛୁରୀ ଥଣ୍ଡା ପାଣି ପିଇବାକୁ ଆଗ୍ରହ ପ୍ରକାଶ କରନ୍ତିନି। କମ୍ ପାଣି ପିଇବା ଯୋଗୁଁ ହଜମ ପ୍ରକ୍ରିୟାରେ ବାଧା ହୁଏ। ସେମାନଙ୍କ ଶାରୀରିକ ବୃଦ୍ଧିରେ ସମସ୍ୟା ହୁଏ। ତେଣୁ ବାଛୁରୀଙ୍କୁ ନଖ ଉଷୁମ ପାଣି ଦିଅନ୍ତୁ।
- ବାଛୁରୀଙ୍କୁ ନିମୋନିଆ ହେଲେ, ଜ୍ୱର, ଦୁର୍ବଳ, ଶ୍ୱାସକ୍ରିୟାରେ ସମସ୍ୟା ଆଦି ଲକ୍ଷଣ ହୋଇଥାଏ। ଏଥିପାଇଁ ତୁରନ୍ତ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶ ନେବା ଜରୁରି। ଅନ୍ୟପଟେ ବାଛୁରୀ ଅଧିକ କ୍ଷୀର ପିଇବା, କୃମି ଏବଂ ପେଟ ସଂକ୍ରମଣ ଯୋଗୁଁ ଝାଡା ହୋଇଥାଏ। ତେଣୁ ନବଜାତ ବାଛୁରୀର ରୋଗପ୍ରତିରୋଧକ ଶକ୍ତି ବଢ଼ାଇବା ପାଇଁ ଜନ୍ମ ପରେ ତୁରନ୍ତ କୋଲୋଷ୍ଟ୍ରମ୍ ବା ଗାଈର ପ୍ରଥମ କ୍ଷୀର ଖୁଆଇବା ଉଚିତ। ଜନ୍ମର ୧୫ ଦିନ ପରେ କୃମି ଔଷଧ ଦେବା ଦରକାର। ପାଣିରେ ଅଳ୍ପ ଲୁଣ ମିଶାଇ ପିଇବାକୁ ଦେଇପାରିବେ।

# ସିଞ୍ଚନ ଓ ପୋଷଣ ଅଭାବରୁ ଫାଟିଯାଏ ଡାଳିମ୍ବ

**ଡାଳିମ୍ବ ଏକ ଲାଭଜନକ ଚାଷ। ହେଲେ ଚିନ୍ତାର ବିଷୟ ଆମ ରାଜ୍ୟରେ ପ୍ରାୟତଃ ଅମଳ ପୂର୍ବରୁ ଡାଳିମ୍ବ ଫାଟି ଯାଇଥାଏ। ତେଣୁ ଏହି ସମସ୍ୟାର ସମାଧାନ ବିଷୟରେ ଜାଣିବା।**



- ଗଛକୁ ଦୀର୍ଘ ସମୟ ପାଣି ନ ମିଳୁଥିଲେ, ହଠାତ୍ ଅଧିକ ମାତ୍ରାର ଜଳସିଞ୍ଚନ କଲେ, ଫଳ ଦାନା ଫୁଲିଯାଇ ଫାଟି ଯାଏ। ଶୁଷ୍କ ଅଞ୍ଚଳରେ ଏହି ସମସ୍ୟା ଅଧିକ ଦେଖାଯାଏ। ହଠାତ୍ ଜଳବାୟୁ ପରିବର୍ତ୍ତନ ମଧ୍ୟ ଡାଳିମ୍ବ ଫାଟିବାର ଆଉ ଏକ ମୁଖ୍ୟ କାରଣ ହୋଇଥାଏ।
- ମାଟିରେ କ୍ୟାଲ୍‌ସିୟମ, ବୋରନ କିମ୍ବା ପଟାସ ଆଦି ଜରୁରି ପୋଷକତତ୍ତ୍ୱର ଅଭାବରୁ, ଡାଳିମ୍ବର ଛାଲ ପତଳା ଏବଂ ଦୁର୍ବଳ ହୋଇଥାଏ। ଏହି ଛାଲରେ ଅଳ୍ପ ଚାପ ପଡ଼ିବା ମାତ୍ରେ ଏହା ଫାଟି ଯାଇପାରେ। ଫଳ ମିଠା ହେବା ଆଶାରେ ଏହାକୁ ଅଧିକ ଦିନ ଗଛରେ ରଖିଲେ ଛାଲ କଠିନ ହୋଇ ଦାନାରେ ଆର୍ଦ୍ରତା ବଢ଼ିଯାଇଥାଏ। ଚାପ ପଡ଼ି ଫଳ ଫାଟି ଯାଇଥାଏ। ମୁଖ୍ୟତଃ ବୋରନ ଅଣୁସାର ଅଭାବରୁ ଅମ୍ଳ ମାଟିରେ ଡାଳିମ୍ବ ଫଳ ଗୁଡିକ ଫାଟିଯାଏ।
- ଏହି ସମସ୍ୟାର ସମାଧାନ ପାଇଁ ଡାଳିମ୍ବର ଉନ୍ନତ କିସମ ବ୍ୟବହାର ଜରୁରି। ଗଛରେ ସଠିକ୍ ସମୟରେ ପାଣି ସିଞ୍ଚନ ଦ୍ୱାରା ମାଟିର ଆର୍ଦ୍ରତା ଠିକ୍ ରହେ। ଅଧିକ ଅମଳ ପାଇଁ ଗଛମୂଳରେ ପୋଷକତତ୍ତ୍ୱ ଓ ଖାଦ୍ୟସାର ପ୍ରୟୋଗ କରିବା ଆବଶ୍ୟକ।

# ଫସଲକୁ ସୁରକ୍ଷା ଦେବ ସୌରଚାଳିତ ସାଉଣ୍ଡ ସିଷ୍ଟମ

ଚାଷକାର୍ଯ୍ୟରେ ବିଦ୍ୟୁତ୍ ଖର୍ଚ୍ଚ ହ୍ରାସ କରିବାକୁ ଅଧିକାଂଶ ଚାଷୀ ସୌରଚାଳିତ ଯନ୍ତ୍ର ବ୍ୟବହାର କରୁଛନ୍ତି। ଏହି କ୍ରମରେ ଉତ୍ତରପ୍ରଦେଶ, ପିଲିଭିତ ଜିଲ୍ଲା, ଜମୁନିୟା ଗାଁ'ର କୃଷ୍ଣ କୁମାର ଏବଂ ତାଙ୍କ ସାଥି ଫସଲକୁ ଜୀବଜନ୍ତୁଙ୍କ କବଳରୁ ସୁରକ୍ଷା ଦେବାକୁ ଏକ ସୌରଚାଳିତ ସାଉଣ୍ଡ ସିଷ୍ଟମ ତିଆରି କରିଛନ୍ତି। ସୋଲାର ପ୍ୟାନେଲ ଜରିଆରେ ଏହା ଚାର୍ଜ ହୁଏ। ଏଥିରେ ପାୱାର ପ୍ଲଗ୍‌ର ଚିନ୍ତା ନ ଥାଏ। ଏହାକୁ ସବୁଠିକୁ ସହଜରେ ନେଇ ହେବ। ଏଥିରୁ ଆସୁଥିବା ଉଚ୍ଚ ଶବ୍ଦ ଜୀବଜନ୍ତୁଙ୍କୁ ଫସଲ ନିକଟକୁ ଆସିବାକୁ ଦିଏ ନାହିଁ। ସଙ୍ଗୀତ ବାଜିବା ସୁବିଧା ଥିବାରୁ ଚାଷୀଙ୍କ ମନୋରଞ୍ଜନ ହୋଇପାରେ। ବାସ୍ତବରେ ଏହା ପ୍ରଭାବୀ ହେଉଛି ବୋଲି ସ୍ଥାନୀୟ ଚାଷୀ ମତ ରଖିଛନ୍ତି।



## ଏ ସପ୍ତାହ ପାଇଁ କେତେକ ପରାମର୍ଶ

- ବର୍ତ୍ତମାନ ଡାଲୁଅ ଧାନର ତଳିଘରା ପ୍ରସ୍ତୁତ ପାଇଁ ଉପଯୁକ୍ତ ସମୟ। ଏକ ଏକର ଧାନ ଚାଷ ପାଇଁ ୧୦ ଡେସିମାଲ ତଳିଘରା ଆବଶ୍ୟକ ହୋଇଥାଏ।
- କୋବି ଜାତୀୟ ଫସଲରେ ୭ରୁ୮ ଦିନ ବ୍ୟବଧାନରେ ଜଳସେଚନ କରନ୍ତୁ।
- କଖାରୁ ଜାତୀୟ ପରିବାରେ ନିମ୍ନମୁଖୀ ପାଉଁଶିଆ ରୋଗର ନିୟନ୍ତ୍ରଣ ପାଇଁ ଏକର ପ୍ରତି ମେଟାଲାକ୍ସିଲ ୮% + ମାଙ୍କୋଜେବ ୬୪% ଡବ୍ଲୁ ପି ୪୦୦ ଗ୍ରାମ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।
- ପିପିଆର ରୋଗ ଛେଳି ମହାମାରୀ ଭାବରେ ଜଣାଶୁଣା। ଶୀତଋତୁରେ ଏହି ଭୂତାଣୁଜନିତ ରୋଗ ଛେଳି ଏବଂ ମେଣ୍ଢାକୁ ପ୍ରଭାବିତ କରି ନିମୋନିଆ ଏବଂ କାଶ ସୃଷ୍ଟି କରେ। ପ୍ରଭାବିତ ପଶୁମାନେ ଅସ୍ଥିର ଦେଖାଯାନ୍ତି। ଗର୍ଭବତୀ ପ୍ରାଣୀ ଗର୍ଭପାତ କରିପାରନ୍ତି । ତେଣୁ ପ୍ରାଣୀଙ୍କୁ ଉଚିତ ଟିକାକରଣ କରାନ୍ତୁ।
- କୁକୁଡ଼ାଙ୍କୁ ଅଧିକ ପରିମାଣର ଖାଦ୍ୟ ଓ ପାଣି ଦିଅନ୍ତୁ। ତାପମାତ୍ରା ନିୟନ୍ତ୍ରଣ ପାଇଁ କୁକୁଡ଼ା ଗୃହରେ ୨୦୦ ୱାଟର ବଲ୍‌ବ ଲଗାନ୍ତୁ। କୁକୁଡ଼ାମାନଙ୍କୁ ଉଚିତ ସମୟରେ ଟିକାକରଣ କରାନ୍ତୁ।

## ଏସିଆ କପ୍ ଚାମ୍ପିଅନ ପାକ୍ ଖେଳାଳିଙ୍କୁ ଏକ କୋଟି ପୁରସ୍କାର

ଇସ୍‌ଲାମାବାଦ୍,୨୨ା୧୨(ଏଜେନ୍ସି): ଭାରତକୁ ହରାଇ ପାକିସ୍ତାନ ୧୯ ବର୍ଷରୁ କମ୍ ଏସିଆ କପ୍ କ୍ରିକେଟ ଚାମ୍ପିଅନ ହେବା ପରେ ଦେଶରେ ବିଜୟ ଉତ୍ସବ ପାଳନ କରାଯାଉଛି। ଏହି ଅବସରରେ ଗତକାଲି ଏଠାରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶାହାବାଜ୍ ସରିଫ୍ ଚାମ୍ପିଅନ ଦଳକୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ପ୍ରତ୍ୟେକ ଖେଳାଳିଙ୍କୁ ୧୦ ନିୟୁତ ପାକିସ୍ତାନୀ ଟଙ୍କା ବା ୩୬,୦୦୦ ଆମେରିକୀୟ ଡଲାର ବା ଭାରତୀୟ ମୁଦ୍ରାରେ ୩୨ ଲକ୍ଷ ୨୬,୭୧୬ ଟଙ୍କା ପ୍ରଦାନ କରିବାକୁ ସରିଫ୍ ଘୋଷଣା କରିଛନ୍ତି। ନିକଟ ଅତୀତରେ ପାକିସ୍ତାନର କୌଣସି ଦଳ ଭାରତକୁ କ୍ରିକେଟ ମ୍ୟାଚ୍‌ରେ ପରାସ୍ତ କରି ନ ଥିଲା। ଜୁନିଅର ଦଳର ବିଜୟ ପାକିସ୍ତାନରେ ଏକ ନୂଆ ଉତ୍ସାହ ଭରିଦେଇଛି। ପାକିସ୍ତାନ ଦଳର ଟିମ୍ ମେଣ୍ଟର ଭାବେ ସର୍ଫରାଜ ଅହମ୍ମଦ୍ କାମ କରିଥିଲେ। ହେଡ୍ କୋଚ୍ ସାହିଦ୍ ଅନୱାରଙ୍କ ପ୍ରଶିକ୍ଷଣରେ ଦଳ ଖେଳିଥିଲା।

## ବିଏମ୍‌ଡବ୍ଲ୍ୟୁ କିଣିଲେ ଚହଲ

ନୂଆଦିଲ୍ଲୀ, ୨୨ା୧୨ (ଏଜେନ୍ସି): ଭାରତୀୟ ଦଳରୁ ବାଦ୍ ପଡ଼ି ଆସୁଥିବା ସ୍ପିନର ଯୁଜବେନ୍ଦ୍ର ଚହଲ ଏକ ବିଳାସପୂର୍ଣ୍ଣ ବିଏମ୍‌ଡବ୍ଲ୍ୟୁ କାର କ୍ରୟ କରି ଘରକୁ ଆଣିଛନ୍ତି। ରିପୋର୍ଟ ଅନୁସାରେ ବିଏମ୍‌ଡବ୍ଲ୍ୟୁ ଜେଡ୪ ଏମ୍୪୦ଆଇ ମଡେଲର ଏହି କାର୍ ମୂଲ୍ୟ ୧.୦୬ କୋଟି ଟଙ୍କା ହେବ। ଶୋ'ରୁମରୁ କାର କ୍ରୟ କରିବା ସମୟରେ ଚହଲଙ୍କ ସାଙ୍ଗରେ ତାଙ୍କ ବାପା ଓ ମା ଉପସ୍ଥିତ ରହିଥିଲେ। ଚହଲଙ୍କ କାର୍ କଲେକ୍ସନରେ ପୂର୍ବରୁ ମର୍ସିଡିଜ ବେଞ୍ଜ, ରୋଲ୍ସ-ରୟସ, ଲାମ୍ବୋରଗିନି ଭଳି ବିଳାସପୂର୍ଣ୍ଣ କାର ରହିଛି। ଉଲ୍ଲେଖଯୋଗ୍ୟ, ନିକଟରେ ସୟଦ ମୁସ୍ତାକ ଅଲି ଟ୍ରଫିରେ ରନର୍ସଅପ୍ ହୋଇଥିବା ହରିୟାଣା ଦଳରେ ଚହଲ ଅସୁସ୍ଥତା ଲାଗି ଫାଇନାଲ ମ୍ୟାଚ୍ ଖେଳି ନ ଥିଲେ। ଚହଲ ସେହି ସମୟରେ ଡେଙ୍ଗୁ ଓ ଚିକୁନଗୁନିଆରେ ପୀଡ଼ିତ ଥିଲେ।

**ସନ୍ତୋଷ ଟ୍ରଫି ଫୁଟ୍‌ବଲ**

## ମଧ୍ୟପ୍ରଦେଶକୁ ହରାଇଲା ଓଡ଼ିଶା



କଟକ,୨୨ା୧୨ (ସମିସ): ମଧ୍ୟପ୍ରଦେଶକୁ ୪-୦ ଗୋଲରେ ହରାଇ ଓଡ଼ିଶା ୭୯ତମ ଜାତୀୟ ପୁରୁଷ ଫୁଟ୍‌ବଲ ଚାମ୍ପିଅନ୍‌ସିପ ସନ୍ତୋଷ ଟ୍ରଫିରେ ବୃହତ୍ ବିଜୟରୁ ଅଭିଯାନ ଆରମ୍ଭ କରିଛି। ଛତିଶଗଡ଼ର ନାରାୟଣପୁରରେ ସୋମବାର ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ ବିଜୟୀ ଓଡ଼ିଶା ଦଳ ପକ୍ଷରୁ ଶ୍ରୀକାନ୍ତ ଗଡ଼ବା ୨ଟି ଗୋଲ୍ ଦେଇଥିଲେ। ମ୍ୟାଚ୍‌ରେ ଓଡ଼ିଶା ଦଳ ପ୍ରାଧାନ୍ୟ ବିସ୍ତାର କରିଥିଲା। ୧୫ ମିନିଟରେ ଓଡ଼ିଶାର କାର୍ତ୍ତିକ ହନ୍ତାଳ ପ୍ରଥମ ଗୋଲ୍ ଦେଇଥିଲେ। ମଧ୍ୟାନ୍ତର ସୁଦ୍ଧା ଓଡ଼ିଶା ୧-୦ ଗୋଲ୍‌ରେ ଆଗୁଆ ଥିଲା। ୭୫ ମିନିଟରେ ଜିତୁ ମୁଦୁଲି ଆଉ ଏକ ଗୋଲ୍‌ଦେଇ ଓଡ଼ିଶାକୁ ୨-୦ରେ ଆଗୁଆ କରିଥିଲେ। ୭୭ ମିନିଟ୍‌ରେ ଓଡ଼ିଶାର ଶ୍ରୀକାନ୍ତ ଗଡ଼ବା ଗୋଲ୍ ଦେଇଥିବା ବେଳେ ଶେଷ ମିନିଟରେ ସେ ଆଉ ଏକ ଗୋଲ୍ ଦେଇ ଓଡ଼ିଶାକୁ ୪-୦ରେ ବିଜୟୀ କରିଥିଲେ। ଓଡ଼ିଶାର ଏହି ବିଜୟ ପାଇଁ ଖେଳାଳିଙ୍କୁ ଫୁଟ୍‌ବଲ ଆସୋସିଏସନ୍ ଅଫ୍ ଓଡ଼ିଶା (ଫାଓ)ର ସଭାପତି ଟଙ୍କଧର ତ୍ରିପାଠୀ, ସମ୍ପାଦକ ଆଶୀର୍ବାଦ ବେହେରା ଓ ଅନ୍ୟ କର୍ମକର୍ତ୍ତା ଅଭିନନ୍ଦନ ଜଣାଇଛନ୍ତି। ଆସନ୍ତା ୨୪ରେ ତେଲଙ୍ଗାନା ବିପକ୍ଷରେ ଓଡ଼ିଶା ଦ୍ୱିତୀୟ ମ୍ୟାଚ୍ ଖେଳିବ।

**ଦିନକ ପରେ ବିଜୟ ହଜାରେ ଟ୍ରଫି**

# ରୋହିତ୍, କୋହଲିଙ୍କ ଉପରେ ନଜର



ନୂଆଦିଲ୍ଲୀ, ୨୨ା୧୨ (ଏଜେନ୍ସି)

ଭାରତୀୟ ଘରୋଇ କ୍ରିକେଟ୍‌ର ଲିଷ୍ଟ-ଏ ତଥା ଦିନିକିଆ ଟୁର୍ଣ୍ଣାମେଣ୍ଟ ବିଜୟ ହଜାରେ ଟ୍ରଫିର ୩୩ତମ ସଂସ୍କରଣ ବୁଧବାରଠାରୁ ଦେଶର ବିଭିନ୍ନ ଗ୍ରାଉଣ୍ଡରେ ଆରମ୍ଭ ହେବାକୁଯାଉଛି। ଚଳିତ ସଂସ୍କରଣରେ ୩୮ଟି ଦଳ ଅଂଶଗ୍ରହଣ କରୁଛନ୍ତି। ୩୨ଟି ଦଳକୁ ଏଲିଟ୍ ଗ୍ରୁପ୍‌ରେ ଏବଂ ୬ଟି ଦଳ ପ୍ଲେଟ୍ ଗ୍ରୁପରେ ସ୍ଥାନ ପାଇଛନ୍ତି। ବିହାର, ନାଗାଲାଣ୍ଡ, ମଣିପୁର, ମିଜୋରମ, ମେଘାଳୟ ଓ ଅରୁଣାଚଳ ପ୍ରଦେଶ ପ୍ଲେଟ୍ ଡିଭିଜନରେ ରହିଛନ୍ତି। ଏଲିଟ୍ ଡିଭିଜନରେ ରହିଥିବା ୩୨ଟି ଦଳକୁ ୪ଟି ଗ୍ରୁପ୍‌ରେ ଭାଗ କରାଯାଇଛି। ରାଉଣ୍ଡ ରବିନ ଫର୍ମାଟ୍‌ରେ ଟୁର୍ଣ୍ଣାମେଣ୍ଟ ଖେଳାଯିବ। ଏଲିଟ୍ ଡିଭିଜନର ପ୍ରତି ଗ୍ରୁପ୍‌ର ଶ୍ରେଷ୍ଠ-୨ଟି ଦଳ କ୍ୱାର୍ଟର ଫାଇନାଲକୁ ଉତ୍ତୀର୍ଣ୍ଣ ହେବେ। ଅହମ୍ମଦାବାଦ, ବେଙ୍ଗାଲୁରୁ, ଆଲୁର, ଜୟପୁର ଓ ରାଜକୋଟରେ ବିଭିନ୍ନ ଗ୍ରୁପ୍‌ର ମ୍ୟାଚ୍ ଖେଳାଯିବ। ମୟଙ୍କ ଅଗରୱାଲଙ୍କ କର୍ଣ୍ଣାଟକ ଦଳ ବର୍ତ୍ତମାନ ଡିଫେଣ୍ଡିଂ ଚାମ୍ପିଅନ ରହିଛି। ଗତ ସଂସ୍କରଣର ଫାଇନାଲରେ ବିଦର୍ଭକୁ ହରାଇ କର୍ଣ୍ଣାଟକ ରେକର୍ଡ ୫ମଥର ଲାଗି ଟ୍ରଫି ଜିତିଥିଲା।

ବିଜୟ ହଜାରେ ଟ୍ରଫିର ଚଳିତ ସଂସ୍କରଣ ଅନେକ କାରଣରୁ ବେଶ୍ ଗୁରୁତ୍ୱପୂର୍ଣ୍ଣ ରହିଛି। ଏଥର ବିଭିନ୍ନ ଦଳରେ ଅନ୍ତର୍ଜାତୀୟ ତାରକାଙ୍କ ସହ ଯୁବ ଖେଳାଳିଙ୍କୁ ଏକାଠି ଖେଳୁଥିବାର ଦେଖିବାକୁ ମିଳିବ। ବିଶେଷ କରି ବିରାଟ କୋହଲି, ରୋହିତ୍ ଶର୍ମା, ଶୁବମନ ଗିଲ୍‌ଙ୍କ ଭଳି ତାରକା ଖେଳାଳି ଚଳିତଥର ଏହି ଘରୋଇ ଟୁର୍ଣ୍ଣାମେଣ୍ଟରେ ଭାଗନେବେ। ଜାତୀୟ ଦଳ ପକ୍ଷରୁ ଖେଳିବାକୁ ହେଲେ ଘରୋଇ ପ୍ରତିଯୋଗିତାକୁ ବିସିସିଆଇ ବାଧ୍ୟତାମୂଳକ କରିବା ପରେ ଭାରତୀୟ ଦଳର ସମସ୍ତ ଖେଳାଳି ବିଜୟ ହଜାରେ ଟ୍ରଫି ଲାଗି ନିଜକୁ ଉପଲବ୍ଧ କରିଛନ୍ତି। କୋହଲି ଦିଲ୍ଲୀ ପକ୍ଷରୁ ୧୫ ବର୍ଷ ପରେ ଏହି ଟୁର୍ଣ୍ଣାମେଣ୍ଟ ଖେଳିବେ। ଅନ୍ୟତମ ତାରକା ଖେଳାଳି ଋଷଭ ପନ୍ତ ଦିଲ୍ଲୀ ଦଳର ନେତୃତ୍ୱ ନେଉଛନ୍ତି। ସେହିଭଳି ରୋହିତ୍ ମଧ୍ୟ ଘୋଷିତ ମୁମ୍ବାଇ ଦଳରେ ରହିଛନ୍ତି। ତେବେ ସୂର୍ଯ୍ୟକୁମାର ଯାଦବ, ଯଶସ୍ୱୀ ଜୟସ୍ୱାଲ ମୁମ୍ବାଇର ପ୍ରାରମ୍ଭିକ ପର୍ଯ୍ୟାୟରେ କେତୋଟି ରାଉଣ୍ଡରେ ଅନୁପସ୍ଥିତ ରହିବେ ବୋଲି ଜଣାପଡ଼ିଛି।

## ପଞ୍ଜାବ ଦଳରେ ଗିଲ୍, ଅଭିଷେକ, ଅର୍ଶଦୀପ

ଚଣ୍ଡିଗଡ,୨୨ା୧୨(ଏଜେନ୍ସି): ବିଜୟ ହଜାରେ ଟ୍ରଫି ଲାଗି ଘୋଷିତ ୧୮ ଜଣିଆ ପଞ୍ଜାବ ଦଳରେ ଟି-୨୦ ବିଶ୍ୱକପ୍‌ରୁ ବାଦ୍ ପଡ଼ିଥିବା ଶୁବମନ ଗିଲ୍, ବିସ୍ଫୋରକର ଓପନର ଅଭିଷେକ ଶର୍ମା ଓ ଫାଷ୍ଟ ବୋଲର ଅର୍ଶଦୀପ ସିଂହ ସ୍ଥାନ ପାଇଛନ୍ତି। ଏମାନଙ୍କ ଉପସ୍ଥିତି ବଳରେ ଦଳର ଶକ୍ତି ବୃଦ୍ଧି ପାଇଛି। ପ୍ରଭସିମରନ ସିଂହ, ଅନ୍‌ମୋଲପ୍ରୀତ୍ ସିଂହ, ନମନ ଧୀର, ରମଣଦୀପ ସିଂହ, ସାନଭିର ସିଂହ ଓ ହରପ୍ରୀତ୍ ବ୍ରାରଙ୍କୁ ନେଇ ଦଳର ବ୍ୟାଟିଂ ସମୃଦ୍ଧ। ଗିଲ୍ ଓ ଅଭିଷେକ ଏମାନଙ୍କ ନେତୃତ୍ୱ ନେବେ। ବୋଲିଂରେ ଅର୍ଶଦୀପ ସିଂହଙ୍କୁ ସହାୟତା କରିବେ ଗୁରନୁର ବ୍ରାର୍ ଓ କ୍ରିସ୍ ଭଗତ। କିନ୍ତୁ ଜାନୁଆରୀ ୧୧ରେ ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ଓ ଏହା ପରେ ଟି-୨୦ ସିରିଜ୍ ଆରମ୍ଭ ହେଉଥିବାରୁ ଏହି ୩ଜଣ ଖେଳାଳି ଲିଗ୍ ଓ ନକ୍‌ଆଉଟ୍‌ରେ ସବୁ ମ୍ୟାଚ୍ ଖେଳିବା ନେଇ ସନ୍ଦେହ ରହିଛି। ଜାନୁଆରୀ ୮ରେ ଲିଗ୍ ପର୍ଯ୍ୟାୟ ଶେଷ ହେବ। ପଞ୍ଜାବ ତାହାର ସମସ୍ତ ଲିଗ୍ ମ୍ୟାଚ୍ ଜୟପୁରରେ ମୁମ୍ବାଇ, ଗୋଆ, ଛତିଶଗଡ଼, ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ ଓ ସିକ୍କିମ ସହ ଖେଳିବ।

## ଭାରତ-ଶ୍ରୀଲଙ୍କା ଦ୍ୱିତୀୟ ମହିଳା ଟି-୨୦ ଆଜି

ବିଶାଖାପାଟଣା,୨୨ା୧୨(ଏଜେନ୍ସି): ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଆସନ୍ତାକାଲି ଏଠାରେ ଚଳିତ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଖେଳାଯିବ। ପ୍ରଥମ ମୁକାବିଲା ଭଳି ଏଥିରେ ମଧ୍ୟ ଭାରତୀୟ ଦଳ ପ୍ରାଧାନ୍ୟ ବିସ୍ତାର କରି ବିଜୟୀ ହେବ ବୋଲି ଆଶା ରଖିଛି। ପ୍ରଥମ ମୁକାବିଲାରେ ଭାରତ ଆସିଥିବା ଶ୍ରୀଲଙ୍କା ମହିଳା ଦଳ ଭାରତର ମୁକାବିଲା କରିପାରିଲା ନାହିଁ। ଜଣେ ହେଲେ ବ୍ୟାଟର ବଡ଼ ସ୍କୋର କରିପାରି ନ ଥିଲାବେଳେ ଦଳ ୧୨୧ ରନ୍‌ରେ ସୀମିତ ରହିଥିଲା। ଓପନର ଭିଷ୍ମି ଗୁଣରତ୍ନେ ସର୍ବାଧିକ ୩୯ ରନ୍ କରିଥିଲେ। ଦଳର ଦୁଇ ତାରକା ଖେଳାଳି ଚାମରି ଓ ହାସିନୀ ପରେରା କ୍ଲିକ୍ କରି ନ ଥିଲେ। ଯାହା ଫଳରେ ଶ୍ରୀଲଙ୍କାର ସ୍କୋର ଏତେ କମ୍ ହୋଇଥିଲା। ସମାନ ପିଚ୍‌ରେ ଏହି ମ୍ୟାଚ୍ ଖେଳାଯାଉଥିବାରୁ ବିଶେଷ କିଛି ପରିବର୍ତ୍ତନ ହେବ ନାହିଁ।

# ଅଲ୍‌ରାଉଣ୍ଡରଙ୍କ ଭରସାରେ ଓଡ଼ିଶା



କଟକ,୨୨ା୧୨(ସମିସ): ରଣଜୀ ଟ୍ରଫି ଏବଂ ସୟଦ ମୁସ୍ତାକ ଅଲ୍ଲୀ ଟି-୨୦ରେ ନୈରାଶ୍ୟଜନକ ପ୍ରଦର୍ଶନ ପରେ ଓଡ଼ିଶା ଏବେ ବିଜୟ ହଜାରେ ଟ୍ରଫି ଖେଳିବାକୁ ପ୍ରସ୍ତୁତ ହୋଇଛି। ଦୀର୍ଘ ବର୍ଷର ଅଭିଜ୍ଞତା ସତ୍ତ୍ୱେ ଦଳରେ ନିୟମିତ ସୁଯୋଗ ପାଇ ପାରୁନଥିବା ବିପ୍ଳବ ସାମନ୍ତରାୟଙ୍କୁ ଚଳିତଥର ନେତୃତ୍ୱ ମିଳିଛି। ୭ଜଣ ନବାଗତଙ୍କୁ ସାମିଲ କରି ଓଡ଼ିଶା ୨୪ ତାରିଖରେ ପ୍ରଥମ ମ୍ୟାଚ୍ ଖେଳିବାକୁ ବେଙ୍ଗାଲୁରୁରେ ପହଞ୍ଚି ସାରିଥିବା ବେଳେ ଏବେ କେବଳ ଦଳର ପ୍ରଦର୍ଶନକୁ ଅପେକ୍ଷା। ୧୬ଜଣିଆ ତାଲିକାକୁ ନଜର ପକାଇଲେ ଓଡ଼ିଶା ଶିବିରରେ ଅଲରାଉଣ୍ଡରଙ୍କ ଅଭାବ ନଥିବା ପରିଲକ୍ଷିତ ହୋଇଛି। ମଧ୍ୟକ୍ରମର ବ୍ୟାଟିଂ ଭାର ସମ୍ଭାଳିବା ସହିତ ଉଭୟ ସ୍ପିନ ଏବଂ ପେସ୍ ବୋଲିଂ ଆଟାକ୍‌ରେ ଦଳକୁ ଏହି ଅଲରାଉଣ୍ଡରମାନେ ସହଯୋଗ କରିବେ ବୋଲି ଅଧିନାୟକ ବିପ୍ଳବ ମଧ୍ୟ ଆଶା ବାନ୍ଧିଛନ୍ତି।

ଜାତୀୟ ଘରୋଇ ଏକଦିବସୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ବିଜୟ ହଜାରେ ଟ୍ରଫି ୨୪ ତାରିଖରୁ ଆରମ୍ଭ ହେବ। ବେଙ୍ଗାଲୁରୁର ଅଲୁର କ୍ରିକେଟ ଗ୍ରାଉଣ୍ଡରେ ଓଡ଼ିଶା ପ୍ରଥମ ମୁକାବିଲାରେ ସୌରାଷ୍ଟ୍ରକୁ ଭେଟିବ। ୨୦୨୩ ସଂସ୍କରଣରେ ଶେଷଥର ସୌରାଷ୍ଟ୍ର ବିପକ୍ଷ ମ୍ୟାଚ୍‌ରେ ଓଡ଼ିଶାକୁ ପରାଜୟର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଏହା ପୂର୍ବରୁ ୨୦୧୮ରେ ଓଡ଼ିଶା ୫୪ରନରେ ସୌରାଷ୍ଟ୍ରକୁ ପରାସ୍ତ କରିଥିଲା। ମିଶ୍ରିତ ଫଳାଫଳର ରେକର୍ଡ ରଖିଥିବା ଓଡ଼ିଶା ଚଳିତ ସଂସ୍କରଣରେ ସୌରାଷ୍ଟ୍ରକୁ ହରାଇ ଅଭିଯାନ ଆରମ୍ଭ କରିବାକୁ ଲକ୍ଷ୍ୟ ରଖିଛି। ଗତ ସିଜନରେ ଓଡ଼ିଶା ନିମନ୍ତେ ସର୍ବାଧିକ ରନ୍ ସଂଗ୍ରହ କରିଥିବା ସ୍ୱସ୍ତିକ ସାମଲ (୨୭୫ରନ), ସନ୍ଦୀପ ପଟ୍ଟନାୟକ (୨୭୩ରନ) ଦଳରେ ସ୍ଥାନ ବଜାୟ ରଖିଛନ୍ତି। ସର୍ବାଧିକ ୱିକେଟ ଦଖଲକାରୀ ରାଜେଶ ମହାନ୍ତି (୧୩ୱିକେଟ) ମଧ୍ୟ ଚଳିତଥର ଦଳର ପ୍ରମୁଖ ପେସ୍ ବୋଲର ଭାବେ ପରିଗଣିତ ହେଉଛନ୍ତି। ତାଙ୍କ ବ୍ୟତୀତ ପେସ୍ ଆଟାକ୍‌ରେ କେବଳ ଦେବବ୍ରତ ପ୍ରଧାନଙ୍କ ନାମ ସାମ୍ନାକୁ ଆସୁଛି। ଉଭୟ ରାଜେଶ ଏବଂ ଦେବବ୍ରତ ବ୍ୟାଟିଂ ଦକ୍ଷତା ରଖିଛନ୍ତି। ସେହିପରି ଅଧିନାୟକ ବିପ୍ଳବ, ନବାଗତ ସୌମ୍ୟରଞ୍ଜନ ଲେଙ୍କା ଓ ପ୍ରୟାସ ସିଂହ ବ୍ୟାଟିଂରେ ଉପଯୋଗୀ ସାବ୍ୟସ୍ତ ହେବା ସହିତ ମିଡ଼ିୟମ ପେସ୍ ବୋଲିଂ କରିପାରିବେ। ନବାଗତ ଓମ ଟି ମୁଣ୍ଡେ ଓପନିଂ କରି ପାରନ୍ତି ବୋଲି ଅନୁମାନ କରାଯାଉଛି। ମୁଣ୍ଡେଙ୍କ ସହିତ ଅଭିଜ୍ଞ ଗୋବିନ୍ଦ ପୋଦ୍ଦାର ଅଲରାଉଣ୍ଡର ଭୂମିକା ତୁଲାଇ ପାରନ୍ତି। ବିଶେଷକରି ଅଲରାଉଣ୍ଡରଙ୍କୁ ଭରସା କରି ଏଥର ଓଡ଼ିଶା ବିଜୟ ହଜାରେ ଟ୍ରଫି ଖେଳିବ। ଅଧିନାୟକ ବିପ୍ଳବ କୁହନ୍ତି ଯେ, ଦଳରେ ସ୍ଥାନ ପାଇଥିବା ୭ ନବାଗତଙ୍କ ପାଖରେ ଭଲ ପ୍ରଦର୍ଶନର ସୁଯୋଗ ରହିଛି। ଓଡ଼ିଶା ପ୍ରୋ ଟି-୨୦ ଲିଗ୍ ସହିତ ଶ୍ରୀଲଙ୍କା ଏକ୍ସପୋଜର ଟୁର ଏବଂ ଛତିଶଗଡ ବିପକ୍ଷ ଅଭ୍ୟାସ ମ୍ୟାଚ୍‌ରେ ପ୍ରତ୍ୟେକ ଖେଳାଳି ନିଜର ଶ୍ରେଷ୍ଠ ପ୍ରଦର୍ଶନ କରି ଦଳରେ ସ୍ଥାନ ପାଇଛନ୍ତି।

## ଜାତୀୟ ମତ୍‌ସୋଗୀ ଚାମ୍ପିଅନସିପ୍ ଲାଗି ଓଡ଼ିଶା ଦଳ



ଭୁବନେଶ୍ୱର,୨୨ା୧୨(ସମିସ): ଜମ୍ମୁ-କାଶ୍ମୀରରେ ଅନ୍ୟତମ ସାମରିକ କ୍ରୀଡ଼ା ଜାତୀୟ ମତ୍‌ସୋଗୀ ଚାମ୍ପିଆନସିପ୍‌ର ୨୦ତମ ସଂସ୍କରଣ ଚଳିତମାସ ୨୮, ୨୯ ଓ ୩୦ ତାରିଖରେ ଅନୁଷ୍ଠିତ ହେବ। ବିଶ୍ୱବିଦ୍ୟାଳୟ ଖେଳ ପଡ଼ିଆରେ ହେବାକୁ ଥିବା ଏହି ପ୍ରତିଯୋଗିତା ଲାଗି ଓଡ଼ିଶାର ପୁରୁଷ ଓ ମହିଳା ଦଳ ଚୟନ କରାଯାଇଛି। ଓଡ଼ିଶା ବାଳକ ଦଳରେ ଅବ୍‌ଦୁଲ ଖଲୀଦ୍, ପ୍ରିୟମ ପଟ୍ଟନାୟକ, ଆଶୀର୍ବାଦ୍ ବସ୍ତିଆ, ସୁଜଳ ଦାସ, ଆଦିତ୍ୟ ମିଶ୍ର, ବିଶ୍ୱରଞ୍ଜନ ଶତପଥୀ, ସମ୍ପୂର୍ଣ୍ଣଦାସ ବାରିକ୍, ସୟମ ସାରଥୀ ସାମନ୍ତରାୟ ସ୍ଥାନ ପାଇଛନ୍ତି। ସେହିପରି ବାଳିକା ଦଳରେ ଦିବ୍ୟାଂଶୀ ମହାପାତ୍ର, ସାଇନା ମହାପାତ୍ର, ଦିବ୍ୟାଂଶୀ ମାଲୁ, ବିଦିଶା ସାନ୍‌ଭି, ଭାଗ୍ୟଲକ୍ଷ୍ମୀ ମହାପାତ୍ର, ଅଭିସ୍ମିତା ଜେନା ରହିଛନ୍ତି। ଦଳର ପ୍ରଶିକ୍ଷକ ଭାବେ ଦୁର୍ଲଭ ବେହେରା, କିରଣବାଳା ବିଶ୍ୱାଳ, କାମଦେବ ରଣା ରହିଛନ୍ତି। ରେଫରିଭାବେ କୈଳାସ ବାରିକ୍, ତରୁଣ ସାହୁ ଓ ମ୍ୟାନେଜର ଭାବେ ବିରସ କୁମାର ଶତପଥୀ ଦଳ ସହ ଆସନ୍ତା ୨୬ରେ ଜାମ୍ମୁ-କାଶ୍ମୀର ଅଭିମୁଖେ ଯାତ୍ରା କରିବେ। ଏହି ଅବସରରେ ମତ୍‌ସୋଗୀ ଡୁ ଆସୋସିଏସନ ଅଫ୍ ଓଡ଼ିଶାର ସାଧାରଣ ସମ୍ପାଦକ ପ୍ରଭାତ ଚନ୍ଦ୍ର ସାହୁ ଖେଳାଳିମାନଙ୍କୁ ଶୁଭକାମନା ଜଣାଇଛନ୍ତି।

**ମୁକ୍ତେଶ୍ୱର କପ୍**

## ପ୍ରି-କ୍ୱାର୍ଟରରେ ସହିଦ ସ୍ପୋର୍ଟିଂ, ରେଡ୍ ଷ୍ଟାର୍

ଭୁବନେଶ୍ୱର, ୨୨ା୧୨ (ସମିସ): ମୁକ୍ତେଶ୍ୱର କପ୍ ୧୬ ବର୍ଷରୁ କମ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ସୋମବାର ଦୁଇଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ କ୍ଲବ ଦି ରେଡ୍ ଷ୍ଟାର୍ ଓ ସହିଦ ସ୍ପୋର୍ଟିଂ ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚରେ ରେଡ୍ ଷ୍ଟାର୍ ୩୧ ରନରେ ପ୍ରଗତି ସ୍ପୋର୍ଟିଂକୁ ପରାସ୍ତ କରିଥିଲା। ବ୍ୟାଟିଂ ଆମନ୍ତ୍ରଣ ପାଇ ରେଡ୍ ଷ୍ଟାର୍ ୨୦ ଓଭରରେ ୪ ୱିକେଟ୍‌ରେ ୯୨ ରନ କରିଥିଲା। ଜବାବରେ ପ୍ରଗତି ଦଳ ୧୭.୫ ଓଭରରେ ୬୧ ରନରେ ସୀମିତ ରହିଥିଲା। ୪ ଓଭରରେ ୧୭ ରନ ବ୍ୟୟରେ ୨ଟି ୱିକେଟ୍ ନେଇଥିବା ଓମଶ୍ରୀ ସାହୁ ଶ୍ରେଷ୍ଠ ଖେଳାଳି ହୋଇଥିଲେ। ସେହିଭଳି ଦ୍ୱିତୀୟ ମ୍ୟାଚରେ ସୋଲାର କ୍ରିକେଟ୍ ଏକାଡେମୀ ଓ ସହିଦ ସ୍ପୋର୍ଟିଂ ସାମ୍ନାସାମ୍ନି ହୋଇଥିଲେ। ପ୍ରଥମେ ବ୍ୟାଟିଂ କରି ସହିଦ ସ୍ପୋର୍ଟିଂ ୯ ୱିକେଟ୍‌ରେ ୧୦୦ ରନ କରିଥିଲା। ୧୦୧ ରନକୁ ପିଛା କରିଥିବା ସୋଲାର ଦଳ ୫ ୱିକେଟ୍‌ରେ ୮୮ ରନ କରିବାକୁ ସମର୍ଥ ହୋଇଥିଲା। ୨୭ ରନ ସହ ବୋଲିଂରେ ଗୋଟିଏ ୱିକେଟ୍ ନେଇଥିବା ବିଶ୍ୱ ସାମନ୍ତରାୟ ମ୍ୟାଚର ଶ୍ରେଷ୍ଠ ଖେଳାଳି ଟ୍ରଫି ହାସଲ କରିଥିଲେ।

## କିଟ୍‌ର ୪ ଦଳକୁ କେଆଇୟୁଜିକୁ ଯୋଗ୍ୟତା




ଭୁବନେଶ୍ୱର, ୨୨ା୧୨ (ସମିସ): ଜାତୀୟ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ପ୍ରାଧାନ୍ୟ ବିସ୍ତାର କରିଥିବା କିଟ୍ ଡିମ୍‌ଡ ୟୁନିଭର୍ସିଟିର ୪ଟି ଦଳ ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ (କେଆଇୟୁଜି)ରେ ଅଂଶଗ୍ରହଣ କରିବାକୁ ଯୋଗ୍ୟତା ଅର୍ଜନ କରିଛି। ଏହି ଦଳଗୁଡ଼ିକ ହେଲା ପୁରୁଷ ଓ ମହିଳା ବ୍ୟାଡ୍‌ମିଣ୍ଟନ ଟିମ୍, ମହିଳା ଭଲିବଲ ଓ ମହିଳା ସନ୍ତରଣ ଟିମ୍। ସମ୍ବଲପୁରରେ ଅନୁଷ୍ଠିତ ପୂର୍ବାଞ୍ଚଳ ବିଶ୍ୱବିଦ୍ୟାଳୟ ବ୍ୟାଡ୍‌ମିଣ୍ଟନ ଓ ଚେନ୍ନାଇର ଏସ୍‌ଆର୍‌ଏମ୍ ୟୁନିଭର୍ସିଟିରେ ଚାଲିଥିବା ଆନ୍ତଃବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ଏହି ଦଳଗୁଡ଼ିକ ଉନ୍ନତ ଖେଳ ପ୍ରଦର୍ଶନ କରି ଏହି ସଫଳତା ପାଇଛନ୍ତି। ଆଜି କିଟ୍‌ର ମହିଳା ବ୍ୟାଡ୍‌ମିଣ୍ଟନ ଟିମ୍ ସେମିଫାଇନାଲରେ ପ୍ରବେଶ କରିବା ଫଳରେ ପୁରୁଷ ଦଳ ସହ କେଆଇୟୁଜିକୁ ଯୋଗ୍ୟତା ଅର୍ଜନ କରିଥିଲା। ମହିଳା ଭଲିବଲ୍‌ରେ ପ୍ରାଧାନ୍ୟ ବିସ୍ତାର କରିଥିବା କିଟ୍ ଶେଷ ଗ୍ରୁପ୍ ଲିଗ୍ ମ୍ୟାଚ୍‌ରେ ବିଜୟୀ ହେବା ସହ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। କ୍ୱାର୍ଟର ଫାଇନାଲକୁ ଯିବା ସହ ଦଳ କେଆଇୟୁଜିକୁ ଯୋଗ୍ୟତା ଅର୍ଜନ କରିଥିଲା। କ୍ୱାର୍ଟରରେ କିଟ୍ ସହ ଆଦାମାସ ୟୁନିଭର୍ସିଟିର ମୁକାବିଲା ହେବ। ସନ୍ତରଣରେ କିଟ୍ ଓଭରଅଲ ମେଡାଲ ତାଲିକାରେ ତୃତୀୟ ସ୍ଥାନରେ ରହିଛି।

**କନୱେ ମ୍ୟାଚ୍‌ର, ଡଫି ସିରିଜ୍‌ର ଶ୍ରେଷ୍ଠ ଖେଳାଳି**

# ନ୍ୟୁଜିଲାଣ୍ଡ ୨-୦ରେ ବିଜୟୀ



ମାଉଣ୍ଟ ମାଉଙ୍ଗାନୁଇ, ୨୨ା୧୨ (ଏଜେନ୍ସି)

ଏଠାରେ ଶେଷ ହୋଇଥିବା ତୃତୀୟ ତଥା ଅନ୍ତିମ ଟେଷ୍ଟମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ୩୨୩ ରନ୍ରେ ଭ୍ରମଣକାରୀ ୱେଷ୍ଟଇଣ୍ଡିଜ୍‌କୁ ପରାସ୍ତ କରିଛି। ଏହି ଟେଷ୍ଟରେ ରେକର୍ଡ ୪୬୨ ରନ୍‌ର ପିଛା କରିଥିବା ୱେଷ୍ଟଇଣ୍ଡିଜ୍ ସୋମବାର ପଞ୍ଚମ ତଥା ଶେଷ ଦିନରେ ମାତ୍ର ୧୩୮ ରନ୍‌ରେ ଅଲ୍‌ଆଉଟ୍ ହୋଇଛି। ପୁଣି କ୍ରମାଗତ ୨ଟି ଟେଷ୍ଟମ୍ୟାଚ୍ ଜିତି ନ୍ୟୁଜିଲାଣ୍ଡ ୩ ମ୍ୟାଚ୍‌ର ଟେଷ୍ଟ ଶୃଙ୍ଖଳାକୁ ୨-୦ରେ ଜିତିନେଇଛି। ପେସ୍ ବୋଲର ଜ୍ୟାକବ୍ ଡଫି ୫ଟି ଓ ବାମହାତି ସ୍ପିନର ଏଜାଜ୍ ପଟେଲ ୩ଟି ୱିକେଟ୍ ନେଇ ନ୍ୟୁଜିଲାଣ୍ଡକୁ ବିଜୟୀ କରିଛନ୍ତି। ଏହି ଟେଷ୍ଟରେ ଉଭୟ ଇନିଂସରେ ଯଥାକ୍ରମେ ୨୨୭ ଓ ୧୦୦ ରନ୍ କରିଥିବା ନ୍ୟୁଜିଲାଣ୍ଡ ଓପନ ଡେଭନ୍ କନ୍‌ୱେ ପ୍ଲେୟର ଅଫ ଦି ମ୍ୟାଚ୍ ଏବଂ ସର୍ବାଧିକ ୨୩ଟି ୱିକେଟ୍ ନେଇଥିବା ଜ୍ୟାକବ୍ ଡଫି ପ୍ଲେୟର ଅଫ୍ ଦି ସିରିଜ୍ ହୋଇଛନ୍ତି। ପ୍ରଥମ ଇନିଂସରେ ୪୨୦ ରନ୍ କରିଥିବା ୱେଷ୍ଟଇଣ୍ଡିଜ୍ ଏହି ଟେଷ୍ଟମ୍ୟାଚ୍‌କୁ ଅତିକମ୍‌ରେ ଡ୍ର ରଖିପାରିବ ବୋଲି ଆଶା ଥିଲା। ଦ୍ୱିତୀୟ ଇନିଂସରେ ରେକର୍ଡ ୪୬୨ ରନ୍‌ର ପିଛା କରି ୱେଷ୍ଟଇଣ୍ଡିଜ୍ ୪ର୍ଥ ଦିନ ଶେଷ ସୁଦ୍ଧା ବିନା ୱିକେଟ୍‌ରେ ୪୩ ରନ୍ କରିଥିଲା। ଶେଷଦିନରେ ୱେଷ୍ଟଇଣ୍ଡିଜ୍‌ର ଓପନିଂ ଯୋଡ଼ି ସ୍କୋର୍‌କୁ ୮୭ ରନ୍‌ରେ ପହଞ୍ଚାଇଥିଲେ। ତେବେ ଏହି ସ୍କୋର୍‌ରେ ଦୁଇ ଓପନର ଲାଗଲାଗ ୨ ଓଭରରେ ଆଉଟ୍ ହୋଇ ଯାଇଥିଲେ। ବ୍ରାଣ୍ଡନ୍ କିଙ୍ଗ୍ ୬୭ ଏବଂ ଜନ୍ କ୍ୟାମ୍ପବେଲ୍ ୧୦୫ ବଲ୍ ଖେଳି ୧୬ ରନ୍ କରିଥିଲେ। ଓପନିଂ ଯୋଡ଼ି ଭାଙ୍ଗିବା ସହ ୱେଷ୍ଟଇଣ୍ଡିଜ୍ ମାତ୍ର ୫୧ ରନ୍‌ରେ ୧୦ଟିଯାକ ୱିକେଟ୍ ହରାଇ ଅଲ୍‌ଆଉଟ୍ ହୋଇ ଯାଇଥିଲା। ମଧ୍ୟକ୍ରମରେ ପାଞ୍ଚ ଜଣଯାକ ବ୍ୟାଟ୍‌ସମ୍ୟାନ ଦୁଇ ଅଙ୍କ ସ୍କୋର୍‌ରେ ପହଞ୍ଚି ପାରିନଥିଲେ। ଆଣ୍ଡରସନ୍ ଫିଲିପ୍ ୩୮ ବଲ୍‌ରୁ ୧୦ ଓ ଟେଭିନ୍ ଇମ୍‌ଲାଚ ୯୦ ବଲ୍‌ରୁ ୧୫ ରନ୍ କରିଥିଲେ। ଜାକବ୍ ଡଫି ମାତ୍ର ୪୨ ରନ୍‌ଦେଇ ୫ଟି ଏବଂ ଏଜାଜ୍ ପଟେଲ ୨୩ ରନ୍‌ଦେଇ ୩ଟି ୱିକେଟ୍ ନେଇଥିଲେ। ଚଳିତବର୍ଷ ୮୧ଟି ଟେଷ୍ଟ ୱିକେଟ୍ ନେଇ ଜାକବ୍ ଡଫି ତାଙ୍କ ଦେଶର ମହାନ୍ ଅଲ୍‌ରାଉଣ୍ଡର ସାର୍ ରିଚାର୍ଡ ହାଡ୍‌ଲିଙ୍କ ରେକର୍ଡ ଭାଙ୍ଗିଛନ୍ତି। ୧୯୮୫ରେ ହାଡ୍‌ଲି ୭୯ଟି ଟେଷ୍ଟ ୱିକେଟ୍ ନେଇଥିଲେ।

## ଫିଫା ର୍‌ୟାଙ୍କିଙ୍ଗ୍: ଭାରତ ଅପରିବର୍ତ୍ତିତ

ଜୁରିକ, ୨୨ା୧୨ (ଏଜେନ୍ସି): ବିଶ୍ୱ ଫୁଟ୍‌ବଲର ସର୍ବୋଚ୍ଚ ସଂସ୍ଥା 'ଫିଫା' ପକ୍ଷରୁ ସୋମବାର ସଦ୍ୟତମ ର୍‌ୟାଙ୍କିଙ୍ଗ୍ ପ୍ରକାଶ ପାଇଛି। ଯେଉଁଥିରେ ଭାରତ ପୂର୍ବଭଳି ୧୪୨ତମ ସ୍ଥାନରେ ଅପରିବର୍ତ୍ତିତ ରହିଛି। ଏଥିପୂର୍ବରୁ ନଭେମ୍ବର ୨୦ରେ ପ୍ରକାଶିତ ର୍‌ୟାଙ୍କିଙ୍ଗ୍‌ରେ ଭାରତ ୬ଟି ସ୍ଥାନ ହରାଇଥିଲା। ଅପରପକ୍ଷରେ ସୋମବାର ପ୍ରକାଶିତ ର୍‌ୟାଙ୍କିଙ୍ଗ୍‌ର ଟପ୍-୧୦ରେ ମଧ୍ୟ କୌଣସି ପରିବର୍ତ୍ତନ ଦେଖିବାକୁ ମିଳିନାହିଁ। ସ୍ପେନ, ଆର୍ଜେଣ୍ଟିନା, ଫ୍ରାନ୍ସ, ଇଂଲଣ୍ଡ, ବ୍ରାଜିଲ, ପର୍ତ୍ତୁଗାଲ, ନେଦରଲାଣ୍ଡସ, ବେଲ୍‌ଜିୟମ, ଜର୍ମାନୀ ଓ କ୍ରୋଏସିଆ ଯଥାକ୍ରମେ ପ୍ରଥମରୁ ୧୦ମ ସ୍ଥାନ ମଧ୍ୟରେ ରହିଛନ୍ତି।

## କ୍ରିଷ୍ଣାପ୍ପା ଗୋଥାମ୍‌ଙ୍କ ଅବସର

ବେଙ୍ଗାଲୁରୁ,୨୨ା୧୨(ଏଜେନ୍ସି): ଦୀର୍ଘ ୧୪ ବର୍ଷ ଧରି ପେସାଦାର କ୍ରିକେଟ ଖେଳିବା ପରେ କର୍ଣ୍ଣାଟକର ଅଲରାଉଣ୍ଡର କ୍ରିଷ୍ଣାପ୍ପା ଗୋଥାମ ସମସ୍ତ ପ୍ରକାର କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ୨୦୧୨ରେ କର୍ଣ୍ଣାଟକ ପକ୍ଷରୁ ରଣଜୀ ଟ୍ରଫି ଖେଳି ପ୍ରଥମଶ୍ରେଣୀ କ୍ରିକେଟ ଜୀବନ ଆରମ୍ଭ କରିଥିଲେ। ଭାରତ-ଏ' ପକ୍ଷରୁ ଏକାଧିକ ଦଳ ବିପକ୍ଷରେ ଖେଳିସେ ଗୋଥାମ୍ ୨୦୨୧ରେ ଶ୍ରୀଲଙ୍କା ବିପକ୍ଷରେ ଏକମାତ୍ର ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ୍ ଖେଳିଥିଲେ। ଆଇପିଏଲ୍‌ରେ ସେ ୫ଟି ଫ୍ରାଞ୍ଚାଇଜ୍‌କୁ ପ୍ରତିନିଧିତ୍ୱ କରିଥିଲେ। ଏହି ୩୭ ବର୍ଷୀୟ ଅଲରାଉଣ୍ଡର ୫୯ଟି ପ୍ରଥମଶ୍ରେଣୀ ମ୍ୟାଚ୍‌ରୁ ୨୨୪ ଓ ଆଇପିଏଲ୍‌ରେ ୨୧ଟି ୱିକେଟ ନେଇଥିଲେ। ବ୍ୟାଟିଂରେ ୧୪୧୯ ପ୍ରଥମଶ୍ରେଣୀ ରନ୍ ସଂଗ୍ରହ କରିଛନ୍ତି।

'ନନ୍ଦିଘୋଷ ଟିଭି'
କେନ୍ଦୁଝର ଜିଲ୍ଲା ପାଇଁ ରିପୋର୍ଟର ଆବଶ୍ୟକ
କେନ୍ଦୁଝର ସଦର ମହକୁମା ପାଇଁ ରିପୋର୍ଟର ଆବଶ୍ୟକ କରୁଛନ୍ତି। ଟେଲିଭିଜନ ରିପୋର୍ଟିଂରେ ଅନ୍ୟୁନ ୨ ବର୍ଷର ଅଭିଜ୍ଞତା ଥିବା ପ୍ରାର୍ଥୀ ନିମ୍ନ ଠିକଣା କିମ୍ବା ଇମେଲରେ ଆବେଦନ କରିବାକୁ ଅନୁରୋଧ।
ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯
ଇମେଲ୍ - hr@nandighoshatv.com
ଯୋଗାଯୋଗ: ୯୪୩୭୦୧୬୪୯୯
ସ୍ୱା/- ମାନବ ସମ୍ବଳ ବିଭାଗ

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ରୁ ଦାସ
EXECUTIVE EDITOR: SAMARENDU DAS